ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଜାନୁଆରୀ ୨୦୨୩ ସଂସ୍କରଣ

କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବଂଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ଆହ୍ୱାନ ଇ-ପତ୍ରିକାର ସମସ୍ତ ଶୁଭେଚ୍ଛୁଙ୍କୁ ହାର୍ଦ୍ଦିକ ଅଭିନନ୍ଦନ**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସଂପାଦକୀୟ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୯ |
| **ଗଳ୍ପ ବିଭାଗ** | | **୨୪** |
| ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ-୨୭ | ଅଶୋକ ବିଶ୍ୱାଳ | ୨୫ |
| ତୁମେ ଯେତେବେଳେ ଚାହିଁବ | ଦୀପକ ଷଡ଼ଙ୍ଗୀ | ୩୫ |
| ଭିକାରୀକୁ ଆୟକର ନୋଟିସ୍ | ଇଂ ବିଦ୍ୟାଧର ପଣ୍ଡା | ୪୦ |
| ତୁମେ ମୁଁ... ମୋ ଭାବନା | ବିରଞ୍ଚି ନାରାୟଣ ମିଶ୍ର | ୪୭ |
| ସାଧାରଣ ଜନତା ଫେରୁ ଶାନ୍ତିରେ | ସୁଶ୍ରୀ ସୌଭାଗ୍ୟବତୀ | ୫୧ |
| ଜଳପରୀ | ସୁନନ୍ଦା ମହାନ୍ତି | ୫୭ |
| ମେଘର ଅଶ୍ରୁ | ସୌରଭ ପାତ୍ର | ୫୮ |
| ନାଣ୍ଟୁ | ଆଶୁତୋଷ ମେହେର | ୬୭ |
| **କବିତା ବିଭାଗ** | | **୭୩** |
| ଭିଜା ଭିଜା ବର୍ଷା ରାତିରେ | ଶିବ ନାରାୟଣ ଦାଶ | ୭୪ |
| ଝଡ଼ର ପକ୍ଷୀ | ସ୍ୱର୍ଗତ ଶ୍ରୀ ମାୟାଧର ଦାଶ | ୮୦ |
| ଆତ୍ମାର ପ୍ରତିରୂପ | ଅମୃତ ନାରାୟଣ ଶତପଥୀ | ୮୧ |
| ବାପା, ମୋ ବାପା | ସ୍ୱାଗତିକା ମିଶ୍ର | ୮୨ |
| ଗେଣ୍ଡୁଫୁଲ | ପ୍ରଶାନ୍ତ ବ୍ରହ୍ମା | ୮୩ |
| ସକାଳର ଚିତ୍ରାଙ୍କନ | ନୀଳମଣି ଚାନ୍ଦ | ୮୪ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| କେବେ କେବେ ତୁମ ସହ | ନିରଞ୍ଜନ ସାହୁ | ୮୫ |
| ପାଷାଣୀ ପ୍ରିୟା ଲୋ କାହ୍ନୁଥା | ତାରା ପ୍ରସାଦ ଜେନା | ୮୬ |
| କିଏ ସରି କି | ବାମନ ଚନ୍ଦ୍ର ଦିକ୍ଷିତ | ୮୭ |
| ଶ୍ରୀ ରାଧା | ଅଲେଖ ମେହେର | ୮୯ |
| ସ୍ମୃତି | ଶରତ କୁମାର ଦାଶ | ୯୦ |
| ଅବ୍ୟକ୍ତ ବେଦନା | ନିରୁପମା ପାଣି | ୯୨ |
| ବର୍ଷ ବଦଳି ଯିବ | ବିନୟ ମହାପାତ୍ର | ୯୩ |
| କର୍ମଫଳ | ମନୋରଞ୍ଜନ ସୁରୁଜାଳ | ୯୫ |
| ଆଉ କେତେ ଦିନ | ନିକୁଞ୍ଜ କୁମାର ଘୋଷ | ୯୬ |
| ଶୀତ ଆସିଛି | ପ୍ରଶାନ୍ତ କୁମାର ନାଥ | ୯୮ |
| ଭଙ୍ଗା ସିଲଟ | ଆଶିଷ କୁମାର ବଣିଆ | ୧୦୧ |
| ପାନ ଗୁଆ ଖଇର ଗୁଆକାତି | ଦିବାକର ନାୟକ | ୧୦୨ |
| ଶୀତ ଆସିଛି, ଗୀତ ଗାଉଛି | ଅମରନାଥ ବାରିକ | ୧୦୩ |
| ମୁଁ ଜୀଇଁବି ବା କେତେ ଦିନ | ଶୁଭମୟୀ ଷଡ଼ଙ୍ଗୀ | ୧୦୫ |
| ଅତୀତ ଓ ଲକ୍ଷ୍ୟ | ପ୍ରଗନ କୁମାର ପାତ୍ର | ୧୦୬ |
| ଖାଇବିନି ବାସି ଆହାର | ପ୍ରକାଶ କୁମାର ଚାନ୍ଦ | ୧୦୭ |
| ସୁଆଣ୍ଡୋ ଗାଁର ଗୋପବନ୍ଧୁ | ରାମଚନ୍ଦ୍ର ପ୍ରଧାନ | ୧୦୮ |
| ଶେଷ ବିଦାୟ | ବାଲାଜୀ ସେଠୀ | ୧୦୯ |
| ଶୀତ ଅନ୍ତରଙ୍ଗ ସାଥୀ | ରଞ୍ଜିତା ରାଉଳ | ୧୧୦ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଅବୁଝା ମନ | ଆଦରମଣି ପ୍ରଧାନ | ୧୧୨ |
| ସମୟ ଗଡ଼ି ଗଲାଣି | ଭବାନୀ ଶଙ୍କର ଦାଶ | ୧୧୩ |
| ବଳଦେବ ବିଜେ ତୁଳସୀ କ୍ଷେତ୍ରେ | ସୁବ୍ରତ କୁମାର ପ୍ରଧାନ | ୧୧୪ |
| ମର୍ଯ୍ୟାଦା ପୁରୁଷ | ସରୋଜ କୁମାର ସାହୁ | ୧୧୭ |
| ଅଧୁରା ସମ୍ପର୍କ | ପଙ୍କଜ କୁମାର ମଙ୍ଗଳ | ୧୧୮ |
| ମଣିଷଟେ ପ୍ରଭୁ ମୁଁ ପଥର ନୁହେଁ | ଅନନ୍ତ କୁମାର | ୧୧୯ |
| ଏଇ ତ ଆରମ୍ଭ | ସତ୍ୟନାରାୟଣ ମିଶ୍ର | ୧୨୦ |
| ମିଛ | କମଳ ଲୋଚନ ପଣ୍ଡା | ୧୨୨ |
| ପରିଧି ଭିତର କଥା | ସଞ୍ଜୀବ କୁମାର ଦାସ | ୧୨୪ |
| ସମ୍ପର୍କ ଓ ସମ୍ପତ୍ତି | ବାସନ୍ତୀ ଲତା ଜେନା | ୧୨୫ |
| ଫେରିଯା ପ୍ରିୟା | ପ୍ରଶାନ୍ତ କୁମାର ନାଥ | ୧୨୭ |
| ଭକ୍ତ ଭଗବାନଙ୍କ ଭେଟ | ବିଶ୍ୱନାଥ ଭୁଏ | ୧୨୮ |
| ପାହାଡ଼ ତଳର ପଲ୍ଲୀ | ସୁହଂସ ଭୋଇ | ୧୨୯ |
| ମାରିବୁନି ଟିଟିକାରି | ନରେନ୍ଦ୍ର ପ୍ରସାଦ ବେହେରା | ୧୩୧ |
| କବିତା ଚୋର | ବିନୟାନନ୍ଦ ବସ୍ତ୍ରସ୍ୟ | ୧୩୩ |
| ଏକାକୀତ୍ୱ | ଜ୍ୟୋତି ରଞ୍ଜନ ଯତି | ୧୩୪ |
| ମିଠା ଉଆଁସ | ସିଦ୍ଧେଶ୍ୱର ତ୍ରିପାଠୀ | ୧୩୫ |
| ମନ ପବନ ହୃଦେ | ରୋହିତ ପଟ୍ଟନାୟକ | ୧୩୬ |
| ମାଆର ମମତା | ପୁଷ୍ପାଞ୍ଜଳୀ ପଣ୍ଡା | ୧୩୮ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଚନ୍ଦ୍ରଗୁପ୍ତ ମୌର୍ଯ୍ୟ | ସ୍ମୃତିରଞ୍ଜନ ବାରିକ | ୧୩୯ |
| ମୁଁ ତୁମର ସାଥୀ | ଟୋନିସ୍ ରୋହିଦାସ | ୧୪୧ |
| ବସନ୍ତର ଆଗମନେ | ଶ୍ରୀମାନୀ ପ୍ରିୟଦର୍ଶିନୀ ଦାଶ | ୧୪୨ |
| ବିଚାର | ଆୟୁଷ ବଢ଼ାଇ | ୧୪୪ |
| ସମ୍ପତ୍ତି ନୁହେଁ ମୁଁ ସମ୍ପର୍କ ଚାହେଁ | ବର୍ଷାରାଣୀ ମହାମଲ୍ଲିକ | ୧୪୫ |
| ଲାଜେଇ ପ୍ରିୟା | ମଧୁସ୍ମିତା ସାହୁ | ୧୪୭ |
| ସ୍ୱାଗତଂ ଦୁଇହଜାର ତେଇଶି | ସରୋଜିନୀ ମିଶ୍ର | ୧୪୮ |
| ତୁମର ନୂଆବର୍ଷ | ରାକେଶ ଷଡ଼ଙ୍ଗୀ | ୧୫୦ |
| ନୂଆ ବରଷ ୨୦୨୩ | ପ୍ରହ୍ଲାଦ ସାହୁ | ୧୫୩ |
| ଦେଇଛୁ ଆଲୋକ ମୋତେ | ରଶ୍ମିତା ସେଠୀ | ୧୫୫ |
| ରେ କୁସୁମ | ଆଶିଷ କୁମାର ସା | ୧୫୬ |
| ଯନ୍ତ୍ରଣାର ଅନ୍ୟନାମ : ଜୀବନ | ଡଃ ମନୋରଞ୍ଜନ ବିଷୋୟୀ | ୧୫୭ |
| ବୃକ୍ଷରୋପଣର ନଗ୍ନ ଦୃଶ୍ୟ | ରାଧାମୋହନ ପୂଜାହାରୀ | ୧୫୮ |
| ମୃତ୍ୟୁର ସେପାରି | ବିଜୟ କୁମାର ସାହୁ | ୧୬୧ |
| ସମୟ | ଦଣ୍ଡାସି ପ୍ରଧାନ | ୧୬୨ |
| ପ୍ରକୃତି ଓ ମଣିଷ | ପ୍ରଫୁଲ୍ଲ କୁମାର ପଟ୍ଟନାୟକ | ୧୬୩ |


## ଲୋକଭାଷା ବିଭାଗ ୧୬୯


| | | |
|---|---|---|
| ଲକ୍ଷ୍ମୀ ପୁରାନ୍ | ସତ୍ୟ ନାରାୟଣ ମିଶ୍ର | ୧୭୦ |
| ସହେମା ଆଉ କେତେ ଦିନ | ବୃନ୍ଦାବନ ପ୍ରଧାନ | ୧୭୩ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଆଖିଁର୍ ପାଏନ୍ | ସୁନୀଲ କୁମାର ଅଗସ୍ତି | ୧୭୪ |
| ଛେର୍ ଛେରା | ସାଇ ପ୍ରସାଦ ସାହୁ | ୧୭୫ |
| **ପ୍ରବନ୍ଧ ବିଭାଗ** | | **୧୭୯** |
| ହେତୁବାଦୀ ବନାମ ସନାତନୀ ହିନ୍ଦୁ | ବିଜୟ କୁମାର ସାହୁ | ୧୮୦ |
| ଭାଗବତ କଥା | ବିମଳ କୁମାର ଦାଶ | ୧୮୬ |
| ରାକ୍ଷୀ ପୂର୍ଣ୍ଣିମା | ପ୍ରହ୍ଲାଦ ସାହୁ | ୧୮୯ |
| ବୈଜ୍ଞାନିକ ସି ଭି ରମଣ | ଅସିତ ମହାନ୍ତି | ୧୯୨ |
| ଉତ୍କଳ କେଶରୀ : ହରେକୃଷ୍ଣ ମହତାବ | ଅକ୍ଷୟ କୁମାର ରାଉତ | ୧୯୭ |
| ଅପରାଜିତା | ସୁଷମା ପରିଡା | ୨୦୪ |
| ମାନବିକତା | ଅମୃତ ନାରାୟଣ ଶତପଥୀ | ୨୧୧ |
| ଯଦି କିଛି ଲେଖୁଛନ୍ତି | ପଙ୍କଜ କୁମାର ପାଣିଗ୍ରାହୀ | ୨୧୨ |
| ରାଜନୀତି ଗାଁର ସମ୍ପର୍କ ଭାଙ୍ଗୁଛି | ଅନନ୍ତ କୁମାର | ୨୧୭ |
| ଶିଶୁ, ଶ୍ରମ ନୁହେଁ ଶିକ୍ଷା | ଶଙ୍କର ବିଶ୍ୱାଳ | ୨୧୯ |
| ମଧୁମୟ ଶୈଶବ | ଶ୍ରୀବତ୍ସ ନାୟକ | ୨୨୨ |
| କମ୍ୟୁନିକ୍ ୨୦୨୨ : XIMB | ରାଧିକା ଅଗ୍ରୱାଲ | ୨୨୬ |
| **ବିଶେଷ ସୂଚନା** | | **୨୩୦** |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

ନମସ୍କାର

ଇଂରାଜୀ ନବବର୍ଷ ୨୦୨୩ ଉପନୀତ । ବିଗତ ଦୁଇବର୍ଷ ବିଶ୍ୱରେ ଯେଉଁଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା, ଅନ୍ତତଃ ଚଳିତ ବର୍ଷ ସେଭଳି କିଛି ନ ହେଉ ବୋଲି ଆଶା କରି ଆମେ ନୂତନ ଇଂରାଜୀ ନବବର୍ଷକୁ ସ୍ୱାଗତ କରିବା । ଯଦିଓ ଏହା ଆମର ନିଜସ୍ୱ ପଞ୍ଜିକାସ୍ୱୀକୃତ ନବବର୍ଷ ନୁହେଁ, କିନ୍ତୁ ଯେଉଁ କ୍ୟାଲେଣ୍ଡରକୁ ଅନୁସରଣ କରି ଆମେ ଆମର ଦୈନନ୍ଦିନ କାର୍ଯ୍ୟାନୁଷ୍ଠାନ ସବୁ କରୁ, ସେଇ କ୍ୟାଲେଣ୍ଡରର ପ୍ରଥମ ଦିବସକୁ ଇଂରାଜୀ ନବବର୍ଷ ଭାବରେ ପାଳନ କରିବାରେ କୌଣସି କାର୍ପଣ୍ୟ କରିବା ଉଚିତ ନୁହେଁ । ଅବଶ୍ୟ ଖୁବ୍ ଶୀଘ୍ର ଆମେ ପ୍ରତିବର୍ଷ ଭଳି ଅତି ଆନନ୍ଦ ଉତ୍ସାହର ସହ ଆମେ ଓଡ଼ିଆ ନବବର୍ଷକୁ ସ୍ୱାଗତ କରିବା ଏବଂ ପାଳନ କରିବା ।

ବିଗତ ବର୍ଷ ଆରମ୍ଭ ହୋଇଥିବା ରୁଷିଆ ଏବଂ ୟୁକ୍ରେନ୍ ଯୁଦ୍ଧ ହେତୁ ବିଶ୍ୱ ସ୍ତରରେ ପରିବେଶର ତାପମାତ୍ରା ବୃଦ୍ଧି ପାଇଛି । ଚଳିତ ଶୀତ ଋତୁରେ ଶୀତ ଅନୁଭବ ହେଉନାହିଁ ବୋଲି ଅନେକ ମତ ଦେଇଛନ୍ତି । ଡିସେମ୍ବର ମାସରେ ଅନ୍ତତଃ ଶୀତ ଅନୁଭବ ହୁଏ କିନ୍ତୁ ଚଳିତ ବର୍ଷ ଶୀତ ସତେ ଯେମିତି ହଜିଯାଇଛି । ଏବେ କିଛି ଦିନ ପାଇଁ ଶୀତ ଅନୁଭବ ହେଉଛି ହେଲେ ପୂର୍ବବର୍ଷ ମାନଙ୍କ ଭଳି ବହୁତ ହେଉନାହିଁ । ଯୁଦ୍ଧ ଆମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶ୍ୱପାଇଁ ଆଦୌ ହିତକର ନୁହେଁ ।

ଆଜି ପୁରୁଷ ବିଶ୍ୱକପ ହକି ସ୍ୱର୍ଦ୍ଧାର ଉଦଘାଟନ ଉତ୍ସବ କଟକସ୍ଥିତ ବାରବାଟୀ ଷ୍ଟାଡ଼ିୟମ ଠାରେ ଅନୁଷ୍ଠିତ ହୋଇ ଯାଇଛି । ଏଫ୍ଆଇଏଚ୍ ହକି ବିଶ୍ୱକପ ୨୦୨୩ ଚଳିତ ବର୍ଷ ଓଡ଼ିଶା ସରକାରଙ୍କ ପ୍ରଚେଷ୍ଟାରେ ଓଡ଼ିଶାରେ ଅନୁଷ୍ଠିତ ହେଉଛି । ଏଥିପାଇଁ ରାଉରକେଲାଠାରେ ଏକ ବିଶାଳ ଷ୍ଟାଡିୟମ୍ ନିର୍ମାଣ କରାଯାଇଛି । କେନ୍ଦ୍ର ଖେଳ ମନ୍ତ୍ରୀ ଅନୁରାଗ ଠାକୁରଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବିଶ୍ୱକପ ସ୍ୱର୍ଦ୍ଧାକୁ ଉଦଘାଟନ କରିବା ଅବସରରେ କହିଥିଲେ ଯେ, ଏହି କ୍ରୀଡ଼ା ସ୍ୱର୍ଦ୍ଧାରେ ଅଂଶ ଗ୍ରହଣ କରୁଥିବା ପ୍ରତ୍ୟେକ ବ୍ୟକ୍ତି ରାଜ୍ୟରୁ ଫେରିବା ବେଳେ ଓଡ଼ିଶାର ସ୍ମୃତିକୁ ସାଥିରେ ନେଇ ଫେରିବେ । ହକି ହେ ଦିଲ୍ ମେରା ଶୀର୍ଷକ ଥିମ୍ ସଂଗୀତର ତାଳେ ତାଳେ ଓଡ଼ିଶାର ଗୌରବମୟ ଐତିହ୍ୟ, ପରମ୍ପରା ଏବଂ ଉତ୍କଳୀୟତାକୁ ଉପସ୍ଥାପନ କରାଯାଇ ଏହି କାର୍ଯ୍ୟକ୍ରମକୁ ବହୁତ ଉଚ୍ଚକୋଟୀର ହୋଇଥିଲା ।

ବଲିଉଡ୍ ଅଭିନେତା ରଣବୀର ସିଂ, ସଙ୍ଗୀତ ନିର୍ଦ୍ଦେଶକ ପ୍ରିତମ୍, ଅଭିନେତ୍ରୀ ଦିଶା ପଟାନି, ଶ୍ରେୟା ଲେଙ୍କା ସମେତ ବ୍ଲାକ୍ ସ୍ୱାନ୍ ସଦସ୍ୟମାନେ କାର୍ଯ୍ୟକ୍ରମକୁ ଅଧିକ ଆକର୍ଷକ କରିଥିଲେ । ପାଖାପାଖି ଚାଳିଶି ହଜାର ଦର୍ଶକଙ୍କ ଦ୍ୱାରା ଷ୍ଟାଡ଼ିୟମ ଜୀବନ୍ତ ହୋଇ ଉଠିଥିଲା ।

ଉଦଘାଟନୀ ଉତ୍ସବ ପୂର୍ବରୁ ପ୍ରିନ୍ସ୍ ଡେନ୍ସ୍ ଗ୍ରୁପ୍, ବ୍ରହ୍ମପୁର, ଗୁରୁ ଅରୁଣା ମହାନ୍ତି, ରାପର୍ ବିଗ୍ ଡିଲ୍, ରୁତୁରାଜ ମହାନ୍ତି, ଲିସା ମିଶ୍ର, ସବ୍ୟସାଚୀ ମିଶ୍ର, ଅର୍ଚିତା ସାହୁ ଇତ୍ୟାଦି ଦର୍ଶକ ମାନଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଥିଲେ ।

ହକି ବିଶ୍ୱକପ ଉଦଘାଟନୀ ଉତ୍ସବ ସମସ୍ତଙ୍କୁ ଦେଖିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଜି ସମସ୍ତ ଶିକ୍ଷାନୁଷ୍ଠାନକୁ ଦିନ ଘଣ୍ଟାଏ ପରେ ଛୁଟି ଘୋଷଣା କରିଥିଲେ । ଏବଂ ସମସ୍ତ ଗ୍ରାମ ପଞ୍ଚାୟତରେ ଏହି ଉତ୍ସବକୁ ଲୋକଙ୍କୁ ଦେଖାଇବା ପାଇଁ ବିଶେଷ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟର ସମସ୍ତ ସହରରେ ଏଥିପାଇଁ ବିଶେଷ ପ୍ରଦର୍ଶନ ବ୍ୟବସ୍ଥା କରାଯାଇଛି । ଭୁବନେଶ୍ୱର, ରାଉରକେଲା, ସମ୍ବଲପୁର, ବ୍ରହ୍ମପୁର ଇତ୍ୟାଦି ସହର ମାନଙ୍କରେ ମୁଖ୍ୟ ରାସ୍ତା ପାର୍ଶ୍ୱରେ ବିଶାଳ ପ୍ରଦର୍ଶନ ବ୍ୟବସ୍ଥା କରାଯାଇଥିଲା । ଷ୍ଟାଡ଼ିୟମ୍ ଏବଂ ସିନେମା ହଲ୍ ମାନଙ୍କରେ ମଧ୍ୟ ବିଶେଷ ପ୍ରଦର୍ଶନ ବ୍ୟବସ୍ଥା ହୋଇଥିଲା ।

ସୂଚନାଯୋଗ୍ୟ ଯେ ଭାରତୀୟ ହକି ଦଳରେ ସବୁବେଳେ ଓଡ଼ିଶାର ଖେଳାଳୀ ମାନଙ୍କ ପ୍ରାଧାନ୍ୟ ରହି ଆସିଥିଲା ଏବଂ ସେଥିପାଇଁ ଯେତେବେଳେ ହକି ଖେଳାଳୀ ମାନଙ୍କୁ ପ୍ରୋତ୍ସାହନ ଦେବାପାଇଁ କୌଣସି ସଂଗଠନ ବା ସଂସ୍ଥା ଆଗେଇ ଆସିଲେ ନାହିଁ, ସେତେବେଳେ ଓଡ଼ିଶା ସରକାର ନିଜସ୍ୱ ପ୍ରଚେଷ୍ଟାରେ ହକିକୁ ଲୋକପ୍ରିୟ କରିବାପାଇଁ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଥିଲେ । ବର୍ଷ ୨୦୧୮ରେ ଓଡ଼ିଶା ଆନୁଷ୍ଠାନିକ ଭାବରେ ଭାରତୀୟ ପୁରୁଷ ଏବଂ ମହିଳା ହକି ଦଳର ସ୍ପନସର୍ ହୋଇଥିଲା । ସେହି ବର୍ଷ ହିଁ ହକି ବିଶ୍ୱକପର ଚଉଦ ତମ ସଂସ୍କରଣ ଓଡ଼ିଶାରେ ଅନୁଷ୍ଠିତ ହୋଇଥିଲା । ସେହି କାର୍ଯ୍ୟକ୍ରମ ପାଇଁ ଏ ଆର୍ ରହମାନ, ମାଧୁରୀ ଦିକ୍ଷିତ, ଶାହରୁଖ୍ ଖାନଙ୍କ ଭଳି ବ୍ୟକ୍ତିତ୍ୱକୁ ଆମନ୍ତ୍ରଣ କରାଯାଇଥିଲା । ବର୍ତ୍ତମାନ ଭୁବନେଶ୍ୱର ସହରକୁ ବିଶେଷ ଭାବରେ ସଜାଇ ଦିଆଯାଇଛି । ସହରର ପ୍ରାୟ ସମସ୍ତ ଅଞ୍ଚଳରେ ପଥପ୍ରାନ୍ତରେ ହକି ବିଷୟ ସମ୍ବଳିତ ଚିତ୍ର ସମେତ ଓଡ଼ିଶାର ଐତିହ୍ୟକୁ ପ୍ରାଧାନ୍ୟ ଦିଆଯାଉଥିଲା ଚିତ୍ର ସବୁ ଆଙ୍କି ଦିଆଯାଇଛି । ଏହି ପ୍ରଚେଷ୍ଟାର ସୁଫଳ ବିଗତ ଅଲିମ୍ପିକ କ୍ରୀଡ଼ା ସମୟରେ ଏବଂ ବର୍ତ୍ତମାନ ମଧ୍ୟ ଆମେ ଦେଖିବାକୁ ପାଇଛୁ । ଆଗାମୀ ଦିନରେ ଏହି ସ୍ପର୍ଦ୍ଧାରେ ଆୟୋଜିତ ହେବାକୁ ଥିବା ବିଭିନ୍ନ ଖେଳ ଦ୍ୱାରା ହକିକୁ ଲୋକପ୍ରିୟ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିବା ପାଇଁ ପ୍ରଚେଷ୍ଟା କରାଯିବ ।

ବିଶ୍ୱ ଦରବାରରେ ହିନ୍ଦୀ ଚଳଚ୍ଚିତ୍ରର ଆକର୍ଷଣ ବହୁତ ଅଧିକ । ହେଲେ ବିଗତ ଦିନରେ ଅଣହିନ୍ଦୀ ଚଳଚ୍ଚିତ୍ର ମଧ୍ୟ ବିଶ୍ୱ ଦର୍ଶକଙ୍କୁ ଆକର୍ଷିତ କରିବାକୁ ସକ୍ଷମ ହୋଇଥିଲା । ବିଗତ ବର୍ଷ ନିର୍ମିତ ଆରଆରଆର ଚଳଚ୍ଚିତ୍ର ବହୁତ ଲୋକ ପ୍ରିୟ ହୋଇଥିଲା ଏବଂ ସଦ୍ୟ ପ୍ରାପ୍ତ ସମାଚାର ଅନୁସାରେ, ଏହି ଚଳଚ୍ଚିତ୍ରର ଗୀତ ନାଟୁ ନାଟୁକୁ ଶ୍ରେଷ୍ଠ ଅରିଜିନାଲ୍ ସଙ୍ଗ୍ କ୍ୟାଟେଗୋରୀରେ ୮୦ତମ ଗୋଲ୍ଡେନ୍ ଗ୍ଲୋବ୍ ପୁରସ୍କାର ଉତ୍ସବରେ ପୁରସ୍କୃତ ହୋଇଛି । ମୂଳ ତେଲୁଗୁ ଭାଷାରେ ନିର୍ମିତ ଆରଆରଆର୍ ଚଳଚ୍ଚିତ୍ରର ଏହି ଗୀତକୁ ଲେଖିଛନ୍ତି ଚନ୍ଦ୍ରବୋଷ ଏବଂ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ଏମ ଏମ କିରାବାନୀ । ଏସ ଏସ ରାଜାମୌଲୀଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ର ବିଶ୍ୱର ଅନେକ ଦେଶରେ ଦର୍ଶକ ମାନଙ୍କୁ ମୋହିତ କରିବାକୁ ସକ୍ଷମ ହୋଇଥିଲା । ସୂଚନାଯୋଗ୍ୟ ଯେ ଗୋଲ୍ଡେନ୍ ଗ୍ଲୋବ୍ ପୁରସ୍କାରକୁ ଅସ୍କାର ପୁରସ୍କାର ସମକକ୍ଷ ବୋଲି ବିବେଚନା କରାଯାଏ । ଆଗାମୀ ଦିନରେ ଭାରତର କୌଣସି ଚଳଚ୍ଚିତ୍ର ଅସ୍କାର ପୁରସ୍କାର ପାଇବା ଅସମ୍ଭବ ଲାଗୁନାହିଁ ।

ଦ୍ୱାଦଶ ଶତାବ୍ଦୀରେ ନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିର ବର୍ତ୍ତମାନ ଏକ ବିରଳ ସମସ୍ୟା ସହ ଯୁଝିବାକୁ ଚେଷ୍ଟା କରୁଛି । ସେବାୟତ ତଥା ଶ୍ରୀମନ୍ଦିର ପ୍ରଶାସନ ଏଥିପାଇଁ ବିଶେଷ ଭାବରେ ଚିନ୍ତିତ ହୋଇ ପଡିଛନ୍ତି । ସୂଚନାଯୋଗ୍ୟ ଯେ ପ୍ରତିଦିନ ଶ୍ରୀଜୀଉଙ୍କ ସେବାରେ ନିଯୁକ୍ତ ପୁଷ୍ପାଳକ ବା ସିଂହାରୀ ସେବକ ମାନେ ଦେବତାଙ୍କ ଅଙ୍ଗବସ୍ତ୍ର ବଦଳାଇବା କାର୍ଯ୍ୟ କରିଥାନ୍ତି, କିନ୍ତୁ ବିଗତ କିଛି ଦିନ ହେବ ସେମାନେ ନିଜ କର୍ତ୍ତବ୍ୟ ସମ୍ପାଦନ କରିବାକୁ ଅସୁବିଧା ଭୋଗୁଛନ୍ତି କାରଣ ରତ୍ନ ମଣ୍ଡପ ଉପରେ ମୂଷା ଏବଂ ଅସରପା ମାନଙ୍କ ପ୍ରାବଲ୍ୟ ବୃଦ୍ଧି ପାଇବାକୁ ଲାଗିଛି । ରତ୍ନ ମଣ୍ଡପ ଉପରେ ମୂଷା ଓ ଅସରପା ମଳତ୍ୟାଗ କରିବା ଦ୍ୱାରା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି ଏବଂ ସେବକ ମାନଙ୍କୁ ନିଜ ସ୍ୱାସ୍ଥ୍ୟ ପାଇଁ ଚିନ୍ତା ବଢିବାରେ ଲାଗିଛି ।

କିଛି ସେବାୟତ ମତ ଦେଇଛନ୍ତି ଯେ ଏହି ମୂଷା ଓ ଅସରପା ମାନଙ୍କ ପାଇଁ ଶ୍ରୀଜିଉଙ୍କ ଅଙ୍ଗଲାଗି ବସ୍ତ୍ର ସବୁ ନଷ୍ଟ ହେବା ସହ ଦେବ ବିଗ୍ରହ ମଧ୍ୟ ବିପଦରେ ପଡିବାକୁ ଲାଗିଛି । ଏହା ବାସ୍ତବିକ ଚିନ୍ତାର ବିଷୟ । ସମଗ୍ର ଓଡ଼ିଆ ଜାତିର ପ୍ରାଣର ଦେବତା ବର୍ତ୍ତମାନ ଏହିଭଳି ଅବସ୍ଥାରେ ରହିବା ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ ।

ଭାରତ ସରକାରଙ୍କ ଦ୍ୱାରା ଏକ ସମ୍ପୂର୍ଣ୍ଣ ଡିଜିଟାଲ୍ ମୁଦ୍ରା ପ୍ରଚଳନ କରାଯାଇଛି । ଡିସେମ୍ବର ଏକ ତାରିଖ ଦିନ ଏହି ଖୁଚୁରା ମୁଦ୍ରାର ପାଇଲଟ୍ ପ୍ରୋଜେକ୍ଟ ଉଦଘାଟନ କରାଗଲା । ଆରମ୍ଭରେ କେବଳ ଚାରିଟା ସହର ଯଥା ମୁମ୍ବାଇ, ଦିଲ୍ଲୀ, ବେଙ୍ଗାଲୁରୁ ଏବଂ ଭୁବନେଶ୍ୱର ଠାରେ ସାମାନ୍ୟ ଖାଉଟି ଏବଂ ବ୍ୟବସାୟୀ ମାନଙ୍କ ପାଇଁ ଡିଜିଟାଲ୍ ମୁଦ୍ରା ପ୍ରଚଳନ ବ୍ୟବସ୍ଥା କରାଯାଇଛି । ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଆଇସିଆଇସିଆଇ, ୟେସ୍ ବ୍ୟାଙ୍କ ଏବଂ ଆଇଡିଏଫସି ବ୍ୟାଙ୍କ ମାଧ୍ୟମରେ ଏହି ବ୍ୟବସ୍ଥା ଲାଗୁ କରାଯାଇଛି ।

ଖୁବ ଶୀଘ୍ର ଏହି ବ୍ୟବସ୍ଥା ଅହମଦାବାଦ, ଗ୍ୟାଙ୍ଗଟକ୍, ଗୌହାଟି, ହାଇଦ୍ରାବାଦ, ଇନ୍ଦୋର୍, କୋଚି, ଲକ୍ଷ୍ନୌ, ପାଟନା ଏବଂ ସିମଲାଠାରେ ମଧ୍ୟ ଲାଗୁ ହେବ । ବ୍ୟାଙ୍କ ଅଫ୍ ବରୋଦା, ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଏଚଡିଏଫସି ବ୍ୟାଙ୍କ ଏବଂ କୋଟାକ ମହିନ୍ଦ୍ରା ବ୍ୟାଙ୍କ ସହାୟତାରେ ଏହି ପ୍ରକଳ୍ପକୁ ଆଗେଇ ନିଆଯିବ ।

ପ୍ରତିବର୍ଷ ନୂଆ ମୁଦ୍ରା ଛାପିବା ଏବଂ ସେ ସବୁର ରକ୍ଷଣାବେକ୍ଷଣରେ ହେଉଥିବା ହଜାର ହଜାର କୋଟି ଟଙ୍କାର ବ୍ୟୟକୁ ଏହି ଡିଜିଟାଲ୍ ମୁଦ୍ରା ବ୍ୟବସ୍ଥା ଦ୍ୱାରା ସଞ୍ଚୟ କରି ହେବ । ଭାରତ ସରକାରଙ୍କ ଦୂରଦର୍ଶୀ ଯୋଜନାର ପରିଣାମ ସଦୃଶ ଏହି ଯୋଜନା ବର୍ତ୍ତମାନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶ୍ୱସ୍ତରରେ ପ୍ରଶଂସିତ ହେବାରେ ଲାଗିଛି ।

ଏହି ବ୍ୟବସ୍ଥା ପାଇଁ ଖାଉଟି ବା ସାଧାରଣ ଜନତାଙ୍କୁ ଇଣ୍ଟରନେଟ୍ ଆବଶ୍ୟକ ହେବନାହିଁ, କେବଳ ମୋବାଇଲ୍ ଦ୍ୱାରା ଅର୍ଥ ଦେଣନେଣ ସହଜରେ ହୋଇ ପାରିବ । ଏହା ଦ୍ୱାରା ଭ୍ରଷ୍ଟାଚାର ମଧ୍ୟ ଉନ୍ମୁଳନ କରି ହେବ କାରଣ ପ୍ରତ୍ୟେକ କାରବାର ସ୍ୱଚ୍ଛ ଏବଂ ପାରଦର୍ଶୀ ମାଧ୍ୟମରେ ହେଉଥିବା ହେତୁ ଏଥିରେ କଳାଧନର ଗତି କୁ ଅଟକାଇ ହେବ ।

ନଭେମ୍ବର ଆଠ ତାରିଖ, ୨୦୧୬ରେ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ହଠାତ ବିମୁଦ୍ରାୟନ ଘୋଷଣା କରି ପାଞ୍ଚଶହ ଏବଂ ଏକ ହଜାର ଟଙ୍କାର ମୁଦ୍ରାକୁ ଅଚଳ କରିଦେଲେ । ଯେହେତୁ ଖୋଲା ବଜାରରେ ଅର୍ଥ ଦେଣନେଣ ଅଳ୍ପ ହେଉଥିଲା ଏବଂ ଲୋକମାନେ ଅର୍ଥକୁ ଗଚ୍ଛିତ କରି ରଖୁଥିଲେ, ଏହି ବ୍ୟବସ୍ଥା ଦ୍ୱାରା ଲୋକମାନେ ଉଚ୍ଚ ମୂଲ୍ୟର ମୁଦ୍ରା ସଂଗ୍ରହକୁ ନିରୁତ୍ସାହିତ କରିବା ସହ ଅଧିକ ଅର୍ଥ ପ୍ରଚଳନ ସୁବିଧା ହେବ ବୋଲି କୁହାଯାଉଥିଲା । ସେଇ ସମୟରେ ଏହାକୁ ନେଇ ଅନେକ ରାଜନୀତି ହୋଇଥିଲା । କିଛି ବ୍ୟକ୍ତି ଲୁଚାଇ ରଖିଥିବା ଧନକୁ ବଦଳାଇବା ଅସମ୍ଭବ ବୋଲି ଜାଣି କେହି କେହି ଟଙ୍କାକୁ ବାହାରେ ଫୋପାଡ଼ି ଦେଇଥିଲେ ତ କେହି ନିଆଁ ଲଗାଇବା ଭଳି ଘଟଣା ଦେଖିବାକୁ ମିଳିଥିଲା । ମୋଦୀ ସରକାରଙ୍କ ଏହି ନିଷ୍ପତି ଜନସାଧାରଣଙ୍କ ପରିପନ୍ଥୀ ବୋଲି ଦର୍ଶାଇ ସୁପ୍ରିମ କୋର୍ଟରେ ଯାଚିକା ମଧ୍ୟ ଦାୟର କରାଯାଇଥିଲା । ଏବଂ ବର୍ତ୍ତମାନ ସୁଦ୍ଧା ଭାରତର ବିପକ୍ଷ ଦଳ ଏହି ନିଷ୍ପତ୍ତିକୁ ଭୁଲ ବୋଲି ଦର୍ଶାଇବାକୁ ପ୍ରଚୁର ପ୍ରଚେଷ୍ଟା କରି ଆସୁଛନ୍ତି ।

ଅନେକ ବିଳମ୍ବରେ ହେଲେ ସୁଦ୍ଧା ଭାରତ ସର୍ବୋଚ୍ଚ ନ୍ୟାୟାଳୟ ସରକାରଙ୍କ ଏହି ନିଷ୍ପତିକୁ ସଠିକ ବୋଲି ଦର୍ଶାଇ ମନ୍ତବ୍ୟ ଜାରୀ କରିଛନ୍ତି । ଏହା ଫଳରେ ଏହି ନିଷ୍ପତି ବିରୁଦ୍ଧରେ ବିପକ୍ଷ ଦଳର ନେତା ମାନେ ବର୍ତ୍ତମାନ ନିରବ ରହିବେ ବୋଲି ଆଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରାଯାଉଛି ।

ଭାରତରେ ଅନେକ ନଦୀ ରହିଛି ଏବଂ ସେହି ସବୁ ନଦୀକୁ ଯଦି ସୁବିନିଯୋଗ କରାଯାଇ ଜଳମାର୍ଗ ସୃଷ୍ଟି କରାଯାଇ ପାରନ୍ତା ତା ହେଲେ ଅନ୍ତଃଦେଶୀୟ ବ୍ୟାପାର ଏବଂ ଜନ ଚଳାଚଳ ବ୍ୟବସ୍ଥା ସୁଷମ ଭାବରେ ହୋଇ ପାରନ୍ତା ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ନିର୍ବାଚନ ସମୟରେ ମନ୍ତବ୍ୟ ଦେଇଥିଲେ । ସେଇ ପରିପ୍ରେକ୍ଷୀରେ ଆସନ୍ତା ୧୩ ତାରିଖ ଦିନ ଗଙ୍ଗା ବିଳାସ ନାମକ ଏକ ସୁରମ୍ୟ ଜାହାଜ ପ୍ରଚଳନ କରାଯାଉଛି । ଅଶୀ ଜଣ ଯାତ୍ରୀଙ୍କୁ ନେଇ ଏହି ଜାହାଜ ଗଙ୍ଗା ନଦୀରେ ବାରଣାସୀ ଠାରୁ ଆରମ୍ଭ କରି ବଙ୍ଗଳାଦେଶ ମଧ୍ୟଦେଇ ଦିବ୍ରୁଗଡ଼ ପର୍ଯ୍ୟନ୍ତ ଚଳାଚଳ କରିବ । ଦୀର୍ଘ ୩୨୦୦ କିଲୋମିଟର ଯାତ୍ରାକୁ ଏହି ଜାହାଜ ପଚାଶ ଦିନରେ ପୂର୍ଣ୍ଣ କରିବ ଏବଂ ଭାରତ ତଥା ବଙ୍ଗଳାଦେଶର ୨୭ଟି ନଦୀ ଓ ଉପନଦୀ ଦେଇ ଯାତ୍ରା କରିବ ବୋଲି ଜଣାପଡ଼ିଛି ।

ଏହି ଜାହାଜରେ ଯାତ୍ରା କରୁଥିବା ପର୍ଯ୍ୟଟକମାନେ ପଚାଶରୁ ଅଧିକ ଦର୍ଶନୀୟ ସ୍ଥାନ, ବିଶ୍ୱ ଐତିହ୍ୟ ସ୍ଥଳୀ ସମେତ କାଜିରଙ୍ଗା ରାଷ୍ଟ୍ରୀୟ ଉଦ୍ୟାନ, ସୁନ୍ଦରବନ ତ୍ରିକୋଣଭୂମି, ସୋନାରଗାଁ ସହର, ଷାଠିଏ ଗମ୍ବୁଜବାଲା ମସଜିଦ (ବଙ୍ଗଳାଦେଶ) ଇତ୍ୟାଦି ଦେଖିବାକୁ ପାଇବେ ।

ସମସ୍ତ ପ୍ରକାର ଆଧୁନିକ ସୁଖସୁବିଧା ସମ୍ପର୍ନ୍ନ ଏହି ଜାହାଜ ଯାତ୍ରୀଙ୍କ ରହଣୀକୁ ଅଧିକ ମନୋରମ କରିବାର ସମସ୍ତ ସାଧନରେ ଭରି ରହିବ । ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଶ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସୂଚନା ଅନୁସାରେ ଏହି ଜାହାଜ ଆଗାମୀ ୧୩ ତାରିଖରେ ବାରଣାସୀରୁ ବାହାରି ବକ୍ସର, ରାମ ନଗର୍ ଏବଂ ଗାଜିପୁର ରହଣି ପରେ ଆଠ ଦିନରେ ପାଟନାରେ ପହଞ୍ଚିବ । ଫରକ୍କା ଏବଂ ମୁର୍ଶିଦାବାଦ ଦେଇ ଏହା କୋଡ଼ିଏ ଦିନରେ ଏହା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୋଲକାତାରେ ପହଞ୍ଚିବ । ଏହାପରେ ଏହା ପନ୍ଦର ଦିନ ପର୍ଯ୍ୟନ୍ତ ବଙ୍ଗଳାଦେଶରେ ଯାତ୍ରା କରିବ । ପୁଣିଥରେ ଗୌହାଟୀ ଠାରେ ଏହା ଭାରତର ଜଳମାର୍ଗରେ ପ୍ରବେଶ କରି ଶିବସାଗର ଦେଇ ଡିବ୍ରୁଗଡ଼ରେ ପହଞ୍ଚିବ ।

ବିଶ୍ୱକପ୍ ହକି ପାଇଁ ନିର୍ମିତ ବିର୍ସା ମୁଣ୍ଡା ଷ୍ଟାଡ଼ିୟମ ଓଡ଼ିଶାର ସର୍ବବୃହତ ହକି ଷ୍ଟାଡ଼ିୟମର ମାନ୍ୟତା ପାଇଛି । ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଏହି ଷ୍ଟାଡିୟମକୁ ଉଦଘାଟନ କରି ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ୨୬୦ କୋଟି ବ୍ୟୟରେ ମାତ୍ର ପନ୍ଦର ମାସର ନିରବଚ୍ଛିନ୍ନ ପ୍ରଚେଷ୍ଟାରେ ଏହି ଷ୍ଟାଡିୟମକୁ ନିର୍ମାଣ କରାଯାଇଛି । ଏଠାରେ ଏକ ସାଙ୍ଗରେ କୋଡ଼ିଏ ହଜାର ଦର୍ଶକ ଖେଳର ଆନନ୍ଦ ନେଇ ପାରିବେ । ଚଳିତ ବର୍ଷ ଆୟୋଜିତ ହେଉଥିବା ପୁରୁଷ ହକି ବିଶ୍ୱକପର ୪୪ଟି ମ୍ୟାଚ୍ ମଧ୍ୟରୁ କୋଡ଼ିଏଟି ମ୍ୟାଚ୍ ଏହି ଷ୍ଟାଡିୟମରେ ଅନୁଷ୍ଠିତ ହେବ । ଅନ୍ୟ ସବୁ ମ୍ୟାଚ୍ ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡ଼ିୟମରେ ଅନୁଷ୍ଠିତ ହେବ ବୋଲି କୁହାଯାଇଛି ।

ବିଗତ ଦିନରେ କାଶ୍ମୀର ଘାଟି ଅଞ୍ଚଳରେ ପୁଣିଥରେ ଆତଙ୍କବାଦୀ କାର୍ଯ୍ୟକଳାପ ମୁଣ୍ଡ ଟେକିବାର ଲକ୍ଷ୍ୟ କରାଯାଇଛି । କେତୋଟି ଘଟଣାରେ ଆତଙ୍କବାଦୀମାନେ ଜନବସତିକୁ ପଶି ଆସି ଲୋକଙ୍କ ଆଧାର କାର୍ଡ଼ ଦେଖିବା ପରେ ଖୋଜି ଖୋଜି ହିନ୍ଦୁ ମାନଙ୍କୁ ହତ୍ୟା କରିବାର ଦୃଷ୍ଟାନ୍ତ ଚିନ୍ତାର ବିଷୟ ସାଜିଛି ।

ଡିସେମ୍ବର ମାସ ଶେଷ ସପ୍ତାହରେ ହୋଇଥିବା ଏକ ଆତଙ୍କବାଦୀ ଆକ୍ରମଣରେ ଅନ୍ୟୁନ ଛଅ ଜଣ ନିରୀହ ହିନ୍ଦୁଙ୍କୁ ହତ୍ୟା କରାଯିବା ପରେ ଏହିଭଳି ଘଟଣାର ପୁନରାବୃତ୍ତି ନ ହେଉ ବୋଲି ଚେଷ୍ଟା କରିବା ସମୟ ଆସିଛି । ସ୍ଥାନୀୟ ଅଧିବାସୀମାନେ ଏହି ଘଟଣା ପରେ ହତୋତ୍ସାହିତ ହୋଇ ନିଜ ଅକ୍ତିଆରରେ ମାରଣାସ୍ତ୍ର ରଖିବା ଭଳି ଅଧିକାର ଦାବୀ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କରିଛନ୍ତି । ଆତଙ୍କବାଦୀଙ୍କ ଭୟରେ ମୃତ୍ୟୁବରଣ କରିବା ଅପେକ୍ଷା ଲଢ଼େଇ କରିବା ଶ୍ରେୟସ୍କର ବୋଲି ଦାବୀ କରି ଅନେକ ଅଞ୍ଚଳରେ ଜନମତ ପ୍ରକାଶ ପାଇବା ପରେ ଲେଫଟ୍‌ନେଣ୍ଟ ଗଭର୍ଣ୍ଣର ମନୋଜ ସିହ୍ନା ସୂଚନା ଦେଇଛନ୍ତି ଡୋଡା ଜିଲାରେ ପ୍ରଚଳିତ ଭିଡ଼ିସି ବ୍ୟବସ୍ଥା ଭଳି ଖୁବ ଶୀଘ୍ର ଘାଟିର ସମସ୍ତ ଗ୍ରାମାଞ୍ଚଳରେ ଗ୍ରାମ ସୁରକ୍ଷା କମିଟି ଗଠନ କରାଯିବ ।

ଏହା ଆନୁକୂଲ୍ୟରେ ବର୍ତ୍ତମାନ ପ୍ରତ୍ୟେକ ଗ୍ରାମର ଇଚ୍ଛୁକ ଯୁବକ ମାନଙ୍କୁ ନେଇ ଏକ ସୁରକ୍ଷା ବାହିନୀ ଗଠନ କରାଯାଇ ସେମାନଙ୍କୁ ଅସ୍ତ୍ରଶସ୍ତ୍ର ଚାଳନା ଶିକ୍ଷା ଦିଆଯାଉଛି ଏବଂ ଆଶା କରାଯାଉଛି ଯେ ଏହା ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ଆତଙ୍କବାଦୀଙ୍କ ଅବାଧ ପ୍ରବେଶକୁ ବାଧା ଦିଆଯାଇ ପାରିବ ।

କୁହାଯାଇଛି ଯେ କାହାର ଦୁଃଖ ବା କଷ୍ଟ ଦେଖି ଆନନ୍ଦ ହେବା ଉଚିତ ନୁହେଁ, କିନ୍ତୁ ଯିଏ ଅନ୍ୟର ପାଇଁ ଗାତ ଖୋଳେ ସେ ବି ଦିନେ ସେଇ ଗାତରେ ପଡ଼ିପାରେ । ମହାଭାରତରେ ଶ୍ରୀକୃଷ୍ଣ କହିଛନ୍ତି, ଦୁଷ୍ଟଙ୍କ ସଙ୍ଗେ ଦୁଷ୍ଟ ମତି, ହସି କହନ୍ତି ଯଦୁପତି । ବର୍ତ୍ତମାନ ଆମ ପଡ଼ୋଶୀ ପାକିସ୍ତାନର ଅବସ୍ଥା ଦେଖିଲେ ଏହି ସବୁ କଥା ମନରେ ଆପେ ଆପେ ଆସି ଯାଉଛି । ସ୍ୱାଧୀନତା ପରବର୍ତ୍ତୀ ସତୁରୀ ବର୍ଷ ଭାରତର ଅନ୍ତରୀଣ ବ୍ୟବସ୍ଥାକୁ ଚ୍ୟାଲେଞ୍ଜ୍ ଦେଇ ଦେଶରେ ଅରାଜକତା ଓ ଅଶାନ୍ତି ସୃଷ୍ଟି କରିବାର ଯେଉଁ ଦୁର୍ବାର ଚେଷ୍ଟା ପାକିସ୍ତାନ କରି ଆସୁଥିଲା, ଏବେ ମୋଦୀ ସରକାରଙ୍କ ସବଳ କୁଟନୀତି ସମ୍ମୁଖୀନ ହୋଇ ନିଜ ଅସ୍ତିତ୍ୱକୁ ହିଁ ହରାଇବାକୁ ବସିଲାଣି । ବିଗତ ସପ୍ତାହରେ ଅଧିକାଂଶ ଗଣମାଧ୍ୟମରେ ଯେଉଁଭଳି ଦୃଶ୍ୟ ସବୁ ଦେଖିବାକୁ ମିଳୁଛି, ତାହା ଦେଖିଲେ ଲାଗୁଛି, ଯେ ପାଞ୍ଚେ ପରମନ୍ଦ, ତା ମନ୍ଦ ଚିନ୍ତନ୍ତି ଗୋବିନ୍ଦ ବାକ୍ୟଟି ସତରେ ପ୍ରଯୁଜ୍ୟ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାକିସ୍ତାନ ବର୍ତ୍ତମାନ ଗୃହଯୁଦ୍ଧର ଆଶଙ୍କାରେ ଜର୍ଜ୍ଜରିତ ହେଉଥିବା ବେଳେ, ସାଧାରଣ ଜନତା ମହଙ୍ଗା ବଜାର ବ୍ୟବସ୍ଥାକୁ ନେଇ ଅତିଶୟ ଭାବରେ ବ୍ୟଥିତ ହେଉଛନ୍ତି, ଦେଖାଯାଉଛି ଯେ ଦେଶର ପ୍ରାୟ ତିନି ଚତୁର୍ଥାଂଶରେ ଅବସ୍ଥା ଏମିତି ହେଇଛି ଯେ ସାମାନ୍ୟ ନିତିଦିନିଆ ଆବଶ୍ୟକତାକୁ ମଧ୍ୟ ଲୋକମାନେ ପୁରଣ କରିବାକୁ ଅକ୍ଷମ ହେଉଛନ୍ତି । ଖାଇବା ପାଇଁ ଅଟା, ଚିନି, ତେଲ ଇତ୍ୟାଦି ବଜାରରେ ମିଳୁନାହିଁ । ସବୁ ଜିନିଷର ଦରଦାମ ଆକାଶ ଛୁଆଁ ହୋଇଗଲାଣି । ନିଜ ଦେଶ ପାଇଁ ସବୁବେଳେ ଅନ୍ୟ ଦେଶ ଉପରେ ନିର୍ଭରଶୀଳ ପାକିସ୍ତାନ ବର୍ତ୍ତମାନ ବିଦେଶରୁ କୌଣସି ଦ୍ରବ୍ୟ ଆମଦାନୀ କରିବା ପାଇଁ ଦେଶରେ ଆବଶ୍ୟକ ଅତି ସ୍ୱଳ୍ପ ମୁଦ୍ରା ମଧ୍ୟ ନାହିଁ । ଅଟା ପାଇବା ପାଇଁ ଲୋକମାନଙ୍କ ମଧ୍ୟରେ ଗଣ୍ଡଗୋଳ ହେଉଥିବାର ଦୃଶ୍ୟ ଦେଖିଲେ ଦୟା ଲାଗୁଛି । ପାକିସ୍ତାନରେ ଅଟା କିଲୋ ଏବେ ଶହେ ଷାଠିଏ ଟଙ୍କାରେ ମିଳୁଛି । ଏହିଭଳି ସମୟରେ ବି ପାକିସ୍ତାନର ଶାସକ ଗୋଷ୍ଠୀ କାଶ୍ମୀରକୁ ନେଇ ବିଳାପ କରିବାରୁ କ୍ଷାନ୍ତ ହେଉନାହାନ୍ତି । ଭାରତରେ ଅଟା କିଲୋ ତିରିଶିରୁ ଚାଳିଶି ଭିତରେ ଥିବା ବେଳେ ପାକିସ୍ତାନରେ ଏହାର ଚାରିରୁ ପାଞ୍ଚଗୁଣ ଅଧିକ ଦାମ ଦେଇ ଅଟା କିଣିବା ପାଇଁ କେଉଁ କାଶ୍ମୀର ବାସୀ ଖୁସିରେ ପାକିସ୍ତାନ ଯିବାକୁ ଚାହିଁବ ବୋଲି ଖୋଦ୍ ପାକିସ୍ତାନୀ ଜନତା ମତ ଦେଉଛନ୍ତି ।

ଅତୀତରେ ଆତଙ୍କବାଦର ଗଡ଼ ବୋଲି କୁହାଉଥିବା ପାକିସ୍ତାନ ଏବେ ନିଜ ଦ୍ୱାରା ପ୍ରସ୍ତୁତ ଆତଙ୍କବାଦର ଶୀକାର ନିଜେ ହେଉଛି । ଯେତେବେଳେ ଆଫଗାନିସ୍ତାନରେ ତାଲିବାନ ଶାସନ ଆରମ୍ଭ ହେଇଥିଲା, ସେତେବେଳେ ପାକିସ୍ତାନ ଅଧିକ ଖୁସି ପ୍ରକାଶ କରିଥିଲା, ଏବଂ ବିଶ୍ୱବ୍ୟାପୀ ଏହା ସନ୍ଦେହ ହେଉଥିଲା ଯେ ଏହି ଶାସକ ପରିବର୍ତ୍ତନ ପଛରେ ପାକିସ୍ତାନର ପ୍ରବଳ ସମର୍ଥନ ରହିଛି । ହେଲେ ଯେମିତି ଯେମିତି ଦିନ ବିତିଲା ସେମିତି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାକିସ୍ତାନର ଏକ ଗୋଷ୍ଠୀ ତେହେରିକ୍-ଏ-ତାଲିବାନ୍ ପାକିସ୍ତାନ ନିଜକୁ ତାଲିବାନର ସମର୍ଥିତ ସଂଗଠନ ବୋଲି ଘୋଷଣା କରି ଏବେ ପାକିସ୍ତାନରେ ଶରିଆ ଆଇନ୍ ଲାଗୁ କରିବା ଦାବୀ କରିବା ଆରମ୍ଭ କରିଦେଇଛି ।

ବିଗତ ଏକ ମାସରେ ପ୍ରାୟ ଏକ ଡଜନରୁ ଅଧିକ ଥର ପାକିସ୍ତାନରେ ମରଣାନ୍ତକ ଆକ୍ରମଣ ହୋଇ ସାରିଛି । ପାକିସ୍ତାନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପିସ୍ ଷ୍ଟଡିଜ୍ ଦ୍ୱାରା ସଦ୍ୟ ପ୍ରକାଶିତ ଏକ ସର୍ବେକ୍ଷଣରେ କୁହାଯାଇଛି ଯେ ବିଗତ ବର୍ଷ ତାଲିବାନ ଏବଂ ଟିଟିପି ଦ୍ୱାରା ୪୧୯ ଜଣ ପାକିସ୍ତାନୀ ପ୍ରାଣ ହରାଇଛନ୍ତି, ୭୩୪ ଜଣ ଆହତ ହୋଇଛନ୍ତି, ଏବଂ ସମୁଦାୟ ୨୬୨ ଥର ଆତଙ୍କବାଦୀ ଆକ୍ରମଣ ହୋଇଛି ।

ଆଫଗାନିସ୍ତାନରେ ତାଲିବାନ ଶାସନ ଆସିବା ପରେ ସେମାନେ ପାକିସ୍ତାନ ଦ୍ୱାରା ନିର୍ଦ୍ଧାରିତ ଡୁରାଣ୍ଡ ଲାଇନକୁ ଅମାନ୍ୟ ବୋଲି ଘୋଷଣା କରିବା ସହ ବାରମ୍ବାର ପାକିସ୍ତାନ ସୀମାରେ ପ୍ରବେଶ କରି ସୁରକ୍ଷାକର୍ମୀ ଏବଂ ପୋଲିସ ଉପରେ ଆତ୍ମଘାତୀ ଆକ୍ରମଣ କରୁଛନ୍ତି ।

ନିଜର ପ୍ରାୟ ସମସ୍ତ ମିତ୍ର ଦେଶରୁ ଉଧାର ନେଇ ମୂଳଧନ ବି ନ ଫେରାଇବା ସ୍ଥିତିରେ ଥିବା ପାକିସ୍ତାନର ବିଦେଶ ମୁଦ୍ରା ଭଣ୍ଡାର ବର୍ତ୍ତମାନ ଖାଲି ହୋଇ ସାରିଛି । ଦେଶକୁ ଚଳାଇବା ପାଇଁ ଆବଶ୍ୟକ ଅର୍ଥ ଅଭାବ ହେଉଥିବା ବେଳେ ଦେଶର ପ୍ରଧାନମନ୍ତ୍ରୀ ବର୍ତ୍ତମାନ ଅନେକ ଦେଶ ଭ୍ରମଣରେ ଯାଇ ସହାୟତା ପାଇଁ ଭିକ୍ଷା ମାଗୁଥିବା ଜଣାଇଛନ୍ତି । ଚୀନ ଏବଂ ସାଉଦୀ ଆରବ ଭଳି ଦେଶ ଆଗରୁ ହିଁ ଆର୍ଥିକ ସହାୟତା ଦେଇ ପାରିବେ ନାହିଁ ବୋଲି ଜଣାଇ ସାରିଛନ୍ତି । ଅବସ୍ଥା ଏଭଳି ଦୁର୍ଗତି ଆଡ଼କୁ ଗଲାଣି ଯେ କିଛି ଅର୍ଥଶାସ୍ତ୍ରୀ ବର୍ତ୍ତମାନ ପାକିସ୍ତାନରେ ଶ୍ରୀଲଙ୍କା ଭଳି ସ୍ଥିତି ଦେଖିବାକୁ ମିଳିବ ବୋଲି କହୁଥିବା ବେଳେ କିନ୍ତୁ ସମସ୍ତେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜାଣିଛନ୍ତି ଯେ ପାକିସ୍ତାନ ନିକଟ ଭବିଷ୍ୟତରେ ସୁଦାନ ଭଳି ଅବସ୍ଥା ଭୋଗିବ । ଏହାର ଗୃହଯୁଦ୍ଧ ଦେଶକୁ ଖଣ୍ଡବିଖଣ୍ଡିତ କରିବା ସହ ଲୋକଙ୍କୁ ତଳିତିଳାନ୍ତ କରିଦେବ ।

ଭାରତର ଜମ୍ମୁ କଶ୍ମୀରର କିଛି ଅଞ୍ଚଳ ପାକିସ୍ତାନ ଅଧୀନରେ ରହିଛି, ଯାହାକୁ ସେମାନେ ଆଜଦ୍ କାଶ୍ମୀର କହୁଥିବା ବେଳେ ବିଶ୍ୱ ସମୁଦାୟ ଏହାକୁ ପିଓକେ ବା ପାକିସ୍ତାନ ଅଧିକୃତ କାଶ୍ମୀର ବୋଲି କହୁଛି । ଏହି ଅଞ୍ଚଳରେ ରହୁଥିବା ଅଧିବାସୀଙ୍କୁ ପାକିସ୍ତାନ କେବେ ବି ପ୍ରଥମ ଶ୍ରେଣୀ ନାଗରିକ ଭଳି ସମ୍ମାନ ଦେଇନାହିଁ । ଦେଶରେ ପ୍ରଚଳିତ କୌଣସି ସବସିଡି ବ୍ୟବସ୍ଥା ବା ନାଗରିକ ସହାୟତା ବ୍ୟବସ୍ଥା ଏହି ଅଞ୍ଚଳରେ ପ୍ରଚଳନରେ ନାହିଁ, ତେଣି ଏହି ଅଞ୍ଚଳର ଅଧିବାସୀମାନେ ପାକିସ୍ତାନ ସରକାରଙ୍କ ବିରୋଧରେ ଆନ୍ଦୋଳନ କରୁଛନ୍ତି ଏବଂ ନେତାସ୍ଥାନୀୟ ବ୍ୟକ୍ତିମାନେ ଏହାର ପୁନଃମିଶ୍ରଣ ଭାରତରେ କରିବା ପାଇଁ ଦାବୀ କରୁଥିବା ଜଣା ଯାଇଛି । ଚଳିତ ବର୍ଷ ଶେଷାର୍ଦ୍ଧରେ ହୁଏତ ଏହା ଏକ ନିର୍ଣାୟକ ସ୍ଥିତିରେ ପହଞ୍ଚି ନିଷ୍ପତ୍ତି ହୋଇପାରେ । ପାକିସ୍ତାନର ଅଧୋଗତି ଏବଂ ପତନକୁ ଆଖି ଆଗରେ ରଖି, ନିଜର ଭବିଷ୍ୟତ ପାଇଁ ଏହାର ଅଧିବାସୀ ଚିନ୍ତିତ ହେବା ସ୍ୱାଭାବିକ ।

ପାକିସ୍ତାନର ବାଲୋଚିସ୍ତାନ ଏବଂ ପିଓକେ ଅଞ୍ଚଳବାସୀ ପାକିସ୍ତାନ ଠାରୁ ମୁକ୍ତି ଚାହୁଁଛନ୍ତି । ଏବଂ ଏହା ଖୁବ ଶୀଘ୍ର ସମ୍ଭବ ହେବାଭଳି ଜଣାପଡୁଛି ।

ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ଦାମୋଦର ଦାସ ମୋଦୀଙ୍କ ମାତାଙ୍କ ଶହେ ବର୍ଷ ବୟସରେ ମୃତ୍ୟୁ ହୋଇଛି । ଶ୍ରୀମତି ହୀରାବେନ ମୋଦୀଙ୍କ ଦେହାନ୍ତ ପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଗାନ୍ଧିନଗର ସ୍ଥିତ ବାସଭବନରେ ପହଞ୍ଚିଥିଲେ ଏବଂ ମାଆଙ୍କ ମୃତଶରୀରକୁ କାନ୍ଧଦେଇ ଶ୍ମଶାନକୁ ନେଇଥିଲେ । ସମ୍ପୂର୍ଣ୍ଣ ନିରାଡ଼ମ୍ବର ଭାବରେ ସମସ୍ତ କାର୍ଯ୍ୟ ସମାପନ କରିବା ପରେ ଶ୍ରୀ ମୋଦୀ ଦିଲ୍ଲୀ ଫେରି ନିଜର ସରକାରୀ କାର୍ଯ୍ୟକ୍ରମରେ ଯୋଗ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଇଥିଲେ । ଜଣେ ପ୍ରଧାନମନ୍ତ୍ରୀଙ୍କ ମାଆଙ୍କ ବିୟୋଗ ହେଲେ ଯେଉଁଭଳି ଆଡମ୍ବରପୂର୍ଣ୍ଣ କାର୍ଯ୍ୟକ୍ରମ ହୋଇଥାନ୍ତା ସେ ସବୁ କିଛି ଦେଖିବାକୁ ମିଳିନଥିଲା । ମୃତ ଶରୀରକୁ ସାଧାରଣଙ୍କ ଦର୍ଶନ ପାଇଁ ରଖିବା ହେଉ ବା ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା ହେଉ, ଏଭଳି କୌଣସି ଘଟଣା ଦେଖିବାକୁ ମିଳିନଥିଲା । ଜଣେ ଅତି ସାଧାରଣ ବ୍ୟକ୍ତି ଭଳି ଶ୍ରୀମୋଦୀ କାର୍ଯ୍ୟକ୍ରମ ସାରିଦେଇ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ବୋଲି କୁହାଯାଉଛି ।

କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ବିଗତ ଅନେକ ଦିନ ଧରି ଭାରତ ଯୋଡ଼ୋ ଯାତ୍ରା ନାମରେ ଭାରତରେ ପଦଯାତ୍ରା କରୁଛନ୍ତି । ଏହି ଯାତ୍ରାର ପ୍ରଭାବ କଣ ହେବ ବା ନ ହେବ ତାହା ଭବିଷ୍ୟ ଜଣାଇବ। କିନ୍ତୁ, ଶାସକ ଦଳ କେବେ ବି ରାହୁଲ ଗାନ୍ଧୀଙ୍କୁ ଗୁରୁତ୍ୱ ଦେଇନାହାନ୍ତି ବୋଲି ସେମାନଙ୍କ ମନ୍ତବ୍ୟରୁ ଜଣା ପଡୁଛି । ଅନେକ ସମୟରେ ଶ୍ରୀ ଗାନ୍ଧୀଙ୍କୁ ପପୁ ବୋଲି ସମ୍ବୋଧନ କରି ବିଭିନ୍ନ ମନ୍ତବ୍ୟ ସାମାଜିକ ଗଣମାଧ୍ୟମରେ ପ୍ରସାରଣ କରୁଛନ୍ତି । ଅବଶ୍ୟ କଂଗ୍ରେସର ମୁଖପାତ୍ର ମାନେ ବିଭିନ୍ନ ସମୟରେ ଟିଭି ଡିବେଟରେ ଆସି ରାହୁଲ ଗାନ୍ଧୀଙ୍କୁ ଜଣେ ମହାନ ନେତା ଭାବରେ ପ୍ରଚାର କରିବାରେ କୌଣସି କାର୍ପଣ୍ୟତା କରିନାହାନ୍ତି ।

ହେଲେ କଥା ଅଛି, ଘୁଷୁରୀ ପ୍ରକୃତି ପଙ୍କରେ ଲୋଟେ, ମନୁଷ୍ୟ ପ୍ରକୃତି ମରିଲେ ତୁଟେ । ଠିକ୍ ଏଇ ନ୍ୟାୟରେ ଶ୍ରୀ ରାହୁଲ ଗାନ୍ଧୀ ଅନେକ ସମୟରେ ଭାଷଣ ଦେବା ବେଳେ ଏଭଳି କିଛି କହି ଦେଉଛନ୍ତି ଯାହା ଅନେକ ବ୍ୟକ୍ତିଙ୍କୁ ହାସ୍ୟର ଖୋରାକ ଯୋଗାଇବା ସହ ତାଙ୍କୁ ସତରେ ପପ୍ପୁ ବୋଲି ପ୍ରମାଣିତ କରିଦେଉଛି । ଅନେକ ଚେଷ୍ଟା କରିବା ସତ୍ତ୍ୱେ ସେ କହୁଥିବା କଥାର କୌଣସି ଗୁରୁତ୍ୱ ସେ ନିଜେ ବି ହୃଦୟଙ୍ଗମ କରି ପାରୁନଥିବେ ବୋଲି ମନେ ହୁଏ । ଯେମିତି ଅତୀତରେ ସେ ନିର୍ବାଚନୀ ଭାଷଣରେ କହିଥିଲେ ଅଟା ଲିଟର ୨୮ ଟଙ୍କା, ଏବେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସେ କହିଛନ୍ତି ଭାରତର ଜନସଂଖ୍ୟା ଶହେ ଚାଳିଶି କୋଟି ଟଙ୍କା । ଏହା ସହ ତାଙ୍କର ସଦ୍ୟ ଉପସ୍ଥାପିତ ଭାଷଣରେ ରହିଛି, (ମହାଭାରତର) ପାଣ୍ଡବମାନେ କେବେ ବି ଜିଏସଟି କର ଲଗାଇନଥିଲେ, କଂଗ୍ରେସ ହେଉଛି ତପସ୍ୟା ଆଉ ବିଜେପି ହେଉଛି ପୂଜା ଆମକୁ ପୂଜାରୀଙ୍କ ଆବଶ୍ୟକତା ନାହିଁ । ଏହିଭଳି ଭାଷଣବାଜୀ କରି ସେ ଲୋକଙ୍କ ହାସ୍ୟର ପାତ୍ର ସିନା ହୋଇପାରିବେ କିନ୍ତୁ ବିଶାଳ ଜନମତ ପାଇବା ଭଳି କୌଣସି ଲକ୍ଷଣ ଦେଖିବାକୁ ମିଳୁନାହିଁ ।

ସେ ଯାହେଉ, ଆମେ ସମସ୍ତେ ଗର୍ବିତ ହେବା ଯେ ଆମ ଦେଶର କ୍ରୀଡ଼ା (ହକି)କୁ ଆମ ରାଜ୍ୟ ଗୁରୁତ୍ୱ ଦେଉଛି ଏବଂ ବିଶ୍ୱକପ ଆମ ରାଜ୍ୟରେ ଅନୁଷ୍ଠିତ ହେଉଛି । ଅବଶ୍ୟ ଏହା ମଧ୍ୟ ଅତ୍ୟନ୍ତ ଦୁଃଖ ଓ କ୍ଷୋଭର ବିଷୟ ଯେ ଏହିଭଳି ଗୁରୁତ୍ୱପୂର୍ଣ୍ଣ ଘଟଣାର କୌଣସି ସମ୍ବାଦ ରାଷ୍ଟ୍ରୀୟ ସ୍ତରର କୌଣସି ଟିଭି ଚ୍ୟାନେଲରେ ଦେଖିବାକୁ ମିଳୁନାହିଁ । ଏଥିରୁ ଆମ ଦେଶର ଜାତୀୟ କ୍ରୀଡ଼ା ପ୍ରତି ଆମ ମାନଙ୍କ ଆଭିମୁଖ୍ୟ ସ୍ପଷ୍ଟ ଭାବରେ ଜଣା ପଡୁଛି । ଆମର ଭବିଷ୍ୟପୀଢ଼ିକୁ ଅନୁପ୍ରାଣିତ କରିବା ଭଳି ଆୟୋଜନ ଆମେ କରୁଛୁ ଏବଂ ଭବିଷ୍ୟ ଆମ ପାଇଁ ଅନେକ ଆଶ୍ଚର୍ଯ୍ୟ ଆଣିଦେବ ସେଥିରେ ଦ୍ୱିମତ ନାହିଁ ।

ଆହ୍ୱାନ ଇ-ପତ୍ରିକାର ଚଳିତ ସଂସ୍କରଣ ଏକ ମାସର ବ୍ୟବଧାନ ପରେ ପ୍ରକାଶିତ ହେଉଥିବା ବେଳେ ଏଥିପାଇଁ ମୁଁ ଦୁଃଖ ପ୍ରକାଶ କରୁଛି । ଅନେକ କାର୍ଯ୍ୟ ବ୍ୟସ୍ତତା ଏବଂ ବ୍ୟକ୍ତିଗତ ତଥା କାର୍ଯ୍ୟଗତ ଦାୟିତ୍ୱ ହେତୁ ଏହାର ପ୍ରକାଶନରେ ବାଧା ସୃଷ୍ଟି ହୋଇଛି । ଆଶା କରୁଛି ଏହି ସଂସ୍କରଣ ଆପଣଙ୍କୁ ଭଲ ଲାଗିବ ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆମ ଓଡ଼ିଆ ପୋଡ଼କାଷ୍ଟ ଚ୍ୟାନେଲ୍













## ଆସ ଓଡ଼ିଆରେ ଲେଖିବା, ପଢ଼ିବା, ଶୁଣିବା ଓ ଶୁଣାଇବା

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହାଣୀ ବିଭାଗ

https://www.youtube.com/DrJyotiPrasadPattnaik

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍‌ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ - ୨୭



ଅଶୋକ ବିଶ୍ୱାଳ

ପାଓଲିଙ୍କ ମୃତ୍ୟୁ

ବାଘକୁ ଛାଡିଦେବାପରେ ପାଓଲି ବହୁତ ହାଲୁକା ଅନୁଭବ କରୁଥିଲେ । ଏତେ ବଡ଼ ଉଦ୍ୟମରେ ସାମାନ୍ୟ ତ୍ରୁଟି ଦେଖାଦେଲେ ଅଘଟଣ ଘଟିବାର ଆଶଙ୍କା ଥିଲା । ଜୀବନହାନୀର ସମ୍ଭାବନା ଥିଲା । ସବୁଠାରୁ ବଡ଼ ଆଶଙ୍କଥିଲା ଏହି ଉଦ୍ୟମ ଭିତରେ ବାଘର ଜୀବନ ଚାଲି ନଯାଉ । ଯାହାହେଉ ଭାଗ୍ୟର କଥା ବାଘକୁ ଧରାଯାଇ ଉପଯୁକ୍ତ ସ୍ଥାନରେ ଛାଡିଦିଆ ଯାଇଛି ।

ପାଓଲି ବହୁତ ଖୁସିଥିଲେ । ସେ ଖୁସିହେଲେ ଏକ ପକ୍ଷୀଭଳି ହାଲୁକା ହୋଇ ଯାଆନ୍ତି । ନଦୀର କୂଳରେ ବନ୍ଧୁମାନଙ୍କୁ ଏକ ଭୋଜି ଦେଉଥିଲେ । ସମସ୍ତେ ତାଙ୍କର ଅଭିଜ୍ଞତା ଆଉ ବର୍ଣନା ଶୁଣି ତାଙ୍କର ସାହାସକୁ, ତାଙ୍କର ଚେଷ୍ଟାକୁ ପ୍ରଶଂସା କରୁଥିଲେ । ତାଙ୍କର ସବୁଠାରୁ ବଡ଼ କ୍ରିଟିକ ଦେବଶ୍ରୀ ମଧ୍ୟ ତାଙ୍କୁ ପ୍ରଶଂସାରେ ପୋତି ପକାଇଲେ ।

"ଯାହାକୁହ ପାଓଲି ତୁମର ତୁଳନା ନାହିଁ ।"- ଦେବଶ୍ରୀଙ୍କ କଥାଗୁଡା ବଡ଼ ମଧୁର ଲାଗୁଥିଲା ।

ସେମାନେ ନଦୀ ଧାରରେ ବସି ଗୀତ ମିଶିକରି ଗାଉଥିଲେ ।

ଆଗରେ ନୀଳରେଖା ସମୁଦ୍ରର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପବନ ବୋହିଆସୁଥିଲା

ନାଚୁଥିଲା ନଉକା ତ ମୋର

ତୁମେ ନାଚୁଥିଲ ପାଣିରେ ଢେଉରେ

ଚମକୁଥିଲ ସୂରୁଜର ପରି ।

ପକ୍ଷୀ ସାଙ୍ଗ ଛାଡି ଦେଇଥିଲେ

ଡାକ ଶୁଭୁ ତ ନଥିଲା

ଦୂର ଦିଗ୍ୱଳୟରେ

ସୁନ୍ଦରବନର ସୁନ୍ଦର ରେଖା

ମୋତେ ଡାକୁଥିଲା

ମୋତେ ଡାକୁଥିଲା ।

ଥାଅନ୍ତ ଯଦି ତୁମେ ପାଖରେ ମୋହର

ଦୂର ଜଣା ପଡିତ ନଥାନ୍ତା

ପବନରେ ତୁମ ସୁର

କବିତା ଗଢି ତୋଳୁଥାନ୍ତା

ମୁଁ ଶୁଣି ଚାଲୁଥାନ୍ତି ।।

ପାଓଲି ସେ ଗୀତ ସହ ଏତେ ସୁନ୍ଦର ଭାବେ ନାଚି ପାରନ୍ତି ବୋଲି ସପନବାବୁ ଭାବି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାରି ନଥିଲେ । ପାଓଲିଙ୍କ ଶରୀର ଯେମିତି ପବନରେ ଉଡି ଯାଉଥିଲା । ସେମାନେ ସେଦିନ ଏମିତ ଆକାଶକୁ ଅନାଇଥିଲେ । ଖୁବ ମଧୁର ଲାଗୁଥିଲା ଶୁଣିବାକୁ । ତାରା ଯେମିତି ଆକାଶରେ ଫୁଟି ଉଠିବ ଆଉ ଟିକକରେ ।

ନଦୀକୂଳରେ ପାଓଲି ଯେମିତ ନୃତ୍ୟରତା ବାଉଲ ଗାୟିକା ହୋଇଯାଇଥିଲେ, ତାଙ୍କ ଗୀତ ହୃଦୟକୁ ଛୁଇଁ ଯାଉଥିଲା । ପାଓଲି ଯେମିତି ପାଣିର ଧାରରେ ବାଉଳି ହୋଇଗଲେ । ସାଧାରଣ ଦୁନିଆର ମନଛୁଆଁ ଗୀତ ଏକ ନୂତନ ଦୁନିଆକୁ ନେଇଯାଏ ।

ଗଛରୁ ପତ୍ରସବୁ ଦୋଳି ଖେଳି ଖେଳି ଝରି ପଡୁଥିଲା । ସପନବାବୁ ନିଜର ହୃଦୟର ଗତିକୁ ଧୀର କରି ଦେଇଥିଲେ । କେଉଁଠି କିଛି ଆଉ ଶବ୍ଦ ନ ରହୁ ।

ସବୁ ବନ୍ଧୁ ସେଦିନ ନଦୀ କୂଳରେ ଏକାଠି ହୋଇ ଯାଇଥିଲେ । ସେମାନେ ସୁନ୍ଦରବନ ଉପରେ ଗଢି ଉଠିଥିବା ଅନେକ ଚଳଚ୍ଚିତ୍ର, ଅନେକ ଇତିହାସ, ଅନେକ ରଚନା ଉପରେ ଆଲୋଚନା କରୁଥିଲେ । ସବୁ କାହାଣୀ ଏଇ ନଦୀ ଆଉ ମଣିଷମାନଙ୍କ ଉପରେ ଥିଲା । ମନଛୁଆଁ ।

ପଛରେ ଥିଲା ବିସ୍ତୀର୍ଣ୍ଣ ସବୁଜ ଧାନକ୍ଷେତ । ସବୁଜିମାର ଲହର ଲମ୍ବିଯାଇଥିଲା ଦୂର ଦିଗ୍ବଳୟ ପର୍ଯ୍ୟନ୍ତ । ତା' ଉପରେ ଗାଢ ସବୁଜ ଆଉ କଳାହୋଇ ଆକାଶରେ ଏକ ଚଉଡା ଲମ୍ବା ଶାଢୀ ଯେମିତି ଟାଣି ହୋଇଥିଲା । ସବୁଜ ପାଣି ବୋହି ଯାଉଥିଲା । ଆକାଶରେ ଅନେକ ଉପରେ ମେଘ, ତଳକୁ ନଇଁ ଆସିନଥିଲା । ସବୁ ରଙ୍ଗ ବେଶ ଉଜ୍ଜ୍ୱଳ ଦେଖା ଯାଉଥିଲା ।

ଏକତାରା ସହ ବେଶ ସୁନ୍ଦର ନାଚିପାରନ୍ତି ପାଓଲି । ଏତେ ସୁନ୍ଦର ନାଚନ୍ତି କେହି ବିଶ୍ୱାସ କରି ପାରିବ ନାହିଁ । ସମସ୍ତେ ଦେଖିଲେ ପାଓଲିଙ୍କର ହାଲୁକା ହୋଇ ଉଡିଯାଉଥିବା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଭାବନାକୁ । ସେ ଦିନ କେତେ ଜଲଦି କଟିଗଲା । ଖରା ନପଡିଥିବା ଆକାଶ ତଳେ ତାଙ୍କର ଶରୀର ଯେମିତି ସୁବର୍ଣରେ ଗଢା ହୋଇଥିଲା ପରି ଲାଗୁଥିଲା । ମୁହଁ ସତେଜ, ଅକଳଙ୍କ କଇଁପରି ଲାଗୁଥିଲା । କେଉଁ ଅଥଳ ଗହୀରରୁ ତାଙ୍କ ମନ ବାହାରିଆସିଛି ଆଉ ସୁନ୍ଦରବନର ଗାଁ ମାନଙ୍କରେ ଖେଳିବୁଲୁଥିବା ସତେଜ କଇଁପରି ପ୍ରସ୍ଫୁଟିତ ହୋଇଛି ।

କହୁଥିଲା କିଏ କାନର କତିରେ
ଢେଉକୁ କିଏ ଡାକୁଥିଲା
ଧିରେ ଚୁମୁଥିଲା
ଦେହରେ ମୋ ଶିହରଣ
ମଧୁର ପରଶ
ଆଖି ମୋର ମୁଦି ହୋଇଯାଉଥିଲା ।

ବାଲିଚଡା ଲମ୍ବିଛି କେତେ ଯେ ଦୂର
ଦିଗ୍ୱଳୟରେ ନୀଳ ଯେ ସାଗର
ସ୍ୱପ୍ନନେଇ ପାଣିଧାର ବୋହି ତ ଯାଉଛି
ମାଝିର ସେଇ ସୁର
କେତେ ଦୂର ଭାସି ଯାଉଥିବ ।

କାଲିର ପାହାନ୍ତି ତାରା
କୁହୁଡି ଚାଦରରେ ଦିଶୁଥିଲା ଯେ ଉଜ୍ଜ୍ୱଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମଧୁର ସ୍ମୃତି ସେମାନଙ୍କ
ପାଣିରେ ବୋହି ଆସୁଥିଲା
ସକାଳେ ନାଚିବ ପବନର ସହ
ଝିଲିମିଲି ହେଉଥିବ ।

ସକାଳରପାଣିଆ ଚଡାରେ
କଙ୍କଡା ମାଟି ଗାଳିଥିଲେ
ଗୋଲ ଗୋଲ ମାଟିର ଟୁକୁଡା
ଗଡି ଯାଉଥିଲା ଧୀର ପବନରେ
ପାଣିରେ କେତେ ଜେଲିଫିସ
ହାତ ହଲାଉ ତ ଥିଲେ
ନରମ ଦେହର ପରଶର ପାଇଁ
ମନକୁ ଧରି ନେଉଥିଲେ ।

ବାଲିର ଅଙ୍କାବଙ୍କା ରେଖାମାନ
ଅଗଣିତ ଥିଲା, ତୁମ ମଧୁର କଥାପରି
କେବେ ସରିବନି, ନୂଆ ଦିଶୁଥିବ
ଲହଡି ଆଗରେ
ମନଲୋଭା ରୂପ ଗଢୁଥିଲା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମନରେ ଖୁସି ଭରୁଥିଲା ।

କେତେ କେତେ ଛୋଟ ପକ୍ଷୀ

ବୁଲୁଥିଲେ ମୋ ସାଥେ ସକାଳରେ

କାଦୁଅରେ ସେମାନଙ୍କ ପାଦ ଛାପ

ମୋ ପାଦ ଛାପ ପଡିଥିଲା

ମଧୁର ଏକ ସ୍ମୃତି

ହୃଦୟରେ ଛାପି ହୋଇଥିଲା ।

କାଲି ରାତିର ଅଜଣା ଡର

ମାଡି ଆସିଥିଲା ଅନ୍ଧର ଭିତରୁ

ଆଖି ବନ୍ଦ ହେବାର ଆଗରୁ

ଘେରିଯିବବାଘର ପରାୟେ

ଏ ବାଲିଚଡାରେ

କିଏ କହେ ବାଘ ଅନାଏ ପାଣିରୁ

ଯୋଡା ଆଖି ଜଳୁଥାଏ ଢେଉର ଧାରରୁ ।

ସକାଳର କିରଣରୁ

ଆଶା କେତେ ଝରି ଆସୁଥାଏ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଡାକନ୍ତି ମୋତେ ପକ୍ଷୀ

ଉଡିଯିବା ପାଇଁ ସେମାନଙ୍କ ସାଥେ

ନୀଳ ରେଖା ଯାଏଁ ।।

ସପନବାବୁ ପାଓଲିଙ୍କର ବୋହିଯାଉଥିବା ଭାବନାକୁ ନିଜ ଭିତରେ ପ୍ରବାହିତ ହେଲାପରି ଅନୁଭବ କରୁଥିଲେ । ପାଓଲି କେତେ ମୁକ୍ତ ହୋଇପାରନ୍ତି, ତାଙ୍କର ଭିତରେ ନାଚୁଥିବା ଉଦ୍ଦାମତା ଅନ୍ୟକୁ ତାଙ୍କ ଭିତରେ ସମାହିତ କରିନିଏ । ପାଓଲି ଗୀତ ଗାଇଲାବେଳେ ତଳକୁ ନଇଁ ଯାଉଥିଲେ । ସପନବାବୁ ନିଜ ଭିତରେ ଏକ ହରିଣକୁ ବେଗରେ ଧାଉଁଥିବାର ଅନୁଭବ କରୁଥିଲେ ।

"ପାଓଲି ଏକ ତାରା ।"– ଦେବଶ୍ରୀ କହିଲେ ।

"ଜଣେ ଏତେ ସମର୍ପଣର ସହ ନାଚିପାରେ ମୁଁ ନଦେଖିଥିଲେ ବିଶ୍ୱାସ କରନ୍ତିନି ।"- ଅରିନ୍ଦମ କହୁଥିଲେ ।

ଦେବଶ୍ରୀ ପାଓଲିଙ୍କୁ ଅନାଇ ରହିଥିଲେ । ଆଜି ସେ ପାଓଲିଙ୍କୁ କେଉଁଠି ଅଟକାଉ ନଥିଲେ । ପାଓଲି ନିଜର ଲକ୍ଷ୍ୟରେ ପହଁଚିଛନ୍ତି । ସେ ନିଜକୁ ଭଲଭାବେ ପ୍ରକାଶ କରନ୍ତୁ । ଦେବଶ୍ରୀ ଏକ ଭଲ ବନ୍ଧୁ । ତାଙ୍କ ଆଖିରେ ପ୍ରଶଂସା ଥିଲା ।

ଆଉ ସପନବାବୁ । ସେ ନିଜକୁ ପାଓଲିଙ୍କ ନୃତ୍ୟ ଭିତରେ ଦ୍ରବୀଭୂତ କରିଦେଇଥିଲେ । ସାରା ଦୁନିଆଟା ତାଙ୍କୁ ପାଓଲିମୟ ଲାଗୁଥିଲା । ସବୁଆଡୁ ଯେମିତି ପାଓଲି ଅନାଇଛନ୍ତି ।

"ଯଦି ପାଦରେ ନୃତ୍ୟ ନଥାଏ, ତେବେ ପବନ ବୋହିପାରେ ତ କେମିତି ?"- ଦେବଶ୍ରୀ କହିଲେ ।

"ବଡ଼ ଗହନର କଥା କହିଲ ଦେବଶ୍ରୀ । ଚିରନ୍ତନ ସତ୍ୟ ।"- ଅରିନ୍ଦମ କହିଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"କେମିତି ବୋହିଯାଏ ନଦୀର ପାଣି । ଶବ୍ଦ ଖାଲି ବୋହିଯାଉଥିବା ପାଣିରେ ତରଙ୍ଗ ନକରିପାରେ । ଦରକାର ଅଛି ନାଚୁଥିବା ସେ ଭାବନାମାନ, ନାଚୁଥିବା ସେ ଶବ୍ଦମାନ, ନାଚୁଥିବା ସେ ପାଦମାନ ।"- ଦେବଶ୍ରୀ ପାଓଲିଙ୍କୁ ଦେଖି ବର୍ଣ୍ଣନା କରୁଥିଲେ ।

ସେମାନେ ଏକ ଦୀପ ଜଳେଇ ଦେଇଥିଲେ । ଦୀପରେ ସଳିତା ଧିରେ ଜଳୁଥିଲା । ମଝିରେ ମଝିରେ ହାଲୁକା ଭାବେ ହଲୁଥିଲା ନିଆଁର ଶିଖା । ସପନବାବୁ ସେ ଶିଖାକୁ ଚାହିଁଲେ । ସେ ନିଆଁ ଭିତରେ କିଛି ନାଚୁଛି । ପାଓଲିଙ୍କ ପାଦର ତାଳ ସହ ସେଠି କିଏ ନାଚୁଛି । ଯେମିତି ସେ ଶିଖା ପାଓଲିଙ୍କ ରୂପ ନେଇଯାଉଛି । ପାଓଲି କଣ ଶିଖାରେ ପରିଣତ ହୋଇଯିବେ ? ସପନବାବୁ ଚମକି ପଡିଲେ । ଏ ଶିଖା କଣ କହୁଛି ?

ପାଓଲି ହାତକୁ ଉପରକୁ ଉଠାଇଦେଲେ । ତାଙ୍କର ଛାଇ ପାଣିର ଉପରେ ପଡିଥିଲା । ସେଇଠି ସେ ହାତର ରେଖାସବୁ ନାଚୁଥିଲା । ସପନବାବୁଙ୍କୁ ଲାଗୁଥିଲା ଯେମିତି ପାଓଲି ପାଣିରେ ଠିଆ ହୋଇଛନ୍ତି ଆଉ ସବୁ ପ୍ରତିଫଳନ, ଦୀପର ଶିଖା ପାଓଲିଙ୍କ ରୂପନେଇ ସବୁଠାରେ ନୃତ୍ୟକରି ଚାଲିଛି ।

ସେ ଦିନଟା ହୃଦୟର ଭାବନାସହ ବେଶ ଜଲଦି କଟିଗଲା । ସେ ଦୀପଟା ଅନେକ ସମୟ ଜଳିଲା । ଫେରିଲା ବେଳକୁ ଅରିନ୍ଦମ ଦୀପକୁ ଲିଭାଇବାକୁ ଯାଉଥିଲେ । ଦେବଶ୍ରୀ ମନାକଲେ । ପାଓଲି ମନାକଲେ ।

ପାଓଲି ଦୀପର ଶିଖାକୁ ଅନଇଲେ । ଏକ ହାଲୁକା କଳାରଙ୍ଗର ଛାଇ । ତା'ର ଚାରିପାଖେ ହଳଦିଆ ମୁକୁଟ । ସେଇଠି ଅଗ୍ନି ଜଳିଚାଲିଛି । ସେ ନିଆଁ ପାଖରେ ସବୁକିଛି ସରିଯାଇଛି । ସେ ଅଗ୍ନି ତ ସତ୍ୟ । ଜୀବନଟା ଏକ ଦୀପର ନିଆଁଭଳି ସେମିତି ଜଳୁଥାଉ ।

ଦେବଶ୍ରୀ ଭାବୁଥିଲେ ପାଓଲିଙ୍କର ସନ୍ତକ ହେଉଛି ଏ ଦୀପର ଶିଖା । ସେମିତି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜଳୁଥାଉ । ସେମାନଙ୍କର ବନ୍ଧୁତ୍ୱର ସନ୍ତକ ହେଉଛି ଏ ଶିଖା । ସେମିତି ଜଳୁଥାଉ ।

ସପନବାବୁ ଭାବୁଥିଲେ ପାଓଲିଙ୍କର ହୃଦୟ ହେଉଛି ଏ ଶିଖା । ପାଓଲିଙ୍କର ଶରୀରରେ ନାଚୁଥିବା ସ୍ପନ୍ଦନ ହେଉଛିଏ ଶିଖା । ବୋହିଯାଉଥିବା ପାଣିର ସନ୍ତକ ହେଉଛି ଏ ଶିଖା । ସେମିତି ଜଳୁଥାଉ ।

ଆଉ କେହି ସେ ଦୀପକୁ ଲିଭାଇଲେ ନାହିଁ । ନଦୀର କୂଳରେ ଦୀପଟା ସେମିତି ଜଳୁଥିଲା । ସମସ୍ତେ ଫେରିଗଲେ ।

ପାଓଲି ସୁନ୍ଦରବନକୁ ଚାଲିଗଲେ ଆଉ ଅନ୍ୟମାନେ ଫେରିଗଲେ କଲିକତା ।

ଦିନେ ହଠାତ୍ ଖବର ଆସିଲା ।- ପାଓଲିଙ୍କର ସୁନ୍ଦରବନରେ ସର୍ପାଘାତରେ ମୃତ୍ୟୁ ହୋଇଛି । ସମସ୍ତେ କାମଛାଡି ସାଙ୍ଗେ ସାଙ୍ଗେ ଧାଇଁ ଆସିଲେ । ନଦୀ କୂଳରେ ପହଞ୍ଚିବାକୁ କେତେ ସମୟ? ପ୍ରାୟ ୪ ରୁ ୫ ଘଣ୍ଟା ଭିତରେ ସେମାନେ ସମସ୍ତେ ପହଞ୍ଚିଲେ । ପାଓଲିଙ୍କ ପାଖରେ ଡାକ୍ତରଖାନା ପହଞ୍ଚିବାପାଇଁ ସମୟ ନଥିଲା । କାଳସର୍ପର ଆଘାତରେ ତାଙ୍କର ପୂର୍ବ ରାତିରେ ମୃତ୍ୟ ଘଟିଥିଲା ।

କ୍ୟାମ୍ପରୁ ବାହାରି ପାଓଲି ପାଖ ଗାଁକୁ ଚାଲିଗଲେ । ସେଇଠି ରାତି ବିତାଇଲେ । ରାତିରେ ତାଙ୍କୁ ସର୍ପାଘାତ ହେଲା । ଗାଁରେ କିଛି ସୁବିଧା ନଥିଲା । ସକାଳୁ ଲୋକମାନେ କ୍ୟାମ୍ପରେ ଖବର ଦେଲେ ଆଉ ସାଙ୍ଗେ ସାଙ୍ଗେ ଡାକ୍ତରଖାନା ନେଇ ଆସିଲେ । ସେତେବେଳକୁ ପାଓଲି ନୀଳ ପଡିଗଲେଣି । ହୃଦୟ ବନ୍ଦ ହୋଇସାରିଲାଣି । ଜୀବନ ସୁନ୍ଦରବନର ତଳୁଆ ଜଳଭରା ଗାଁରେ ଚାଲିଯାଇଛି ।

ଆଲେୟା ଖୋଜିବାପାଇଁ ଦିନେ ପାଓଲି ସୁନ୍ଦରବନକୁ ଆସିଥିଲେ । ସୁନ୍ଦରବନର ତଳୁଆ ଅଞ୍ଚଳରେ ଥିବା ଗାଁମାନଙ୍କରେ କାଳେ ଆଲେୟା ମିଳେ । ଏକ ନୀଳ ରେଖା । ଜଳି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପୁଣି ବନ୍ଦ ହୋଇଯାଏ ।

ଆଉ ପାଓଲି ନିଜର ଆଖି ସେଇଠି ମୁଦିଦେଲେ । ପାଓଲି ନିଜେ ଆଲୋକରେ ପରିଣତ ହୋଇଗଲେ ।

ସେମାନେ ପହଞ୍ଚିଲା ବେଳକୁ ସବୁ ଶେଷ ହୋଇଯାଇଥିଲା । ପାଓଲିଙ୍କୁ ନଦୀଧାରରେ ଶୁଆଇ ଦିଆଯାଇଥିଲା । ବାଉଁଶର ଏକ ପ୍ଲାଟଫର୍ମ । ସେଥିରେ ବାଉଁଶର ଚାଟି ପଡିଥିଲା । ପାଓଲି ସେଇଠି ଶେଷନିଦ୍ରାରେ ଶୋଇଥିଲେ ।

ସପନବାବୁ ଆଉ ସମ୍ଭାଳି ପାରିଲେ ନାହିଁ । ଭୋ ଭୋ ହୋଇ କାନ୍ଦିଲେ ।

ଦେବଶ୍ରୀଙ୍କ ଆଖିରେ ଉଚ୍ଛୁଳା ନଦୀର ବନ୍ୟା ଥିଲା । ଅରିନ୍ଦମ କଥାଟା ସମ୍ଭାଳିଲେ ।

ପାଓଲିଙ୍କ ଶେଷ ଇଚ୍ଛା ।- "ସପନବାବୁ ମୋତେ ସୁନ୍ଦରବନର ପାଣିରେ ଭସାଇଦେବେ । ମୁଁ ଆଖି ବନ୍ଦକରି ଶୋଇ ରହିଥିବି ।"

କଦଳୀ ଗଛର ଭେଳାରେ ପାଓଲିଙ୍କୁ ଭସାଇ ଦିଅଗଲା । କି ସୁନ୍ଦର ଲାଗୁଥିଲେ ପାଓଲି । ଆଖିବନ୍ଦ କରି ଶୋଇଛନ୍ତି । ଏକ ଫୁଲ ଭଳି ସତେଜ ଲାଗୁଥିଲେ । ଏଇ ଛୁଇଁଦେଲେ ଉଠିଯିବେ ।

ଭେଳା ଭାସିଗଲା କାହିଁ କେତେ ଦୂର । ଲୋତକାପ୍ଲୁତ ନୟନ କେତୋଟି ଅନାଇ ରହିଲା ।

ସପନବାବୁ ଆଉ କଲିକତା ଫେରିପାରିଲେ ନାହିଁ । ସୁନ୍ଦରବନ ତଳୁଆ ଅଞ୍ଚଳରେ ଘୁରି ବୁଲିଲେ । ପାଓଲି ଆଲେୟା ବିଷୟରେ କେତେ ଭାବିଥିଲେ । ସପନବାବୁ ଜାଣନ୍ତି ଆଲେୟା ନାହିଁ । ଏକ ରସାୟନିକ ପ୍ରତିକ୍ରିୟା । କିନ୍ତୁ ସେହି ଆଲୋକ ଦେଖିବାକୁ ସେ ଯେମିତି ପାଗଳ ହୋଇଯାଇଥିଲେ । ସେଇଠି ସେ ପାଓଲିଙ୍କୁ ଖୋଜିବେ ।

କ୍ରମଶଃ-

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତୁମେ ଯେତେବେଳେ ଚାହିଁବ...



ଦୀପକ ଷଡ଼ଙ୍ଗୀ

ଭାଗ - ୧

ମୂଳଲେଖା : ଷ୍ଟେଫିନି ଭ୍ୟାନ୍ ଓରମାନ୍

ଭାବାନୁବାଦ : ଦୀପକ ଷଡ଼ଙ୍ଗୀ

[ଲେଖିକା ପରିଚୟ : ଷ୍ଟେଫିନି ଭ୍ୟାନ୍ ଓରମାନ୍ ହେଉଛନ୍ତି ଜଣେ କାନାଡିଆନ୍ ଗାଳ୍ପିକା ଓ ଔପନ୍ୟାସିକା । ମାତ୍ର ୧୩ ବର୍ଷ ବୟସରୁ ହିଁ ସେ ଲେଖିବା ଆରମ୍ଭ କରିଥିଲେ । ତାଙ୍କ ଦ୍ୱାରା ରଚିତ ଅନ୍ୟ ଇଂରାଜୀ ଉପନ୍ୟାସ ଗୁଡିକ ହେଲା ବିହାଇଣ୍ଡ ହିଜ୍ ମାସ୍କ, କିସ୍ ଅଫ୍ ଟ୍ରାଜେଡ଼ି, ଏ ଲିଟିଲ୍ ଲାଇକ୍ ସ୍କାରଲେଟ୍ ଆଦି ଯାହା କି ଆମାଜନ ଓ ଗୁଡରିଡ୍ ଭଳି ସାମାଜିକ ଗଣମାଧ୍ୟମରେ ଖୁବ୍ ପାଠକୀୟ ଆଦୃତି ଲାଭ କରିଛି । ଶଂସିତ ଗଳ୍ପଟି ତାଙ୍କ ଦ୍ୱାରା ଲିଖିତ ଇଂରାଜୀ ଉପନ୍ୟାସ "ହ୍ୱେନ୍‌ଏଭର ୟୁ ୱାଣ୍ଟ" ର ଏକ ଭାବାନୁବାଦ । ]

ଖ୍ରୀଷ୍ଟିନା ତା'ର ଶେଷବର୍ଷ ଆାକାଉଣ୍ଟିଙ୍ଗ୍ ପରୀକ୍ଷାର ସବୁ ପୃଷ୍ଠା ଲେଖି ସାରିବା ପରେ ପଛରେ ବଳି ପଡିଥିବା ଦୁଇଟି ସାଧାପୃଷ୍ଠାରେ ନାଲି ପେନ୍ ରେ ଛକି ମାରି ନିଜର ଲେଖାକୁ ଶେଷ କରିନେଲା । ଆଉଥରେ ସବୁ ପୃଷ୍ଠାଗୁଡିକୁ ଓଲଟାଇ ଠିକ୍ ସେ ଦେଖିନେଲା କେଉଁଠି କିଛି ଛାଡ଼ି ଯାଇନି ତ । ଖାତାର ପ୍ରଥମ ପୃଷ୍ଠାରେ ନିଜର ନାମ, ରୋଲ୍ ନମ୍ବର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆଦିକୁ ଆଡମିଟ୍ କାର୍ଡ ସହ ଭଲ କରି ପରଖି ନେଲା । ସବୁ ଠିକ୍ ଅଛି ଜାଣିବାପରେ ସେ ତା'ର ପେନ୍, ପେନସିଲ୍ ଆଦିକୁ ସଜାଡି ପରୀକ୍ଷା ହଲରୁ ବାହାରିବା ପାଇଁ ଉଦ୍ୟତ ହେଲା । ସେ ଦେଖିଲା ଯେ ତା ପୂର୍ବରୁ ଆଉ କିଛି ପିଲା ମଧ୍ୟ ଉତ୍ତର ଖାତା ଦେଇ କି ଯାଇ ସାରିଲେଣି । ସବୁ ଜିନିଷକୁ ଦାୟିତ୍ୱର ସହ ନିଜ ହ୍ୟାଣ୍ଡ ବ୍ୟାଗରେ ରଖି ସେ ପରୀକ୍ଷା ହଲ ଛାଡିଲା । ତା ମନ ବହୁତ ହାଲକା ଲାଗୁଥିଲା ଯଦି ସେ ଏ ପରୀକ୍ଷାରେ ଭଲ ଗ୍ରେଡ୍ ରଖି ପାସ୍ କରିଯାଏ ତେବେ ତାକୁ ଏ ସହରରେ କେଉଁଠି ନା କେଉଁଠି ଗୋଟେ ଅଫିସରେ ଆସିଷ୍ଟାଣ୍ଟ କାମ ମିଳିଯିବ ଯାହା ଫଳରେ ସେ ଅନ୍ତତଃ ବେଶ୍ୟା ବୃତ୍ତି ଭଳି ଘୃଣ୍ୟ କାମକୁ ଛାଡି ଦେଇପାରିବ ।

ସେ ଜାଣିଶୁଣି ଏ ବୃତ୍ତିକୁ ଆଦରି ନଥିଲା ବାପା ମା ତା'ର ବହୁତ ଗରିବ ଥିଲେ । ଯିଏ କି ସ୍କୁଲ ଫିସ୍ କୁ ବି ଠିକ୍ ସମୟରେ ଦେଇ ପାରୁ ନଥିଲେ । ଝିଅ ଯେତେବେଳେ ସହରରେ ଯାଇଁ ପାଠ ପଢିବା ପାଇଁ ଆଗ୍ରହ ଦେଖେଇଲା ସେମାନେ କିପରି ବା ଏତେ ପଇସା ଯୋଗାଡ କରିବେ । ତେଣୁ ଏଇଭଳି ପରିସ୍ଥିତିରେ ଖ୍ରୀଷ୍ଟିନା ଯେତେବେଳେ ପ୍ରଥମଥର ପାଇଁ ଏଡମୋନଣ୍ଟନ୍ ସହରକୁ ଆସିଲା କଲେଜ୍ ର ଫିସ୍ ଭରିବା ପାଇଁ ବହୁତ ଜାଗାରେ ପାର୍ଟ ଟାଇମ ଚାକିରି ପାଇଁ ଚେଷ୍ଟା କଲା କିନ୍ତୁ କଲେଜ ଓ ଚାକିରୀର ସମୟ ଭିତରେ ତାଳମେଳ ନ ରହିବାରୁ ତା'କୁ ଚାକିରି ଛାଡିବାକୁ ହିଁ ପଡିଲା । କଲେଜର ସ୍କଲାରସିପ୍ ପାଇଁ ବି ସେ ଆବେଦନ କଲା; କିନ୍ତୁ ସେଠୁ ମଧ୍ୟ ନିରାଶା ହିଁ ସାର ହେଲା । ମେସ୍ ର ଘରଭଡା, ଦୈନିକ ବସ୍ ରେ ଯିବା ଆସିବା ଖର୍ଚ୍ଚ ଏବଂ କଲେଜର ଟିଉସନ୍ ଫିସ୍ ଆଦି ଭରିବା ପାଇଁ ସେ ହୋଟେଲରେ ରାତିରେ ବାସନ ମାଜି କିଛି ଡଲାର କମଉଥିଲା । ଏଡମୋନଣ୍ଟନ୍ ସହରର ଚାକଚକ୍ୟ ଓ ଆଭିଜାତ୍ୟ ପୂର୍ଣ୍ଣ ଚାଲିଚଳଣି ଭିତରେ ସେ ହୋଟେଲରୁ ରୋଜଗାର କରୁଥିବା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଇସା କୁଆଡକୁ ବି ଅଣ୍ଟୁ ନ ଥିଲା । ଖ୍ରୀଷ୍ଟିନାର ପାଖ ରୁମ୍ ରେ ରହୁଥିବା ତା ମାମୁଁଙ୍କ ଝିଅ ମିଣ୍ଡୀ କିନ୍ତୁ ଖୁବ ମଜାରେ ରହୁଥିଲା । ଖ୍ରୀଷ୍ଟିନା ତାକୁ ସବୁଦିନ ସନ୍ଧ୍ୟାବେଳେ ଭଲ ବେଶଭୂଷାରେ ସଜେଇ ହୋଇ କୁଆଡେ ବାହାରି ଯିବାର ଦେଖେ; କିନ୍ତୁ କେବେ ବି କିଛି ପଚାରେନା ଯେ ସେ କୁଆଡେ ଯାଉଛି ବୋଲି । କାରଣ ମିଣ୍ଡୀ ଯୋଗୁଁ ହିଁ ସେ ଆଜି ଏ ସହରରେ ତିଷ୍ଠି ପାରିଛି । ଖ୍ରୀଷ୍ଟିନାର ବାପା ମା ମିଣ୍ଡୀକୁ କହିଥିଲେ ଯେ ସହରରେ ତା'ର ଦେଖାଶୁଣା କରିବା ପାଇଁ । ତେଣୁ ଆତ୍ମସ୍ୱାଭିମାନୀ ଖ୍ରୀଷ୍ଟିନା କେବେ ବି ତା ଆଗରେ ପଇସା ପାଇଁ ହାତ ପତେଇନି କି ପଚାରିବାକୁ ବି ଠିକ୍ ଭାବିନି ଯେ ସେ କି କାମ କରୁଛି ବୋଲି । ଦିନେ ଖ୍ରୀଷ୍ଟିନାର ଦେହ ବହୁତ ଖରାପ ହୋଇଥାଏ । ସେଦିନ ସେ ହୋଟେଲକୁ ବି ଯାଇ ନ ଥାଏ । ତା ପାଖରେ ଏକ ଡଲାର ପଇସା ବି ନ ଥାଏ ଔଷଧ କିଣିବା ପାଇଁ । ଜରରେ ତା ଦେହ ଥରୁଥାଏ । ସେ ବାଧ୍ୟ ହୋଇ ମିଣ୍ଡୀ ପାଖକୁ ଗଲା କିଛି ଡଲାର ଧାର ଆଣିବା ପାଇଁ । ତାକୁ ଦେଖି ମିଣ୍ଡୀ ବସିବା ପାଇଁ କହିଲା ସେ ବସିଲା ପରେ ମିଣ୍ଡୀ ତାକୁ କହିଲା "ତୁ କଣ ପାଇଁ ଏତେ କଷ୍ଟ କରି ହୋଟେଲରେ କାମ କରୁଛୁ ? ଆରେ ମୋତେ ଦେଖ୍ ସବୁ ଦିନ ମୁଁ ହଜାର ହଜାର ଡଲାର କମଉଛି ।" ଖ୍ରୀଷ୍ଟିନା ତା'କୁ ପଚାରିଲା "କିନ୍ତୁ ତୁ କରୁଛୁ କଣ ?" ମିଣ୍ଡୀ ପାଖରେ ଥିବା ଫ୍ରୀଜ୍ ଭିତରୁ ଗୋଟେ କୋକ୍ କାଢି କି ପିଉପିଉ ତାକୁ କହିଲା "ଏସ୍କର୍ଟ ସର୍ଭିସ୍ ।" ଖ୍ରୀଷ୍ଟିନା ତାକୁ ଚାହିଁ ଆଶ୍ଚର୍ଯ୍ୟ ହୋଇ ପଚାରିଲା "ଏଇଟା କି ପ୍ରକାର କାମ ?" ମିଣ୍ଡୀ ଟିକେ ହସି କି କହିଲା ବହୁତ ସହଜ କାମ । ଆମକୁ ଆମ ଗରାଖମାନଙ୍କ ସହ ସମୟ ଅନୁସାରେ ରହିବାକୁ ହେବ ସମୟ ସେମାନେ କହିବେ । ଏ ସହରରେ ବହୁତ ଲୋକ ଅଛନ୍ତି ଯିଏ କି ଏକୁଟିଆ ଜୀବନ ବିତାଉଛନ୍ତି ସେମାନଙ୍କୁ ଆମ ସାହାଯ୍ୟ ଦରକାର, ବଡ ବଡ ଧନିକ ଶ୍ରେଣୀର ଲୋକ ଯେତେ ବେଳେ କୌଣସି ବ୍ୟବସାୟିକ କାମରେ ବାହାରକୁ ଯାଆନ୍ତି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେମାନେ ଚାହାଁନ୍ତି ଯେ ଆମ ଚାରି ପାଖରେ କିଛି ସୁନ୍ଦରୀ ଝିଅ ରହି ଥାଆନ୍ତୁ । ଏମିତି ସବୁ ବିଭିନ୍ନ ପ୍ରକାର କାମ ଅଛି ଯାହାକି ଗ୍ରାହକର ରୁଚି ଅନୁସାରେ ଆମକୁ କରିବାକୁ ପଡେ । ଖ୍ରୀଷ୍ଟିନା ଉତ୍ସୁକତାର ସହ ପଚାରିଲା "ତାଙ୍କ ସହିତ କଣ ଶାରୀରିକ ସମ୍ବନ୍ଧ ବି ରଖିବାକୁ ବି ପଡିବ ?" ମିଣ୍ଟୀ ହସିହସି କହିଲା "ଆରେ ନା ନା ସେମିତି କିଛି କରିବାକୁ ଆମ ସଂସ୍ଥା ଆମକୁ ବାରଣ କରିଛି । ଆମ ସଂସ୍ଥାରେ ଯୋଗ ଦେବାକୁ ହେଲେ କିଛି ନିୟମ କାନୁନ ମାନିବାକୁ ପଡିବ ।" ଖ୍ରୀଷ୍ଟିନା ମନେମନେ ଭାବିଲା ଯେ ଏମିତି କିଛି କାମ କରି ଯଦି ଭଲ ପଇସା କମେଇ ହଉଛି ତେବେ କରିବାରେ କିଛି ଅସୁବିଧା ନାହିଁ । ସେମିତି ବି ମୁଁ ଯେତିକି ପଇସା ବର୍ତ୍ତମାନ ରୋଜଗାର କରୁଛି ସେତିକି ପଇସାରେ ଆସନ୍ତା ପରୀକ୍ଷା ପାଇଁ ଫିସ୍ ବି ଭରି ପାରିବିନି । ସେ ନିଜକୁ ନିଜେ ଦେଖିଲା । ମିଣ୍ଟୀ ଠାରୁ ସେ ରୂପ ଆଉ ଗୁଣରେ ବହୁତ ଭଲ ଥିଲା । ଖାଲି ଦେହର ରଙ୍ଗ ଟିକେ ସାବନା ଥିଲା । ସେ ମିଣ୍ଟୀକୁ ପଚାରିଲା "ମୁଁ ତ ଦେଖିବାକୁ କଳା । ମୋତେ କଣ କିଏ ପସନ୍ଦ କରି କି ତା ସାଙ୍ଗରେ ନେବ ?" ମିଣ୍ଟୀ କହିଲା "ସେ ସବୁ କାମ ତୁ ମୋ ଉପରେ ଛାଡି ଦେ । ତୋତେ ଏମିତି ସଜେଇ ଦେବି ଯେ ତୁ ତୋ ନିଜକୁ ବି ଚିହ୍ନି ପାରିବୁନି । ଏ ଦୁନିଆରେ ସମସ୍ତେ ମୁହଁରେ ରଙ୍ଗ ବୋଳି ଅଭିନୟ କରୁଛନ୍ତି କିଏ ସତ ରଙ୍ଗ ବୋଳୁଛି ତ କିଏ ମିଛ ।" ଏମିତି ବହୁତ ବୁଝେଇଲା ପରେ ଖ୍ରୀଷ୍ଟିନା ରାଜି ହେଲା ମିଣ୍ଟୀ ଚାକିରୀ କରିଥିବା ଏସ୍କର୍ଟ ସର୍ଭିସ୍ ସଂସ୍ଥାରେ କାମ କରିବା ପାଇଁ । ପରଦିନ ମିଣ୍ଟୀ ତାକୁ ନେଇଗଲା ତାଙ୍କ ସଂସ୍ଥାକୁ ସେଠାରେ ସେ ତା'ର ପରିଚୟ ତା ବସ୍ ଙ୍କ ସହ କରେଇ ଦେଲା । ବସ୍ ତାକୁ ସବୁ କାମ ବୁଝେଇ ଦେଲେ । ତା'ପରେ ମିଣ୍ଟୀ ତାକୁ ନେଇ ଗଲା ଡ୍ରେସିଂ ରୁମ୍ କୁ ଯେଉଁଠି ଖ୍ରୀଷ୍ଟିନାକୁ ଦିଆଗଲା ଗୋଟେ ନୂଆ ରୂପ ଯାହାକୁ ଆଇନାରେ ଦେଖିବା ପରେ ଖ୍ରୀଷ୍ଟିନା ନିଜେ ମଧ୍ୟ ବିଶ୍ୱାସ କରିପାରିଲା ନାହିଁ । ଖ୍ରୀଷ୍ଟିନାକୁ ଦିଆଗଲା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତା'ର ଏସ୍କର୍ଟ ନାଁ "ଟିନା" । ଧୀରେ ଧୀରେ ସେ ପାଲଟିଗଲା ସବୁଠାରୁ ବେଶୀ ପଇସା କମାଉଥିବା ଏସ୍କର୍ଟ । ଏବେ ଖ୍ରୀଷ୍ଟିନା ରାତିରେ ଟିନା ଓ ଦିନରେ ଖ୍ରୀଷ୍ଟିନାର ପରିଚୟରେ ବଞ୍ଚିବାକୁ ଲାଗିଲା । ଖ୍ରୀଷ୍ଟମାସରେ ସେ ବହୁତ ଗୁଡିଏ ଗ୍ରାହକଙ୍କୁ ସେବା ଯୋଗେଇଲା ଖୁବ ପଇସା କମେଇଲା । ଆଗକୁ ଥିଲା ନୂଆ ବର୍ଷ ।

ଆଉ ତା ପରେ...

ସହକାରୀ ଅଧ୍ୟାପକ, ରୋଲାଣ୍ଡ ଫାର୍ମାସୀ କଲେଜ

ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୯୯୦୩୧୯୭୯୮୦

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଭିକାରୀକୁ ଆୟକର ନୋଟିସ୍



ଇଂ ବିଦ୍ୟାଧର ପଣ୍ଡା

ନାରଣା ହଠାତ୍ ଏମିତି କି ଖବର ପାଇଛି କେଜାଣି, ହସିହସି ରାସ୍ତା ଉପରେ ଗଡିଯାଉଛି । ଶେଷରେ ପେଟଜାବୁଡି ତତଲା ପିଚୁ ରାସ୍ତା ଉପରେ ଗଡିଗଡି ଦମ୍ ମାରିମାରି ହସୁଛି । ସନିଆ ନାରଣାର ବାମ ପାଖରେ ବସେ । ତା ବାଁକଡ ପଟକୁ ବସେ ସରସତି । ଡାହାଣରେ ମହାଲକ୍ଷ୍ମୀ, ବିଚାରିର ଦୁଇ ଆଖିକୁ ଦେଖାଯାଉନି । ସରସତିର ହାତ ଦୁଇଟି ନଥିବାକୁ ସନିଆର ଗୋଡଦୁଇଟା ଜଙ୍ଘପାଖରୁ ନାହିଁ । ଦିନେ ମହାଲକ୍ଷ୍ମୀ କହିଲା, 'କି ସୁନ୍ଦର ସଂନ୍ଧ୍ୟା ?' ସନିଆ କହିଲା, 'ମାରିବି ଗୋଟେ ଗୋଇଠା ଯେ ତୋ ଅକଲ ଠିକଣାରେ ଲାଗିଯିବ । ଆଖି ଦୁଇଟାକୁ ତ ଦିଶୁନି, ସୁନ୍ଦର ସଂନ୍ଧ୍ୟା କେମିତି କହୁଛୁ ?' ସରସତି କହିଲା, 'ମୋର ହାତଥିଲେ ତୋତେ ଜାବୁଡା ମାରିଥାନ୍ତି । ଆଖିନାହିଁ ବୋଲି ତୁ ଏମିତି କଥା କହିବୁ ?' ସନିଆ ଗୋଟେ ବଡବାବୁକୁ ଟଙ୍କାଟିଏ ମାଗୁମାଗୁ କହିଲା, 'ମାର୍ ଜାବଡା, କେସ୍ କଲେ ଯେତେ ଖର୍ଚ୍ଚ ହେବ ସବୁ ତୋ ପାଇଁ ମୁଁ ଖର୍ଚ୍ଚ କରିବି । କୋର୍ଟ କଚେରି ଚିନ୍ତା ତୋର କିଛି କରିବାର ନାହିଁ । ଏମାନେ ସମସ୍ତେ ଭିକାରି । ଦୁଇଦୁଇ ଫୁଟ ଛଡାରେ କଟକ ଚଣ୍ଡିମନ୍ଦିର ଆଗରେ ଅଖାଆସନ ଉପରେ ବସି ଭିକ ମାଗନ୍ତି । ସମସ୍ତେ ଦୁଃଖ ଭାରରେ ଆନତ ହୋଇ ମଧ୍ୟ ପରସ୍ପର ମଧ୍ୟରେ ସୁସମ୍ପର୍କ ରଖି ଆନନ୍ଦରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଫୁଟପାଥ ଜୀବନକୁ ହସଖୁସିରେ ଅତିବାହିତ କରନ୍ତି ।

ସେମାନଙ୍କ ଭିତରେ ନାରଣା ପାଠ ଦିଅକ୍ଷର ପଢିଛି । ଇଂରାଜୀ ଜାଣେ । କଟକ ଅଖୀଳ ଭିକାରୀ ଯୌଥ ସଙ୍ଘର ସେ ସ୍ଥାୟୀ ସଭାପତି । ଘର ବାଘରା । ଆଠଗଡ କଲେଜରୁ ଆଇଏ ପାସ୍ କଲାପରେ ଶନିର କୋପଦୃଷ୍ଟି ତା ଉପରେ ପଡିଲା । ପ୍ରଥମେ ବାପାଙ୍କର ଯକ୍ଷ୍ମାରୋଗରେ କାଳ ହେଲା । ତାପରେ ପରେ ସେ ପାଠ ଛାଡିଦେଲା । ମୂଲପାତି ଲାଗି ମାଆପୁଅ ଦୁହେଁ ଭଲରେ ଚଳିଲେ । ଘରଡିହକୁ ଛାଡି ବୁଢାବାପା ନାଁରେ ଚାରିଗୁଂଠ ଦୋଫସଲି ଜମି କଟକ ସମ୍ବଲପୁର ପୁରୁଣା ରାସ୍ତା କଡରେ ଅଛି । ମଝିରେ ମଝିରେ ଦେହପା ଖରାପ ହେଲେ ମାହାଜନ ଘରୁ ସେଇ ଜମିକୁ ବନ୍ଧାଦେଇ କିଛି ଋଣ ଆଣେ । ପୁଣି ସୁଧମୂଳ ସହ ଫେରସ୍ତ ଦେଇ ପଟ୍ଟାଖଣ୍ଡିକ ଆଣି ଭଙ୍ଗା ଟ୍ରଙ୍କରେ ଚାବି ପକାଏ । କେତେ କିଏ କୁହନ୍ତି ସେ ଜମିକୁ ବିକ୍ରି କରିଦେ । ଏବେ ସେଇଟା ଚାରି ଲକ୍ଷ ଉପରେ ହେବ । ସେଥିରେ ଗୋଟେ ବ୍ୟବସାୟ କର । ନାରଣା ମନ ମାନେନା । ଏତେ ବଡ ଦୁନିଆରେ ସେତିକି ମାତ୍ର ସମ୍ବଳ । ତାକୁ ବିକିଦେଲେ ମନୋବଳ ଭାଙ୍ଗିଯିବ । ସେଇ ମାଟିଖଣ୍ଡକ ଅଛି ବୋଲି ମହାଜନ ପାଖରୁ ଅକାଳେ ସକାଳେ ଶହେ ପାଂଆଶ ଟଙ୍କା ମାଗିଲେ ସଙ୍ଗେସଙ୍ଗେ ମିଳିଯାଉଛି । ବିକିଦେଲେ ପଇସା କଣ ପାଖରେ ରହିବ ! ଖର୍ଚ୍ଚ ହୋଇଯିବ । ମାଆ ବି ନାରଣା କଥାରେ ଏକମତ । ତେଣୁ ସେ ଜମି ଖଣ୍ଡକ ସେମିତି ଅଛି । ବାପା ଗଲାପରେ ଧୁସାଦାଦୀକୁ ଜମିଖଣ୍ଡକ ଭାଗକୁ ଦେଇ ଯାହାକିଛି ଧାନ ବିରି ପାଉଛନ୍ତି ମାଆ ପୁଅଙ୍କର ଅଧାବରଷ ଚାଲିଯାଏ । ଏବେ ବୁଢୀ ଆଉ ଘର ଦୁଆର ପାଇଟିକୁ ପାରୁନି । ବୁଢୀର ମଧୁମେହ ରୋଗ, ଫିମାସ ଟଙ୍କା ହଜାରେ ଔଷଧ ଖର୍ଚ୍ଚ ପାଇଁ ଦରକାର । ତଥାପି ନାରଣାର ବଳ ତା ମାଆ । ଫୁଟେଇକି ଗଣ୍ଡାଏ ଦେଉଛି ବୋଲି ନୁହେଁ, ବାହାଘର ପାଇଁ ଝିଅ ଖୋଜୁଛି । ପୁଅ ବଡ ହେଲାଣି ଯେତେବେଳେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହାତକୁ ଦିହାତ କରିଦେଲେ ତା ସଂସାର ସିଏ କରିବ । ବୁଢୀର ବୟସ ସତୁରି ଉପରେ । ପାକଲା ଆମ୍ବ, କେତେବେଳେ ଝଡିବ କଣ କିଛି କହିହେବ !

ନାରଣା ଉପରେ ଶନିଙ୍କର କୋପଦୃଷ୍ଟି ହଠାତ୍ ବଢିଗଲା । ଦିନେ ସକାଳୁ ସକାଳୁ ନଦୀରୁ ଗାଧୋଇ ଘରକୁ ଫେରି ଦେଖିଲା ବେଳକୁ ତାଙ୍କ ଦୁଆରରେ ଗାଁ ଲୋକ ପିଲାରୁ ବୁଢାଯାଏଁ ଗୋଲଚକର ହୋଇ ରୁଣ୍ଡ ହୋଇଛନ୍ତି । ସେମାନଙ୍କ ମଝିଭୂଇଁରେ ତା ମାଆ ଶୋଇଛି । ନିଶ୍ୱାସ ଚାଲୁନି୍ । ଧୁସାଦାଦୀ କହିଲା, “ତୋ ମାଆ ଆଉ ନାହିଁ । ପେଟକୁ ଧରି ଚିତ୍କାର କରିକରି ଶାନ୍ତ ହୋଇଗଲା । ଦେହ କାଠ ହେଲାଣି । ଆଉ ସିଏ ନାହିଁ । ତାର କ୍ରିୟାକର୍ମ କରିବାର ଯୋଗଡ କର ।” ନାରଣାକୁ ଚାରିଆଡେ ଅନ୍ଧାର ଦେଖାଗଲା । ଆଖିରୁ ଜୁଳୁଜୁଳିଆ ପୋକ ବାହାରିଲେ । କେଇମିନିଟ କ’ଣ କରିବ କ’ଣ ନକରିବ କିଛି ବୁଝି ପାରିଲାନି । ଲଥ୍କରି ମାଆ ଗୋଡପାଖରେ ବସି ଆଖିରୁ ଦୁଇଧାର ଲୁହ ଗଡେଇ ଗାଁ ଲୋକଙ୍କୁ ବଲବଲ ହୋଇ ଚାହିଁଲା । ଧୁସାଦାଦୀ ପିଠି ଆଉଁସେଇ ବୁଝେଇଲା । କିଛିସମୟ ପରେ ବନ୍ଧୁବାନ୍ଧବ ଆସି ଯଥାରିତି ପ୍ରେତକାମ ସାରିଦେଲେ । ମାଗିଯାଚି ବାରପତ୍ର ଭୋଜି ସରିଲା ପରେ ନାରଣାକୁ ଆଉ ସେ ଘରେ ଏକା ଏକା ରହିବାକୁ ଭଲ ଲାଗିଲାନି । ଗାଁରୁ ଚାରିକୋଷ ଦୂରରେ ଜଣେ ଜମିଦାର ଆସି ତାଙ୍କ ଘରେ ତାକୁ ହଳିଆ ରଖିବାକୁ ପ୍ରସ୍ତାବ ଦେଲେ । ତାଙ୍କରି ଘରେ ରହିବା ଖାଇବା ପିଇବା ସବୁ କରିବ । ବର୍ଷକୁ ଦୁଇହଜାରେ ଟଙ୍କା ବି ଦେବ । ନାରଣା ପ୍ରସ୍ତାବରେ ରାଜି ହୋଇ ଘରେ କୋଲପ ପକେଇ ଜମିଦାର ଘରକୁ ଚାଲିଆସିଲା । ସେହିଦିନ ଠାରୁ ସେ ସେହି ଜମିଦାର ଘରର ହଳିଆ ହିସାବରେ ବର୍ଷବର୍ଷ ଧରି କାମ କଲାଭିତରେ ଆଉ ଗାଁକୁ ଯାଇ ପାରିନି ।

ବର୍ଷ ପରେ ବର୍ଷ ଅତିବାହିତ ହୋଇ ପଚିଶ ବର୍ଷ ଚାଲିଗଲା । ଜମିଦାର ଘରେ ବହୁତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାମ । ଗୋଟିଏ ଦିନ ବି ଫୁରୁସତ ନାହିଁ । ମାଆ ଥିଲେ ପୁଅବାହା କଥା ଚିନ୍ତା କରିଥାନ୍ତା । ଏବେ ଆଉ କିଏ କରିବ ! ଏମିତି ପଇଁଚାଳିଶ ବର୍ଷ ବୟସରେ ନାରଣା ପହଁଚିଲା ପରେ ହଠାତ୍ ଦିନେ ତାର ଡାହାଣ ଗୋଡରେ ଧଳାଛଉ ଚିହ୍ନ ଦେଖିଲା । ଡାକ୍ତର ପାଖରେ ପରୀକ୍ଷା କରିବାରୁ ସେ କୋଷ୍ଠରୋଗ ବୋଲି କହି ଏମ୍‌ଡିଟି ଔଷଧ ଦେଲେ । ଗାଁ ଗହଳି କଥା । ଧିରେଧିରେ ସମସ୍ତେ ଜାଣିଗଲେ । ନାରଣା ଜମିଦାର ଘରୁ ବାହାରି ନିଜଗାଁ ବାଘରା ଯାଇ ରହିବାକୁ ଇଚ୍ଛାକଲା ବେଳେ ସାଇଭାଇ ମନାକଲେ । କୋଷ୍ଠରୋଗୀକୁ ଆମେ ଗାଁରେ ରଖିବୁନି ବୋଲି କହିଲେ । ଶେଷରେ କିଛି ଉପାୟ ନପାଇ ନାରଣା କଟକ ଚଣ୍ଡିଙ୍କର ଶରଣ ପଶିଲା । ମନ୍ଦିର ଆଗ ସାମ୍ନାରେ ବସିଥିବା ଜନୈକ ଭିକାରି ସନିଆ ନାରଣାର ସମସ୍ତ ଘଟଣା ବୁଝି ଅଖାଖଣ୍ଡେ ବିଛେଇ ପାଖରେ ବସେଇଲା । କେଇଦିନଯାଏ ନାରଣା କାହାକୁ ମାଗିବାକୁ ଭଲ ପାଏନି । ତଥାପି ଦିନକୁ ପଚାଶ ଷାଠିଏ ଟଙ୍କା ହୁଏ । ସେଠି ବହୁଦିନ ରହିଲା ପରେ ଏବେ ନାରଣା, ସନିଆ, ସରସତି ଓ ଲକ୍ଷ୍ମୀ , ଚାରିଜଣଙ୍କ ଭିତରେ ଭଲ ଘଣି । କାହାର ଭିକ କୋଉଦିନ କମ ବେଶି ହେଲେ ସମସ୍ତେ ମିଳିମିଶି ଚଳେଇ ନିଅନ୍ତି । ନାରଣା ଗାଁରୁ କିଏ କେମିତି ଚଣ୍ଡି ମନ୍ଦିର ବୁଲି ଆସିଲେ ନାରଣାକୁ ଦେଖାକରି ଭଲମନ୍ଦ ବୁଝନ୍ତି । ବିଶେଷକରି ସେ ଜମିଦାର ଚାରିଜଣ କଟକ ଆସିଲେ ନାରଣା ଟିଫିନିରେ ଦଶଟଙ୍କିଆ ନୋଟଖଣ୍ଡେ ପକେଇ ସେହି ବୁଢବାପା ନାଁରେ ଥିବା ପୈତୃକ ଜମିଟିକୁ ବିକିଦେବାକୁ ପରାମର୍ଶ ଦିଅନ୍ତି । ଏବେ ତ ନାରଣାର ପେଟ ଅପୋଷା ନାହିଁ । ତେଣୁ ସିଏ ସେ ଜମି ବିକାବିକି ବିଷୟ ମୁଣ୍ଡରେ ପୁରାଏନି । କିନ୍ତୁ ଏବେ ତାର ଆଉ କୋଷ୍ଠରୋଗ ନାହିଁ । ଚଣ୍ଡିମନ୍ଦିର ଆଗରେ ପାଂଚବର୍ଷ ବିତେଇଲା ପରେ ଆଉ ସାଙ୍ଗସାଥୀ ମାନଙ୍କୁ ଛାଡି ଏକାଏକା ପୁଣିଥରେ ଗାଁକୁ ଯିବାକୁ ନାରଣା ମନ କରୁନି । ପ୍ରାୟ ସବୁ ସପ୍ତାହରେ କିଏ ନା କିଏ ଗାଁରୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆସି ନାରଣା ସାଙ୍ଗରେ ଦେଖା କରୁଛନ୍ତି । ଏବେ ଭୋଟ ଆସିଛି । ନେତାଙ୍କୁ କିଏ କହିଲା ଗୋଟାଏ ଭୋଟ ନାରଣାର, ସିଏ କଟକ ଚଣ୍ଡିମନ୍ଦିର ଆଗରେ ବସିଛି । ଆଉ ରୋଗ ବୈରାଗ କିଛି ନାହିଁ । ନେତା ନାରଣାର ଭୋଟଖଣ୍ଡକ ଯୋଗୁ ତାକୁ ଭୋଟଦିନ ଥରେ ଗାଁକୁ ନେବା ଆଣିବା ବନ୍ଦୋବସ୍ତ ପାଇଁ ଅଟୋରିକ୍ସାଟିଏ ଯୋଗାଡ କରିବାରୁ ନାରଣା ଗାଁକୁ ଯାଇ ଦେଖିଲା ଡିହକୁ ଚାରିପଟରୁ ପଡୋଶୀମାନେ ମାଡିମାଡି ଆସିଲେଣି । ଧୁସାଦାଦୀ ଆଉନାହିଁ । ତା ପୁଅ ଏତେବର୍ଷର ଫସଲ ଭାଗ ହିସାବକୁ ମାତ୍ର ହଜାରେଟଙ୍କା ତା ହାତରେ ଧରେଇ କହିଲା, 'ଆଉ ଚାଷବାସରେ ଏବେ କିଛି ଲାଭ ହେଉନି । ବହୁତ ନୋକସାନ୍ । ଖାଲି ଅନ୍ୟ କିଛି କର୍ମପନ୍ଥା ନାହିଁ ବୋଲି ମାଟିରେ ମାଟି ହେବା କଥା । ନହେଲେ ତୁମ ଜମିକଥା ତୁମେ ଦେଖ । ଏବେ ସାର ଖତ ମୂଲିଆ ମଜୂରୀ ସବୁ ଯାହା ରେଟ୍ ହେଲାଣି, ସମସ୍ତେ ଚାଷ ବନ୍ଦ କଲେଣି । ଆମେ ବାଧ୍ୟରେ କରୁଛୁ ।'

ନାରଣା ଘରୁ ଆସିଲା ବେଳେ ମାଆର ଶେଷ ସମ୍ବଳ ସେହି ଭଙ୍ଗା ଟ୍ରଙ୍କଟିକୁ ସାଙ୍ଗରେ ସହର ଆଣିଲା । ଚଣ୍ଡିମନ୍ଦିର ପାଖରେ ଗୋଟିଏ ବଦାନ୍ୟ ବ୍ୟକ୍ତି ଭିକାରିମାନଙ୍କ ପାଇଁ ଘରଟିଏ ଦେଇଛନ୍ତି । ଶୀତଦିନେ ସମସ୍ତେ ଆସି ସେହି ଘରେ ଦରିପାଲ ଉପରେ ଶୋଇ ରାତି ବିତାନ୍ତି । ସେମାନଙ୍କ ଭିତରେ ଜଣେ ଅଛି ଯିଏ ବର୍ଷକୁ ହଜାର ହଜାର ଟଙ୍କା ଚଣ୍ଡି ମନ୍ଦିରକୁ ଫିବର୍ଷ ଦାନ କରୁଛି । ସମସ୍ତେ ଗୋଟିଏ ଗୋଟିଏ ଜରିମୁଣି ଓ ଟ୍ରଙ୍କ ସେଇ ଘରେ ରଖିଥାନ୍ତି । ନାରଣା ବି ସେଇ ଘରେ ତାର ବଡ ସମ୍ବଳ ଭଙ୍ଗାଟ୍ରଙ୍କଟିକୁ ରଖିଲା । ତା ଭିତରେ ନାରଣାର ଜିନିଷ କହିଲେ ଭୋଟର କାର୍ଡ, ପ୍ୟାନ୍ କାର୍ଡ, ଜମିପଟ୍ଟା ଦୁଇଟା ସହ ମାଆର କଳାଧଳା ଫଟୋଟିଏ ଥାଏ । ନାରଣାକୁ ଗାଁରେ ଦେଖିଲା ପରେ ପ୍ରତ୍ୟେକ ଦିନ ତାର ଡିହ ଓ ଜମି କିଣିବା ପାଇଁ ଲୋକଙ୍କ ସୁଅ ଛୁଟିଲା । ନାରଣା ବି ଭାବିଲା ଏତେଏତେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପଇସା ରଖିବ କୋଉଠି ! ଭିକାରି ମାନଙ୍କ ଭିତରେ କଣ ସମସ୍ତେ ଭଲ ? ବହୁତ ନିଶାଡି । କିଏ ଦେଶୀ ପିଇ ମାତାଲ ହେଉଛି କାହାକୁ ଗଞ୍ଜେଇ ଦି ଦମ୍ ନମାରିଲେ ନିଦ ହେଉନି । ଲକ୍ଷ ଲକ୍ଷ ଟଙ୍କାର କଥା । ଗାଁରେ ଡିହକୁ ନେବାପାଇଁ ଚାରିଜଣ ଆଖେଇଛନ୍ତି । ପଡିଶାଘର ଶାନ୍ତିଖୁଡି କହୁଛି ଦୁଇଲକ୍ଷ ଦେବ । ଅନ୍ୟ ତିନିଜଣ ତିନିଲକ୍ଷ ଦେବାକୁ ରାଜି । ଜମିଟା ରାସ୍ତା କଡରେ ଥିବା ହେତୁ ଚଣିଆ କହୁଛି ଢାବା ହୋଟେଲ କରିବ । ସିଏ ତା ଖୁସିରେ ଆଠଲକ୍ଷ ଦେବାକୁ କହୁଛି । ବିକିଲା ବେଳକୁ ଦଶଲକ୍ଷ କହିଲେ ବି ଦେବ । ଏସବୁ କଥା ନାରଣା ଦିନେ ଯାଇ କନିକାଛକ ଷ୍ଟେଟବ୍ୟାଙ୍କ ମ୍ୟାନେଜର ରଜତବାବୁଙ୍କୁ କହିବାରୁ ସେ ତୁରନ୍ତ ତା ନାଁରେ ଗୋଟେ ଜମାବହି ଖୋଲି ଖାତା ନମ୍ବର ଦେଇଦେଲେ । ନାରଣା ଡିହ ଓ ଜମି ଦୁଇଟା ବିକିବ ବୋଲି ସମସ୍ତଙ୍କୁ ଜଣେଇଦେଲା । ତାର ସର୍ତ ହେଲା ଯିଏ ଅଧିକ ପଇସା ଦେବ, ସିଏ ତା ନାଁରେ ସିଏ ରେଜଷ୍ଟ୍ରି କରିବାକୁ କଚେରି ଯିବ ।

ଶେଷରେ ଜଣେ ଡିହକୁ ଚାରିଲକ୍ଷ ଏବଂ ଅନ୍ୟଜଣେ ଜମିକୁ ବାରଲକ୍ଷ ଦେବାକୁ ରାଜି ହେଲେ । ଚେକ୍ ନାରଣା ନାଁରେ ବ୍ୟାଙ୍କରେ ଡିପୋଜିଟ୍ ହେଲା ପରେ ନାରଣା ଯାଇ କଚେରିରେ ଦୁଇଜଣଙ୍କ ନାଁରେ ରେଜଷ୍ଟ୍ରୀ କରି ଆସିଲା । ସବୁକାମ ଛିଣ୍ଡିଗଲା ପରେ ନାରଣା ସନିଆ, ସରସତି ଓ ଲକ୍ଷ୍ମୀକୁ ନେଇ ହୋଟେଲରେ ମାଉଁସ ଭାତ ଖୋଇଲା । ଏବେ ତାର ଭିକାରି ମହଲରେ ବହୁତ ଖାତିର । ଲକ୍ଷପତି ଭିକାରୀ । ତେଣୁ ତାକୁ କିଛି ମାସତଳେ କଟକ ସହର ଅଖିଳ ଭିକାରି ଯୌଥ ସଙ୍ଘର ସ୍ଥାୟୀ ସଭାପତି ହିସାବରେ ନିର୍ବାଚିତ କରିଛନ୍ତି । ହଠାତ୍ ତାର ଆଜି କଣ ହେଲା କେଜାଣି, ତା ଗାଁ ଲୋକଠାରୁ ଗୋଟିଏ ଚିଠି ପାଇ ପଢିଦେଲା ପରେ ହସି ହସି ଗଡି ଯାଉଛି । ସନିଆ, ସରସତି ଓ ଲକ୍ଷ୍ମୀ ଆଶ୍ଚର୍ଯ୍ୟ ହୋଇ ମୁହଁ ଚହାଁଚହିଁ ହେଉଛନ୍ତି । ନାରଣ କିଛି କହିବାକୁ ଚେଷ୍ଟା କଲାବେଳକୁ ତାକୁ ହସ ମାଡୁଛି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଯେ ଆଉ ରୋକି ପାରୁନି । ସନିଆ ଚିଠିଟାକୁ ତା ହାତରୁ ନେଇ ଦେଖିଲା ଇଂରାଜୀରେ ଲେଖାଅଛି । ତାଙ୍କ ଭିତରେ କେବଳ ନାରଣାକୁ ଇଂରାଜୀ ଜଣା । ତା ହସ ସଇଲେ ସିଏ କହିବ ଏଥିରେ କଣ ଲେଖା ଅଛି । ସିଏ ହସି ହସି ଗଡୁଛି, ସମସ୍ତେ ଚାହିଁଛନ୍ତି । ଅଧଘଂଟା ପରେ ନାରଣା ଦମ ନେଲା । ସନିଆ, ସରସତି ଓ ଲକ୍ଷ୍ମୀକୁ କହିଲା, ମୁଁ ଯେଉଁ ଜମି ଗାଁରେ ବିକିଲି, ସେ ଦୁଇଜଣଙ୍କ ବିରୋଧରେ ଆୟକର ବିଭାଗରେ ଅନ୍ୟମାନେ ଅଭିଯୋଗ କରିଛନ୍ତି । ସେମାନଙ୍କୁ ପଚରାଯାଇଛି ଯେ ସେମାନେ ଏତେ ପଇସା କୋଉଠୁ ଆଣି ମୋତେ ଦେଲେ ଏବଂ ମୋତେ କ୍ୟାପିଟାଲ୍ ଗେନ୍ ଟ୍ୟାକ୍ସ ସରକାରଙ୍କୁ ପୈଠ ନକରିଥିବାରୁ ଆୟକର ବିଭାଗ ନୋଟିସ ପଠେଇଛି । ଯଦି ଆୟକର କାର୍ଯ୍ୟାଳୟରେ ହାଜିର ନହେଲି ତେବେ ଜେଲ୍‌ଦଣ୍ଡ ହେବ । ଏତେ ଦିନେ ବୋଧେ ଶନି ଯିବେ, ମୋ ଭାଗ୍ୟ ବଦଳିବ । ମୋତେ ଜେଲ୍ ହେଲେ, ସେଠି ମୁଣ୍ଡ ଉପରେ ଛାତ ସହ ସଞ୍ଜ ସକାଳେ ଖାଇବାକୁ ରନ୍ଧାଖାଦ୍ୟ ମିଳିବ । ଆଜିକାଲି ଜେଲ୍ ଭିତରେ ସରୁ ଚାଉଳ ସାଙ୍ଗକୁ ଯୋଉ ବାଡିଆ ଡାଲମା ବହୁତ ସୁସ୍ୱାଦୁ । ସେଦିନ ବାବୁଘର ଝରକାରେ ମୁଁ ଦେଖିଛି ଜେଲଭିତରେ ତେଲ ମାଲିସ ବି ହେଉଛି । କେତକେତେ ସୁସ୍ୱାଦୁ ବ୍ୟଞ୍ଜନ ସାଙ୍ଗକୁ ବଡି ମସାଜ୍ ମିଳିଲେ ଆଉ ଅଧିକ କଣ ଦରକାର ! ମୋତେ ଲକ୍ଷପତି କହୁଥିଲ । ଏବେ କିନ୍ତୁ ମୁଁ ଖାଲି ଲକ୍ଷପତି ଭିକାରି ନୁହେଁ, ଜଣେ ଆୟକର ନୋଟିସ୍ ପାଇଥିବା ଭିକାରି ।

ଇଂ.ବିଦ୍ୟାଧର ପଣ୍ଡା, ସର୍ବେଶ୍ୱରସେବା - ଟ୍ରଷ୍ଟ
ଖ-୧୭/୧୫, ପଂଚଶଖା ନଗର, ଭୁବନେଶ୍ୱର-୭୫୧୦୧୯
ମୋ-୯୪୩୯୧୨୭୦୫୦

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ତୁମେ ମୁଁ... ମୋ ଭାବନା



ବିରଞ୍ଚି ନାରାୟଣ ମିଶ୍ର

ମୋର ଆଦରର ସୂର୍ଯ୍ୟ

ଗାଡ଼ି ଖରାପ ହେବା......

ବାଣୀବିହାର ଛକରେ ବସକୁ ଅପେକ୍ଷା....

ବୁଢ଼ାମଉସାଙ୍କ ଦୋକାନରୁ ଚା ପିଇବା...

ଅପ୍ରତ୍ୟାଶିତ ଭାବେ ତୁମ ସହ ଦେଖା ...

ବସର ହଠାତ୍ ଆଗମନ.........

ଏ ସବୁ ଥିଲା ସେଦିନର ସଂଯୋଗ ।

ସବୁଠୁ ଯେଉଁଟି ମୋତେ ବେଶୀ ଆନମନା କରିଥିଲା, ସେଇଟି ଥିଲା ମୁଁ ନିଜେ ନିଜ ମନକୁ ଭାରାକ୍ରାନ୍ତ କରିଦେବାଟା ।

ଝିପିଝିପି ବର୍ଷାରେ ଶାଢୀଟା ଭିଜି ଯାଇଥିଲା । ମୁଁ ଜାଣି ପାରୁନଥିଲି ମନଟା କେମିତି ଭିଜିଗଲା ?

ଓଦା ଶାଢ଼ୀଟିକୁ ସିନା ବଦଳେଇ ଦେଲି, ଏ ଭିଜା ମନଟାକୁ କିପରି.. ? ? ? ?

ଅତୀତରେ ହଜିଗଲି.....

ଅତୀତ ଟା ବାରମ୍ବାର ଆସେ କାହିଁକି ?

ସେ ତ ଏବେ ସ୍ମୃତି ହୋଇଗଲାଣି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅତୀତ ତାମନକୁ ଆସେ ।

ସଙ୍ଗରେ ଆଣିଥାଏ ଫୁଲର ଫଗୁଣ ତ

ବେଳେବେଳେ ବୈଶାଖୀର ଖରା ।

ସ୍ମୃତି ସବୁ ଏବେ ପାଉଁଶ ତଳର ନିଆଁ

କେମିତି ଜାଣିବି ତାର ଉଷ୍ମତା ?

ହୃଦୟ ପ୍ରେମ ନିର୍ଝରଣୀରେ ଭିଜିଥିବା ଅତୀତ ଛାତିତଳର ସ୍ପନ୍ଦନକୁ କେମିତି ମାପିବି ?

ତଥାପି ଲାଗେ ମୋ ସହ ତୁମେ ଅଛ ଅତୀତ ।

ତୁମେ ଗଲା ପରେ ପରେ ......

ମୋ ମନ ବଗିଚାରେ ନିଆଁ ଲାଗିଯାଏ

ଏ ଅବୁଝା ମନ ଖୋଜେ ତୁମକୁ ।

ମୋତେ ଲାଗେ ତୁମେ,

ଦୂର ଦିଗବଳୟର ଅସ୍ତଗାମୀ ସୂର୍ଯ୍ୟ ।

ଅସ୍ତସୂର୍ଯ୍ୟର ରଙ୍ଗ ଦେଖି ହୁଏ ସିନା

ତାକୁ ଛୁଇଁ ହୁଏନା ।

ଧୀରେ ଧୀରେ ସନ୍ଧ୍ୟା ନଇଁ ଆସେ

ଦେଉଳେ ସନ୍ଧ୍ୟା ଆଳତିର ଘଣ୍ଟି

ବାଜି ଉଠେ ।

ବ୍ୟର୍ଥପରାଣ ନେଇ ଘରକୁଫେରି ଆସେ ।

ଭାବନା ଜଗତରେ ବୁଡ଼ି ଯାଏ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାବେ କାଣିଚାଏ ଭଲପାଇବା ମାଗିବା ଏତେ ଭାରୀ ପଡ଼ିଗଲା ମତେ ।

କେତେ ଯେ ମଲିଣି ମୂଳ ଶୁଝିନାହି

ସୁଧ ବି ଯାହାକୁ ଯେତେ ।

ସୂର୍ଯ୍ୟ କେମିତି ବୁଝାଇବି ତୁମକୁ,

ଦିନ ରାତି ମୋର କେମିତି କଟୁଚି ।

ଯାହା ମୋର ନୁହଁ, ମୋ ପାଇଁ ନୁହଁ, ତା କାହିଁକି ମୋତେ ଏତେ ଆକର୍ଷଣ କରେ

ଭୋକ ବେଳେ, ଶୋକ ବେଳେ । କହିପାରିବ ତୁମେ ସୂର୍ଯ୍ୟ ?

ମୁଁ ସୁଖରେ ଅଛି ବୋଲି ସେଦିନ ତୁମ ଅଭିମାନ ଭରା ଆଖିରୁ ଜାଣିପାରିଲି । ସୁଖରେ ରହିବା ଆନନ୍ଦରେ ରହିବା ଏକା କଥା ନୁହେଁ ସୂର୍ଯ୍ୟ ।

ସୁଖ ମୋ ପାଇଁ ଝଡଟିଏ ।

ସେଇ ସୁଖର ଝଡ଼ରେ କେବେ କେବେ ଫିଟିପଡେ ମୋର କୋହର କବରୀ ।ଜନ୍ହର ଦର୍ପଣ ଦେଖି ଆଖିର ଲୁହରେ ମୁଁ ମୋର ବାଳ ବାନ୍ଧେ । ସେତେବେଳେ ମୋର ମନେପଡେ ତୁମ କଥା ।

ପୂର୍ଣ୍ଣମୀ ଜହ୍ନକୁ ତୁଛ କରି ତୁମେ ଧାଇଁ ଆସ ମୋ ମୁହଁକୁ ଦେଖିବା ପାଇଁ । କେମିତି ଭୁଲିବି ସେଦିନ । ତୁମ ମୁହଁ ମୋ ଆଖି ଆଗରେ ଭାସିଉଠେ । ବେଳେବେଳେ ସେଇ ଜହ୍ନରାତି ମନେ ହୁଏ ନିଆଁଲଗା ଅତୀତ କି ଭବିଷ୍ୟତର ଧୁମାଭ ପ୍ରପାତ । ଜ୍ୟୋସ୍ନାର ଲାଭାରେ ମୋର ଜଳିଯାଏ ସାମ୍ରାଜ୍ୟ ସିଂହାସନ । ଏପରିକି ଲାଗେ ମୋ ଅସ୍ତିତ୍ୱ ବି ଜଳି ଯାଉଚି ।

ଜାତି କଥାକୁ ଦ୍ୱାହି ଦେଇ ସେଦିନ ତୁମର ମୋର ଦୂରତା ବଢ଼ି ଗଲା । ମୁଁ ଏକଲବ୍ୟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇପାରିଲିନି ସୂର୍ଯ୍ୟ । ମୁଁ ଅସହାୟ ହୋଇପଡିଲି ।

ଏଠି ମୁଁ ଅଭିଶପ୍ତା ଅହଲ୍ୟା । ଅପେକ୍ଷା ମୋ ମନ ପରିରାଇଜର ରାଜକୁମାର ରାମଚନ୍ଦ୍ରଙ୍କ ପାଦ ସ୍ପର୍ଶ ପାଇଁ ।

ମୋର ଢେର ସାରା ସ୍ନେହ ନେବ ସୂର୍ଯ୍ୟ ।

ରହୁଚି ।

ଇତି

ତୁମର ଚା ପିଆ ସାଙ୍ଗ ସବିତା

ମଲ୍ଲିପୁର (ନିଆଳି), ଖୋର୍ଦ୍ଧା

Listen to Odia Podcast on https://anchor.fm/aahwaan

ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସାଧାରଣ ଜନତା ଫେରୁ ଶାନ୍ତିରେ...



ସୁଶ୍ରୀ
ସୌଭାଗ୍ୟବତୀ

କିନ୍ତୁ ସାର୍, ଆପଣଙ୍କ ବୁଝିବା ଭୁଲ୍ । ମୁଁ କିଛି ଭୁଲ୍ କରିନି । ମୁଁ CL ଆପ୍ଲିକେସନ୍ ଦେଇକି ଯାଇଛି । ମୋ ମା'ଙ୍କ ଦେହ ବହୁତ ଖରାପ ଥିବାରୁ ତାଙ୍କୁ ଡକ୍ଟର ଦେଖାଇବା ପାଇଁ ମୁଁ ଛୁଟି ନେଇଥିଲି ସାର୍ । କିନ୍ତୁ ମୋ ଆପ୍ଲିକେସନ୍ କୁ ଚିରିଦେଇ ମୁଁ ଆପ୍ଲିକେସନ୍ ନ ଦେଇ ରହି ଯାଉଛି ବୋଲି ଅଭିଯୋଗ କରାଯାଇଛି ଆପଣଙ୍କ ପାଖରେ । ଆଉ ତା'ର ଏକମାତ୍ର କାରଣ ହେଲା ମୋ ଆଖି ଆଗରେ ହେଉଥିବା ଅନ୍ୟାୟ କି ଦୁର୍ନୀତିର ସାଥ୍ ଦେଇପାରୁନି ମୁଁ । ଏଠି ଖୋଲାଖୋଲି ଭାବେ ଦୁର୍ନୀତି କରିବାକୁ ବାଧ୍ୟ କରାଯାଉଛି । ମୁହଁ ଖୋଲିଲେ ଦିଆଯାଉଛି ମାନସିକ ନିର୍ଯାତନା । ଉପର ସ୍ତରରୁ ନେଇ ତଳସ୍ତର ଯାଏ ସବୁ ଅଫିସର୍ ଙ୍କ ପାଖରେ ମୋ ବିରୁଦ୍ଧରେ ମିଥ୍ୟା ଅଭିଯୋଗ କରାଯାଉଛି । ତେଣୁ କିଛି ଉପରିସ୍ଥ ଅଫିସର୍ ମାନଙ୍କ ଆକ୍ରୋଶର ଶୀକାର ହେବାକୁ ପଡୁଛି ମତେ । ସହିବାର ବି ଗୋଟେ ସୀମା ଥାଏ । କେତେ ଆଉ ସହିବି ସାର୍ । କଇଁକଇଁ ହୋଇ କାନ୍ଦି ପକାଇଥିଲା ଇତିକା ।

ଅଫିସର୍ -

ବୁଝିଲ । ତମ ୟୁଥ୍ ମାନଙ୍କର ସମସ୍ୟାଟା ହିଁ ଏୟା । ତମେ କେବଳ ଚାହିଁବ ଦେଶ ଗଢ଼ିବାକୁ । ନ୍ୟାୟ କରିବାକୁ । ସାମୂହିକ ସ୍ୱାର୍ଥ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଖିବାକୁ । କିନ୍ତୁ ସେସବୁ କ'ଣ ସମ୍ଭବ ? ତମେ ମତେ କ'ଣ ବୁଝଉଛ । ଏଠି ଯାହା ସବୁ ହେଉଛି ମୁଁ ସବୁ ଜାଣେ । ସବୁ ଜାଣିଛି ବୋଲି ତ ମୁଁ ତମକୁ କହୁଛି ସମୟ ଥାଉଥାଉ ନିଜକୁ ସୁଧାର । ଆମ ସାଇଡ୍ ଟା ହେଲା ଅନୁନ୍ନତ ଏରିଆ । ଏପଟେ ସରକାରୀ ଅଫିସ୍ ରେ ଏମିତି ଦୁର୍ନୀତି ଚାଲେ । ତମେ ଏସବୁ ମାନିନିଅ । ଆଉ ଯଦି ଏସବୁ ଆଖି ଆଗରେ ଦେଖିପାରୁନ ତାହେଲେ କୁହ କେଉଁ ଜାଗାକୁ ଯିବ ? ମୁଁ ତମକୁ ଟ୍ରାନ୍ସଫର୍ କରି ସେଠିକୁ ପଠେଇଦେବି । କିନ୍ତୁ ଅଫିସ୍ ର ପଇସାପତ୍ର ଭଳି ଇଣ୍ଟରନାଲ୍ ମ୍ୟାଟର୍ ରେ ତମେ ମୁଣ୍ଡ ଖେଳାଅନି । ତମେ ଜଣେ ଠିକା କର୍ମଚାରୀ । ରେଗୁଲାର୍ ବି ନହେଇ ପାର ବର୍ଷ ବର୍ଷ ଧରି । ଦରକାର ପଡିଲେ ତମ ଚାକିରୀ ବି ଯାଇପାରେ । ମୁଁ ତମକୁ ଜଣେ ଅଫିସର୍ ନୁହଁ, ଜଣେ ବଡଭାଇ ହିସାବରେ ବୁଝଉଛି । ମାନି ନିଅ ଏସବୁ ।

ଇତିକା -

ମୁଁ ଆପଣଙ୍କୁ ବଡଭାଇ ପରି ସମ୍ମାନ ଦିଏ ସାର୍ । କିନ୍ତୁ ମୋ ବଡଭାଇ ଏମିତି ଭୁଲ୍ କଥା ମତେ କେବେ ଶିଖେଇ ନାହାନ୍ତି । ମୁଁ ଆପଣଙ୍କ କଥାରେ ରାଜି ନୁହେଁ ସାର୍ । ମାନୁଛି ଏପଟ ସାଇଡ୍ ଟିକେ ଅନୁନ୍ନତ । କିନ୍ତୁ ଆମେ ଚାହିଁଲେ ଏଠି ଉନ୍ନତି ହେଇପାରିବ । ସରକାର ଏପଟ ଏରିଆ ପାଇଁ ବହୁତ ପଇସା ଖର୍ଚ୍ଚ କରୁଛନ୍ତି । ସରକାରୀ ଅନୁଦାନ ଗୁଡିକ ଯଦି ବ୍ୟକ୍ତିଗତ ଭାବେ କାହାର ପକେଟ୍ କୁ ନଯାଇ କାମରେ ଲାଗନ୍ତା ତାହାଲେ ଏପଟ ବି କଟକ ଭୁବନେଶ୍ୱର ଭଳି ଉନ୍ନତ ଜାଗା ହେଇ ଯାଆନ୍ତା । ମତେ ଟ୍ରାନ୍ସଫର୍ କରି ଅଲଗା ଯାଗାକୁ ପଠେଇ ଦିଆଯାଉ କି ମୋ ଚାକିରୀ ଚାଲିଯାଉ ପଛେ କିନ୍ତୁ ମୁଁ ଅନ୍ୟାୟ କରିବିନି ।

ଅଫିସର୍-

ଯଦି ତମର ଏତେ ଜିଦ୍ ତାହାଲେ ମୁଁ ମୋ ଲେଭେଲ୍ ରେ ରହି କ'ଣ କରି ପାରୁଛି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତମେ ଦେଖ । ବହୁତ ମହଙ୍ଗା ପଡିବ ତମକୁ ତମର ଏଇ ସଚ୍ଚୋଟପଣିଆ ।

ମିଟିଙ୍ଗ୍ ଭିତରେ ଏମିତି କିଛି ବାର୍ତ୍ତାଳାପ ଚାଲିଥିଲା । ଏହାକୁ ମୂକ ଭଳି ଦେଖୁଥିଲେ ଇତିକାର ଅନ୍ୟ କେତେ ଜଣ ସହକର୍ମୀ । ଜଣେ ଅଫିସର୍ ମିଟିଙ୍ଗ୍ ରେ ବସି ଗୋଟେ ଝିଅକୁ ଏମିତି ଚାର୍ଜ୍ କରିବାଟା ନା ସେମାନେ ସହି ପାରୁଥିଲେ ନା କିଛି କହି ପାରୁଥିଲେ । ଆଜି ପ୍ରତିବାଦ କଲେ କାଲି ସେମାନଙ୍କର ଅବସ୍ଥା ବି ଇତିକା ଭଳି ହେବ । ମିଳୁଥିବା ସବୁ ଉପୁରି ଆଉ ସୁବିଧାସୁଯୋଗ ହାତଛଡା ହେଇଯିବ । ଏଇ ଭୟ ସେମାନଙ୍କୁ ଚୁପ୍ ରହିବାକୁ ବାଧ୍ୟ କରୁଥିଲା ।

ମିଟିଙ୍ଗ୍ ଭିତରେ ଏବେ ନୀରବତା । କାଠ ହେଇ ଯାଉଥିଲା ଇତିକା । କ'ଣ କରିବ କିଛି ଭାବି ପାରୁ ନଥିଲା । ଅଫିସର୍ ଙ୍କ କଥାଗୁଡିକ ତା'ର କର୍ଣ୍ଣପଟଳରେ ଢାଏଁଢାଏଁ ବାଜି ଉଠୁଥିଲା । ସେ ବୁଝି ପାରୁ ନଥିଲା ଯେ ଗୋଟେ ସରକାରୀ ଅଫିସ୍ ର ଇଣ୍ଟରନାଲ୍ ମ୍ୟାଟର୍ ପୁଣି କ'ଣ ? କେଉଁ ପ୍ରକାର ଇଣ୍ଟରନାଲ୍ ? ସରକାରୀ ଅଫିସ୍ ଟା କ'ଣ କାହାର ବ୍ୟକ୍ତିଗତ ସମ୍ପତ୍ତି ? ଅନ୍ୟାୟକୁ ରୋକିବା ପାଇଁ ଚେଷ୍ଟା କରିବା ବଦଳରେ ଅଫିସର୍ ଜଣକ କହୁଛନ୍ତି ଯଦି ଅନ୍ୟାୟ ସହିପାରୁନ ତାହାଲେ ଏଠୁ ଟ୍ରାନ୍ସଫର୍ କରି ଅନ୍ୟ ଜାଗାକୁ ପଳାଅ । ଆରେ ଢିଙ୍କି ସ୍ୱର୍ଗକୁ ଗଲେ ବି ଧାନ କୁଟେ । ମୁଁ ଯେ କୌଣସି ଅଫିସ୍ କୁ ଗଲେ ବି ସେ ସଚ୍ଚୋଟ ଭାବରେ କାମ କରିବି । ଆଉ ଟ୍ରାନ୍ସଫର୍ ହେଇ ଯାଇ ଲାଭ କ'ଣ ? ଏକଥା କ'ଣ ଅଫିସର୍ ଜଣକ ଜାଣି ପାରୁନାହାନ୍ତି ? ନିଜ ମନ ଭିତରର ଏମିତି ପ୍ରଶ୍ନବାଣରେ ସେ ନିଜେ ଘାଇଲା ହେଉଥିଲା । କେତେ ଆଶା ରଖିଥିଲା ସେ । ଭାବିଥିଲା ନୂଆ କରି ଯୋଗ ଦେଇଥିବା ଅଫିସର୍ ଜଣକ ସଚ୍ଚୋଟ । ସେ ତା କଥା ନିଶ୍ଚୟ ବୁଝିବେ । ସତ୍ ଆଉ ନ୍ୟାୟର ସାଥ୍ ଦେବେ । କିନ୍ତୁ ତା'ର ଭାବନା ତ ସମ୍ପୂର୍ଣ୍ଣ ଭୁଲ୍ ପ୍ରମାଣିତ ହେଲା । ଏବେ ସେ କ'ଣ କରିବ !

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଚାକିରୀ କରିବ ନା ଚାକିରୀ ଛାଡି ଘରକୁ ଚାଲିଯିବ । କିନ୍ତୁ କେମିତି ଚାକିରୀ ଛାଡି ଚାଲିଯିବ ? ଘରେ ବୁଢା ବାପାମା' । ଇତିକା ପାଉଥିବା କେଇଟା ଟଙ୍କାରେ ତ ଗୁଜୁରାଣ ମେଣ୍ଟୁଛି ତାଙ୍କର ।

ଇତିକା ମିଶ୍ର । ଗରିବ ପରିବାରର ଝିଅ । ନିଜ ଗରିବ ପରିସ୍ଥିତି ସହିତ ବେଶ୍ ସଂଘର୍ଷ କରି ନିଜ କଠୋର ପରିଶ୍ରମ ତଥା ଈଶ୍ୱର ଓ ଗୁରୁଜନମାନଙ୍କ ଆଶୀର୍ବାଦରୁ ସେ ସରକାରୀ ଚାକିରୀ ଖଣ୍ଡେ ପାଇଛି । ଘରଠୁ ୨୨୦ କି.ମି. ଦରରେ ପୋଷ୍ଟିଙ୍ଗ୍ ହେଇଥିଲେ ବି ଘରର ପରିସ୍ଥିତିକୁ ଆଖି ଆଗରେ ରଖି ସେ କାର୍ଯ୍ୟରେ ଯୋଗଦାନ କରିଛି । ସେବେଠାରୁ ଦେଖି ଆସିଛି ସିଏ । କେମିତି ସରକାରୀ ଅଫିସ୍ ରେ ସରକାରୀ ଅନୁଦାନକୁ ଲୁଟିବା ପାଇଁ ସିନିୟର୍ ମାନଙ୍କର ଚାଲିଥାଏ ବିଭିନ୍ନ ପ୍ରକାର ଧୂର୍ତ୍ତତା, ଚତୁରତା ଓ ଷଡଯନ୍ତ୍ର । ସରକାରୀ କାମଗୁଡିକ ଖାଲି କାଗଜପତ୍ରରେ ହୁଏ । ମିଛ ବିଲ୍ ବନେଇ ଦିଆହୁଏ । କିନ୍ତୁ କାମ ଶୂନ୍ୟ । ସେଇ ଅନୁଦାନରୁ କିଛି ପାଇବା ପାଇଁ କିଛି ସହକର୍ମୀମାନେ ଉପରିସ୍ଥ ଅଫିସର୍ ଙ୍କ ପାଦତଳେ ନିଜ ଆତ୍ମସମ୍ମାନକୁ ବଳିଦେଇ କାଉକୁ ଧଳା ଆଉ ବଗକୁ କଳା ବୋଲି ଅଫିସର୍ ସହିତ ପାଳି ଧରନ୍ତି । ତା'ର ପ୍ରତିବଦଳରେ ସେମାନଙ୍କୁ ମିଳେ ଅଫିସର୍ ଲୁଟୁଥିବା ଟଙ୍କାର ୧୦ କି ୨୦ ଶତକଡା । କେବଳ ସେତିକି ନହେଁ ଦିନସାରା ଘରେ ଶୋଇ ସଞ୍ଜକୁ ଆସି ଆଟେଣ୍ଡାନ୍ସ୍ ଖାତାରେ ସାଇନ୍ ମାରିବା ଭଳି ସୁବିଧାସୁଯୋଗ । ଇତିକା କିନ୍ତୁ ସେ ସର୍ତ୍ତକୁ ମାନିବାକୁ ଅପ୍ରସ୍ତୁତ ।

କେଇଟା ଟଙ୍କା ନେଇ ଆତ୍ମସମ୍ମାନକୁ ବିକ୍ରୀ କରି ପାରିବନି ସେ । ସେ ଅନ୍ୟାୟ ବିରୁଦ୍ଧରେ ଲଢିବ । ସମାଜର ମଙ୍ଗଳ ପାଇଁ କାମ କରିବ । ସେଥିପାଇଁ ତାକୁ ଯେତେ କଷ୍ଟ ସହିବାକୁ ପଡିଲେ ସେ ସହିବ । ପଛକେ ତା' ଜୀବନ ଚାଲିଯାଉ କିନ୍ତୁ ସେ ଏ ଦୁର୍ନୀତିଖୋର୍

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଫିସର୍ ମାନଙ୍କ ସର୍ତ୍ତରେ ଆଦୌ ରାଜି ହେବନି କି ପଛକୁ ବି ହଟିବନି । ଆରେ, ଏ ସାରା ଦୁନିଆଟା ଗୋଟେ ନିକିତି ସଦୃଶ । ଆଜିର ସମୟରେ ଅନ୍ୟାୟର ପଲା ଭାରି ଅଛି ସତ କିନ୍ତୁ କିଛି ନ୍ୟାୟବାନ୍ ଲୋକ ଅଛନ୍ତି ବୋଲି ତ ଦୁନିଆଁ ଚାଲିଛି । ଏମିତି କିଛି କଥା କହି ଇତିକା ବୁଝାଇ ଚାଲିଛି ନିଜ ମନକୁ । ନା..ସେ ଚାକିରୀ ଛାଡିବନି । କାରଣ ସରକାରୀ ଅଫିସ୍ ଗୁଡିକୁ ତା' ଭଳି କର୍ମଚାରୀ ମାନଙ୍କର ଆବଶ୍ୟକତା ରହିଛି । ଯୋଉମାନେ ନିଜ ଚାକିରୀକୁ ନୁହେଁ ଦରକାର ପଡିଲେ ନିଜ ଜୀବନକୁ ବାଜି ଲଗେଇ ସାଧାରଣ ଜନତା ପାଇଁ ଲଢିବେ । ସେମାନଙ୍କର ସେବା କରିବେ । ସେମାନଙ୍କୁ ନ୍ୟାୟ ଦେବେ । ସାଧାରଣ ଜନତାଟିଏ ସରକାରୀ ଅଫିସ୍ ରୁ ନିଜ କାମ ସାରି ଫେରିବ ମୁହଁରେ ଚେନାଏ ଶାନ୍ତିର ହସ ଫୁଟାଇ ।

ସମାଜସେବୀ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜଳପରୀ



ସୁନନ୍ଦା ମହାନ୍ତି

ନିଜ ସହ ଟିକେ ସମୟ ଦେବାପାଇଁ ମୁଁ କବିତା ଲେଖେ । ଲେଖେ ଛୋଟ ଛୋଟ ଗଳ୍ପ । ସେସବୁରୁ ଆନନ୍ଦ ମିଳେ । ତାରି ଭିତରେ ଅନ୍ୟ ମାନଙ୍କୁ ସମୟ ଦେବାକୁ ହୁଏ । ଏହିଭଳି ଜୀବନର ଗତାନୁଗତିକ କାର୍ଯ୍ୟଧାରା ଭିତରେ ସେଦିନ ଗୋଟେ ଖବର ଶୁଣିଲି ଚିଲିକାରେ ସତ ସତିକା ଜଳପରୀ । ମୋବାଇଲରେ ତାର ଫଟୋ କଏଦ ହେଇଛି । ଉପରକୁ ଉଠି ପୁଣି ଗଭୀର ଜଳ ଭିତରକୁ ଚାଲିଗଲା ଜଳପରୀ । ଅବିଶ୍ୱାସ ଓ ଆଶ୍ଚର୍ଯ୍ୟ ଭିତରେ ଖବରଟି ରୋମାଞ୍ଚକର ଥିଲା ।

ଆମେ ଶୀତଦିନିଆ ବୁଲାବୁଲି ପାଇଁ ଚିଲିକା ଭିତରେ ମାଆ କାଳିଜାଇଙ୍କ ପୀଠକୁ ଯିବାକୁ ସ୍ଥିର କରି ବାହାରିଲୁ । ବାଟରେ ଲାଗୁଥିଲା ଚମତ୍କାର । ମନେପଡ଼ିଲା ଗୋପବନ୍ଧୁଙ୍କ ରେଳ ଉପରେ ଚିଲିକା ଦର୍ଶନ କଥା । ପ୍ରକୃତରେ ସୌନ୍ଦର୍ଯ୍ୟମୟୀ ଚିଲିକାର ପଟ୍ଟାନ୍ତର ନାହିଁ । କେତେ ଜାତିର ଜଳଚର ମୁଣ୍ଡ ଟେକି ଉଠୁଥିଲେ, ପୁଣି ବୁଡିଯାଉଥିଲେ ପାଣିର ଅତଳ ଗର୍ଭ ଗୃହକୁ । ମୋର ଇଚ୍ଛା ହେଉଥିଲା ସେହି ଅଦୃଶ୍ୟ ଜଳପରୀ କୁ ଦେଖନ୍ତି । ସମସ୍ତଙ୍କର ଭାଗ୍ୟରେ ସବୁ ସମ୍ଭାବନା ଯେ ସାକାର ହେବ, ସେମିତି କିଛି ଆଶା ନରଖି, ଦେଖିଲି ସୌନ୍ଦର୍ଯ୍ୟମାୟୀ ଚିଲିକାର ସୌନ୍ଦର୍ଯ୍ୟ । ମନେ ପଡ଼ିଲା, ରହ ରହ କ୍ଷଣେ ବାଷ୍ପୀୟ ଶକଟ... ଦେଖିବି ଚିଲିକା ଚାରୁ ଚିତ୍ରପଟ । ଏମିତି ଏମିତି ଜଳ ରାସ୍ତା କଟିଗଲା ଆଉ

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆସିଗଲା ମାଆ କାଳିଜାଈଙ୍କ ପୀଠ ।

ଡଙ୍ଗା ଭିତରେ କେତେ ଜଣ ଚିଙ୍ଗୁଡିରେ କାଠି ଖଞ୍ଜି ଛାଣୁଥାନ୍ତି, ଆଉ କେତେଜଣ ମାଆଙ୍କ ମାଜଣା ଜିନିଷ କିଣି ଧାଡ଼ିରେ ଠିଆ ହୋଇଥାନ୍ତି । କେତେ ଜଣ ମାଙ୍କ ପାଖରେ ଶାଙ୍ଖୁଚ କାଠି ଓ କଣ୍ଟା ଦେଖିବାକୁ ନିର୍ଣ୍ଣୟ ନେଲାବେଳେ ମୁଁ କାଳିଜାଇ ପାହାଡ ଉପରକୁ ଉଠି ନିଜ ସହ ସମୟ ଦେବାକୁ ଯାଇ, ଗୋଦାବରୀଶ ମିଶ୍ରଙ୍କର କାଳିଜାଇ କାବ୍ୟର ,"ଭଲକରି ନାଆ ବୁହାରେ ନାଉରୀ ଝିଅକୁ ମାଡୁଛି ଡର..... ଗଡ ଗଡେ ଲୋକ ଚାହିଁ ବସିଥିବେ ଝିଅ ଯିବ ଶାଶୁଘର"ପଙ୍କ୍ତି ସହ କଳାହାଣ୍ଡିଆ ମେଘର ଆଗମନରେ ପିତାଙ୍କର ନାଉରିଆ ଭାଇକୁ ଧୀରେ ଡଙ୍ଗା ଚଳାଇବାକୁ କହିବା ଓ ଝଡ଼ ବହିଗଲା ପରେ ଝିଅକୁ ନପାଇବା ଇତ୍ୟାଦି ଭାବନା ଭିତରେ ମନ ଆଦ୍ର ହୋଇଯାଉଥିଲା ବେଳେ, ଦୂରରେ ଦେଖାଯାଉଥିଲା ଜଳପରୀ । ଦୁଇ ଆଖି ମଳି ମଳି ଦର୍ଶନ କରିବାକୁ ଆସିଲି ମନ୍ଦିରକୁ ।

ଧାଡ଼ି ଟପି ମାଆଙ୍କ ଆସ୍ଥାନ ପାଖେ ପହଞ୍ଚିଲା ପରେ, ଆମ ଗ୍ରୁପରେ ଥିବା ଅନ୍ୟମାନେ, ମାଆଙ୍କୁ ମାଜଣା କରି ଫେରୁଥିଲେ । ମୁଁ ଚାହିଁଲି ଲୁହଭରା ଆଖିରେ । ହେଲେ ଏ କଣ ଦେଖୁଛି, ଆସ୍ଥାନ ଉପରେ ମାଆ ଙ୍କ ପ୍ରତିକୃତି ଠିକ୍ ଜଳପରୀ ଭଳି । କଣ୍ଠ ବାଷ୍ପରୁଦ୍ଧ । ମନ ଓ ହୃଦୟ ପୁଲକିତ । ମନେ ହେଲା, ସେଦିନର ଝିଅ କାଳିଜାଇ, ଠାକୁରାଣୀ ହୋଇ ମନ୍ଦିରରେ ପୂଜା ପାଇବା ବେଳେ ଚିଲିକାରେ ଜଳପରୀ ହୋଇ ଲକ୍ଷ ଲକ୍ଷ ଭକ୍ତ, ଦର୍ଶନାର୍ଥୀ, ପର୍ଯ୍ୟଟକ ଓ ସାଧାରଣ ଜନତତାଙ୍କୁ ରକ୍ଷା କରି ରକ୍ଷା କବଚ ସାଜିଛନ୍ତି ।ଏସବୁ କଥା କାହା ସହ ନବାଣ୍ଟି କବିତା ଗଳ୍ପ ଆକାରରେ ଲେଖି ରଖିବାକୁ ସ୍ଥିର କରି, ନିଜ ପାଇଁ ନିଜେ ସମୟ ଦେବାକୁ ସମୟ ଖୋଜୁଥିଲି ।

ସାକ୍ଷୀଗୋପାଳ, ପୁରୀ

୭୦୦୮୯୪୨୨୧୫

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମେଘର ଅଶ୍ରୁ



ସୌରଭ ପାତ୍ର

ବାପାଙ୍କର ଚାକିରିରୁ ଅବସର ନେବାପରେ ଘରଚଳିବା ଟିକିଏ କଷ୍ଟକର ହୋଇ ପଡିଥାଏ । ଘରେ ବାପା ଥିଲେ ଏକ ମାତ୍ର ରୋଜଗାରିଆ ମଣିଷ । ଏ ସବୁ ମୁଁ ଦେଖୁଥାଏ କଷ୍ଟ ଲାଗୁଥାଏ ନିଜକୁ ଦୁଇ ଥର ପ୍ରଶାସନିକ ପରୀକ୍ଷାରେ ଅକୃତ କାର୍ଯ୍ୟ ହୋଇ ସାହସ କିଛି ହେଉ ନଥାଏ, ବାପାଙ୍କୁ କିଛି କହିବାକୁ । ବହୁତ୍ ଥର ଭାବିଛି ଘର ଛାଡ଼ି ବାହାରକୁ ଯାଇ କିଛି କାମ କରିବାକୁ ହେଲେ ଆଖି ଆଗରେ ମୋ ସ୍ୱପ୍ନ କଥା ଚାଲିଆସେ । ବେସରକାରୀ ଚାକିରି ଡିଳେ ମାତ୍ର ଇଛା ନାହିଁ । ଥରେ ବେସରକାରୀ ଚାକିରିରେ ପ୍ରବେଶ କଲେ' ନିଜକୁ ଅଫିସର ଭାବେ ଦେଖିଥିବା ସ୍ୱପ୍ନକୁ ଜଳାଞ୍ଜଳି ଦେବାକୁ ପଡ଼ିବ । ଏ କଥା ସୁଶାନ୍ତ ଠିକ୍ ଭାବେ ଜାଣି ସାରିଥିଲା ।

(ଏହିପରି ଭାବେ କ୍ରମଶଃ କିଛି ଦିନ ବିତିଗଲା)

(ପ୍ରଥମ ଭାଗ)

ସୁଶାନ୍ତର ବାପା : ଶୁଣିଛ ଲକ୍ଷ୍ମୀଘର ଭଡ଼ା ପାଞ୍ଚ ମାସର ଦିଆହେଇନି । କିଛି ଭଲ ଲାଗୁନି ମୋତେ !

ସୁଶାନ୍ତର ମା : ତୁମେ କାହିଁକି ବ୍ୟସ୍ତ ହେଉଛ, ସବୁ ଠିକ୍ ହୋଇଯିବ ।

ସୁଶାନ୍ତର ବାପା: କେମିତି ଠିକ୍ ହେବ ଯେ, ଅଫିସର ବାକି କାଗଜପତ୍ର ବି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସରିନି । ପୁଅଟା ସଂଘର୍ଷ କରୁଛି, ମୁଁ ତାକୁ ଠିକ୍ ଭାବରେ ସହଯୋଗ କରି ପାରୁନି । ଭାରି ଦୋଷୀ ଦୋଷୀ ଲାଗୁଛି ମୋତେ ।

(...ଠିକ୍ ସେ ସମୟରେ ଘର ମାଲିକ ର ଫୋନ୍ ଆସିଲା.... )

ଘର ମାଲିକ : ନାୟକ ବାବୁ କହୁଛନ୍ତି ?

ସୁଶାନ୍ତର ବାପା : ଆଜ୍ଞା ପଟ୍ଟନାୟକ ବାବୁ ନମସ୍କାର ।

ଘର ମାଲିକ : ନାୟକ ବାବୁ ଆପଣ ଘର ଭଡ଼ା ପାଞ୍ଚ ମାସର ଦେଇନାହାନ୍ତି ।

ସୁଶାନ୍ତ ବାପା : ଆଜ୍ଞା ପଟ୍ଟନାୟକ ବାବୁ ମୋର ପୁରା ପେନସନ ଦରମା ମିଳୁନି । ତେଣୁ ଘର ଭଡ଼ା ଦେବାରେ ଅସୁବିଧା ହେଉଛି । ମୋତେ ଆପଣ କିଛି ଦିନ ସମୟ ଦିଅନ୍ତୁ ମୁଁ ଆପଣଙ୍କର ସବୁ ଘର ଭଡ଼ା ପଇସା ଦେଇଦେବି ।

ଘର ମାଲିକ : (ଅସଭ୍ୟ ଭାଷାରେ ଗାଳି କଲା । ତାଗିଦ୍ କରି କହିଲା), ଏ ମାସ ଶେଷ ସୁଦ୍ଧା ଘର ଭଡ଼ା ନ ଦେଲେ ଲୋକ ଲଗାଇ ଆପଣଙ୍କୁ ବାହାର କରିଦେବି ।

ସୁଶାନ୍ତର ମା ସବୁ ଶୁଣିଥିଲେ । ବାପା ପୁରା ନିରବ ଥିଲେ । ସ୍ୱାଭିମାନୀ ମଣିଷ ସେ ଥିଲେ ନିଜ ସହ ଏ ପରି ବ୍ୟବହାର ସେ କେବେ ଆଶା କରିନଥିଲେ ।

ସନ୍ଧ୍ୟାରେ ସୁଶାନ୍ତ ପାଠାଗାରକୁ ଫେରିକି ଏ ସବୁ କଥା ଶୁଣିଲା । ଆଉ ବହୁତ ମନ ଦୁଃଖ କଲା । ରାତ୍ରିରେ ସମସ୍ତେ ବସି ରାତ୍ରଭୋଜନ କଲେ । ସୁଶାନ୍ତ ଲକ୍ଷ୍ୟ କରୁଥିଲା ବାପା ସେମିତି ଭିତରୁ ଭାଙ୍ଗି ପଡିଛନ୍ତି । ଠିକ୍ ସେତିକି ବେଳେ ବାପା କହିଲେ;

ବାପା : ବୁଝିଲୁ ସୁଶାନ୍ତ ମନ ଦେଇକି ପାଠ ପଢ଼ିବୁ କୋଉ ପରିସ୍ଥିତିରେ କେବେ ବି ହାର୍ ମାନିବୁନି ।

ସୁଶାନ୍ତ କିଛି ବୁଝିପାରୁନଥିଲା କି ବାପା କ'ଣ କହୁଛନ୍ତି । ସମସ୍ତେ ରାତ୍ର ଭୋଜନ ସମାପ୍ତ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରି ରୁମ୍ କୁ ଗଲେ ଶୋଇବା ପାଇଁ । କିନ୍ତୁ ବିଧିର ବିଧାନ ଥିଲା ଅଲଗା । ଅତ୍ୟାଧିକ ଚିନ୍ତା ଯୋଗୁଁ ସେ ଦିନ ନାୟକ ବବୁଙ୍କର ହାର୍ଟ୍ ଆଟାକ୍ ହୋଇଗଲା । ଆଉ ସେ ସବୁଦିନ ପାଇଁ ଭଗବାନଙ୍କ ପାଖକୁ ଚାଲିଗଲେ । ସକାଳ ହେଲା ....

ସୁଶାନ୍ତର ମା : ଶୁଣୁଚ ଉଠ ସକାଳ ଆସି ଅତେ ହେଲାଣି କେବେ ତ ଏତେ ଡେରିଯାଏ ଶୁଅନି । (ବହୁତ ଥର ଡାକିଲା ପାରେ ବି ସୁଶାନ୍ତ ର ବାପା ଉଠିଲେନି । ମା ବ୍ୟସ୍ତ ହୋଇକି ସୁଶାନ୍ତକୁ ଡାକିଲେ : ସୁଶାନ୍ତ ଶୀଘ୍ର ଆସି ବାପା କଣ ପାଇ ଉଠୁନାହାନ୍ତି । ଶୀଘ୍ର ଆସ...

ସୁଶାନ୍ତ ବି କେତେ ଡାକିଲା ବାପା ଉଠିଲେ ନାହିଁ । ସୁଶାନ୍ତ ବ୍ୟସ୍ତ ହୋଇ କି ଆମ୍ବୁଲାନ୍ସକୁ ଫୋନ୍ କରି ଡାକିଲା । ଆଉ ସେ ଆମ୍ବୁଲାନ୍ସ ଯୋଗେ ବାପାଙ୍କୁ ମେଡିକାଲ୍ ନେଇଗଲେ ।

ସୁଶାନ୍ତ : ସାର୍ ଦେଖନ୍ତୁ ତ ବାପାଙ୍କର କଣ ହୋଇଛି । ଡାକିଲେ ଜମା ଉତ୍ତର ଦେଉନାହାଁନ୍ତି ।

ଡାକ୍ତର : ଠିକ୍ ଅଛି ଟିକେ ଅପେକ୍ଷା କରନ୍ତୁ ମୁଁ ଦେଖୁଛି ।

ଡାକ୍ତର : ମୁଁ ଦୁଃଖର ସହ କହୁଛି ସେ ଆଉ ନାହାନ୍ତି । ହାର୍ଟ ଆଟାକ୍ ଯୋଗୁଁ ସେ ପ୍ରାଣ ହରାଇଛନ୍ତି ।

ସୁଶାନ୍ତ ଜାଣି ପାରୁନାହିଁ ସେ ଏହି ଭଳି ପରିସ୍ଥିତିର କେମିତି ସାମ୍ନା କରିବ । ନିମିଷକ ମଧ୍ୟରେ ତାହାର ଚାରିଦିଗ ଅନ୍ଧାର ଦେଖାଯାଉଚି । ବହୁ କଷ୍ଟରେ ସେ ପଇସା ସଂଗ୍ରହ କରି ସେ ବାପାଙ୍କ ଅନ୍ତିମ ସଂସ୍କାର ପାଇଁ ପ୍ରସ୍ତୁତ ହେଲା । ସୁଶାନ୍ତ ବହୁତ ଭାଙ୍ଗି ପଡ଼ିଥିଲା । ଯୋଉଁ ବାପାଙ୍କ ହାତ ତା ମୁଣ୍ଡ ଉପରେ ଥିଲା ସେ ହାତ ଆଜି ଉଠି ଗଲା ତା ମୁଣ୍ଡ ଉପରୁ । କୋକେଇରେ ବାପା ଶୋଇଥିଲା ବେଳେ ବାପାଙ୍କୁ ଶେଷଥର ପାଇଁ କୁଣ୍ଢେଇ କି ବହୁତ କାନ୍ଦିବାକୁ ଲାଗିଲା । ଆଉ କହିଲା ଚାଲିଆସ ବାପା, ଫେରିଆସ !

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବହୁତ ଭାବବିହ୍ୱଳ ପରିବେଶରେ ଅନ୍ତିମ କ୍ରିୟା ସାରିକି ଘରକୁ ଆସିଲା । ସୁଶାନ୍ତ କିଛି ଭାବି ପାରୁନଥିଲା । ଆଗକୁ କଣ କରିବ । ନିଜକୁ ସମ୍ଭାଳିବା ସହ ମାଁକୁ କେମିତି ସମ୍ଭାଳିବ । ଘରର ଯାହା ଜିନିଷ ଥିଲା ବିକ୍ରି କରି ଘର ଭଡ଼ା ଦେଲା

ଆଉ ସେ ଘର ଛାଡିକି ବସ୍ତି ଅଞ୍ଚଳରେ ରହିବାକୁ ଲାଗିଲେ । ସୁଶାନ୍ତ ତା ବାପା କରିଥିବା ଋଣର ପରିଶୋଧ କରିବା ପାଇଁ ସକାଳେ ପିଲାମାନଙ୍କୁ ଟିଉସନ୍, ଦିନ ୧୦ ଟାରୁ ୫ ଟା ସୁଦ୍ଧା ଗୋଟେ ଅଫିସରେ ଡାଟା ଏଣ୍ଟ୍ରି ଅପରେଟର୍ ଭାବେ କାମ କଲା । ଆଉ ସନ୍ଧ୍ୟା ସମୟରେ ବରମୁଣ୍ଡା ବସଷ୍ଟାଣ୍ଡରେ କୁଲି କାମ ଆରମ୍ଭ କଲା ଏହାରି ଭିତରେ କିଛି ଦିନ ବିତି ଯାଇଥାଏ .... !

ସୁଶାନ୍ତର ମନରେ ସବୁ ବେଳେ ଗୋଟେ କଥା ଆନ୍ଦୋଳନ କରୁଥାଏ । ସତରେ ମୁଁ କଣ ହାରିଗଲି ?  ବାପା କହୁଥିଲେ ତୁ କୋଉ ପରିସ୍ଥିତିରେ ବି ହାର ମାନିବୁନି । ସତରେ କଣ ମୁଁ ବାପାଙ୍କ ଭରସା ରଖିପରିଲିନି  ।

ଏମିତି ଦିନ ପରେ ପରେ ଦିନ ଅତିକ୍ରାନ୍ତ ହେବାକୁ ଲାଗିଲା ରହିଥାଏ । ଦିନେ ବରମୁଣ୍ଡା ବସ ଷ୍ଟାଣ୍ଡରେ ଥିଲା ବେଳେ ହଠାତ୍ ଜଣେ ବୟସ୍କ ବ୍ୟକ୍ତିଙ୍କ ସ୍ୱର ପଛରୁ ଶୁଭିଲା । କୁଲି ଏ କୁଲି ଏଥିକୁ ଆସେ.. !

ସୁଶାନ୍ତ: ଆଜ୍ଞା ସାର୍ ଆସୁଛି ।

ବୟସ୍କ ଲୋକ :  ବାବୁ ମୋ ଲଗେଜ୍ ନେଇକି କଲିକତା ବସ୍ ଯେଉଁଠି ଅଛି ସେଠିକି ଯିବୁ ।

ସୁଶାନ୍ତ : ଆଜ୍ଞା ସାର୍ ଯିବି ।

ବୟସ୍କ ଲୋକ: କେତେ ପଇସା ନବୁ ବାବା  ?

ସୁଶାନ୍ତ : ଆଜ୍ଞା ଆପଣଙ୍କୁ ଯାହା ଠିକ୍ ଲାଗିବ ତାହା ଦେବେ  ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୟସ୍କ ଲୋକ: ଆଚ୍ଛା ଠିକ୍ ଅଛି ଚାଲ୍ ।

(ସେ ଭାବୁଚନ୍ତି ପିଲାଟା ଭଲ ଶିକ୍ଷିତ ଭଳି ଜଣା ପଡୁଛି ଭଦ୍ର ଭଳି ଜଣାପଡୁଛି ।)

ସୁଶାନ୍ତ: ସାର୍ ଆପଣଙ୍କର ବସ ଆସିଗଲା ।

ବୟସ୍କ ଲୋକ: ଧନ୍ୟବାଦ୍ ବାବା । କେତେ ପଇସା ଦେବି ? ମୋ ବସ ଛାଡ଼ିବାକୁ ଆହୁରି ଦୁଇ ଘଣ୍ଟା ଅଛି । ମୁଁ ତୁମକୁ କିଛି ପଚାରି ପାରିବି ?

ସୁଶାନ୍ତ: ଆଜ୍ଞା ସାର୍ ପଚାରନ୍ତୁ ।

ବୟସ୍କ ଲୋକ: ତୁମ ନା କଣ ? ଆଉ ତୁମେ ଉଚ୍ଚଶିକ୍ଷିତ ଭଳି ଜଣାପଡୁଛ । କଣ ପଢିଚ ?

ସୁଶାନ୍ତ: ମୋର ନାମ ସୁଶାନ୍ତ ସାର୍ । ମୁଁ ଲୋକ ପ୍ରଶାସନ ବିଷୟରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ପି.ଜି. କରିଛି । ତା ପରେ ମୁଁ ଓଡ଼ିଶା ପ୍ରଶାସନିକ ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇଥିଲି । ଦୁଇ ଥର ଅକୃତକାର୍ଯ୍ୟ ହେବା ପରେ ........

(ନିରବ ରହିଲା ) ।

ବୟସ୍କ ଲୋକ : ହେବା ପରେ ..... ନିରବ ରହିଲ ଯେ ? କ'ଣ ହେଲା ତା ପରେ ।

ସୁଶାନ୍ତ: ବାପାଙ୍କ କଥା ସବୁ କହିଲା । ଶେଷରେ ସେ କଥାକୁ ସହିନପାରି ବାପାଙ୍କ ହାର୍ଟ ଆଟାକ ହୋଇଗଲା ।

ବୟସ୍କ ଲୋକ : ଓହୋ ! ଏଥିପାଇଁ ମୁଁ ବହୁତ ଦୁଃଖିତ ।

ସୁଶାନ୍ତ : ବାପା ଚାଲିଗଲା ପରେ ଘରର ଦାୟିତ୍ୱ ମୋ ଉପରେ ପଡ଼ିଲା । ଆଉ ମୁଁ ମୋ ସ୍ୱପ୍ନ ଠାରୁ ବହୁତ ଦୂରରେ ।

ବୟସ୍କ ଲୋକ: ନାହିଁ ୟଙ୍ଗ୍ ମ୍ୟାନ୍, ନିଜକୁ ସମ୍ଭାଳ, ତୁମେ କଣ ହାରିବ ! ନିଶ୍ଚିତ ଜିତିବ । ଏ କଥା କହି ସେ ନିଜ ପର୍ସରୁ ୫୦୦୦ ଟଙ୍କା କାଢିଲେ ଆଉ କହିଲେ ସୁଶାନ୍ତ ନିଅ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୁଶାନ୍ତ: ସାର ଏତେ ଗୁଡ଼ିଏ ପଇସା । ନାଇଁ ସାର୍ ମୋର ପାରିଶ୍ରମିକ ମାତ୍ର ୩୦ଟଙ୍କା ହେଉଛି ।

ବୟସ୍କ ଲୋକ : ନିଅ ୟଙ୍ଗ୍ ମ୍ୟାନ୍, ଏ ପଇସା ତୁମକୁ ଅଧିକ ଦରକାର । ମୋର ଗୋଟିଏ କଥା ରଖିବ ।

ସୁଶାନ୍ତ : କୁହନ୍ତୁ ସାର୍

ବୟସ୍କ ଲୋକ: ତୁମେ ଆଉ ଥରେ ଓଡ଼ିଆ ପ୍ରଶାସନିକ ପରୀକ୍ଷା ପାଇଁ ପ୍ରସ୍ତୁତ ହୁଅ । ମୋର ବିଶ୍ୱାସ ଅଛି ତୁମେ ନିଶ୍ଚିତ ଭାବରେ କୃତକାର୍ଯ୍ୟ ହେବ । (ଏତିକି କହି ନିଜ ବେଗ୍ ରୁ ଚେକ୍ ବହି କାଢ଼ି ୧୫୦୦୦ ହଜାର ଟଙ୍କାର ଚେକ୍ ସୁଶାନ୍ତକୁ ଦେଲେ ।)

ସୁଶାନ୍ତ : ଆଖିରୁ ଧାର ଧାର ଅଶ୍ରୁ ବୋହି ଚାଲୁଥିଲା ।

ବୟସ୍କ ଲୋକ: ତୁମ ସ୍ୱପ୍ନରେ ମୁଁ ଡେଣା ସାଜି । ଗନ୍ତବ୍ୟସ୍ଥଳରେ ପହଁଞ୍ଚିବାକୁ ଛୋଟ ପ୍ରୟାସ ମୋର । ଆଶା କରେ ତୁମେ ମନ ଦେଇ ପଢିବ । ଭଗବାନ ତୁମର ମଙ୍ଗଳ କରନ୍ତୁ ସୁଶାନ୍ତ: ଆଶୀର୍ବାଦ କରନ୍ତୁ ସାର୍ ।

ବୟସ୍କ ଲୋକ: ଭଗବାନ ତୁମ ସହ ସବୁବେଳେ ଅଛନ୍ତି । ହେଉ ବାବା ମୁଁ ଏବେ ଆସୁଛି ।

ସୁଶାନ୍ତ: ସାର୍...

ବୟସ୍କ ଲୋକ: କିଛି କହିବ ?

ସୁଶାନ୍ତ: ଯଦି ଖରାପ ଭାବିବନି ତେବେ ଗୋଟେ କଥା ପଚାରିବି ।

ବୟସ୍କ ଲୋକ: (ହସିକି...) ପଚାର ।

ସୁଶାନ୍ତ: ଆପଣଙ୍କର ପରିଚୟ ସାର୍ ଜାଣିପାରିଲିନି ।

ବୟସ୍କ ଲୋକ: ମୋର ନା ପ୍ରଶାନ୍ତ ସେନାପତି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୁଶାନ୍ତ : ସାରଙ୍କୁ ପ୍ରଣାମ ଜଣାଇ ବିଦାୟ ନେଲା ।

(ସୁଶାନ୍ତକୁ ଗୋଟିଏ ନୂତନ ଆଶା ସଞ୍ଚାରିତ ହୋଇଥାଏ । ନିଜକୁ ଯେତେ କଷ୍ଟ ହେଲେ ବି ପ୍ରଶାନ୍ତ ସାର୍ ଦେଇଥିବା ୨୦୦୦୦ ହଜାର ଟଙ୍କାର ସଦୂପଯୋଗ କଲା । ନିଜ ପାଇ ବହି କିଣିଲା । ୨୦୨୩ ଓଡ଼ିଆ ସିଭିଲ ସର୍ଭିସ ପାଇଁ ବିଜ୍ଞପ୍ତି ବାହାରିଲା । ସୁଶାନ୍ତ ଏଥର ଫର୍ମ ପୂରଣ କଲା । ତାର ପ୍ରସ୍ତୁତି ଶେଷ ପର୍ଯ୍ୟନ୍ତ ପହଞ୍ଚି ସାରିଥିଲା । ସମୟ ଅନୁସାରେ ପ୍ରାଥମିକ ପରୀକ୍ଷା ହେଲା ସୁଶାନ୍ତ ସେଥିରେ ଭଲ କରି ଉତ୍ତୀର୍ଣ୍ଣ ହେଲା । ମୁଖ୍ୟ ବା ଲିଖିତ ପରୀକ୍ଷା ପାଇଁ ପ୍ରସ୍ତୁତି ଜୋରଦାର୍ ଚଳାଇଲା ।  ସୁଶାନ୍ତ ଏଥର ପ୍ରଥମ ଥର ପାଇଁ ପାସ୍ ହୋଇଗଲା । ସାକ୍ଷାତ କାର ପରୀକ୍ଷା ପାଇଁ ପ୍ରସ୍ତୁତ  ହେଲା ।)

ସୁଶାନ୍ତ: ମାଁ ମୁଁ ଓଡ଼ିଆ ସିଭିଲ ସର୍ଭିସ ଲିଖିତ ପରୀକ୍ଷାରେ ପାସ୍ କରିଛି । ଆଶୀର୍ବାଦ ଦେ ମା ଯେମିତି ମୁଁ ସାକ୍ଷାତକାର ପରୀକ୍ଷାରେ ଭଲ କରିବି ।

ସୁଶାନ୍ତର ମା: ମୋର ଆଶୀର୍ବାଦ ସଦା ତୋ ଉପରେ ଅଛି ।

(ସୁଶାନ୍ତ ସାକ୍ଷାତକାର ପରୀକ୍ଷା ପାଇଁ ନିଜ ପ୍ରସ୍ତୁତ ହେବା ଆରମ୍ଭ କଲା ।) ଯେହେତୁ ତ ପାଖରେ ଅର୍ଥାଭାବ ଥିଲା । ସେଥିପାଇଁ ସେ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନକୁ ପ୍ରସ୍ତୁତ ହେବାକୁ ନ ଯାଇ ନିଜେ ପ୍ରସ୍ତୁତ ହେଲା । ସାକ୍ଷାତକାର ପରୀକ୍ଷା ଦିନ ମା'ର ପାଦଛୁଇଁ ଆଶୀର୍ବାଦ ନେଇ ସାକ୍ଷାତକାର ପରୀକ୍ଷା ଦେବାକୁ ଗଲା । କିନ୍ତୁ ସେ ଭାରି ବିଚଳିତ ଥିଲା ସେ ଦିନ । ଯଥା ସମୟରେ ସୁଶାନ୍ତର କ୍ରମିକ ନମ୍ବର୍ ଆସିଲା । ସୁଶାନ୍ତ ସାମ୍ନାରେ ଠିଆ ହେଲା । ବୋର୍ଡ ମେମ୍ବର ତାକୁ ବସିବା ପାଇଁ କହିଲେ । ସେ ଧନ୍ୟବାଦ କହିକି ବସିଲା । କିନ୍ତୁ ପାଞ୍ଚ ଜଣ ସଦସ୍ୟଙ୍କୁ ଦେଖି ସେ ଏତେ ବିଚଳିତ ହୋଇଯାଇଥିଲା କି ମୁଣ୍ଡରୁ ଗମ୍ ଗମ୍ ଝାଳ ବୋହିବାକୁ ଲାଗିଲା । ଇଣ୍ଟର୍ଭିୟର୍ ସଦସ୍ୟ ଜାଣି ପାରିଲେ । ସୁଶାନ୍ତକୁ ପାଣି ପିଇବାକୁ ଦେଇଲେ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସୁଶାନ୍ତ ନର୍ମାଲ ହେଲା ପରେ ଦେଖିକି ଆଶ୍ଚର୍ଯ୍ୟ ହୋଇଯାଇଥିଲା ।

ତା ଆଖି ସାମ୍ନାରେ ପ୍ରଶାନ୍ତ ସେନାପତି ସାର୍ ବସିଥିଲେ । ସେନାପତି ସାର୍ ମନେ ମନେ ବହୁତ ଖୁସି ହୋଇ ଯାଇଥିଲେ । ସେହିଦିନ ସାକ୍ଷାତକାର ପ୍ରାୟ ୪୦ ମିନିଟ୍ ଚାଲିଲା । ଏହାପରେ ୧୫ ଦିନ ବିତିଗଲା ..... ।

ସୁଶାନ୍ତର ମା ଟିଭି ଖବର ଦେଖୁଥିଲା । ହଠାତ୍ ଟିଭି ପରଦାରେ ଦୃଶ୍ୟ ହେଲା । ପ୍ରକାଶ ପାଇଲା ଓଡ଼ିଶା ପ୍ରସାସନିକ ସେବା ପରିକ୍ଷା  ଫଳ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି : ସ୍ନେହଲତା ପଟ୍ଟନାୟକ, ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି, ମିତାଲି ମଧୁସ୍ମିତା, ତୃତୀୟ ସ୍ଥାନ ଅଧିକାର କରିଛନ୍ତି : ସୁଶାନ୍ତ ନାୟକ ।

ପ୍ରଥମ ଦୁଇ ସ୍ଥାନ ଝିଅ ବାଜିମାତ କରିଥିବା ବେଳେ ପୁରୁଷ ବିଭାଗରେ ଟପ୍ପର ହୋଇଛନ୍ତି ସୁଶାନ୍ତ । ସୁଶାନ୍ତର ମା ଏସବୁକୁ ବିଶ୍ୱାସ କରିପାରୁନଥିଲା । ଆନନ୍ଦରେ ତାଙ୍କ ଆଖିରୁ ଅଶ୍ରୁ ବୋହିପଡୁଥିଲା । ସୁଶାନ୍ତ ବି ବିଶ୍ୱାସ କରିପାରୁନଥିଲା ସେ ସମଗ୍ର ଓଡ଼ିଶାରେ ତୃତୀୟ ସ୍ଥାନ ଆସିଛି ବୋଲି । ଠିକ୍ ସେ ସମୟରେ ଆକାଶରେ କୋଉଠୁ ମେଘ ଥିଲା । କେଜାଣି ବହୁତ୍ ବର୍ଷା ହେଲା । ସୁଶାନ୍ତ ସେ ବର୍ଷାରେ ଭିଜି ମୁଣ୍ଡକୁ ଉପରକୁ କରି କହିଲା .. ବାପା ଏ ବାପା ଶୁଣୁଛ ମୁଁ ୩ୟ ଟପ୍ପର ହେଇଛି ଓଡ଼ିଶା ପ୍ରଶାସନିକ ପରୀକ୍ଷାରେ । ସୁଶାନ୍ତ ଯେମିତି ଅନୁଭବ କରି ପାରୁଥିଲା । ତା ବାପା କହୁଥିଲେ ହଁ ବାବା ତୋ ସଫଳତାରେ ମୁଁ ବହୁତ୍ ଖୁସି । ମୋ ଆଖିରୁ ଖୁସିରେ ଲୁହ ବୋହିଯାଉଥାଏ ।

ରସୁଲଗଡ, ଭୁବନେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନାଣ୍ଟୁ



ଆଶୁତୋଷ ମେହେର

ଏଇଠି ବଦଳି ହୋଇ ଆସିବା ପରେ ମୁଁ ଯେଉଁ କଲୋନୀରେ ଭଡା ରହିଲି ତା ପାଖ ରାସ୍ତା ଉପରେ ମୋର ଦୃଷ୍ଟି ଆକର୍ଷଣ କରିଥିଲା ଏ ସୁନ୍ଦର ଜଳଖିଆ ଦୋକାନ, ବିଶେଷ କରି ତା ନାଁ....ନାଣ୍ଟୁ ଟିଫନ୍ ସେଣ୍ଟର୍ ।

ନାଣ୍ଟୁ ନାଁ'ଟା ଦେଖି ମୋର ଛୋଟଦିନ ଗାଁର କଥା ମନେ ପଡିଗଲା । ସାହିଗଳିରେ ଆମ ଘରଠୁଁ ଦୁଇ ତିନିଟା ତ ଘର ଛାଡିଥିଲା ରଜନୀ ବାବୁଙ୍କ ଭଡା ଘର । ରଜନୀକାନ୍ତ ନାୟକ, ଥିଲେ ଆମ ଗାଁ ଖୁଣ୍ଟପାଲି ଉଚ୍ଚ ପ୍ରାଥମିକ ସ୍କୁଲରେ ଶିକ୍ଷକ । ପାଠ ପଢାଇବାରେ ବହୁତ ଜଣାଶୁଣା । ତେଣୁ ସ୍କୁଲ ପାଠ ଛଡା ଗାଁର ପିଲା ତାଙ୍କ ପାଖରେ ଟିଉସନ ହେଉ ଥିଲେ ରିତିମତ । ମୁଁ ବି ଚତୁର୍ଥ ଶ୍ରେଣୀରେ ଗଲା ପରେ ବାପା ମତେ ସେଇଠି ସାର୍ ଙ୍କ ପାଖେ ଟିଉସନରେ ଭର୍ତ୍ତି କରିଥିଲେ । ମୋ ବାପାଙ୍କ ଥିଲା ଚାଷବାସ ଆଉ ବାଡିବଗିଚାରେ ପନିପରିବାର କାମ, ତାଙ୍କ ଇଚ୍ଛା ଥିଲା ମୁଁ ପାଠ ପଢି ବଡ ହେଲେ ସରକାରୀ ଚାକିରୀ କରିବି ।

ଏଇଠି ଦେଖା ହେଇଥିଲା ନାଣ୍ଟୁ ସହ । ମୋଠୁଁ ତିନି ଚାରି ବର୍ଷ ଛୋଟ, ରଜନୀ ସାର୍ ଙ୍କ ପୁଅ । ଛୋଟ ଦିନେ ତା ମୁଣ୍ଡ ବାଳ ଭଲ ଭାବେ ବଢୁନଥିବାରୁ ଗାଁ ବଇଦଙ୍କ କଥା ମାନି ରଜନୀ ସାର୍ ପୁଅର ମୁଣ୍ଡକୁ ବାରବାର ନଣ୍ଡା କରି ରଖୁଥିଲେ । ତେଣୁ ଟିଉସନ୍ ର ପିଲାମାନେ ତାକୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଡାକିବା ଆରମ୍ଭ କରିଦେଇଥିଲେ ନାଣ୍ଟୁ ନାଁ ରେ, ଯଦିଚ ତା ର ନାଁ ସାର୍ ରଖିଥିଲେ ପବିତ୍ର ମୋହନ । ଗାଁ ସ୍କୁଲରେ ସପ୍ତମ ପାସ୍ କଲା ପରେ ମତେ ଯିବାକୁ ପଡିଲା ପାଖ ଗାଁର ହାଇସ୍କୁଲକୁ ପ୍ରତିଦିନ ସାଇକେଲରେ । ସେତେବେଳକୁ ନାଣ୍ଟୁ ବି ତା ପାଠ ଆରମ୍ଭ କରିଥିଲା ଗାଁ ସ୍କୁଲରେ । ମଝି ମଝିରେ ସାର୍ ଙ୍କ ଦେଖା ହେଲେ ନାଣ୍ଟୁର ପାଠପଢା କଥା କହୁଥିଲେ, ସେ ଟିକେ ଚଗଲା ହେଉଛି ଓ ପାଠ ଛାଡି ଖେଳ ରେ ବେଶୀ ମନ ଦେଉଛି ।

ମାଟ୍ରିକ ପ୍ରଥମ ଶ୍ରେଣୀରେ ପାସ୍ ପରେ ମୁଁ ଚାଲିଗଲି ଦୂର ସହରରେ କଲେଜ ପାଠ ପାଇଁ । ତେଣୁ ଗାଁ ଯିବାଆସିବା କମିଗଲା । ଖାଲି ଯାହା ଦଶହରା ଓ ଖରାଛୁଟିରେ ଗାଁ ଆସିବାର ସୁଯୋଗ ମିଳୁଥିଲା । ସେତେବେଳେ ରଜନୀ ସାର୍ ଙ୍କ ସହ ଦେଖା ହେଲେ ନାଣ୍ଟୁ ବିଷୟ୍ କହି ବଡ ଦୁଃଖିତ ହେଉଥିଲେ । ନାଣ୍ଟୁ ଦେଇ ପାଠ ବିଶେଷ କରି ଗଣିତ ବିଜ୍ଞାନ ହେଉନି ଓ ବାରବାର ସେ ଫେଲ୍ ହେଉଛି ଶ୍ରେଣୀରେ । ଦୀର୍ଘଶ୍ୱାସ ମାରି କହୁଥିଲେ..ତା ଭାଗ୍ୟରେ ଯାହା ଥିବ । କେତେ ପିଲାଙ୍କୁ ମଣିଷ କରି ତୋଳିଛି ହେଲେ ନିଜ ପୁଅ ବାହାରିଲା ବାଲୁଙ୍ଗା ହୋଇ । ମୁଁ ସାର୍ ଙ୍କୁ ପ୍ରବୋଧ ଦେଉଥିଲି ଭଗବାନ ବାଟ ଦେଖାଇବେ ନାଣ୍ଟୁକୁ । ଆପଣ ଚିନ୍ତା କରନ୍ତୁନି ।

ସେ ବର୍ଷ ସ୍ନାତକୋତ୍ତର ପରୀକ୍ଷା ପରେ ଗାଁକୁ ଆସିଥିବା ବେଳେ ଗାଁ ସାରା ହଇଚାଇ । ନାଣ୍ଟୁ ଯେ କି ଅଷ୍ଟମ ଶ୍ରେଣୀରୁ ପାଠ ବନ୍ଦ କରି ପାଞ୍ଚ ବର୍ଷ ଘରେ ବସି ରହିଥିଲା ହଠାତ୍ ଗାଁ ଛାଡି ଉଭାନ ହୋଇଛି । ରଜନୀ ସାର୍ ପୋଲିସ୍ କୁ ଖବର ଦେଲା ପରେ ଜଣାପଡିଲା ନାଣ୍ଟୁ ପାଖ ଗାଁର ଦଳେ ପିଲାଙ୍କ ସହ ଦାଦାନ ଖଟିବାକୁ ପଳାଇଛି ହାଇଦ୍ରାବାଦ ଇଟା ଭାଟିକୁ । ପୋଲିସ୍ ବି ନାଚାର ହେଲା ଯେତେ ବେଳେ ନାଣ୍ଟୁ ମନା କଲା ଘରକୁ ଫେରିବାକୁ କାହିଁକି ନା ସେ କାମ କରିବାକୁ ସ୍ୱଇଚ୍ଛାରେ ହିଁ ଆସିଛି । ତାକୁ ହୋଇ ସାରିଥିଲା ଅଠର ବର୍ଷ ସେ ସବାଳିକ ନିଜ ଭାଗ୍ୟ ନିର୍ଦ୍ଧାରଣ ପାଇଁ । ପରେ ଖବର ପାଇଥିଲି ରଜନୀ ସାର୍ ଦୁଃଖ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମନସ୍ତାପରେ ନିଜ ପୈତୃକ ଗାଁକୁ ବଦଳି ନେଇ ଚାଲିଯାଇଥିଲେ ଆମ ଗାଁକୁ ଛାଡି । ଆଉ ମୁଁ ମଧ୍ୟ ସରକାରୀ ଅଧ୍ୟାପକ ଭାବେ ଯୋଗ ଦେଲି ଦୂର ଯାଗାକୁ ଯାଇ ଓ ଜୀବନ ଜଞ୍ଜାଳରେ ବ୍ୟସ୍ତ ରହି ଭୁଲିଥିଲି ରଜନୀ ସାର୍ ଓ ନାଣ୍ଟୁ, ଦୁହିଁଙ୍କୁ ।

ଆଜି କୋଡିଏ ବର୍ଷ ଚାକିରୀ ଜୀବନ ପରେ କେତେ ବଦଳି ଯାଇଛି ଏ ଦୁନିଆଁ । ଆଉ ପଦୋନ୍ନତି ପର ବଦଳିରେ ଏ ନୂଆଁ ସହରରେ ଠିଆ ହୋଇଛି ନାଣ୍ଟୁ ଟିଫିନ୍ ସେଣ୍ଟର୍ ଆଗରେ । ଇଏ କଣ ସେଇ ନାଣ୍ଟୁ ? ? ମୋ ରଜନୀ ସାର୍ ଙ୍କ ଦୁଷ୍ଟ ପୁଅ ନାଣ୍ଟୁ ଓରଫ୍ ପବିତ୍ର ମୋହନ ? ?

ଟିଫିନ୍ ସେଣ୍ଟର୍ ଭିତରକୁ ପଶିଲି ମୁଁ । ଭିତରେ ବେଶ୍ ଭିଡ ଗରାଖଙ୍କ । ଦକ୍ଷିଣ ଭାରତୀୟ ଟିଫିନ୍ ର ବାସ୍ନାରେ ମହକାୟିତ ପରିବେଶ । ସୁନ୍ଦର ଭିତରର ପରିବେଶ । ଛୋଟ ହେଲେ ବି ମାଲିକଙ୍କ ରୁଚି ଓ ଆଭିଜାତ୍ୟ ବେଶ୍ ବାରି ହୋଇ ପଡୁଥିଲା ।

କାଉଣ୍ଟର ସମ୍ଭାଳୁ ଥିବା ଯୁବକଙ୍କ ପାଖକୁ ଯାଇ କହିଲି.... "ନାଣ୍ଟୁ ବାବୁ ...."

..."ସାର୍, ବାପାଙ୍କୁ ଦରକାର କି ? ଏଇ ଅଫିସ୍ ଘର ଭିତରେ ପୂଜା କରୁଛନ୍ତି । ପାଞ୍ଚ ମିନିଟ୍ ଲାଗିବ, ଟିକିଏ ବସି ଯାଆନ୍ତୁ । ଚା କି କଫି କଣ ଆଣିବି କହନ୍ତୁ ?" ହସି କହୁଥିଲା ଯୁବକଟି ।

...." ରହ, ତୁମ ବାପାଙ୍କ ସହ ସାକ୍ଷାତ ପରେ ଯାହା । ଆଚ୍ଛା ତୁମ ବାପାଙ୍କ ନାଁ ପବିତ୍ର ମୋହନ ଓ ଅଜା ରଜନୀକାନ୍ତ ନାୟକ ?"

....ଏ କଥା ଶୁଣି ଚଉକି ଉପରୁ ଉଠି ପଡିଲା ପିଲାଟି ! ମୁହଁର ତାର ଅନେକ ପ୍ରଶ୍ନ ଚିହ୍ନ ।

..." ଆପଣ ଏତେ କଥା ଆମ ପରିବାର ବିଷୟରେ ଜାଣିଛନ୍ତି ? ତେବେ ତ ଆପଣ ବାପା ଓ ବାବାଙ୍କ ଅତି ଘନିଷ୍ଠ ନିଶ୍ଚୟ ? ? ଏଇ ତ ବାପା ଆସିଲେଣି...."

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁଁ ଦେଖିଲି... ଧୋତି କୁର୍ତ୍ତା ପିନ୍ଧା ପଇଁଚାଳିଶ ବର୍ଷ ପାଖାପାଖି ପ୍ରୌଢ଼ ବ୍ୟକ୍ତି ଜଣକ । ମୁଣ୍ଡରେ ସିନ୍ଦୁର ଚନ୍ଦନର ଟୋପା । ହସହସ ମୁହଁରେ ନମସ୍କାର କରୁଛନ୍ତି ମୋତେ । ମୁଁ ଭାବୁଥିଲି... ଏଇ କଣ ସେଇ ନାଣ୍ଟୁ ? ?

ତିରିଶ ବର୍ଷ ପରେ ଦୁହେଁ ଦୁହିଁଙ୍କୁ ଦେଖି ସନ୍ଦୀହାନ ହୋଇ ପୁରୁଣା ସ୍ମୃତିକୁ ମନ ଭିତରେ ଘାଣ୍ଟୁଥିଲୁ, ପରଖୁ ଥିଲୁ । ଆମ୍ନା ସାମ୍ନା ଠିଆ ହେଇଥିଲୁ ନାଣ୍ଟୁ ଓରଫ୍ ପବିତ୍ର ଓ ମୁଁ ଅଧ୍ୟାପକ ବିକ୍ରମ ।

ମୁଁ ତ ଚିହ୍ନି ପାରିଥିଲି । ନାଣ୍ଟୁ ମଧ୍ୟ ଦୋଦୋପାଞ୍ଚ ହେଲା ପରେ ଚିହ୍ନି ପାରିଲା ମତେ । ବିକ୍ରମ ଭାଇନା... ଖୁଣ୍ଟପାଲି ଗାଁ ... କହି କୁଣ୍ଢାଇ ଧରିଲା । ଆଶ୍ଚର୍ଯ୍ୟ ହେଲା ଏମିତି ଅଦିନିଆ ଦେଖା ସାକ୍ଷାତକୁ ।

ମୁଁ କହିଲି ..."ଏବେ ଏବେ ନୂଆଁ ଜାଗାକୁ ବଦଳି ଆଉ ଦୋକାନର ଫଳକରେ ନାଣ୍ଟୁ ନାଁ ଦେଖି କୌତୁହଳରେ ଟିଫିନ୍ ସେଣ୍ଟର୍ ଭିତରକୁ ଆସି ଯାଇଛି" ।

..."ବହୁତ ଖୁସିର କଥା । ମୋ ଭାଗ୍ୟରେ ଥିଲା ଆପଣଙ୍କ ସହ ପୁଣି ଭେଟ ହୋଇଗଲା । ଆସନ୍ତୁ ଅଫିସ୍ ରେ ବସି ଗପିବା ।" ବାଟ କଢାଇ ନେଲା ସେ ତା ଅଫିସ୍ ଭିତରକୁ ।

ଭିତରକୁ ପସିଲା ମାତ୍ରେ ମୋ ଆଖିରେ ପଡିଲା ବଡ ଫ୍ରେମ କରା ରଜନୀ ସାର୍ ଙ୍କ ଫଟୋ ଉପରେ । ସେ ଫଟୋ ଉପରେ ଝୁଲୁଥିବା ଫୁଲମାଳ ମୋତେ ଦୁଃଖିତ କରି ଦେଲା । ସାର୍ ଙ୍କ ସ୍ୱର୍ଗବାସ ହୋଇ ଯାଇଛି ନିଶ୍ଚେ । ହାତ ଯୋଡି ନମସ୍କାର ହେଲି ସାର୍ ଙ୍କ ଫଟୋ ତଳେ । ନାଣ୍ଟୁ ବି ପୋଛୁଥିଲା ଆଖି ର ଲୁହ ତା ଗାମୁଛାରେ, କହିଲା..".ବସନ୍ତୁ... ଭାଇନା " !

ଚଉକିରେ ବସି ପଡି ଚାରିପଟକୁ ଆଖି ବୁଲାଇ ଆଣିଲି । ଭାବୁଥିଲି ଅଷ୍ଟମ ଶ୍ରେଣୀରୁ ପାଠ ଡେଇଁ ପାରି ନଥିବା ଆଉ ଦାଦନ ଖଟିବାକୁ ଘରୁ ଲୁଚିଛପି ପଳାଇଥିବା ନାଣ୍ଟୁର ବହୁତ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଉନ୍ନତି କରିଛନ୍ତି ଭଗବାନ । ନିଜ ଆଖିରେ ଦେଖି ନ ଥିଲେ ମୁଁ ହୁଏତ ବିଶ୍ୱାସ କରି ପାରି ନଥାନ୍ତି ।

" ମଉସା...କଫି ନିଅନ୍ତୁ" କପ୍ ଟା ଟେବୁଲ୍ ଉପରେ ରଖି କହୁଥିଲା ସେଇ ଯୁବକ ଜଣକ ।

"ବିକ୍ରମ ଭାଇ, ଏ ମୋର ପୁଅ ମନୋଜ । କଲେଜରେ ପଢୁଛି । ବେଳେ ବେଳେ ଆସି ମୋର ସହ ହାତ ବଟାଏ ବ୍ୟବସାୟ ରେ ।"

"ବହୁତ ଖୁସି ଲାଗିଲା ନାଣ୍ଟୁ ତୁମର ଏ ଉନ୍ନତି ଦେଖି । ମୋର ପୁରା ମନେ ଅଛି ସାର୍ ଦୁଃଖରେ ଖୁଣ୍ଟପାଲି ଛାଡିଥିଲେ ତୁମେ ହାଇଦ୍ରାବାଦ ଲୁଚି ପଳାଇବା ପରେ ।

ମୁଁ ବି ଚାକିରୀ ପାଇ ଗାଁ ଠୁ ଦୂରରେ ରହିଲି । ଆଉ କିଛି ଖବର ବି ରଖିପାରି ନ ଥିଲି । ଆଜି ଯାହା ଏଇ ଦେଖା ସାକ୍ଷାତ" ।

"କଫିଟା ପିଇ ନିଅ । ସବୁ କଥା କହିବି ଯେ" ।

ବଢିଆ ଦକ୍ଷିଣ ଭାରତୀୟ କଡା କଫି, ସୁନ୍ଦର ଟେଷ୍ଟ ଓ ମହକ । ପିଇସାରି କପ୍ ଟା ରଖିଲି ଟେବୁଲ ଉପରେ ।

ନାଣ୍ଟୁ ଆରମ୍ଭ କରିଥିଲା ତା ଜୀବନ କାହାଣୀ ।

"ବିକ୍ରମ ଭାଇ, ମୋ ଦେଇ ତ ପାଠ ହେଉନଥିଲା । ଅଷ୍ଟମରେ ଫେଲ୍ ହୋଇ ରହିଗଲି । କଣ ବା କାମ କରିଥାନ୍ତି ଏତେ କମ ପାଠରେ । ନିଜ ଜାଗାରେ ମୂଳ ଲାଗିଲେ ଲାଜ ଲାଗିବ ଭାବି ଭାବି ଦିନେ ଖବର ପାଇଲି ପାଖ ଗାଁର କିଛି ପିଲା ବାହାରିଛନ୍ତି ହାଇଦ୍ରାବାଦ ଯାଇ ଇଟାଭାଟିରେ କାମ କରିବେ । ମଉକା ଭାବି ଘରେ କାହାକୁ ନ କହି ଦେଶାନ୍ତର ହୋଇଥିଲି । ବାପାଙ୍କୁ କହିଥିଲେ ତ ଛାଡି ନଥାନ୍ତେ ତେଣୁ ଲୁଚି ପଳାଇଲି । ଦାଦନ ଖଟିରେ ଅନେକ ଲୋକ ଦୁଃଖକଷ୍ଟ ଭୋଗନ୍ତି, ପୁରା ସତ କଥା । ହେଲେ ମୋ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଭାଗ୍ୟରେ ଲେଖାଥିଲା କିଛି ନୂଆଁ କଥା । ସେଇଠି ଦୁଇ ବର୍ଷ କଷ୍ଟରେ କାମ କଲାପରେ ହାତରେ କିଛି ପଇସା ବି ଜମା ଆସିଯାଇଗଲା । ଇଟାଭାଟି ପାଖରେ ଜଳଖିଆ ଦୋକାନ କରିଥିବା ପାନ୍ତାଲୁ ପାଖରେ ଜଳଖିଆ ଖାଇବା ଭିତରେ ତା ମାଁ ଛେଉଣ୍ଡ ଝିଅ ଲକ୍ଷ୍ମୀ ସହ ପ୍ରେମଭାବ ବି ହୋଇଗଲା । କଥା ଏତେ ବଢିଗଲା ଯେ ମତେ ପାନ୍ତାଲୁ ବାଧ୍ୟ କରିଥିଲା ଲକ୍ଷ୍ମୀକୁ ବିବାହ କରିନେବାକୁ । ପାଖ ମନ୍ଦିରରେ ସେ କାମଟା ସରିଗଲା ଇଟାଭାଟିର ସାଥୀ ଗହଣରେ । କିଛିଦିନ ପରେ ଓଡିଶା ନିଜ ଗାଁକୁ ଫେରିବା କଥା ଶୁଣି ବାବା ପାନ୍ତାଲୁ କହିଲେ ତାଙ୍କ ଛୋଟ ହୋଟେଲ୍ ର ମୂଳ ହେଉଛ ଝିଅ ଲକ୍ଷ୍ମୀ ଯେକି ସବୁ ରନ୍ଧାବଢା ଜଳଖିଆ ତିଆରି ସମ୍ଭାଳେ ତିଆରି କରେ । ସେ ଏଠି ଏକା ରହି କରିବେ କଣ । ତେଣୁ ସେ ବି ଆସିବେ ଆମ ସହିତ ଓଡିଶାକୁ ଗାଁକୁ । ତାଙ୍କରି କଥାରୁ ଯୋଜନା ହେଲା ଓଡିଶା ଆସି ଆମ ଗାଁ ପାଖ ସହରରେ ଗୋଟାଏ ଦକ୍ଷିଣ ଭାରତର ଟିଫିନ୍ ଦୋକାନ ଖୋଲା ହେବ ଯେଉଁଠି ସେ ଲକ୍ଷ୍ମୀ ସହ ମିଶି ରୋଷେଇ ସମ୍ଭାଳିବେ ଓ ବାକି ବାହାର କାମ ମୁଁ ଦେଖିବି । ଗାଁରେ ତ ଏମିତି ଦୋକାନ ଚାଲିବନି ତେଣୁ ବିଚାର କରି ପାଖ ଏ ସହରରେ ପ୍ରଥମ କରି ଛୋଟ କରି ଆରମ୍ଭ କରିଥିବା ହୋଟେଲ, ଗ୍ରାହକଙ୍କ ମନ କିଣି ବଢିକରି ଆଜି ହୋଇଛି ଏ ଟିଫିନ୍ ସେଣ୍ଟର । ମୋର ଓଡିଶା ଫେରିବା କଥା ଶୁଣି ବାପା ଖୁସି ତ ହୋଇଥିଲେ ତେବେ ମୋର ବାହା ହୋଇ ପଡିଥିବା କଥାରେ ବିରକ୍ତି ହୋଇଥିଲେ । ପରେ ପରେ ମୋ ବ୍ୟବସାୟର ସଫଳତା ଦେଖି ଚାକିରୀରୁ ଅବସର ପରେ ଏକାଠି ଆମ ସହ ରହିଥିଲେ ବଞ୍ଚିଥିବା ଯାଏଁ । ବାପାଙ୍କ ପାଖର ଥିବା ଫଟୋଟା ମୋ ଶ୍ୱଶୁର ପାନ୍ତଲୁ ବାବାଙ୍କ । ତାଙ୍କର ବି ଦେହାନ୍ତ ହୋଇଛି ଏ ସହରରେ । ଏବେ ମୋ ସ୍ତ୍ରୀ କିଛି ଦକ୍ଷିଣୀ କାରିଗର ଧରି ରୋଷାଇ ସମ୍ଭାଳୁଛି, ଆଉ ବାକି କାମ ମୋର ।"

ଖୁସି ଲାଗୁଥିଲା ମତେ । ଏଇ ନାଣ୍ଟୁକୁ ନେଇ ବହୁତ ଚିନ୍ତାଶୀଳ ଥିଲେ ସାର୍ ହେଲେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରେ ତାର ବ୍ୟବସାୟ ଦେଖି ନିଶ୍ଚୟ ଶାନ୍ତିରେ ଆଖି ବୁଜିଥିବେ । ସତରେ ପାଠ ନ ହେଲେ ବି ଭାଗ୍ୟ ସହ ପରିଶ୍ରମ କରି ମଣିଷ ନିଜ ଜୀବନକୁ ସଳଖି ଠିଆ କରାଇ ପାରେ, ସମାଜ ପାଇଁ ଉପକାରୀ ସାଜିପାରେ, ପ୍ରମାଣ କରୁଥିଲା ନାଣ୍ଟୁ ଟିଫିନ୍ ସେଣ୍ଟର୍ ।

ଫେରିବା ପାଇଁ ଉଠିବି ଉଠିବି ହେଉଥିଲେ, ପଶି ଆସିଲେ ଜଣେ ସ୍ତ୍ରୀ ଲୋକ । ନମସ୍କାର ହେଲେ । ଆନୁମାନ କରି ନେଲି ଏ ନିଶ୍ଚୟ .... ।

"ଭାଇନା, ଏଇ ମୋ ସ୍ତ୍ରୀ ଲକ୍ଷ୍ମୀ, ଏ ଟିଫିନ୍ ସେଣ୍ଟରର ମୂଳ । ତା ହାତର କମାଲ୍ ହିଁ, ମୋର ଉନ୍ନତି ପଛର ମୂଳ ମନ୍ତ୍ର । ହେଇ ଦେଖନ୍ତୁ ଆପଣଙ୍କ ପାଇଁ ଆଣିଛି ତା ହାତ ତିଆରି ଇଟଲି ଓ ଉପମା ।"

ଜଳଖିଆ ପ୍ୟାକେଟଟା ଧରି ବାହାରି ଆସିଲି ।

ହସି ହସି ହାତ ହଲାଇ ନଣ୍ଟୁ, ଲକ୍ଷ୍ମୀ ଓ ମନୋଜ ବିଦାୟ ଦେଉଥିଲେ ମତେ ।

ପଛରୁ ଶୁଭିଲା, "ମଉସା, ଏବଠୁଁ ବରାବର ନିଶ୍ଚୟ ଆସିବେ ଆପଣ ଆମ ଟିଫିନ୍ ସେଣ୍ଟରକୁ" ।

ବୁଲି ଦେଖିଲି ନାଣ୍ଟୁର ପୁଅ, ମନୋଜ କହୁଥିଲା ହସି ହସି ଦୁଇ ହାତକୁ ଯୋଡି ! !

୫୪, ଆର୍ଯ୍ୟପଲ୍ଲୀ

କିଟଛକ, ପଟିଆ, ଭୁବନେଶ୍ୱର ୭୫୧୦୨୪

ଦୂରଭାଷ ୯୪୩୭୦୮୫୩୯୬

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# କବିତା ବିଭାଗ

https://www.youtube.com/DrJyotiPrasadPattnaik

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭିଜା ଭିଜା ବର୍ଷା ରାତିରେ



ଶିବ ନାରାୟଣ ଦାଶ

ମେଘ ଭରା ଆକାଶରେ କେବେ ଯଦି ଥରେ
ଅସରାଏ ବରଷାର ଧାରା ଝରି ପଡେ,
ମିଠା ମିଠା ଓଦା ମାଟି ବାସ୍ନା ମହକରେ
ଦେହ-ପ୍ରାଣ ରୋମଞ୍ଚର ମୃଦୁ ଶିହରଣେ
ମୋ ମନ ଆଛନ୍ନ କରି ତୁମେ ଆସ ଧୀରେ,
ତୁମେ ମୋର ମନେ ପଡ ଭିଜା ଭିଜା ବରଷା ରାତିରେ ।

ତୁମେ ମୋର ମନେ ପଡ ଭିଜା ଭିଜା ବରଷା ରାତିରେ,
କଳା କଳା ମେଘ ଖଣ୍ଡ ଭାସି ଆକାଶରେ
ଢାଙ୍କିଦେଲେ ଚତୁର୍ଦ୍ଦିଗ କଳା ବାଦଲରେ,
ମହଲଣ ମାଛି ଆଲୁଅରେ
ମନେପଡେ ତୁମ କଥା ଭାରି -
ତୁମରି ଉନ୍ମୁକ୍ତ କେଶ ଆଜାନୁ ଲମ୍ବିତ
ଗଗନ ବିସ୍ତାରି ସତେ ମେଘମାଳା ଭଳି
ଉଡୁଅଛି କାକ-କୃଷ୍ଣ ମେଘ ଖଣ୍ଡ ପରି,
ମେଘୁଆ ଆକାଶ ଟାଣେ ଅହରହ ତୁମକୁ ମୋ ପାଶେ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସ୍ୱଷ୍ଟ ମନେପଡେ

ଭିଜା ଭିଜା ବରଷାରେ ତୁମ ମୁହଁ ବାରମ୍ବାର ଦିଶେ ।

ଟୋପା ଟୋପା ବରଷାର ପାଣି

ଆକାଶରୁ ପଡିଲେ ଉଜାଣି,

ବିଜୁଳି ଓ ଘଡଘଡି ଚମକର ଫାଂକେ

ଦିଶିଯାଏ ତୁମ ଦୁଇ ନୟନର ନିରୁପିତ,

ବ୍ରୀଡ଼ାନତ ଆଉ ପୁଣି ସଲ୍ଲଜ ଚାହାଣୀ,

କହିଯାଏ ଆମ ପ୍ରୀତି-ପ୍ରଣୟର ସଂଗୋପିତ

ବିଗତ ଦିନର କେତେ ଅସରା କାହାଣୀ ।

ଏଇମିତି ବର୍ଷଣ ରାତିରେ

ସୁରର ଝଙ୍କାର ତୋଳି

ଗାଉଥିଲ ତୁମେ ଯେବେ ବରଷା ରାଗିଣୀ,

ବିନ୍ଦୁ ବିନ୍ଦୁ ବରଷାରେ ଭିଜା, ତୁମ ରୂପ ମୋତେ ମୁଗ୍ଧ କରେ,

ଶ୍ରାବଣର ଅବାଧ ଧାରାରେ

ତୁମେ ମୋର ମନେ ପଡ ଭିଜା ଭିଜା ବରଷା ରାତିରେ ।

ଲିଭିଯାଏ ଦିନର ଆଲୁଅ

କେତେ ଶୀଘ୍ର ସଞ୍ଜ ଆସେ ନଇଁ,

Listen to Odia Podcast on https://anchor.fm/aahwaan

ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

କଳା ବାଦଲରେ ଭରା

ଆକାଶରୁ ଖସି ପଡେ ପୁଳା ପୁଳା ଅନ୍ଧାରର ଛାଇ ।

ଅନ୍ଧକାର ଭଲଲାଗେ ଭାରି

ବରଷାର ଆର୍ଦ୍ରତାରେ ଭିଜା ରୋମାଞ୍ଚର ପ୍ରେମାବେଗ ଭରି ।

ମନେ ହୁଏ ତୁମେ ଆସି ବସିଅଛ ପାଖେ,

ତୁମରି ନିଃଶ୍ୱାସ ମୁଁ ଯେ ସ୍ପଷ୍ଟ ବାରିପାରେ,

ସ୍ପର୍ଶ ତୁମ ଆନମନା କରେ,

ତୁମ ଆଉ ମୋ ଭିତରେ ବ୍ୟବଧାନ ଯେତେ

ସ୍ୱଚ୍ଛ ଦିବାଲୋକେ,

ଘୁଞ୍ଚିଯାଏ ବରଷାର ଅନ୍ଧ-ରାତିରେ ।

ଝିପି ଝିପି ବରଷାର ମାଦକ ବାସ୍ନାରେ

ତୁମେ ମୋତେ ସମ୍ମୋହିତ କର ଭିଜା ଭିଜା ବରଷା ରାତିରେ ।

ତୁମେ ମୋର ମନେ ପଡ ଭିଜା ଭିଜା ବରଷା ରାତିରେ,

ରାତି ହେଲେ ଘନୀଭୂତ, ନିସ୍ତବ୍ଧ

ଆଉ ନିଶବଦ,

ସହର ଆଲୁଅ ଯେତେ ଲିଭିଗଲା ପରେ

ମେଘର ପଟଳ ତଳେ

ଅନ୍ଧକାର ପ୍ରଶସ୍ତ ବହଳ

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

ଘନେଇ ଜମାଟ ବାନ୍ଧେ

ନିଶୁନ ରାତିରେ,

ଅବାରିତ ଜଳବୃଷ୍ଟି ଲଗାଣ ତୋଫାନ

ତୀବ୍ରରୁ ତୀବ୍ରତର ହୁଏ,

ରୁଣୁଝୁଣୁ ବରଷାର ଗୁଞ୍ଜରଣ ଛଡା

ଆଉ କିଛି ଶୁଭେନାହିଁ ନିଝୁମ ରାତିରେ,

ସେଇ ସେ ମୁହୂର୍ତ୍ତେ

ତୁମେ ଆସି ହୁଅ ଏକାକାର

ମୋ ସତ୍ତାର କୋଣ-ଅନୁକୋଣେ ।

ମୋ ଭିତରେ ହୁଅ ସମାହିତ

ପୂର୍ଣ୍ଣ ସମର୍ପିତ,

ବରଷାର କାଲୁଆ ହାଓ୍ୱାରେ

ତୁମ ଉଷ୍ମ ଆଲିଙ୍ଗନ, ମୋତେ ପୁଣି ରୋମାଂଚିତ କରେ ।

ବିଛଣାରେ ଶୋଇ ଶୋଇ କଡ ଲେଉଟାଏ,

ତୁମେ ଦିଶ ଚତୁର୍ଦ୍ଦିଗେ

ବରଷାର ପ୍ରତିଟି ବୁନ୍ଦାରେ,

ଅନ୍ୟଦିନ ମାନଙ୍କ ଠାରୁ

ତୁମେ ଦିଶ ଅଧିକ ସୁନ୍ଦର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଉ ମନୋରମା,

ତୁମରି ଉଚ୍ଛୁଳା ହସ ବିଦ୍ଧ କରେ

ହୃଦୟକୁ ବରଷାର ତମିସ୍ର ରାତିରେ,

ଆୟତ ନୟନ ତୁମ ଦିଶେ ପୁଣି

ଲଜ୍ଜାରୁଣ - ବର୍ଷାଭିଜା

ସ୍ନିଗ୍ଧ ପ୍ରେମବଶେ ।

ଆଗୋ ମଦାଳସା !

ବରଷା ରାତିରେ ତୁମେ ଲାଗ ସତେ ଅବା

ରୋମାଣ୍ଟିକ ଉପନ୍ୟାସ ସୁରମ୍ୟା ନାୟିକା -

ଯାହାକୁ ମୁଁ ଭେଟିଥିଲି ଦିନେ

ଏଇମିତି ବରଷାର ଧାରା ଶ୍ରାବଣରେ ।

ତୁମେ ମୋର ମନେ ପଡ ଭିଜା ଭିଜା ବରଷା ରାତିରେ ।

ଆଳସ୍ୟର ହାଇମାରି

ଖୋଜୁଥାଏ ତୁମକୁ ମୁଁ ଚାହିଁ -

ଉଷ୍ମ କପେ ଚାହା ନେଇ ତୁମେ

ପାଶେ ହେବ ଠିଆ,

ଚମ୍ପକ-ଅଙ୍ଗୁଳି ଚାଳି ମୋ ମଥାର କେଶ ଗହନରେ

ତୁମେ ପୁଣି ଡାକୁଥିବ ଧୀରେ,

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିଦ ମୋର ଭାଙ୍ଗିଦେବ ବୋଲି

ବର୍ଷା ସକାଳରେ ଛଣା -

ବରା ଆଉ ପକୁଡି ଭଜାରେ ।

କାଗଜର ଡ଼ଙ୍ଗା ମୋର ସ୍ୱପନେ ସାଇତା

ଭାସିଯାଏ ବରଷା ପାଣିରେ,

ତୁମେ ମୋର ମନେ ପଡ ଭିଜା ଭିଜା ବରଷା ରାତିରେ ।

ଇମେଲ୍ : dasshibanarayan61@gmail.com

ଭ୍ରାମ୍ୟଭାଷୀ : ୯୯୯୦୨୪୬୫୬

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଝଡ଼ର ପକ୍ଷୀ



ସ୍ୱର୍ଗତ ଶ୍ରୀ
ମାୟାଧର ଦାଶ

ଝଡର କବଳେ ମୁଁ ଯେ ନୀଡ଼ହରା ସାଥୀହୀନ ପକ୍ଷୀ,
ଅଶ୍ରୁର ଅଗ୍ନିରେ ସିକ୍ତ ଜୀବନ ମୋ କରାଳ ବୈଶାଖୀ !

ଅସହାୟେ ଉଡ଼ିବୁଲେ ବିହାୟସେ ବାସନା ବିକଳେ,
ମୋ' କୁଲାୟ ଅବିରତ ଅନ୍ତହୀନ ବେଦନାରେ ଜଳେ ।

ଅନ୍ତରୀକ୍ଷ ଗାଏ ଯେବେ ସୀମାହୀନ ନୀଳିମାର ଗୀତ,
ଅନ୍ତରେ ମୋ' ଜୀଇଁଉଠେ ବିଭାମୟ ବିଭୋର ଅତୀତ ।

ସେ ଜୀବନ ସଙ୍ଗୀତର ସକରୁଣ ମୋହ ମୁଗ୍ଧ ଭାତି,
ଆଣିଦିଏ ଦୁଃଖ ସହି ବଂଚିବାର ଅମୃତ ପ୍ରତୀତି ।

ଅନେକ ଝଡର କ୍ଷତ ମୋ' ପକ୍ଷର ବାହ୍ୟ ଅଭ୍ୟନ୍ତରେ,
ପକ୍ଷବାହି ତଥାପି ବିହରେ ଗାଏ ଗୀତ ସୁମଧୁର ସୁରେ ।

ଲକ୍ଷ୍ୟ ମୋର ଅନ୍ତରୀକ୍ଷ ଲଂଘିଯିବି ଆଲୋକର ଦେଶେ,
ପରମ ଆନନ୍ଦେ ଯହିଁ ଜୀବନଟା ଚିରଦିନ ହସେ ।

ସେ ଦେଶୁଁ ଆଣିବି ବହି ଆତ୍ମାର ଦିବ୍ୟ ଉପାଦାନ,
ଗଢିବାକୁ ମର୍ତ୍ତ୍ୟପୁରେ ଅବିନାଶୀ ଅମର୍ତ୍ତ୍ୟ ଭୁବନ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆତ୍ମାର ପ୍ରତିରୂପ



ଅମୃତ ନାରାୟଣ ଶତପଥୀ

ସୂର୍ଯ୍ୟ ସମ ଉତ୍ତପ୍ତ ଅବା, ଚନ୍ଦ୍ର ସମ ପୁଣି ଶୀତଳ,
ପର୍ବତ ସମ ବନ୍ଧୁର ଅବା, ପୁଷ୍ପ ସମ ପୁଣି କୋମଳ ।(୧)
ଝରଣା ସମ ଗତିଶୀଳ ଅବା ବୃକ୍ଷ ସମ ଦଣ୍ଡାୟମାନ,
ପବନ ସମ ସର୍ବ ବ୍ୟାପ୍ତ ଅବା ଅଗ୍ନି ସମ ଜାଜ୍ୱଲ୍ୟମାନ ।(୨)
ବିଜୁଳି ସମ ଚଞ୍ଚଳ ଅବା ହିମାଦ୍ରୀ ସମ ପୁଣି ଅଚଳ,
ସଜୀବ ସମ ଚଳ ଅବା ନିର୍ଜିବ ସମ ପୁଣି ନିଶ୍ଚଳ ।(୩)
ଆତ୍ମାର ଏ ପ୍ରତିରୂପ ଅଟଇ ବିଚିତ୍ର
ଜଣାନାହିଁ ଏହା କେଉଁ ରଙ୍ଗରେ ଚିତ୍ରିତ ।(୪)
ପରମାତ୍ମାଙ୍କ ଅଂଶ ଏହା ସୃଷ୍ଟିରେ ବିରଳ,
ଆତ୍ମା ପାଇଁ ଜୀବିତ ଏ ସଜୀବ ସକଳ ।(୫)
ଆତ୍ମାରେ ଆତ୍ମାକୁ ଦେଖ ଦେଖିଲେ ପାଇବ ସୁଖ
ସକଳ ସୁଖ ଉପେକ୍ଷ ଜ୍ଞାନ ଲଭିବ ପ୍ରତ୍ୟକ୍ଷ ।(୬)

ନୟାପଲ୍ଲୀ ଜୟଦେବ ବିହାର ଭୁବନେଶ୍ୱର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାପା, ମୋ ବାପା...



ସ୍ୱାଗତିକା ମିଶ୍ର

ଜୀବନରେ ଭାଗ୍ୟବାନ ଆଜି ସେ ମନୁଷ୍ୟ
କନ୍ୟା ଜନ୍ମକରି ଯିଏ ପାଳିଲା ବରଷ ।

ସବୁ ବାପା ମାଆ ଭାଗ୍ୟେ ନାହିଁ ସେହି ଝିଅ
ପାଳିବା କ୍ଷମତା ଦେଖି ବର ଦେଲେ ଦିଅଁ ।

ଦୁହିତା ମୁହଁରେ ଦେଖି ହସ ଟିକେକର
ଦିନକର ପରିଶ୍ରମ ପାଷୋରି ଦେବାର ।

ଇନ୍ଦିରା ଠାରୁ ପ୍ରତିଭା କାହାକଥା ଭାଇ
ପିଅର ଆର୍ଶିବାଦରୁ ଆଗରେ ଚାଲଇ ।

ବାପା ବୋଲି ଡାକିଦେଲେ ଥରୁଟିଏ ସେଇ
ସବୁ କାମ ଛାଡିକରି ଦଉଡି ଆସଇ ।

ତାତ ଥିବା ସୁତା ସଦା ଗେହ୍ଲା ବରଷର
ନିର୍ଭୟେ ନିଶ୍ଚିନ୍ତେ ଚାଲେ ଜୀବନ ରାସ୍ତାର ।

ଓଠରେ ସେ ହସ ଆଉ ମୁହଁରେ ଚମକ
ଜନକ ଆଖି ପିତୁଳା ଅଟେ ସେ ତାରକ ।

ଝିଅ ନୁହେଁ ସିଏ ଆଜି ରାଜଜେମା ସମ
ବୋଝବୋଲି ହୃଦୟରୁ ଦୂରେଇ ଦିଅ ଭ୍ରମ ।

ବାପା ଶବ୍ଦ ଅର୍ଥକୁ ତ ଚେଷ୍ଟାକର ବୁଝି
ଏମିତିସେ ଋଣ କେବେ ପାରିବନି ସୁଝି ।

ଜୀବନରେ ଭାଇ ଯଦି ପୂଣ୍ୟ କରିଥିବ
ତନୟାଥିବା ପିତାକୁ ଯେ ସମ୍ମାନ କରିବ ।

ଅରବିନ୍ଦ ନଗର, ତୃତୀୟ ଗଳି
ବ୍ରହ୍ମପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଗେଣ୍ଡୁ ଫୁଲ



ପ୍ରଶାନ୍ତ ବ୍ରହ୍ମା

ଯେତେ ଦେଖୁଥିଲେ ନୂଆ ନୂଆ ଲାଗେ ଗେଣ୍ଡୁଫୁଲ ହାର
ହେଉ ଅବା ଦେବା ଦେବୀ, ମଣିଷ ସଭିଙ୍କର ସେ ଗଳାର ହାର ।

ମାର୍ଗଶିର ମାସ ଗୁରୁବାର ମାଣ ବସା ଗେଣ୍ଡୁଫୁଲ ମହକେ ଦୁଆରେ
ହୁଳହୁଳି ଶବ୍ଦରେ କମ୍ପେ ଚାରିଆଡ଼େ ବନ୍ଦାପନା ଗେଣ୍ଡୁ ଫୁଲରେ ।

ବଜାର ହାଟରେ ଦେଖିବ ଗହଳି ଗେଣ୍ଡୁଫୁଲ କୁ ନେଇ ମୂଲ ଚାଲ
ଯେତେ ଫୁଲ ସବୁ ପଡ଼ିଯାଏ ଫିକା ଏକ ମାତ୍ର ନେଇ ଗେଣ୍ଡୁଫୁଲ ।

ଯେତେ ତୋଳୁ ଥିଲେ ମନ ଲାଗେନାହିଁ ଆଉ ତୋଳନ୍ତି ସତେକି ।
ବାସ୍ନା ତାହାର ଯେତିକି ଦେଖିବାକୁ ଲାଗେ ସେ ସୁନ୍ଦର ସେତିକି ।

ପଲାଶପୁର, ଖୋର୍ଦ୍ଧା ।

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସକାଳର ଚିତ୍ରାଙ୍କନ



ନୀଳମଣି ଚାନ୍ଦ

ଦୁର୍ବାଦଳ ନନ୍ଦିନୀ
ଫୁଲେଇ ନା
ଖୁବ୍ ଅଭିମାନିନୀ
ଅବୁଝା ସେ ହୁଏ
ଏ ଶୀତର ନରମ ସକାଳେ
ଅଳିକରେ, ଜିଦ୍ ଧରେ
ବିସ୍ତୀର୍ଣ୍ଣ ପ୍ରାନ୍ତରରେ
ଗୋଟେ ସୁନାବେଶ ତା'ର  ଯେ ଲୋଡା ।

ପରୀଟିଏ ପରି
ସରଗୁ ଓହ୍ଲେଇ ଆସେ
କାକର
ମୁରୁକି ହସେ
ବସଇ ପାଶେ
ସୂରୁଯ ମୁରୁଜର
କାଉଁରି ଛୁଆଁରେ
ଚାହୁଁ ଚାହୁଁ ଗଢିହୋଇଯାଏ
ମୁକ୍ତାହାର ।

ଆସ ତା'କୁ ଦେଖିବା
ତାଜମହଲ, କୋଣାର୍କ
ସାନଘାଘରା, ତପ୍ତପାଣି
ଡାଲହ୍ରଦ, ସୁନ୍ଦରବନକୁ
ଦେଖିବା ପରି
ବେଶୀ ଆଲୁଅ ପଡିଲେ
ରବିଙ୍କ ଉତ୍ତାପ ବଢିଲେ
ସେ ଉଭେଇଯିବ
କୁଆଡେ ଚାଲିଯିବ ସେ ମୁକ୍ତାହାର
ସେ କାକର
ଏ ସତ ନା ଦୁର୍ବାଦଳର ସ୍ୱପ୍ନ
ନା ଗୋଟେ ସକାଳର ଚିତ୍ରାଙ୍କନ ।

ଭୁବନେଶ୍ୱର,ମୋ:୯୫୮୩୨୦୨୩୫୭
chandnm6@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କେବେ କେବେ ତୁମ ସହ



ନିରଞ୍ଜନ ସାହୁ

କେବେ ଗୋପନରେ କେବେ ସପନରେ
ଭେଟ ହୁଏ ତୁମ ସହ
କେବେ ଭାବନାରେ ସ୍ମୃତି ଚହଟିଲେ
ବାସ ହୁଏ ମହମହ ।

କେବେ ବି ସମୟ କଦାପି ମିଳେନା
ଭାବିବାକୁ ତୁମ କଥା
କେବେ ବି ଭାବିଲେ ତୁମ ଆମ କଥା
ଘୁରି ଯାଉଥାଏ ମଥା
କେବେ ଭାବୁଥାଏ ଭାବିବିନି କିଛି
କେବେ ଭାବେ ଅହରହ ।

କେବେ ଦେଖାହେଲେ ଚାଲିଯାଅ ତୁମେ
ଅଜଣା ଅଶୁଣା ପରି
କେବେ କଥାହୁଅ ପଛକଥା ଭୁଲି
ହସଖୁସି ମଜା କରି
ଆଜି ମୁଁ ଏକାନ୍ତେ ଯାଯାବର ସମ
ତୁମ ପାଶେ ଗହଗହ ।

ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ — ୭୫୯୦୧୬
ମୋ :— ୯୯୩୮୭୪୧୫୮୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପାଷାଣୀ ପ୍ରିୟା ଲୋ କାହ୍ନୁଥା



ତାରା ପ୍ରସାଦ ଜେନା

ପାଷାଣୀ ପ୍ରିୟା ଲୋ କାହ୍ନୁଥା ଏମିତି, ଝରାଇ ଯାତନା ଲୁହ
ପ୍ରିୟ ଜଣେ ଥିଲା ଏକୋଇ ମନର, ସରିବନି ଜମା କୋହ
..... ପାଷାଣୀ ପ୍ରିୟା ଲୋ କାହ୍ନୁଥା ଏମିତି...... ! ୦ !

ଭଲ ପାଇବାର ଆକାଶ ଛୁଇଁଚି, ସପନ ରାଣକୁ ଦେଇ
ଫାଙ୍କିବାକୁ କେବେ ପାଣିର ଗାରରେ ମାରିନି ତୁଚ୍ଛାରେ ହାଇ
ଭଲ ମଣିଷକୁ ବେହାଲ୍ କରିଲୁ, ଦେହକୁ ବଳିବ ଦାହ
..... ପାଷାଣୀ ପ୍ରିୟା ଲୋ କାହ୍ନୁଥା ଏମିତି...... ! ୧ !

ଦୁଷ୍ଟ ପ୍ରଜାପତି ସାଜି ମୁଁ ନ ଥିଲି, ଫୁଲରୁ ଫୁଲକୁ ମାତି
ଗୋଟିଏ ଫୁଲକୁ ଭାବିଥିଲି ସାଥି, ସୋହାଗେ ଦିବସ ରାତି
ଫୁଲେଇ ଫୁଲ ତୁ ମୁହଁ ବୁଲେଇଲୁ, ସନ୍ଦେହ ଝଡ଼ର ମୋହ
..... ପାଷାଣୀ ପ୍ରିୟା ଲୋ କାହ୍ନୁଥା ଏମିତି...... ! ୨ !

ତଥାପି ମହକ ହୃଦୟେ ସାଇତା, ଚାହିଁଥିଲି ତୋର ବାଟ
ଫୁଲର ମୂଲକୁ ଯିଏ ଲୋଡ଼ିଥିଲା, ତାକୁଇ ଦେଲୁନି ଭେଟ
ଏଡ଼େ ଅବିବେକୀ କେମିତିକା ହେଲୁ, ଛାଡ଼ିଦେଲୁ ସବୁ ସ୍ନେହ
..... ପାଷାଣୀ ପ୍ରିୟା ଲୋ କାହ୍ନୁଥା ଏମିତି...... ! ୩ !

ରାଜ ରଣପୁର, ଜିଲ୍ଲା-ନୟାଗଡ଼, ପିନ୍-୭୫୨୦୨୬,
ଦୂରଭାଷ-୯୩୪୮୦୫୪୩୦୦

Listen to Odia Podcast on https://anchor.fm/aahwaan
ଆହ୍ୱାନ-ଇ-ପତ୍ରିକା

Magazine Downloaded from www.aahwaan.com

# କିଏ ସରି କି



ବାମନ ଚନ୍ଦ୍ର ଦିକ୍ଷିତ

ଠକ ପଣେ ଠକିଆ ଠାକୁର ପରିକି
କିଏ ସରି କି ?
ସାରା ଜଗତ ରଖିଛି ଯିଏ ଧରିକି
କିଏ ସରି କି ?

କାହାକୁ ଦେଇଛି କେତେ
କାହା ଠୁଁ ନେଇଛି କେତେ
ନେବା ଦେବା ମିଶେଇଲେ
ଭଣ୍ଡାରୁ ଦେଇଛି କେତେ
କେବେ ଚିହ୍ନିଛ କି ବୁଝି ବିଚାରିକି
କିଏ ସରି କି ।

ଭୋଜ ଗଜକୁ ମାରିଛି
ନକ୍ର ନାଶି ଉଦ୍ଧରିଛି
ଏକକୁ ମାରି ଆନରେ
ଅର୍ପଣ ପ୍ରାଣ କରିଛି
ତାର ଦାତା ପଣିଆଁକୁ କିଏ ସରି କି
କିଏ ସରି କି ।।

ଗୋପେ ଗୋପାଳୁଣୀ ବାସ
ହରି ଧରି ସ୍ମିତ ହାସ
କୁରୁସଭା ପଶା ଖେଳ
ପାଞ୍ଚାଳୀ ମାନ ମହତ
ମାନ ଉଦ୍ଧାରଣ ବାନା ଧରିକି
କିଏ ସରି କି ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦଳି ବଳୀ ବଳଶାଳୀ
ତୃତୀୟ ପାଦେ ପାତାଳୀ
ତା ସମ୍ପଦେ ସୁଦାମାର
ଦାରିଦ୍ର୍ୟତା ଦୂର କରି
ଦୀନ ଜନ ବନ୍ଧୁ ନାମ ଧରିକି
କିଏ ସରି କି । ।

ନାସି ବାଳୀ ତାରି ତାରା
ସୁଗ୍ରୀବେ ଅରପି ଦାରା
ନେବା ଦେବା ପରେ ବାକି
ବାଜୁଛି ନାମ ନାଗରା
କି କହିବ ତା କରୁଣା ଚାତୁରୀ କି
କିଏ ସରି କି । ।

ମାତାକୁ ଯେ ଭଣ୍ଡେଇଛି
ମମତାକୁ ତଣ୍ଡେଇଛି
ସେନେହ ଡୋରି ଛିଣ୍ଡେଇ
ମାତୁଳକୁ ଦଣ୍ଡେଇଛି
ରୁଣ୍ଡେଇ ରଖିଛି ମାୟା ଡୋରି କି
କିଏ ସରି କି ! !

ବାମନ ଏ ମନଟାକୁ
ବୁଝେଇ କହୁଛି ତାକୁ
ବଡ଼ ଦିଅଁ ବଡ଼ କଥା
ବାଉଳା ତୁ ତୁଛାଟାକୁ
ମହିମାକୁ କିଏ ବୁଝି ପାରି କି । ।
କିଏ ସରି କି । ।

ସମ୍ପାଦକ ପ୍ରବାସୀ ଓଡ଼ିଆ ପତ୍ରିକା
"ଉତ୍କଳ ବିଳାସ" ବିଳାସପୁର
ଛତିଶଗଡ଼-୪୯୫୦୦୪, ୮୮୧୫୦୫୯୨୧୦

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଶ୍ରୀ ରାଧା



ଅଲେଖ ମେହେର

ଆକର୍ଷିବା ବଳ ଅଛି ଯା'କତି ,
କୃଷ୍ଣ କେଶବ ସେ ଜଗତ ପତି ।
ତାଙ୍କୁ ପ୍ରେମ ଡୋରେ ଯେ' ଆକର୍ଷଇ,
ନିଃସ୍ୱାର୍ଥ ନିଷ୍କାମ ଭାବକୁ ନେଇ ।
ଜାହ୍ନବୀ ବହୁଧା,
ବୃନ୍ଦାବନ ବିଳାସିନୀ  ସେ ରାଧା ।
କୋଟି ବ୍ରହ୍ମାଣ୍ଡ ଯେ ସୃଜି ପାରଇ,
ଯେଉଁ ପଦେ ଜୀବ ଅର୍ଘ୍ୟ ଢାଳଇ ।
ଯାଏ ସିଏ ପ୍ରୀତି ନୈବେଦ୍ୟ ଘେନି,
ବାଙ୍କ ଚୂଳିଆର ହୃଦୟ  ଧ୍ୱନି  ।
ଝରେ ନାମେ ସୁଧା,
ବୃଷଭାନୁ ରାଜ ନନ୍ଦିନୀ ରାଧା  ।

ଶୟ୍ୟାଳର ପ୍ରତି କୋଣରେ ବାସ,
କରନ୍ତି ଗୁପତେ ଶ୍ରୀ ପୀତବାସ  ।
ବସ୍ତ୍ରରେ ଟିକିଏ ଆଶରା ପାଇଁ,
ଯାହାଙ୍କ ପଶ୍ଚାତେ ଥାନ୍ତି ଗୋଡାଇ ।
ଚଳାଇ ମସୁଧା,
ମାଁ ବ୍ରଜେଶ୍ୱରୀ ସେ କଲ୍ୟାଣୀ ରାଧା ।
ଯାହାର ସାନ୍ନିଧ୍ୟ ପାଇବା ଆଶେ,
ଯୋଗୀ ଋଷି ଯୁଗ ବିତାନ୍ତି ତ୍ରାସେ ।
ପୂର୍ବ ତପବଳେ ଛନ୍ଦି ମାଧବ,
ଅପ୍ରାକୃତ ପ୍ରେମେ  ଭରି ବିଭବ ।
ତେଜି ସର୍ବ  ବାଧା,
ମହାଦେବୀ ପୂଜ୍ୟା ହେଲେ ଶ୍ରୀ ରାଧା ।

ଅଲେଖ ମେହେର ସୋହେଲା ବରଗଡ଼
ମୋ-୬୩୭୦୨୨୦୫୫୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ମୃତି



ଶରତ କୁମାର ଦାଶ

ଅନେକ କିଛି କହିବାକୁ ଥିଲା

କହି ହେଲାନି

କହିବାଟା କଣ ଏତେ ସହଜ ଯେ

କହି ହବ

ମୁଁ ହୁଏ କି ତମେ !

ତେବେ

କହିବା ନ କହିବାର

ଦୋଛକି ମଧ୍ୟରେ

ଆମକୁ ଦୁରେଇ ଯିବାକୁ ହେଲା

ଓ ବଞ୍ଚିବାକୁ ହେଲା ଅନେକ ଦିନ

ମୁଁ ରହିଲି ଦକ୍ଷିଣରେ

ତମେ ରହିଲ

ସୁଦୂର ଉତ୍ତରରେ

ମୁଁ

ବାୟା ଚଢେଇର ବସା

ବାନ୍ଧିଲି ଏଠି

ତମେ

କୁଟା କାଠିର ନୀଡ଼

ରଚିଲ ସେଠାରେ

ଏବେ ମୁଁ

କ୍ଲାନ୍ତ ପକ୍ଷୀଟିଏ

ତମ ସହର ଦେଇ

ଦୈବାତ ଉଡ଼ିଗଲାବେଳେ

ତମେ ଖୁବ ମନେ ପଡ଼

ମନେ ପଡେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତମ ଘରକୁ ଛୁଇଁଥିବା

ସେଇ ସରୁ ପଥୁରିଆ ରାସ୍ତା

ଟ୍ରେନର ଭିଡ଼ ଠେଲି

ପଶି ଆସୁଥିବା

କେହି ଜଣେ ସାବନା ଝିଅ

ଠିକ ତମ ପରି

ଓ ମୁଁ ପାର୍କରେ ଢୋଳାଉ ଥିବା ବେଳେ

ଆନୁମାନିକ ତମ ଟିକି ଝିଅ

ଓ ତା ବାବୁର କେଶର ଝାପ୍ସା ସ୍ୱପ୍ନ

ମୁଁ ଜାଣେନି

ତମ ଭାତ ହାଣ୍ଡିରେ

ଟକମକ ହୋଇ ଫୁଟୁଛି କି ନାହିଁ

ତମ ଶିଥିଳ ରକ୍ତରେ

ମାଛ ଟିଏ ପରି

ପହଁରି ବୁଲୁଛି କି ନାହିଁ

ତେବେ ଏତିକି ଜାଣେ

ଏବେ ବି

ତମ ନରମ ପାପୁଲିର ସ୍ପର୍ଶ

ମୋ ବାଁ ଆଖି ତଳ କଟା ଦାଗ

ସାଉଁଳେଇବାର ବୟାନ ଦିଏ

ଓ ମୋ ପାଦ ତଳ ମାଟିରୁ

ମୁଠାଏ ଆଞ୍ଜୁଳେଇ ନେଇ

ତମ ମଥାରେ ଥାପେ

ପାଲୁର ବଙ୍ଗଳା, ଘର ନମ୍ବର: ୨୬, ବ୍ରହ୍ମପୁର

୯୪୩୭୬୪୨୩୯୮୫

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅବ୍ୟକ୍ତ ବେଦନା



ନିରୁପମା ପାଣି

ଋତୁ ସିନା ଫେରି ଆସେ
ଫୁଲର ସମ୍ଭାର ନେଇ
  ଫଗୁଣ ପସରା ମେଲି
ତୁମେ କିନ୍ତୁ ଫେରିଲନି
ମୁହଁ ଫେରି ଚାହିଁଲନି
  ଗଲାଦିନୁ ପଛ କରି ।।

ସୁଖ ସବୁ ହଜିଗଲା
ଦୁଃଖ-ମେଘ ଭିଜେଇଲା
  ଦେଖିବାକୁ କେହି ନାହିଁ
ବସନ୍ତ ବଦଳିଗଲା
ନିଦାଘ ଦାରୁଣ ହେଲା
  କାହାକୁ ପାରୁନି କହି ।।

ଝଡ ପରେ ଝଡ ଆସି
ଜୀବନ ବିଧ୍ୱସ୍ତ ଆଜି
  ଦେଖିଯାଅ ଆସି ଥରେ
ଗାନ୍ଧାରୀର ଅବସାଦ
ଅଭିନୟେ ଜାଳେ ମନ
  ଜିଇଁ ଥାଉଁ ଥାଉଁ ମରେ ।।

ମମତା ସାଜିଛି ଆଜି
ସପ୍ତଫେଣୀ କଣ୍ଟା ବୃକ୍ଷ
  ଆଘାତ ତା'ର ଅସହ୍ୟ
ସମ୍ପର୍କର ମୁଲ୍ୟ କଷି
ମପା ଯାଏ ଆଜି ଏଠି
  ସମୟ କରେ ନିର୍ଣ୍ଣୟ ।।

ଭାବି ଭାବି ପଡେ ଥକି
ଏମିତି କାହିଁକି ହୁଏ
  ମଣିଷ ବଦଳି ଯାଏ
ଅତୀତକୁ ଭୁଲି ଯାଇ
ଛଳନାରେ ବନ୍ଧା ହୋଇ
  ମିଛ ହସ ହସୁଥାଏ ।।

ବିନତରା, ଚାନ୍ଦବାଲି, ଭଦ୍ରକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବର୍ଷ ବଦଳି ଯିବ



ବିନୟ ମହାପାତ୍ର

ଦିନ କେଇଟାରେ, ତାରିଖ ବଦଳି ଯିବ
ବର୍ଷ ସାଥେ ବୟସ ବି ବଦଳିବ,
ହେଲେ କିଛି ବି ବଦଳିବ ନାହିଁ
ତୁମ ଆମ ସମ୍ପର୍କରେ,
ପ୍ରେମ ଯେମିତି ଅଛି
ଆଗକୁ ସେମିତି ରହିବ
ଗୋଟିଏ ସୁତାରେ ବନ୍ଧା ଜୀବନ ଆମର
ସବୁ ଦିନ ଏମିତି ଚାଲୁ ଥିବ ।

ଏଇଠି ଖାଲି ବରଷ ବଦଳି ଯାଏ
ପୁରୁଣା ଯାଏ, ନୂଆ ବର୍ଷ ଆସେ
ମସିହା ଛଡା ଦୁନିଆରେ
ଆଉ କିଛି ବି ବଦଳେନି,
ଯେମିତି ସରକାର ବଦଳିଲେ
'ଅଚ୍ଛେ ଦିନ୍' ଆସେ ନାହିଁ ।
ପେଟ୍ରୋଲର ଦରଦାମ ତଳକୁ ଖସେନା,
ମଧ୍ୟବିତ୍ତ ବାବୁଟିର ପକେଟ୍
ସବୁ ଦିନ ସେମିତି ଖାଲି ରହି ଥାଏ,
ଇନକମ୍ ଟାକ୍ସରେ କିଛି ରିବେଟ୍ ମିଳେନା ।

ନୂଆ ବର୍ଷ ଆସିବ, ବାଣ ଫୁଟିବ
କେତେ ବଣ ଭୋଜି,
ଷ୍ଟାର ହୋଟଲରେ କେତେ କେତେ
ନାଚ ଗୀତ ପାର୍ଟି ହୋଇ ଯିବ ।
ଏକତ୍ରୀଶ ରାତି ବାରଟାରେ
ନୂଆବର୍ଷ ଆଗମନେ
କେତେ ଯେ ବୋତଲ ଖାଲି ହୋଇ ଯିବ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନୂଆବର୍ଷର ପ୍ରଥମ ଦିନ ଦି'ପହରରେ
ଯେବେ ଆଖି ଖୋଲିବ,
ଘର ସାମ୍ନାରେ ଲେନଦାରଙ୍କ
ଲମ୍ବା ଲାଇନ ଲାଗି ଥିବ ।
ପେପରବାଲା, ଦୁଧବାଲା,
ରାସନ ଦୋକାନର ଲାଲା
ଚିଠା ଧରି ଘର ଆଗେ କରବେ ଝାମେଲା ।
ବର୍ଷ ସିନା ବଦଳି ଯାଏ
ହେଲେ ଜୀବନର ଗାଡି
ବିନା କିଛି ଅଦଳ ବଦଳ
ଭଙ୍ଗା ଗଡି ପରି ଏଇଠି ଏମିତି ପଡି ଥିବ
ଏ ଜୀବନ ଆଗକୁ ବି
ଏଇଠି ଏମିତି ପଡି ରହିବ
ଧକ୍କା ମାରିବାକୁ ସତେ ଅବା
ବଡ ବିନତୀରେ ହାତ ଠାରି ଡାକୁ ଥିବ ।

ପଟିଆ, ଭୁବନେଶ୍ବର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କର୍ମଫଳ



ମନୋରଞ୍ଜନ
ସୁରୁଜାଳ

ଜୀବନ ଚକ ଘୁରୁଛି ସତ
କାଳ ହାତରେ ଡୋରି,
ତ୍ରିଗୁଣ ରଜ୍ଜୁ ମନତୁ ମଜୁ
ଜୀବରେ ପ୍ରାଣ ଭରି ।

କପାଳ ଲେଖା କାହାକୁ ଜଣା
ଦୁଃଖ ହେଉକି ସୁଖ,
ସୁଖରେ ହସ ଦୁଃଖରେ ଲୁହ
କାହିଁ ହେବା ବିମୁଖ ।

କରମ ଲେଖା କରଣି ଫଳ
ପାକଳ ହୁଏ ଦିନେ,
ଦୁଃଖ ପଉଷ ସୁଖ ବସନ୍ତ
ଭେଗିବା ସୁଧୀ ଜନେ ।

ବିଧି ବିଧାନ ନହୁଏ ଆନ
ରାଜା ହେଉକି ରଙ୍କ,
ଜୀବନ ସୂତ୍ର ସହଜ ନୁହଁ
କିଏ କଷିବ ଅଙ୍କ ?

କର୍ମ ବଳରେ ପ୍ରଭୁ ଶ୍ରୀରାମ
ଭୋଗିଲେ ବନବାସ,
ସେ କର୍ମ ବଳେ ନଳ ରାଜନ
କାଟିଲେ ଘୋଡା ଘାସ ।

ନିଜେ ସେ ବିଧି ଚେତାଇ ଦେଲେ
ସଂସାର ନାଚ ଘର,
କଣ୍ଢେଇ ବାଲା ହାତରେ ସୁତା
କରମ ଫଳ ଜୁର ।

ନାଚିଯା ମନ କଣ୍ଢେଇ ସାଜି
ଓଠରେ ଧରି ହସ,
ତୋ ହସେ ହସ ମିଳାଇ ସତେ
ହସୁରେ ଦଶ ଦିଶ ।

ଅଇଁଲାପାଲି, ଧମା, ସମ୍ବଲପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆଉ କେତେ ଦିନ



ନିକୁଞ୍ଜ କୁମାର ଘୋଷ

ଆଉ କେତେ ଦିନ ଗରିବ ଆଖିରୁ
ଝରଣାଟେ ବହୁଥିବ
ଓଳିଏ ଖାଇକି ଓଳିଏ ଉପସେ
ଭବିଷ୍ୟକୁ ଦେଖୁଥିବ ।।

ଆଉ କେତେ ଦିନ ଦଉଡ଼ି ଝୁଲିବ
କୃଷକ ଭାଇର ବେକ
ନାନା କଷଣକୁ ସହୁଛି କୃଷକ
ପ୍ରକୃତି ଦିଏ ତା' ଚେଙ୍କ ।।

ଆଉ କେତେ ଦିନ ଭୃଣକୁ ନାଶିବ
କନ୍ୟା ପାଇଁ ଶତ୍ରୁ ସାଜି
ବାପା ମା' ଶବଦ କଦର୍ଯ କରିଲ
ହତ୍ୟା ପାଇଁ ହେଲ ରାଜି ।।

ଆଉ କେତେ ଦିନ ଦୁଷ୍କର୍ମ ଚାଲିବ
ହିତାହିତ ଜ୍ଞାନ ଭୁଲି
ନିୟମ କାନୁନ ରୋକି ପାରୁ ନାହିଁ
ଦିନ ଦିନ ବଢେ ଚାଲି ।।

ଆଉ କେତେ ଦିନ ଘର ଭାଙ୍ଗୁଥିବ
ଚୁଗୁଲିଆ ପଣ ପାଇଁ
ଯେତେବେଳେ ନିଜ ଘର ଭାଙ୍ଗିଯିବ
କାହା ପାଖେ ଯିବ ଧାଇଁ ।।

ଆଉ କେତେ ଦିନ ଅଧର୍ମେ ଚାଲିବ
ପର ଧନ ନିଜ କରି
ଗଲାବେଳେ ଯିବ ଦୁଇ ଗୁଣା ଧନ
ପାରିବନି ମୁଠେ ଧରି ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଉ କେତେ ଦିନ ମିଛ ସତ କହି
ଐଶ୍ୱର୍ଯ୍ୟେ ଭୁଞ୍ଜିବ ଭାଇ
ସତ୍ୟର ବିଜୟ ନିଶ୍ଚୟ ଆସିବ
ସମୟ ରହିଛି ଚାହିଁ ।।

ଆଉ କେତେ ଦିନ ବଞ୍ଚିବ ଏମିତି
ପରକୁ ଆପଣା କରି
ସ୍ୱାର୍ଥ ସରିଗଲେ କେହି ଚାହିଁବେନି
ନିଜ ଲୋକ ଦେବୁ ହାରି ।।

ଆଉ କେତେ ଦିନ ଗୁମୁରି କାନ୍ଦିବ
ଅନ୍ତରର ଦୁଃଖ ଚାପି
ଭବିଷ୍ୟକୁ ଦେଖି ସାବଧାନ ହୁଅ
ହାତେରୁ ଚାଖଣ୍ଡେ ମାପି ।।

ସା-ମାଧବପୁର ପୋ-ଲକ୍ଷ୍ମଣନାଥ ଥାନା-ଜଳେଶ୍ୱର ଜିଲ୍ଲା-ବାଲେଶ୍ୱର
ଓଡିଶା - ୭୫୬୦୩୨, ମୋ: ୮୧୪୪୮୫୧୦୪୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶୀତ ଆସିଛି



ପ୍ରଶାନ୍ତ କୁମାର ନାଥ

ଶୀତ ଆସିଛି ଝାଟିମାଟି କୁଡିଆ ଘର
କାନ୍ଥରେ ଲିପି ହୋଇ
ଫୁଙ୍ଗୁଳା ଦେହମାନଙ୍କୁ
ସ୍ପର୍ଶ କରିବାର ଆଶା ନେଇ,
ଶୀତ ଆସିଛି...
ଫୁଟ ପାତରେ ନିରିହ ମଣିଷର
ଖଣ୍ଡିଏ ଚିରା ଫଟା କମଳ ଭିତରେ
ପୁଣି କେବେ  ଗରିବମଣିଷର ସାତ ସିଆଁଲୁଗା ଦେହରେ ।

ଶୀତ ଆସିଛି...
କେଳା ବସ୍ତିର ପାଲ ଟଣା ତମ୍ବୁ ଭିତରେ
କୃଷକର ଧାନ କ୍ଷେତରେ
କେବେ କେବେ ଧସେଇ ପସୁଛି
ଧନୀଲୋକର ମଖମଲି କମ୍ବଳ ଭିତରେ,
ଶୀତ ଆସିଛି..
ମଗୁଶିର ମାଣବସା ଗୁରୁବାର ଓଷାରୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉତ୍ତରାରୁ ବାଆରୁ

ଫୁଲମାନଙ୍କର ମିଠା ମିଠା ବାସ୍ନାରୁ

ଆଉ ଏକ ସ୍ୱର୍ଗର ଅଭିଳାଷ ନେଇ

ମର୍ତ୍ତ୍ୟ ବୈକୁଣ୍ଠକୁ ତାର ଉପହାର ଦେଇ ।

ଶୀତ ଆସିଛି...

ନଈ କୂଳ ତୁଟାକୁ ହଳଦୀ କ୍ଷେତକୁ

କଟକର ବାଲି ଯାତକୁ

ସୁଦୂର ବିଦେଶରୁ ଉଡିଆସୁଥିବା ପକ୍ଷୀଙ୍କ ରାବରୁ ,

ଭିତରକନିକା ଦର୍ଶକଙ୍କ ଭିଡରୁ

ନଦୀ ମୁହାଣରେ ଖରା ଖାଉଥିବା

ଶଙ୍ଖୁଆ କୁମ୍ଭୀର ଦେହରୁ ।

ଶୀତ ଆସିଛି..

ସୁଦୂର ପାହାଡ଼ ବନାନୀ ଘେରା ପଲ୍ଲୀ

ଗାଆଁ ଭିତରୁ

ଶୀତ ଆସିଛି ଡ଼ଙ୍ଗରିଆଙ୍କ ମଧୁର

ଗୀତା ଲହରୀରୁ

ଶୀତ ଆସିଛି କୋରାପୁଟ ଦେହରେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହଜେଇ ଭିଜେଇ ସଜେଇ ହୋଇ,

ଶୀତ ଆସିଛି ଅଳକା ପୁରୀର

ନର୍ତ୍ତକୀ ହୋଇ

ଧରାକୁ ତା'ର କୁଝ୍‌ଝଟୀକାର ମୁଦ୍ରାରେ

ମୁଦ୍ରାୟିତ କରିବାକୁ

ଶିଶିର ଟୋପାରେ ଗୀତ ଗାଇ

ଘାସ ଗାଲିଚାରେ ନିରବ ନିଶିରେ ଶୋଇ ଯିବାକୁ ।।

(ଜୁଣଗଡି) ରାଜନଗର କେନ୍ଦ୍ରାପଡ଼ା ।

ମୋ-୮୭୫୮୨୫୨୪୭୬

Listen to Odia Podcast on https://anchor.fm/aahwaan

ଆହ୍ବାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭଙ୍ଗା ସିଲଟ



ଆଶିଷ କୁମାର
ବଣିଆ

ଭଙ୍ଗା ସିଲେଟକୁ ହାତରେ ଧରି
ଭାବେ ଆଜି କୁନା ଯିବକି ପଢି ?
ଅବୁଝା ପିଲାସେ ଆଠ ବରଷର
ହେଲେ ବୁଝିଲାଣି ରୀତି ଜଗତର । ।

ପାଠ ପଢିବ ଦେଶ ଗଢିବ, ନା
ଘରକୁ ଦିଓଳି ଖାଇବାକୁ ଦେବ ?
ପାଖ ହୋଟେଲରେ ବାସନ ଧୋଇ
ତା ମାଁ-ଭଉଣୀର ପେଟ ପୋଷିବ । ।

ଜାଣେନା ସିଏ ସରକାରୀ ନୀତି
ପାଠ ପଢିବାରେ ଥାଏ ମନଟି
ବାପା ଯାଇଛି ଯେ ଦାଦନଖଟି
ଫେରିବା ବାଟକୁ ଏ ଚାହିଁ ରହିଛି । ।

ତାର ବି ମନ ସ୍କୁଲକୁ ଯିବ,
ୟୁନିଫର୍ମ ପିନ୍ଧି ସେ ପାଠ ପଢିବ
ତାକୁ ସିନା ସେଠି ଖାଇବାକୁ ଦେବେ,
ତା' ଘର କଥା କିଏ ବୁଝିବ ? । ।

ରାତି ଅନ୍ଧକାରେ ସିଲେଟକୁ ଧରି,
ଭାବିବସେ କୁନା ମନକୁ ତା ମାରି
ନିଜେତ ଆଉ ପାରିବନି ପଢି,
ଭଉଣୀକୁ ଦେବ ନୂଆ ସିଲେଟ କିଣି । ।

ଭଉଣୀ ତାହାର ପଢ଼ିବ ପାଠ
ବଡ ହାକିମ ଟିଏ ନିଶ୍ଚେ ହେବତ
ଅଛନ୍ତି ତା ପରି ଯେତେ ବି କୁନା
ସଭିଙ୍କ ଜୀବନୁ ସେ ହରିବ ଦୁଃଖ । ।

ବଲାଙ୍ଗୀର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପାନ ଗୁଆ ଖଇର ଗୁଆକାତି



ଦିବାକର ନାୟକ

ପାନ ଗୁଆ ଖଇର ଗୁଆକାତି
ମିଶିରିଠୁ ମିଠା ତୁ ରଙ୍ଗବତୀ
ତୋ ଦେହ-ନଈରେ
ବୁଡ଼ ଦେଲେ ଥରେ
ଲାଗେ ଭାରି ଉଷୁମ ଶୀତ ରାତି (୦)

ବଣ ପରବତ କୁଞ୍ଚିକୁଞ୍ଚିକା ଲୋ
ଦୂରରୁ ସୁନ୍ଦର ଦିଶେ
ଘର ଲୋକ ସବୁ ଶୋଇ ପଡ଼ିଲେଣି
ଘୁଞ୍ଚି ଘୁଞ୍ଚି ଆ' ପାଶେ

ରଜା ପାଇଁ ସୁନ୍ଦର ସୁନା ଛତି
ଇଟିକି ମିଟିକି ହୁଏ ଛାତି ;
ତୁ ଯେତେ ପୁରୁଣା
ତୁ ସେତେ ଆପଣା ;
ତୋ ପାଇଁ କି ମନ ମୋ ପ୍ରଜାପତି..
ପାନ ଗୁଆ ଖଇର ଗୁଆକାତି (୧)

ଶଗଡ଼ ଗଡ଼ିଲେ କେଉଁ କଟର ଲୋ
ଛୁକୁଛୁକୁ ରେଳ ଗାଡ଼ି
ଡିବିରିରୁ ତେଲ ସରି ଆସିଲାଣି
ତୁ ସିଲଟ ମୁଉଁ ଖଡ଼ି

ଆସୁଥାଉ ଏମିତି ଶୀତ ରାତି
ହେଉ ନବୀକରଣ ଭାବ ପ୍ରୀତି ;
କାଉ ରାବ ଦେଲେ
ଘୁଞ୍ଚି ଯିବୁ ତିଳେ
କେବେ କେଉଁ ଉପାୟ ଚାଲୁ ନିତି..
ପାନ ଗୁଆ ଖଇର ଗୁଆକାତି (୨)

ଆକାଶବାଣୀ ଗୀତିକାର
ପାଟପୁର, କନିସି-୭୬୧ ୦୦୮, ଭା-ଗୋଳନ୍ଥରା,
ଗଞ୍ଜାମ,ମୋ -୯୯୩୮୬ ୧୯୯୮୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶୀତ ଆସିଛି, ଗୀତ ଗାଉଛି



ଅମରନାଥ ବାରିକ

ଶୀତ ଆସିଛି ଗୀତ ଗାଉଛି
ଶିଶିର ବିନ୍ଦୁ ସାଥେ
ସୁନେଲି ଆଭା ମନରେ ଲୋଭା
ସକାଳ ଫୁଲ ରଥେ ।

ହସେ ବଗିଚା ଘାସ ଗାଲିଚା
ସବୁଜ ରଙ୍ଗ ଧାରେ
ଶିମିଳି ଫୁଲ ବଡ଼ ଡଉଲ
ଦିଶଇ ଗଛ ଡାଳେ ।

ଲାଗଇ ମଜା ବାଦାମ ଭଜା
ନିଆଁ ପାଖରେ ସଞ୍ଜେ
ଆଇମା ଗପ ଜେଜେଙ୍କ ଜପ
ଶୁଣିଲେ ପ୍ରାଣ ରଞ୍ଜେ ।

ତତଲା ଭାତ ଶୁଣରେ ମିତ
ଖାଇଲେ ଲାଗେ ଭଲ
ତା' ସାଥେ ଘିଅ ଆଳୁ ଚକଟା
ଅମୃତ ସମ ତୁଲ ।

ଶୀତରେ ପୁଣ ଗରମ କୋଣ
କମ୍ବଳ ପଡେ ଖୋଜା
ସରିଲେ ଶୀତ ଆସେ ବସନ୍ତ
ଗାଏ କୋକିଳ ରଜା ।

ଶୀତରେ ସତେ ମିଳଇ ଯେତେ
ତଟକା ଶାଗ ଫଳ
ଖାଇବା ଏହି ଋତୁରେ ସେହି
ମଧୁର କନ୍ଦ ମୂଳ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯିବାନି ଡରି ଶୀତରେ ଥରି
କରିବା ପାଇଁ ସ୍ନାନ
ନଡରି କଲେ ଗାଧୁଆ ପିଲେ
ନିଷ୍ଚଳ ରୁହେ ମନ ।

ଜାଣିଲେ ଧନ ଏ ଶୀତ ଦିନ
ଆମ ପାଇଁ ସୁନ୍ଦର
ଏ ଦିନେ ବାବୁ ମିଳଇ ସବୁ
କୁସୁମ ପରକାର ।

ଉଠରେ ପିଲେ ଯିବାରେ ଭଲେ
କରିବା କଷରତ
କଲେ ନିଇତି ଦୃତରେ ଗତି
ଉଭେଇ ଯିବ ଶୀତ ।

ସକାଳୁ ଆଖି ଖୋଲେନା ସଖି
ନିଦରୁ ଉଠିବାକୁ
ଶୀତ ଆସିଛି ଗୀତ ଗାଉଛି
ଆମକୁ ଡାକିବାକୁ ।

ସା/ପୋ -: କୟାଁ, ଥା -: ମଙ୍ଗଳପୁର, ଜି -: ଯାଜପୁର
ଓଡ଼ିଶା, ପିନ୍ ନମ୍ବର -: ୭୫୫୦୧୯
ଦୂରଭାଷା -: ୯୫୪୦୩୦୮୦୯୫ (ନୂଆଦିଲ୍ଲୀ)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୁଁ ଜୀଇଁବି ବା କେତେ ଦିନ



ଶୁଭମୟୀ ଷଡ଼ଙ୍ଗୀ

ମୋର ଶେଷକୃତ୍ୟ ଲାଗି
ନେବ ନାହିଁ ସ୍ୱର୍ଗଦ୍ୱାର,
ଗାଁ ମଶାଣିରେ ଧରିତ୍ରୀ କୋଳେ
ମିଶି ଯାଉ ଏ ଶରୀର ।।

ଶେଷ ଯାତ୍ରା ଲାଗି ଲୋଡା ନାହିଁ
ରଥ ଅବା ଶବ ଗାଡ଼ି ,
ଛଅଖଣ୍ଡ କାଠ, ପାଳ ଦଉଡ଼ିରେ
କୋକେଇ ଦେବ ସଜାଡି ।।

ଶେଷ ସ୍ମୃତି ରୂପେ ସାଇତିବ ନାହିଁ
ଗଙ୍ଗା ରୂପୀ ପତ୍ର ମୋର,
ଦାନ କରିଦେବ ଗରିବ ଛୁଆଙ୍କୁ
ପୁଣ୍ୟ ହେବ ତୁମର ।।

ଶେଷ ଦର୍ଶନରେ କାନ୍ଦିବନି କେହି
ଲୋଡା ନାହିଁ ମୋର ସୁନା, ହୀରା, ମୋତି,
ମଶାଣି ଯାଏଁ ସାଥେ ମୋର ଯିବ
ସେତକରେ ଆତ୍ମା ଶାନ୍ତି ।।

ଶେଷ ସାକ୍ଷାତ ମୋର ଭୁଲି ଯିବନି ଯେ
ବିୟୋଗ ଦୁଃଖରେ ମୋର ,
ମୃତ୍ୟୁ ଅଟେ ସବୁଠାରୁ ଶାନ୍ତି
ମୃତ୍ୟୁ ଅଟେ ନିରନ୍ତର ।।

ହିଞ୍ଜିଳକାଟୁ (ଗଞ୍ଜାମ)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅତୀତ ଓ ଲକ୍ଷ୍ୟ



ପ୍ରଗନ୍ କୁମାର ପାତ୍ର

ହଁ କେବେ ମୁଁ ତୁମ ପ୍ରତୀକ୍ଷାରେ ଥିଲି,
ହେଲେ ସବୁ ତ ନିୟତି ଉପରେ ନ୍ୟସ୍ତ
କିନ୍ତୁ ଏବେ ଆଉ ମୁଁ କାହା ଅପେକ୍ଷାରେ ନାହିଁ
କାରଣ ମୁଁ ଜାଣିଛି ମୋ ଜୀବନର ଅସ୍ତିତ୍ୱ
ଆଉ ତା'ର ମହତ୍ତ୍ୱ ।

ତୁମ କଥା ଭାବିବାକୁ ସମୟ କାହିଁ
ଖାଲି ଗୋଟିଏ କଥା ଭାବିବି
ତାହା ମୋ ଜୀବନର ଲକ୍ଷ୍ୟ
ତୁମ ମୁହଁ ଦେଖିବାକୁ ବି ସ୍ପୃହା ନାହିଁ
ଖାଲି ଦେଖିବି ପୁସ୍ତକର ବକ୍ଷ ।

ମୋର ପ୍ରତିଟି ଭାବନା ତୁମ ନିମନ୍ତେ
ମୋ ଲକ୍ଷ୍ୟ ପଥର କଣ୍ଟା ଭଳି
ବୁଝି ପାରୁନି ମୁଁ ତାକୁ ଆଡେଇବି କିଭଳି
ଲାଗୁଛି ସ୍ଥିତପ୍ରଜ୍ଞ ହେବା ହିଁ ଏହାର
ଗୋଟିଏ ମାତ୍ର ଉପଚାର ।

ବୌଦ୍ଧ, ଓଡ଼ିଶା, ୭୬୨୦୧୫

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଖାଇବିନି ବାସି ଆହାର



ପ୍ରକାଶ କୁମାର ଚାନ୍ଦ

ସକାଳୁ ସକାଳୁ ବିଲେଇ ନାନୀଟା
ହେଉଅଛି ଛଟପଟ
ବାପାଲୋ ମାଆ ଲୋ ହୋଇ ଗଡୁଥାଏ
କହୁଥାଏ ପେଟ ପେଟ ।।
ଲୁଗାପଟା ସବୁ ମାରା ହୋଇଲାଣି
ପରିସ୍ଥିତି ଅସମ୍ଭାଳ
ବୁଝୁ ବୁଝୁ ତାର ଜଣାପଡିଗଲା
ପେଟ ଅଛି ଗୋଳମାଳ ।।
ପାଖ ପଡିଶାର ଜଣଙ୍କର ଘରେ
ହେଉଥିଲା ବାହାଘର
ସକାଳୁ ସକାଳୁ ବାସି ଖାଦ୍ୟ ଖାଇ
ହେଉଅଛି ହରବର ।।
ଏମିତି ହାଲତ୍ ଶୁଣିକି ଝଅଟ
ଆସିଲା ବିଲୁଆ ଧାଇଁ
କହିଲା ଜମାରୁ ଅଧିର ହଅନା
ବଇଦ ଆଣୁଛି ମୁହିଁ ।।
ହନୁ ବଇଦକୁ ସାଥିରେ ଧରିକି
ଆସିଲା ବିଲୁଆନନା

ଆସିଲା ବେଳକୁ ଗଡୁଅଛି ଖାଲି
ଦେହେ ନାହିଁ ଖଣ୍ଡେ କନା ।।
ବଇଦ ଆସିଲା ନାଡି ପରଖିଲା
କହିଲା ହୋଇନି କିଛି
ଅଳପ ଦିନରେ ହୋଇଯିବ ଭଲ
ଓଉଷଧ ଦେଉଅଛି ।।
ମନ୍ତ୍ରରା ଲୁଣକୁ ମୁଣିରୁ କାଢିକି
କହିଲା ରଖିଥା ମନେ
ପାଣିରେ ଗୋଳିକି ଚାରିଦିନ ଯାଏ
ଖାଇବୁ ଦିନକୁ ପାନେ ।।
କାନ ମୋଡିହୋଇ ହନୁ ବଇଦକୁ
କହିଲା ସେ ବାରମ୍ବାର
ଲୋଭରେ ପଡି ମୁଁ ଆଉ ଖାଇବିନି
ଦିଦିନ ବାସି ଆହାର ।।

ଜୟପୁରଶାସନ ପିପିଲି-ପୁରୀ
ମୋ-୯୮୫୩୩୫୪୯୩୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସୁଆଣ୍ଡୋ ଗାଁର ଗୋପବନ୍ଧୁ



ରାମଚନ୍ଦ୍ର ପ୍ରଧାନ

ସୁଆଣ୍ଡୋ ଗାଁ'ର ଗୋପବନ୍ଧୁ
ତାଙ୍କ ଭଳି ଲୋକ ନ ଥିବେ କେଉଁଠି
ଯେ' ଥିଲେ ଦରଦୀ ବନ୍ଧୁ ।
ଅଠର ଶହ ସତସ୍ତୁରୀ
ଅକ୍ଟୋବର ନଅ ତାରିଖେ ଜନମି
ପ୍ରିୟପାତ୍ର ହେଲେ ସବୁରି ।
ମାଆ ଛେଉଣ୍ଡ ପିଲା ବୋଲି
ପାଳିଥିଲେ ତାଙ୍କୁ ମାଉସୀ କମଳା
ବାତ୍ସଲ୍ୟ ମମତାରେ ଝୁଲି ।
ଉତ୍କଳ ମଣି ଉପାଧି ପାଇ
ଜାତୀୟ ସେବାରେ ଜୀବନ ଉତ୍ସର୍ଗୀ
ସେ ଥିଲେ ଗାନ୍ଧୀବାଦୀ ହୋଇ ।
ବନ୍ୟା ଦୁର୍ଭିକ୍ଷ ଅସମୟେ
ସାଥେ ଧରି ଚୁଡା ଚାଉଳ ଛତୁଆ
ବାଣ୍ଟୁଥିଲେ ସିଏ ନିର୍ଭୟେ ।
ପୁରୀ ସ୍ଥିତ ସାକ୍ଷୀ ଗୋପାଳେ
ସତ୍ୟବାଦୀ ବନ ବିଦ୍ୟାଳୟ ଗଢ଼ି
ଖ୍ୟାତି ଅର୍ଜିଲେ ଛାତ୍ର ମେଳେ ।
ସଂସ୍କାର ସଂସ୍କୃତି ସେବାରେ
'ସମାଜ'ର ପ୍ରାଣ ପ୍ରତିଷ୍ଠାତା ସାଜି
ମଜିଲେ ସାମ୍ବାଦିକତାରେ ।
ଗଢ଼ିଥିଲେ ଶାନ୍ତି ନଅର
ବକୁଳ ବନର ସତ୍ୟବାଦୀ କୋଳେ
ଅତୀତ ଏବେ ସାକ୍ଷୀ ଯା'ର ।
ସାହିତ୍ୟର ଉନ୍ନତି ପାଇଁ
କାଳଜୟୀ ସୃଷ୍ଟି ରଚିଯାଇ ଥିଲେ
ଧନ୍ୟ କରି ଉତ୍କଳ ଭୂଇଁ ।
ମଉଡମଣୀ ସେ' ଆମର
ଦୁଃଖି ଦରିଦ୍ରଙ୍କ ବନ୍ଧୁଟିଏ ସାଜି
ରହିଛନ୍ତି ଚିର ଅମର ।

ଶିକ୍ଷକ, ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ: ୯୮୬୨୬୩୮୭୩୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶେଷ ବିଦାୟ



ବାଲାଜୀ ସେଠୀ

ଆଶା କରି
କେବେ ଆଶାୟୀ ନ ଥିଲି
କାହା ଧନ ଦୌଲତରେ,,,
ଏ ସ୍ନେହକାଙ୍ଗାଳ ମନଟା
ସବୁବେଳେ ଖୋଜିଛି
ଟିକିଏ ସ୍ନେହ, ମମତା
ଆଉ ନିର୍ମଳ ଭଲପାଇବାର
ମଧୁରୀମା ଅମୃତ
ହେଲେ ତୁମେ,,,
ମୁଁ ଚାହିଁବା ଠୁଁ
କେଇ ଗୁଣା ଅଧିକା ପ୍ରୀତିର ଅମୀୟ
ଢାଳିଦେଲ ମୋ ଶୀର୍ଣ୍ଣ କଙ୍କାଳରେ
ଢାଙ୍କିଦେଲ ମମତାର ସୁଦୀର୍ଘ ପଣତ

ମୋ ଥୁଣ୍ଟା ଆଶା କଳ୍ପବୃକ୍ଷରେ
ଭରିଗଲା ସବୁଜିମା
ମୁକରୁ ବାଚାଳ କରିଦେଲ ,,
ପାଷାଣରୁ ପୀୟୁଷ କରିଦେଲ,,
ତମର ମନେ ଅଛି ନା,,,
କହିଥିଲି
ଏତେ ଭଲପାଇବାରୁ
ଚେନାଏ ନିଜ ପାଇଁ ରଖିଥାଅ
ଆଉ ତମେ କହିଥିଲ,,
କାହିଁକି ରଖିବି, କାହାପାଇଁ ରଖିବି,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତମେ ତ ଅଛ,,

ମୋର ଆଉ କଣ ଦରକାର,

ଏଇ...

ମୁଁ ଯେଉଁଠି ଥାଏ, ଯେମିତି ଥାଏ,

ମୁଁ, କେବଳ ତମ ପ୍ରେମିକ,

ରହିଛି, ରହିଥିବି,

ତମ ଠୁଁ ବିଦାୟ,

ତମ ପ୍ରେମକୁ ସାଥିରେ ନେଇ

ତମ ଠୁଁ ଦୂରକୁ ଯିବାକୁ

ଦୁରେଇ ଯିବାକୁ ନୁହେଁ

ମୃତ୍ୟୁ କୋଳରେ ଶୋଇଥିବି,

ତମକୁ ଚାହୁଁଥିବି,

ସେଇଟା ହେବ ମୋର

"ଶେଷ ବିଦାୟ"

ଚିତ୍ରକୋଣ୍ଡା, ମାଲକାନଗିରି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶୀତ ଅନ୍ତରଙ୍ଗ ସାଥୀ



ରଞ୍ଜିତା ରାଉଳ

ଶୀତର ପ୍ରକୋପ ଭାରି ଅସମ୍ଭାଳ
ଥରି ଥରି ଦିନ କଟେ
ମନେ ପଡିଯାଏ ଶୀତର ବସ୍ତ୍ରକୁ
ନପିନ୍ଧିଲେ ଦେହଫାଟେ ।

ଶୀତୁଆ ସକାଳ କାକର ବିନ୍ଦୁରେ
ଉଦୟ ହୁଏ ତପନ
ନିଦ ମଳମଳ ଆଖିରେ ପାହାନ୍ତା
ଭାଙ୍ଗଇ ମିଠା ସପନ. ।

ସାଥି ନୁହେଁ ଶୀତ ତଥାପି ଛାଡୁନି
ହୁଅଇ ସେ ଅନ୍ତରଙ୍ଗ
ଦିନ ସାରା ସିଏ ପାଖେ ପାଖେ ଥାଏ
ହେବା ପାଇଁ ଖାଲି ସାଙ୍ଗ ।

ଶୀତ ଆସି ହାତ ଗୋଡ ଭାଙ୍ଗି ଦିଏ
ନାହିଁ ତାର ଦୟା ମାୟା
ଏ ଶୀତ ଦାଉରୁ ରକ୍ଷା ପାଇବା ପାଇଁ
ନିଆଁ ହିଁ ଆମର ସାହା ।

ସୂର୍ଯ୍ୟ ଦେବତାଙ୍କୁ ସ୍ମରଣ କରୁଛି
ଆମ ପାଖେ ପାଖେ ଥାଅ
ଶୀତର ପ୍ରକୋପ ଦୂରେଇ ଦେବାକୁ
ସାରାଦିନ ଦେଖା ଦିଅ ।

ବନ୍ତଳା, ଅନୁଗୋଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅବୁଝା ମନ



ଆଦରମଣି ପ୍ରଧାନ

ତୁମେ,,,

ତୁମେ ଯିବାକୁ ଚାହୁଁଛ ତ

ତେବେ ଯାଅ,,

ମୁଁ ଅଟକାଇବିନି,

ଅବରୋଧର ସବୁ ବାଟ

ତୁମ ପାଇଁ ଆଜି ଖୋଲି ଦେଇଛି

ତୁମ ପ୍ରେମିକା ସାଜିବାର ଯେଉଁ ଖୁସି

ଆଜି ତମ ନିଷ୍ପତ୍ତିରେ ମୁଁ ବି ଖୁସି,,

ଆଜି ସବୁ ସମ୍ପର୍କର ସନ୍ଦେହରେ ମୁଁ

ନିର୍ଜୀବ ଶବଟିଏ,,,,

କାହାଠୁ କେବେ କିଛି ଆଶାୟୀ ନ ଥିଲି,,,

ହେଲେ ତମ ପ୍ରେମର,,, ।

ସବୁବେଳେ,,, ମୁଁ ତମର ହେଇ

ରହିଛି,,,, ଆଉ ରହିଥିବି,,,

ପ୍ରତିଶ୍ରୁତି ଆଉ ପ୍ରତିଜ୍ଞା ମୋତେ

ତୁମ ପବିତ୍ର ପ୍ରେମର ଉଦାହରଣ

ଦେବାକୁ ,,,,ନାହିଁ ମୋର ଶକ୍ତି

କିଛି ପୁଞ୍ଜିଭୂତ ବେଦନାର

କୋହ ଭରା ଚିତ୍କାର,,, ।

ତୁମେ ମୋ ଠୁଁ ବିଦାୟ ନେବାପରେ

ମୁଁ ନିଜକୁ ଲୁହ ଠୁଁ ମୁକୁଳି ପାରିନି

କି ସେଇ ପାଗଳାମିର ପ୍ରଳାପକୁ

ସମ୍ଭାଳି ପାରୁନି,,,,

କଣ କହି ବି ଏଇ ଅବୁଝା ମନକୁ

ଏଇ ନିରୀହ ଆଖି

ତୁମ ଅନୁପସ୍ଥିତିକୁ

ଗ୍ରହଣ କରି ପାରୁନି,,,,

ସିଙ୍ଗିଟି,ଚାନ୍ଦବାଲି, ଭଦ୍ରକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମୟ ଗଡ଼ିଗଲାଣି



ଭବାନୀ ଶଙ୍କର ଦାଶ

ଆଖିରେ ମୋର ଆଖିଏ ସପନ,
ବୟସ ଶୁଣେନି ମିଠା ମିଠା ସ୍ୱରତାନ
ବୟସ ରଙ୍ଗର ମନ ପ୍ରଜାପତି,
ଆପଣାଉ ନାହିଁ ସୁଗନ୍ଧିତ ପୁଷ୍ପବନ ।
କେତେ ପ୍ରେମ କେତେ ଆବେଗ ଭରାସେ
ମନ ମୋର ଭାସୁଥିଲା ହୃଦସ୍ଥଳେ
ସପନ ପୁରୀର ସ୍ୱପ୍ନିଳ ମାଧୁରୀ ,
ହଜିତଯାଇଛି ନୟନ ଲୋତକ ତଳେ ।
ମନ ଯଉବନେ ବହୁନାହିଁ ଆଜି
ସୁଗନ୍ଧିତ ସ୍ୱପ୍ନ ଫୁଲର ମହକ ବାସ
ଶୁଖିଲା ଓଠରୁ ଝରୁନାହିଁ ଆଜି
ମଧୁଭରା ମନଭରା ମୃଦୁ ମୃଦୁ  ହସ ।
ଆଘାତ ମନର କ୍ଷୀଣ କୋକିଳ ସ୍ୱର,
ହୃଦୟେ ଟାଣିଛି କଷଣର ଲମ୍ବାଧାର
ବ୍ୟର୍ଥତାରେ ଭରା ଏ ଜୀବନ ମୋହର,
ନିଶ୍ଚିତ ଅଛିସେ ଲିଭେଇ ଭାଗ୍ୟଗାର ।
ସମୟ ଗଡିଗଲାଣି..........କି ?

ଗୌରାଦେଇପୁର, କୋଦଲା, ଗଞ୍ଜାମ
ଓଡିଶା, ୭୬୧୦୩୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବଳଦେବ ବିଜେ ତୁଳସୀକ୍ଷେତ୍ରେ



ସୁବ୍ରତ କୁମାର ପ୍ରଧାନ

ମନ୍ଦିର ମାଳିନୀ ପୁଣ୍ୟ ଉତ୍କଳରେ
ଧନ୍ୟ ସେ ତୁଳସୀ କ୍ଷେତ୍ର
ରୋହିଣୀ ନନ୍ଦନ ସିଦ୍ଧ ବଳଦେବ
ଛନ୍ତି ଯହିଁ ବିରାଜିତ ।

କେନ୍ଦ୍ରାପଡ଼ା ଜିଲ୍ଲା ଇଛା ପୁର ଗ୍ରାମ
ତା ଗୋଡି ମାଟି ପବିତ୍ର
ମଣି ବିଗ୍ରହରେ ଲୀଳା କରୁଛନ୍ତି
ଦେଖୁଛି ସ୍ୱୟଂ ଜଗତ ।

କେତେ ଜନଶ୍ରୁତି ଅଛି କିମ୍ବଦନ୍ତୀ
ପୁରାଣେ ରହିଛି ଲେଖା
ମନ୍ଦିର ନିର୍ମାଣ ପୀଠର ମାହାତ୍ମ୍ୟ
ଅନନ୍ତ କାଳର କଥା ।

ମାଧପୁର ଗ୍ରାମେ ସ୍ୱପ୍ନେଶ୍ୱର ଦ୍ୱିଜ
ଥିଲେ ବହୁ ବିତ୍ତ ଶାଳୀ
ସୌଦାଗର ଥାଇ ଅତି ସଉକରେ
ପାଳୁଥିଲେ ଗାଈ ଛେଳି ।

ଚାରଣ ନିମିତ୍ତ ଖୋଜୁଥିଲେ ଦାସ
ସ୍ୱପ୍ନେଶ୍ୱର ମହାପାତ୍ର
ସିଦ୍ଧ ଦାଶ ନାମେ ଗୋପାଳକୁ ଘେନି
ଗୃହେ ଆଣିଲେ ତୁରିତ ।

ଅତି ଯତନରେ ପାଳି ଧେନୁଗଣ
ସିଦ୍ଧ କରିଲେ ଚାରଣ
ଗୋପ ଗାଁ ପାଖ ପଡିଆକୁ ନିତି
ନେଉଥିଲେ ଧେନୁ ଗଣ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାଳି ଗାଇ ଏକ କ୍ଷୀର ଦେଉଥାଏ
ସାତ ଆଠ ମାଣ ନିତି
ଜମାରୁ ସେ ଗାଇ କ୍ଷୀର ଦେଲା ନାହିଁ
ପୁଛନ୍ତି ସିଦ୍ଧର କତି ।

ଗୋପନରେ ସିଦ୍ଧ ଅନୁକ୍ଷଣ କରେ
କାଳୀ ଗାଇର ବୃତ୍ତାନ୍ତ
ପଥର ଉପରେ ଶ୍ରବେ ନିଜେ ଧେନୁ
ନିଜ କ୍ଷୀର କରେ ଅନ୍ତ ।

ଚକିତ ନୟନେ ଅଲୌକିକ କଥା
ବଖାଣେ ମାଲିକ ପାଶେ
କୌତୁହଳେ ଦ୍ୱିଜ ଖୋଳିଲେ ସେଠାରେ
ପଥରର ଚଉପାଶେ ।

ପଥରେ ଅଙ୍କିତ ହଳ ଶୂଳ ଧାରୀ
ସପ୍ତ ନାଗ ଦିବ୍ୟ ତେଜ
ତୁରିତେ ଆଣିଲେ ନାମ ଯଜ୍ଞ କରି
ଗୃହେ ପୂଜୁଥିଲେ ଦ୍ୱିଜ ।

ସ୍ୱପ୍ନାଦେଶ ବଳେ ଗଙ୍ଗ ନରପତି
ତ୍ରୟନଙ୍ଗ ଭୀମ ଦେବ
ମହିମା ଜଣାଇ ନିର୍ମାଣୀ ଦେଉଳ
କାରୁକାର୍ଯ୍ୟେ ମହି ଭବ୍ୟ ।

ଖ୍ରୀଷ୍ଟାବ୍ଦ ବାରଶହ କୋଡିଏରେ
ପ୍ରଥମ ମନ୍ଦିର ସ୍ଥାପି
ସତର ଶହ ଏକଷଠି ରେ ନୂତନ
ମନ୍ଦିର ଯାହା ଅଦ୍ୟାପି ।

ସେଦିନୁ ଏ କିର୍ତ୍ତୀ ଘୋଷେ ଇତିହାସ
ମଣି ବିଗ୍ରହଙ୍କ ଗୁଣ
ତୁଳସୀରେ ଭାରି ଶରଧା ତାଙ୍କର
ତୁଳସୀ କ୍ଷେତ୍ର ତା ନାମ ।

କନ୍ଦରାସୁରକୁ ବଧ କରି ନିଜେ
ତୁଳସୀଙ୍କୁ ହେଲ ବିଭା
ମାତା ବୃନ୍ଦାବତୀ ସେ ପୁଣି ତୁଳସୀ
ବଢାନ୍ତି ପୀଠର ଶୋଭା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନବ କଳେବର ହୁଏ ନାହିଁ କେବେ
ଏ ପୀଠର ସ୍ୱତନ୍ତ୍ରତା
ପତ୍ନୀଙ୍କ ସମ୍ମାନେ ଏ ପୀଠର ନାଁ
ଦେଲେ ନିଜେ ଜଗଜ୍ଜିତା ।

ଗୋଟିଏ ରଥରେ ବିଜେ ତିନି ଦିଅଁ
ଆତ୍ମୀୟତା ଭାବ ଦେଖ
ଭାଇ ଭଉଣୀ ତା ହୃଦର ସ୍ପନ୍ଦନ
ଜଗତ ମୋ ଠାରୁ ଶିଖ ।

ସବୁ ନିତି କାନ୍ତି ଶ୍ରୀ କ୍ଷେତ୍ର ପରିକା
ଚାଲେ ଏ ତୁଳସୀ କ୍ଷେତ୍ରେ
ରସାବଳୀ ସାଥେ ପୋଟଳି ଭୋଗଟି
ବିଖ୍ୟାତ ସାରା ଜଗତେ ।

କେତେ ପାପୀ ତପୀ ଉଦ୍ଧାର କରିଛ
ବଳଶାଳୀ ବଳଦେବ
ଦୁଃଖିକୁ ସର୍ବଦା ସହାୟ ହୁଅହେ
ଶ୍ରୀ ପଦେ ମଣି ବିଗ୍ରହ ।।

ଗୋପୀବଲ୍ଲଭପୁର, କୋଶଳା
ଅନୁଗୋଳ, ୭୫୯୧୩୦
ମୋ -୯୮୬୧୯୭୦୪୧୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମର୍ଯ୍ୟାଦା ପୁରୁଷ



ସରୋଜ କୁମାର ସାହୁ

ଦଶରଥ ସୁତ ମର୍ଯ୍ୟାଦାପୁରୁଷ
ଆହେ ପ୍ରଭୁ ରଘୁବୀର
ଶିବଧନୁ ଭାଙ୍ଗି ସିତାଙ୍କୁ ବରିଲ
ଦର୍ପ ଭାଙ୍ଗି ରାଜାଙ୍କର ।

ଅଯୋଦ୍ଧାରୁ ଯେବେ ଗଲ ବନବାସ
ଚଉଦ ବରଷ ପାଇଁ
ପିତା ଦଶରଥ ହାରିଲେ ଜୀବନ
ପୁତ୍ରଶୋକେ ଝୁରି ହୋଇ ।

କୌଶଲ୍ୟା ମାତା କରିଲେ ରୋଦନ
ନିର୍ବାସନ ଦଣ୍ଡ ଶୁଣି
ନୟନୁ ରୁଧିର ହେଲା ଝରଝର
ବିଳାପ ହୃଦୟ ପୁଣି ।

ଛୁଟିଯାଇ ବନ ଭରତ ଶତ୍ରୁଘ୍ନ
ଅଳି କଲେ ତୁମ ପାଶେ
ପାଦୁକା ଥାପିଣ ରତ୍ନ ସିଂହାସନେ
ଚଳାଇଲେ ଉପଦେଶେ ।

ଦସ୍ୟୁ ରତ୍ନାକର ରାମ ନାମ ଜପି
ହୋଇଗଲେ ମହା ଯୋଗି
ବୀର ହନୁମାନ ହୃଦୟେ ସ୍ମରଣି
ମହୋଦଧି ଗଲେ ଲଙ୍ଘି ।

ଅହଲ୍ୟା ଗୁହକ ଶବରୀ ବନରେ
ପାଇଲେ ମୁକତି ପଥ
ପାପକ୍ଷୟ ହେଲା ଯେତେ ଭକ୍ତଜନ
ଦରଶନ ଲଭି ଚିତ୍ତ ।

ହୃଦେ ମାରି ଶର କରିଲ ବିନାଶ
ରାବଣର ଅହଂକାର
ପ୍ରକମ୍ପିତ ହେଲା ଜୟ ଜୟ ଧ୍ୱନି
ଏକସଙ୍ଗେ ତିନିପୁର ।।

ଆଠଗଡ଼, କଟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅଧୁରା ସମ୍ପର୍କ



ପଙ୍କଜ କୁମାର ମଙ୍ଗଳ

ବରଗଛ ଏକା ଛାୟା ବାଣ୍ଟୁ ଥାଏ
ହେଲେ ପଥିକ ତ ଆସେ ଯାଏ...
ମନ ପୂରିଗଲେ ବାଟୋଇକୁ ରୋକିବାର
ଅଧିକାର, ଗଛର କି ରହିଥାଏ ।

ଆବଦ୍ଧତା ନୁହଁ ସମ୍ପର୍କର ଧର୍ମ,
ସେତ ପରସ୍ପର ଭାବ ବନ୍ଧନ...
ସମ୍ପର୍କରେ ଯଦି ସ୍ୱତନ୍ତ୍ରତା ନାହିଁ,
ବଳି ପଡ଼ିଯିବ ଆତ୍ମ ସମ୍ମାନ ।

ହୃଦୟରେ ଯଦି ସ୍ୱୀକୃତି ନଥାଏ,
ସେ ସମ୍ପର୍କ ଯେ ମୂଲ୍ୟହୀନ...
ରହିପାରିବନି ଅତୁଟ ହୋଇ ସେ,
ଦିନେ ତୁଟିଯିବ ସେ ବାଦ୍ଧ ବନ୍ଧନ ।

ତୁଛାଟାରେ କାଇଁ କରୁଛ ପ୍ରୟାସ,
ଯେ ଯାଉଛି ଯିବାକୁ ଦିଅ...
ଅନୁଭୂତି ନେଇ କର୍ମ ପଥେ ବଢ଼,
ଗଢ଼ି ଏକ ନୂଆ ପରିଚୟ ।

କର୍ମ ଅଟେ ତୋର ଅଧିନରେ ଅଛି ,
ସମୟ ପୂର୍ବରୁ ବୁଝି ଯାଅ...
କର୍ମ ଶୁଭ ହେଲେ ସବୁ ମିଳିଯିବ,
ରହିବନି କେବେ ହରାଇବା ଭୟ ।

ବଡ଼ପାହି, ଭୋଗରାଇ, ବାଲେଶ୍ୱର ।
ଦୂରଭାଷ-୭୨୪୯୯୩୬୬୮୧

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ମଣିଷଟେ ପ୍ରଭୁ ମୁଁ ପଥର ନୁହେଁ



ଅନନ୍ତ କୁମାର

କେତେ ଆଉ ତତେ ଡାକି ଡାକି
ଆଖିରୁ ଝରାଇବି ଲୁହ
କେତେ ଆଉ ତତେ ମଥା ପିଟି ପିଟି
ଜଣାଇବି ମନର କୋହ.

ମଣିଷଟେ  ପ୍ରଭୁ ମୁଁ ପଥର ନୁହଁ ?

କେତେ ଆଉ ସହିବି ଗଞ୍ଜଣା କଷଣ
ଛାତିକୁ ପଥର କରି
କେତେ ଆଉ ଭୋଗିବି ଅସହ୍ୟ ଯନ୍ତ୍ରଣା
ନିଜକୁ ମୁଁ ଜାଳି ଜାଳି,  ?

ମଣିଷଟେ  ପ୍ରଭୁ ମୁଁ ପଥର ନୁହଁ

ଅନ୍ତରର କଥା ବୁଝିପାର ତୁମେ ବୋଲି
ତୁମ ନାମ ଅନ୍ତର୍ଯ୍ୟାମୀ
କେମିତି ବୁଝି ପାରୁନାହଁ ଦାରୁଣ ଦୁଃଖ
କରୁଛି ନିତି ଗୁହାରୀ,

ମଣିଷଟେ  ପ୍ରଭୁ ମୁଁ ପଥର ନୁହଁ

ଏତେ ଡାକି ଡ଼ାକି ରହିବି ଯଦି ଦୁଃଖୀ
କି ପାଇଁ ତୁମକୁ ବୋଲାଇବି
ଏତେ ମୁଣ୍ଡ ପିଟି ଯଦି଼ କଷ୍ଟ ଭୋଗିବି
କି ପାଇଁ ଗୁହାରୀ ମୁଁ କରିବି ,

ମଣିଷଟେ ପ୍ରଭୁ ମୁଁ ପଥର ନୁହଁ

ତିହିଡି, ଭଦ୍ରକ, ଯୋଗାଯୋଗ: ୮୩୩୯୯୩୯୯୨୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଏଇ ତ ଆରମ୍ଭ



ସତ୍ୟ ନାରାୟଣ ମିଶ୍ର

ହାଏ ମୋନାଲିସା ! କହ ତ ସତ
କଉ ଦିନ ହେଲା ତମ ସାଥେ ମୋର ପ୍ରଥମ ଭେଟ
କଉ ତାରିଖ ସେ ମନେ ପକାଇ କି କହିବ
"ଏଇ ଆଜି , ଆଜି "ଏଇ ତ ଆରମ୍ଭ "

କେଉଁ ଦିନ ମିଶିଥିଲା ତୁମ ଆଖି ସାଥେ ମୋ ଆଖି
କେଉଁ ଦିନ ଦେଲ ତମେ
ମୋ ଠାରେ ହୃଦୟ କୁ ବିକି
ଭୁଲେଇ ଦେବ ନି ମତେ ସତ ସତ କହିବ
" ହଁ ଏବେ " ଏଇ ତ ଆରମ୍ଭ "

କେବେ ତମେ କରିଥିଲ ଫାଷ୍ଟ କଲ୍ ମତେ
ମୁଁ ତମକୁ ଦେଇଥିଲି ମେସେଜ୍ ବି କେତେ
କେବେ କହିଥିଲ ମତେ ଫୋନ୍ ନମ୍ବର ଦେବ
" ଆରେ ବାବା ଏବେ , ଏଇ ତ ଆରମ୍ଭ "

ବୁଝି ମୁଁ ପାରେ ନି ତମେ କାହିଁ କର ଏମିତିକା ଜୋକ୍
ଧୋକା ଦେବ ଯଦି ମୋର୍ ହେଇଯିବ ହାର୍ଟ ଚୋକ୍

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କହୁଚ ତ ସବୁବେଳେ ଏଇତ ଆରମ୍ଭ
ବ୍ରେକ ଅପ କରିଦେବ ନୁହଁ ଅସମ୍ଭବ ।

ଆରେ ଆରେ ନୋ ନୋ କର ନାହିଁ ଫିଲ୍
ମୁଁ ତମକୁ ଭଲ ପାଏ ତମେ ମୋର୍ ଦିଲ୍
ଯେତେ ଦେଖୁଥିଲେ ତମେ ନୂଆ ଲାଗୁଥିବ
ସେ ପାଇଁ କହୁଛି ସିନା ଏଇତ ଆରମ୍ଭ ।

ସିଂଧେକେଲା, ବଲାଙ୍ଗୀର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମିଛ



କମଳ ଲୋଚନ ପଣ୍ଡା

ମିଛ କେବେ ସାଜେ ଅହଂକାରର ମାଧ୍ୟମ
କେବେ କାହା ପାଇଁ ପାଲଟି ଯାଏ ଜାତନାର ଅଭ୍ୟୁଦୟ

ମିଛରେ ଥାଏ ଅନେକ ଅଭିମାନର ଅଭିମତି
ପୁଣି, ମିଛରେ ଭରି ରହିଥାଏ ଗଠନଶୀଳ ଆବେଗର ପ୍ରତିଛବି ।

ମିଛ କେବେ ଅନ୍ୟମାନଙ୍କ ପାଇଁ ଉଦାହରଣର ମାଧ୍ୟମ
ତ କେବେ, ଅନ୍ୟମାନଙ୍କ ପାଇଁ ଜ୍ୱାଳନାର ଉତ୍ସ

ମିଛର ଅବାସ୍ତବ ପ୍ରତିବିମ୍ବ କେବେ କାହାକୁ ହସାଏ
ପୁଣି କେବେ କାହାକୁ କନ୍ଦାଏ

ମିଛ ଚରିତାର୍ଥ ଜୀବନର ଚରିତ୍ରକୁ ସୃଷ୍ଟି କରିପାରେ
ପୁଣି କେବେ ଚରିତ୍ରଟି ବନିଯାଇଥାଏ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିଜେ ସବୁକଥା ଭୁଲି ଯିଏ ସାଙ୍ଗ କଥାରେ ପଡ଼ି ମିଛ କହେ,

ତା ଭଳି ମିଛୁଆ କେହି ନାହିଁ ଏ ସୃଷ୍ଟିରେ !

ମିଛ କେବେ କଳ୍ପନାର କଳ୍ପନୀତ ଅତୀତ

ପୁଣି କେବେ, ଚଳଚଞ୍ଚଳ ପଥର ବାଟବଣା ପଥିକ ।

ନୀଳଗିରି, ବାଲେଶ୍ୱର

ଦୂରଭାଷ : ୮୯୧୭୩୪୦୮୮୯

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପରିଧି ଭିତର କଥା



ସଞ୍ଜୀବ କୁମାର ଦାସ

କେହି କେବେ ଶୁଣିଛି କି ମା'ର ପାତର ଅନ୍ତର ଭାବନା !

କେହି କେବେ ମାପିଛି କି ମାଆ ମନର ଅନ୍ତର ବେଦନା !

କେହି କେବେ ଆଙ୍କିଛି କି ତା ମମତାର ନିଛକ ସର୍ଜନା !

କେହି କେବେ ଦେଖିଛି କି ତା ପଣତରେ ଲୁହ ଅନାବନା !

କେହି କେବେ କଳିଛି କି ତା ହୃଦୟର ଅତୁଟ ମୂର୍ଚ୍ଛନା !

ଯିଏ ବା ଶୁଣିଛି ଅନ୍ତରରେ ତା'ର ଭାବ ଆସିବ କାହୁଁ ,

ସେ ତ ନିର୍ବୋଧ ,ନା ଜାଣିଛି ମମତାର କେତେ ଯେ ଉଷ୍ମାସ

ନା ପଣତର ମହାର୍ଘ ପରଶ ।

ପ୍ରତି ମୁହୂର୍ତ୍ତରେ ନୀରବୁଥିବା ଜନନୀର କୋହ ସିନା ଜଣାଇଦିଏ

ସର୍ବଂସହାର ଗୋଟିଏ ଝଲକ

ଯେ ଦେଖିନି ଅନେକରେ ଭିନ୍ନତାର କାଣିଚାଏ ରୂପ

ଯେଣୁ ବାଛିବାକୁ ନାହିଁ ତା ଆଗେ କିଛି ବି ବିକଳ୍ପ

ସେ ତା ସେନେହ ପରିଧି ଭିତରେ ଖୋଜିଥାଏ ନିବିଡ଼ତାର ପୁର୍ଣ୍ଣତର ସ୍ତୁପ ।

ମର୍କତ ନଗର, କଟକ

ଆହ୍ୱାନ ଇ-ପତ୍ରିକା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ସମ୍ପର୍କ ଓ ସମ୍ପତ୍ତି



ବାସନ୍ତୀ ଲତା ଜେନା

ସମ୍ପର୍କର ସେତୁ  ପରିବାରୁ ସୃଷ୍ଟି
ସମାଜକୁ ବ୍ୟାପି ଥାଏ
ଶାଖା ପ୍ରଶାଖାରେ  ଗହଳିଆ ହୋଇ
ସ୍ନେହ ଶ୍ରଦ୍ଧା ବାଣ୍ଟୁ ଥାଇ   ।୧।

ଅଦେଖା ସୂତ୍ରରେ ଏ ବନ୍ଧନ ଗଢ଼ା
ହୋଇ ଥାଏ ଚିରନ୍ତନ
ଶାଶ୍ୱତ ପ୍ରେମରେ ଯୋଡି ହୋଇ ଥାନ୍ତି
ଶୃଙ୍ଖଳା ଅନୁଶାସନ   ।୨।

ପିତା ମାତା ସାଥେ  ସନ୍ତାନ ସନ୍ତତି
ଭାଇ ଭଗ୍ନୀ ସହୋଦର
ଆତ୍ମୀୟ ସ୍ୱଜନ ରକ୍ତର ବନ୍ଧନ
କୁହା ଯାଏ ପରିବାର   ।୩।

ନିଃସ୍ୱାର୍ଥ ପ୍ରେମରେ ବୁଡି ରହି ଥିଲେ
ସମ୍ପର୍କ ହୁଏ ମଧୁର
ସ୍ୱାର୍ଥର ଲାଳସା   ଗରଳ ସଦୃଶ୍ୟ
ଭାଙ୍ଗେ ପ୍ରେମର ମନ୍ଦିର  ।୪।

ରକ୍ତର ସମ୍ପର୍କ ସବୁଠୁ ମହତ୍ୱ
ତୁଳନା ତାହାର ନାହିଁ
ଲୋଭ ମୋହ ମାୟା ସ୍ୱାର୍ଥ ମିଶି ଗଲେ
ମଣିଷ ଅନ୍ଧ ହୁଅଇ  ।୫।

ସମ୍ପତ୍ତି ଲୋଭରେ ରକ୍ତକୁ ଭୁଲଇ
ଭାଇ ଭଗ୍ନୀ ଭୁଲି ଯାଏ
ନିଜ ପରିବାର  କଥା ଚିନ୍ତା କରେ
ମାନବିକତା ହରାଏ   ।୬।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେତେ ଧନ ଥିଲେ ତୃପ୍ତ ନ ହୁଅଇ
ଆହୁରି ପାଇବା ଆଶା
ଛଳନା କରଇ ଧୋକ୍କା ଦେଉଥାଇ
ନ କର ତାଙ୍କୁ ଭରସା ।୭।

କେତେକ ଦୁର୍ଜନ ସମ୍ପତ୍ତି ଲୋଭରେ
ଭାଇକୁ ମରାଇ ଥାନ୍ତି
କେତେକ କୁପୁତ୍ର ପିତା ମାତା ଭୁଲି
ବାର୍ଦ୍ଧକ୍ୟେ ଦୂରେଇ ଦ୍ୟନ୍ତି ।୮।

ପିତା ମାତାଙ୍କର ସେବା ନ କରନ୍ତି
ନ ଦିଅନ୍ତି ମୁଖେ ଅନ୍ନ
ପ୍ରୀୟ ବାନ୍ଧବକୁ ଧୋକ୍କା ଦେଇ ଥାନ୍ତି
ଛଳନା ହୁଏ ମହାନ ।୯।

ଏପରି ମାନବ ଉଦାର ନ ହୁନ୍ତି
ନିଜ ସୁଖେ ରହି ଥାନ୍ତି
ଗର୍ବ ଅହଂକାର ଶିଖର ଛୁଅଇଁ
ଧରାକୁ ସରା ମଣନ୍ତି ।୧୦।

ଭୁଲି ଯାଇ ଥାନ୍ତି ଜୀବନର ସଂଜ୍ଞା
ସତ୍ୟ ଧର୍ମ ଭୁଲି ଥାନ୍ତି
କାହା ହୃଦୟରେ ସ୍ଥାନ ନ ପାଆନ୍ତି
ଅନ୍ତିମେ ଦୁଃଖ ପାଆନ୍ତି ।୧୧।

ସମ୍ପର୍କର ମୂଲ୍ୟ ଯେଉଁ ନର ବୁଝେ
ସ୍ୱର୍ଗ ସୁଖ ତାଲୁ ମିଳେ
ଗୁରୁ ଗୁରୁଜନେ ଆଶୀର୍ବାଦ ଦ୍ୟନ୍ତି
ନାମ ରହେ ରସା ତଳେ ।୧୨।

ଗାନ୍ଧୀନଗର, ପୋଷ୍ଟ / ଜିଲ୍ଲା : ନବରଙ୍ଗପୁର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଫେରିଯା ପ୍ରିୟା



ପ୍ରଶାନ୍ତ କୁମାର ନାଥ

ଜାଣିଥିଲି ଦିନେ ଭଲ ପାଉଥିଲୁ
କରୁଅଛୁ ଆଜି ଘୃଣା
ପ୍ରେମ ପ୍ରତିଦାନ ମାଗିବି ନାହିଁ ଲୋ
କରିବିନି ବାଟବଣା ।

ଯଦିତୁ ଭାବୁଛୁ ସାଥିରେ ମୋହର
ପାଉଛୁ ଏତେ ତୁ କଷ୍ଟ
କାହିଁକି କହତୁ ମୋ ସାଥିରେ ରହି
ସମୟ କରିବୁ ନଷ୍ଟ ।

ପଛ କଥା ଯେତେ ମନରୁ ତୋହର
ପାରିଲେ ଦେଏଲୋ କାଢି
କାହିଁକି ମିଛର ଦୁଃଖ ତୁ ପାଇବୁ
ଛାତିରେ ଧରି ତୁ ଭିଡି ।

ଜାଣିଗଲି ଯେବେ ମୋ ପାଇଁ ମନରେ
ଘୃଣା ତୁ ଦେଉଛୁ ଭରି
କାହିଁକି କହଲୋ ମିଛରେ ବାନ୍ଧିବୁ
ମୋସଥେ ସମ୍ପର୍କ ଡୋରୀ ।

କହିବିନି କେବେ କାହିଁକି ମୋତେଲୋ
ପାଉଥିଲୁ ଏତେ ଭଲ
ତୋର ଖୁସି ପାଇଁ ସାଜି ପାରେ ମୁହିଁ
ଅଲୋଡ଼ା ମଉଳା ଫୁଲ ।

ସୁନ୍ଦରପୁର, ଉତ୍ତରକୂଳ ହାଟ୍, ପ୍ରୀତିପୁର, ଯାଜପୁର,
ମୋ-୦୮୮୯୭୩୦୧୧୪୩

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଭକ୍ତ ଭଗବାନଙ୍କ ଭେଟ



ବିଶ୍ୱନାଥ ଭୁଏ

ହେଇଗଲେ ହେଇ ଯାଉ
ବର୍ତ୍ତମାନରୁ ଅତୀତ
ଚିରଦିନ ପାଇଁ ମନେ ରହିବ
ସେଇ ଅଭୁଲା ମୂହୁର୍ତ୍ତ ।
ସେଇ ଚେହେରା ନାଚୁ ଥିଲା
ମନେ ହୋଇ ବିସ୍ତାରିତ
ଯାହାଙ୍କ ସାଥେ ଭେଟ ହେଇ
ହୋଇଗଲା ଅପେକ୍ଷାର ଅନ୍ତ ।
କେତେ ମିଠା ଲାଗୁଥାଏ
ବାଣୀ ତାଙ୍କ ମୁଖ ନିଃସୃତ
ଶ୍ରୋତା ହୋଇ ଶୁଣୁଥାଏ
ମନ ହୋଇ ଆନନ୍ଦିତ ।

କହିଲେ ଯେବେ ଖାଇବା ପାଇଁ
ସ୍ନେହ ଶରଧାର ସହିତ
ପେଟପୂରି ଯାଏ ତାଙ୍କ କଥାରେ
ଭୋକର ହୁଅଇ ଆହତ ।
ଖୁସି ଦେଖି ତାଙ୍କ ମୁଖେ
ହୃଦୟ ବିଶ୍ୱାସୀ ଭକତ
ତାଙ୍କ ସାଥେ ଯିବା ପାଇଁ
ହୋଇଗଲେ ସତେ ପ୍ରସ୍ତୁତ ।
ଶ୍ରୀକୃଷ୍ଣଙ୍କ ସାଥେ ସାଥେ
ଖୁସିରେ ଚାଲିଲା ଭକତ
ଭାବପୂର୍ଣ୍ଣ ବିଶ୍ୱାସୀ ମନରେ
ଖୁସିର ଜୁଆର ଅଗଣିତ ।

କେଶାଇପାଲି, ଭଟଲି
ଜିଲ୍ଲା - ବରଗଡ଼, ମୋ - ୯୬୭୮୮୭୮୪୮୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପାହାଡ଼ ତଳର ପଲ୍ଲୀ



ସୁହଂସ ଭୋଇ

ଶିଖରୀ ଚରଣ ଛୁଇଁଛି ଶରୀର
ଘେରିଛି ଘନ ବିପିନ
ଅନତି ଦୂରରେ ବହେ ତରଙ୍ଗିଣୀ
ବହେ ମୃଦୁ ପବମାନ...

ପଶ୍ଚିମେ ସରସୀ ଲାଖି ଅଛି ଆଖି
ଜହ୍ନ ଜୋଛନାକୁ ଚାହିଁ
ଶୀତଳ ପରସ ପାଇଲେ କଳିକା
ହସି ଫୁଟି ହେବ କଇଁ...

ମାଟି କାଦୁଅର ନଡ଼ା ଛପରର
ଗଢା ଛୋଟ ଛୋଟ ଘର
ଗୋବର ପାଣିରେ ଲେପା ହୋଇଅଛି
ଅତି ଯତନେ ଦୁଆର..

ଦୂର ତାଳବଣେ ତପନ ହଜିଲେ
ଶୁଭେ ଶୃଗାଳର ସ୍ୱର
କାମିନୀ କାଞ୍ଚନ ବ୍ୟଞ୍ଜନ ବାଢ଼ଇ
ହୋଇ ତହୁଁ ତତପର...

ଗାଁଆ ମୁଣ୍ଡେ ସ୍ଥାନ ରହିଛି ଶ୍ମାଶନ
ଶ୍ୱାନ ଶିଆଳର ବାସ
ଶାଗୁଣା ଶ୍ରାବକ ଘୁରନ୍ତି ଅନେକ
ପେଟ ଚାଖଣ୍ଡେକେ ଆଶ...

ଘର ଲାଗି ବାଡ଼ି ହୋଇ ଛାଡ଼ି  ଛାଡ଼ି
ଲାଗିଛି ସଜନା ଶିମ୍ବ
ହାତ ପାହାନ୍ତରେ କରଲା ଝୁଡ଼ଙ୍ଗ
ପିଜୁଳି ପଣସ ଆମ୍ବ....

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଷାଣେ ସିନ୍ଦୁର ଲାଲ ଜରଜର

ମନ୍ଦାର ମାଳେ ଭୂଷିତ

ଅନାଦି କାଳରୁ ପୂଜା ପାଉଛନ୍ତି

ଠାକୁରାଣୀ ନାମେ ଖ୍ୟାତ...

ନିରଳସ ବାସ ମନ ନିଷ୍କପଟ

ଭାବ ବନ୍ଧନ ଅତୁଟ

ବିଶ୍ୱାସରେ ବନ୍ଧା ନିଷ୍ପାପ ଜୀବନ

ଗୃହେ ନ ପଡେ କବାଟ.....

ବିଜେପୁର, ବରଗଡ଼

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାରିବୁନି ଟିଟିକାରି



ନରେନ୍ଦ୍ର ପ୍ରସାଦ
ବେହେରା

ଗ୍ରାମର ମୁଖିଆ    ଗ୍ରାମଦେବତୀ ମା
    ରହିଛୁ ଗ୍ରାମକୁ ଜଗି
କେତେ ଝଡ ବର୍ଷା    ପାଣି ଓ ପବନ
    ତୋ ଦେହେ ଯାଉଛି ଲାଗି   ।୧ ।

ଯେତେବେଳେ ଯିଏ    ଡାକିଲେ ତାହାଙ୍କୁ
    ଅବିଳମ୍ବେ ସାରା ଦିଏ
ବରଷକେ ଥରେ    ପାଣିମୁନ୍ଦେ ମୁଣ୍ଡେ
    ଦେବାକୁ କେହି ନଯାଏ   ।୨ ।

ଗ୍ରାମର ମଝିରେ    ଗ୍ରାମର ବାହାରେ
    ରହିଥାଏ ଗାଆଁ ମୁଣ୍ଡେ
ଗାଆଁ ବିପଦକୁ    ଜଗି ରହିଥାଏ
    ଶୋଏନାହିଁ କେବେ ଦଣ୍ଡେ   ।୩ ।

ତଥାପି ମଣିଷ    ଚିନ୍ତା କରୁନାହିଁ
    ଗ୍ରାମ ମୁଖିଆର କଥା
ମନ୍ଦିର ଖଣ୍ଡିଏ    ତୋଳିବାକୁ କେବେ
    ଖେଳାଏନି କେହି ମଥା   ।୪ ।

ରାତି ପାହିଲାରୁ    ରାତି ହେବାଯାଏ
    କରୁଥାନ୍ତି ସୁମରଣା
ମାଆ ଚିନ୍ତାକରେ    ପୁଅ ମୋର କେବେ
    ନହେଉରେ ବାଟବଣା   ।୫ ।

ଜୀବନ ମରଣେ    ରୋଗର ଶଯ୍ୟାରେ
    ଡାକଛାଡେ ମାଆ ରଖ
ସାଙ୍ଗସାଥି ମେଳେ    ହାତ ଠାରି କୁହେ
    କୁକୁର ମୁତୁଛି ଦେଖ   ।୬ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୁସଙ୍ଗରେ ପଡି   ମଦ ମାଂସ ଖାଇ
ବେଶ୍ୟା ସଙ୍ଗେ ରାତି କାଟେ
ନିଜ ପରିବାର   ସ୍ତ୍ରୀରୀ ପିଲାଛୁଆ
ନିଶାରେ ଗୋଡାଇ ପିଟେ   ।୭ ।

ଖସିଗଲା ଗୋଡ   ପଡିଗଲା ଦିନେ
ଗୋଡ ହେଲା ଦୁଇ ଖଣ୍ଡ
ଯନ୍ତ୍ରଣାରେ ପଡି   ମନରେ ଭାବିଲା
କାହିଁକି ଦେଲୁ ମା ଦଣ୍ଡ   ।୮ ।

ଚିନ୍ତାକର ଆଜି   ସେଦିନର ସେହି
କୁକୁର ମୁତିବା କଥା
ମଦ ମାଂସ ଖିଆ   ସାଙ୍ଗସାଥୀ ସର୍ବେ
ଖେଣ୍ଟେଇଣ ଦେଲେ ବ୍ୟଥା   ।୯ ।

ଏ ବେଳେ ଡାକିଲା   ମନର ମଧ୍ୟରେ
ଗ୍ରାମଦେବତୀ ମା ଶୁଣ
ରକ୍ଷାକର ମାଆ   ଏବପଦୁ ମୋତେ
ପଶୁଛି ତୁମ ଶରଣ   ।୧୦ ।

ତୁମେ ସେହି ମାଆ   ଗ୍ରାମର ମୁଖିଆ
କରନାହିଁ ଆଉ ଟାଣ
ତୁମ ପ୍ରତି ଯେଉଁ   ଅନ୍ୟାୟ କରିଲି
ପାଇଲି କେତେ କଷଣ   ।୧୧ ।

ଦୂର ହେବ ତୁମ   ଦୁଃଖ ଓ ଯନ୍ତ୍ରଣା
କାନଧରି ଯାଅ ତରି
ଗ୍ରାମର ଦେବତା   ଗ୍ରାମଦେବତୀ ମୁଁ
ମାରିବୁନି ଟିଟିକାରି   ।୧୨ ।

ଜାଣିଗଲି ଆଜି   ମହିମା ତୁମର
ତୁମେତ ମାଆ ସବୁରି
ସୁଖଦୁଃଖ ସହି   ରହିଛ ଗାଆଁରେ
ବୁଝିବ ଦୁଃଖ ଆମରି   ।୧୩ ।

କରୁଛି ପ୍ରତିଜ୍ଞା   ତୋଳିବି ମନ୍ଦିର
ଗଛମୂଳୁ ନେବି ତୋଳି
ଶକ୍ତି ଦିଅ ମୋତେ   ଯିବି ମୁଁ ଆଗେଇ
ଆଶିଷ ଦିଅ ମା' ଢାଳି   ।୧୪ ।

ସମ୍ପାଦକ- ମୋ ଅନୁଷ୍ଠାନ, ଆଳଦା, ଖଇରା,
ବାଲେଶ୍ୱର,  ମୋ–୯୮୫୩୧୪୨୫୧୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କବିତା ଚୋର



ବିନୟାନନ୍ଦ
ବସ୍ତ୍ରସ୍ୟ

କବିତା ଚୋରଟି ବାଞ୍ଝ ମାଇକିନା ଜରାୟୁ ନାହିଁ ତାହାର,
ମାସିକ ଧରମେ ଠିକଣା ତା ନାହିଁ ଅମାବାସ୍ୟା ଗୁରୁବାର,
ପଞ୍ଝୁକ ରାଣ୍ଡଟି ସିଏ,
ମାସୁଆରୀ ରାଣ୍ଡ ହବିଷ କରିବା ଜାଣିବ କାହୁଁ ସେ ହାଏ ।

ଚୋରି କରିବାଟି ଜନମ ବେଳାର କୁଲକ୍ଷଣ ଗୋଟି ସିନା,
ଦ୍ରବ୍ୟ ଚୋର ଠାରୁ ପାଠ ଚୋର ବଡ଼ କବିତା ଚୋର ଦି ଗୁଣା,
ବୋପାର ଠିକଣା ନାହିଁ,
ସାହିତ୍ୟ ରଚନା ସମାଜ ହିତରେ କରିବ ଅବା ସେ କାହିଁ ?

ଚୋରି କରି କିଏ କବି କି ପଣ୍ଡିତ ହୋଇଲାଣି ଏ ସଂସାରେ,
ଫେସବୁକ ଘରୁ କବିତା ଚୋରାଇ କବି ପଦ ନେଇପାରେ ?

ପରଠୁ ଚୋରାଇ କବିତା ଚୋରଟି ନିଜ ନାଁ ଯୋଡ଼ି ଦେଇ,
ଛାପିଦେଲେ କିବା କବି ହୋଇଯିବ ମାନପତ୍ର ଛାପିଦେଇ ?

ପରର ତୁଉଣ ଷୋଡକାଏ ପରା ଭଲ ଲାଗେ ସଦା କାଳେ,
ନିଜ ସ୍ତ୍ରୀ ରମ୍ଭା ଅପ୍ସରୀ ହେଲେ ବି ଆନ ସ୍ତ୍ରୀ ଠି ମନ ବଳେ ।

ମଲ୍ଲୀପୁର, ଗଡ଼ନିଆଳ, ଖୋର୍ଦ୍ଧା
୯୪୩୯୪୩୩୩୩୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଏକାକୀତ୍ୱ



ଜ୍ୟୋତି ରଞ୍ଜନ
ଯତି

ଆଜି କାହିଁ ଭାରି ଇଛା ହୁଏ .. ?
ଏକାନ୍ତରେ ରହିବାକୁ ।
ହୃତ ସ୍ପନ୍ଦନର ଆଢୁଆଳେ
ଯନ୍ତ୍ରଣାକୁ ଛୁଇଁବାକୁ ।।
ସେ ଥିଲା ମୋ ମନ ଅଗଣାରେ
ଛଳନାର ବାଲିଘର ।
ଆଜି କାହିଁ ଇଛା ହୁଏ ସେହି
ବାଲିଘର ଭାଙ୍ଗିବାକୁ ।।

ସପନ ତ ଭାଙ୍ଗିଯାଏ ଏଠି
ଭାଙ୍ଗିଦିଏ ଏ ମନକୁ ।
ଆଜି ଆଉ ଧୈର୍ଯ୍ୟ ନାହିଁ
ସ୍ୱପ୍ନଟିଏ ଦେଖିବାକୁ ।।
ସ୍ୱପ୍ନ କେବେ କାହିଁ ନିଏ ନାହିଁ
ବାସ୍ତବ ରଙ୍ଗ ରୂପକୁ ।
ଆଜି କାହିଁ ଇଛା ହୁଏ ସେଇ
ବାସ୍ତବରେ ଜିଇଁବାକୁ ।।

ମନାକରେ ଶାରୀ ଆଜି ତାର
ପଞ୍ଜୁରୀରେ ରହିବାକୁ ।
ଠିକଣା ତା ଖୋଜେ ପରିଚୟ
ଦୂର ଦେଶ ଗଗନକୁ ।।
ଅସହାୟ ଲାଗେ ଏ ପଞ୍ଜୁରୀ
ଜାଗେ ଇଛା ଭାଙ୍ଗିବାକୁ ।

ଲକ୍ଷ୍ୟହୀନ ଯାତ୍ରୀ ସାଜି ଚାଲେ
ଆଗକୁ ବହୁ ଆଗକୁ ।
କେଉଁଠି ଶେଷ ଏକାନ୍ତ ପଥ
ଜଣା ନାହିଁ ଏ ମନକୁ ।।
ଶାନ୍ତି ଲାଗେ ବୋଲି ଚାଲେ ବୋଧେ
ଅପନ୍ତରା ସେ ପଥକୁ ।
ଜୀବନଟା ମାୟା ମରିଚିକା
ବାଛିଲି ଏକାକୀତ୍ୱକୁ ।।

ଆରିକମା, ଖୋର୍ଦ୍ଧା
ଯୋଗାଯୋଗ - ୮୨୪୯୩୦୧୨୯୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମିଠା ଉଆଁସ



ସିଦ୍ଧେଶ୍ୱର ତ୍ରିପାଠୀ

ଉଆଁସ ପରଶ ଅନ୍ଧାର ବୋଲି
ଏ ସାରା ଦୁନିଆ କହେ
ଏମିତି ଗୋଟିଏ ଅନ୍ଧାର ତିଥିରେ
ବଉଳ ମହକ ପାଏ ।

ସେଇମିତି ତୁମେ ଉଆଁସୀ କନିଆଁ
ମୋ ମନ ଆକାଶେ ଜହ୍ନ
ଆଜିବି ସେମିତି ସାଇତି ରଖିଛି
ମିଠା ସ୍ମୃତି ପାଦ ଚିହ୍ନ ।

ଦୁନିଆଁ ଦାଣ୍ଡର ଅପବାଦ ସହି
ତୁମକୁ ମୁଁ ଭଲପାଏ
ଉଆଁସ ପରଶ ଅନ୍ଧାର ବୋଲି
ଏ ସାରା ଦୁନିଆ କହେ ।

କେବେବି ମାଗିନି ଆଲୁଅ ଟିକିଏ
ଜୋଛନା ବରଷା ଧାର
ତୁମ ଓଠ ଛୁଆଁ ପଦିଏ ଗୀତକୁ
ଭାବେ ଶ୍ରେଷ୍ଠ ଉପହାର ।

ଅନ୍ଧାର ରାତିର ଲୁହ ଟୋପାକରେ
ତୁମ ମୁହଁ ଦିଶିଯାଏ
ଉଆଁସ ପରଶ ଅନ୍ଧାର ବୋଲି
ଏ ସାରା ଦୁନିଆ କହେ ।

ଖୋର୍ଦ୍ଧା, ୭୦୦୮୩୧୫୦୪୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମନ ପବନ ହୃଦେ



ରୋହିତ ପଟ୍ଟନାୟକ

ସୁନ୍ଦର ତୁମ ମୁହଁ କରିଛି ଆତ୍ମା କୁ ଛେଦନ
ଜର୍ ଜର୍ ରକ୍ତରୁ ଛୁଟି ଆସୁଛି
ତୁମ ପ୍ରେମର ମିଳନ ।

ରକ୍ତ କଣିକାରେ ଅତୀତ ମିଳନ
ମନକୁ ଦେଇଛି କଷ୍ଟ
ତଥାପି ତୁମ ଚୁମ୍ବନର ସ୍ୱାଦ ରହିଛି
ମୋ ବକ୍ଷରେ ସ୍ପଷ୍ଟ ।

ମୁଁହ ମୁଁହରେ ଗଢ଼ିଦେଇଥିଲ ମାଟିର ଘର
ପରେ ଯେ ବିନା ମିଳନର ସ୍ୱାର୍ଥ
ମୁଁ ଚାତକ ସାଜି ଅନେଇଲି ତୁମ ବର୍ଷା ପାଣି
ହେଲେ ମେଘ କରିଦେଲା ବ୍ୟର୍ଥ ।

ଶୁଆ ପରି ସାଇତି ରଖିଲି ହେଲ ଯେ ତୁମ କାକ
ମୋ ବସା ଛାଡ଼ି ଖୁଲା ଆକାଶରେ ଯାଇ ବୁଲିଲ ।
ଜୀବନ ଭିତରେ ବିଶ୍ୱାସ ରୂପକ କଥାକୁ ଭାଙ୍ଗିଲ
ଦେଖେଇ ଦେଲ ତୁମ ଅସଲି ରୂପ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦଣ୍ଡେ ନ ଦେଖିଲେ ହଉଥିଲ ବିକଳ
ଝୁରି ହଉଥିଲ ସଞ୍ଜ ସକାଳ ।

ସମ୍ପର୍କ ନ ରଖି ଭାଙ୍ଗିଦେଲ ସବୁ ଆଶା ବିଶ୍ୱାସ
ଆତ୍ମା ଦର୍ପଣରେ କରିଦେଲ ଚୂର୍ ମାର୍
ଭଙ୍ଗା କାଚରେ ଦାଗ ପଡ଼ିଲାଣି
ଶେଷରେ ତୁମ ଛବି ଦେଖି ମନ୍ ଭାଙ୍ଗିଲାଣି ।

ଧନ୍ୟ ତୁମ ଛଳନା ତୁମ ମନ ନଗଣ୍ୟର ମନ
ଅଭିନୟ ଆରମ୍ଭ ରଖି ଅନ୍ୟର ଭାବରେ ଛନ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମାଆର ମମତା



ପୁଷ୍ପାଞ୍ଜଳି ପଣ୍ଡା

ମୋ ଆଖିରୁ ଯେବେ ଝରୁଥାଏ ଲୁହ
ତା ଛାତିରେ କୋହ ଉଠେ
ନିମିଷକେ ଦୁର କରେ ଦୁଃଖ ମୋର
ନିଜେ ଥାଏ କେତେ କଷ୍ଟେ ।।

ଅଝଟପଣ ମୋ  ଆପଣେଇ ନିଏ
ଚାନ୍ଦ ତୋଳିଦେବ କହେ
ପଣତ ଘୋଡ଼େଇ ରଖେ ସେ ଲୁଚାଇ
ଛାତିରେ ଲଗାଇ ଥାଏ ।।

ନାନାବାୟା ଗୀତ ବୁଢ଼ୀ ଅସୁରୁଣି
ଗପ ଆଣେ ନିଦ ଶେଜ
ଅମୃତ ପିଆଏ ଖିରି ପୁରି ଦିଏ
ନିଜେ ଖାଏ ଶାଗ ପେଜ ।।

ସକାଳ ସଞ୍ଜରେ ଶୁଭ ମନାସେ
ସ୍ନେହ କରୁଣାର ଧାର
ସଂସାର ଭିତରେ ମାଆର ମମତା
ଆଗେ ସବୁ ଯେ ଅସାର ।।

କେନ୍ଦ୍ରାପଡ଼ା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଚନ୍ଦ୍ରଗୁପ୍ତ ମୌର୍ଯ୍ୟ



ସ୍ମୃତିରଞ୍ଜନ ବାରିକ

ରାଜାର ପ୍ରାସାଦେ ରାଜା ନ ବସଇ,
ରାଜା ନାମେ ଅହଙ୍କାରୀ...
ଅଯୋଗ୍ୟ ନୁହଁଇ ରାଜାର ପଦରେ,
ଅଳଙ୍କାର ଅଧିକାରୀ ।......୧

ମହାନ୍ ସମ୍ରାଟ ଗଢି ଚାଲିଯାଏ,
ସୁନ୍ଦର ଆଗତ ପିଢ଼ି...
ନନ୍ଦର ଚେଷ୍ଟାରେ ନୂତନ ବଂଶଜ,
କରିଚାଲେ ସୁଖେ ଭାରି ।......୨

ଆନନ୍ଦ ବିହ୍ୱଳେ, ଖୁସିର ଧ୍ୟାନରେ,
ମଦ, ମାଂସ ପରେ ନାରୀ....
ଧ୍ୟାନତ ହଟଇ କର୍ତ୍ତବ୍ୟ ପଥରୁ,
ବାହ୍ୟଶତ୍ରୁ ପ୍ରବେଶଇ ।......୩

ଚାଣକ୍ୟ ନାମରେ ବିଷ୍ଣୁଗୁପ୍ତ କହେ,
ଧନାନନ୍ଦ ମହାରାଜ...
ଆଲେକଜାଣ୍ଡାର ବାହ୍ୟଶତ୍ରୁ ରହି,
ରକ୍ଷାକର ପ୍ରିୟ ରାଜ୍ୟ ।....୪

ଛାର ତୁ ବ୍ରାହ୍ମଣ ଗରୀବ ଶିକ୍ଷକ,
ଧନାନନ୍ଦ ଦିଏ ବୁଦ୍ଧି...
ମସ୍ତକ ତୋହର ଅଲଗା ହୋଇବ,
ବ୍ରାହ୍ମଣ ନହୋଇ ଯଦି ।.....୫

ଅପମାନ ରଜ୍ଜୁ ବାନ୍ଧଇ କୌଟିଲ୍ୟ,
ମୁଖୁଲା କରଇ ଜଟା.....
ନନ୍ଦବଂଶ ଟାକୁ ସମୂଳେ ନିପାତ,
ଦେବ ଉପଯୁକ୍ତ ରାଜା ।......୬

ଚନ୍ଦ୍ରଗୁପ୍ତ ନାମ ଆସଇ ମାର୍ଗରେ,
ଭବ୍ୟ ସେ ମଗଧ ରାଜ..
ଜଟାକୁ ବାନ୍ଧିବ ଯେବେ ସେ କରିବ,
ଚନ୍ଦ୍ରଗୁପ୍ତେ ଅଭିଷେକ ।.....୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚନ୍ଦ୍ରଗୁପ୍ତ ନୁହେଁ ରାଜାର ସନ୍ତାନ,
ଗୋଲାମି ମା'ର ଧନ..
ରାଜାର ପୁଅତ ରାଜା ନ ହୁଅଇ,
ହକଦାର କରେ ଧ୍ୟାନ ।.......୮
କଠିନ ପରୀକ୍ଷା ଉତ୍ତୀର୍ଣ୍ଣର ଆଶା,
ମଉଳ ମନରେ ବସା...
ଚାଣକ୍ୟ ଜାଣଇ ପାରିହୋଇ ଯିବ,
ଚନ୍ଦ୍ରଗୁପ୍ତେ ଶିକ୍ଷା ନିଶା ।.....୯
ଆର୍ଶ୍ଚର୍ଯ୍ୟ ଚକିତ ତକ୍ଷଶିଳା ଶିତ,
ଚନ୍ଦ୍ରଗୁପ୍ତେ ଧ୍ୟାନ ଦେଖି...
କଠିନ ଲକ୍ଷ୍ୟକୁ ହାସଲ କରଇ,
ଏକାଗ୍ରତା ବିନ୍ଦୁ କରି ।.....୧୦
ଆଚାର୍ଯ୍ୟେ ଦୂରେଇ ଗଜାନନ ରୂପେ,
ପଦ୍ଧତ ନାମରେ ଶିଷ୍ୟ....
ଚନ୍ଦ୍ରଗୁପ୍ତ ଦେଖେ ଏକଇ ସପନ,
ମଗଧ ସାମ୍ରାଜ୍ୟ ହାସ୍ୟ ।....୧୧

କୌଟିଲ୍ୟ ନାମରେ ଗୁରୁତ ମଣ୍ଡଇ,
ଚନ୍ଦ୍ରଗୁପ୍ତେ କିସ ଲୋଡା....
ଆହରଣ ଶିକ୍ଷା ଧ୍ୟାନର ମଗନେ,
ସିଂହାସନ ନାମ ଲେଖା ।....୧୨
ବିଚକ୍ଷଣ ବୁଦ୍ଧି ପ୍ରୟୋଗ ଚାଣକ୍ୟ,
ସିକନ୍ଦର ଦୂରେ ରଖି....
ଭାରତ ବର୍ଷକୁ ରକ୍ଷା ଯେ କରଇ,
ବାହ୍ୟଶତ୍ରୁ ଦୂରେ ଦେଖି ।.....୧୩
ହକଦାର ବୋଲି ଚନ୍ଦ୍ରଗୁପ୍ତ ନିଜେ,
କଠିନ ତା ପରିଶ୍ରମ...
ଅଧ୍ୟବସାୟ ରେ ହେଳାଦି ହାରଇ,
ଚନ୍ଦ୍ରଗୁପ୍ତ ସେ ତ ମୌର୍ଯ୍ୟ ।....୧୪
ଧନାନନ୍ଦ ପରି ରାଜାର ଗରବ,
ଖଣ୍ଡ ବିଖଣ୍ଡିତ ହୁଏ...
ଚନ୍ଦ୍ରଗୁପ୍ତ ପରି ସାହାସୀ ସମ୍ରାଟ,
ମହାରାଜା ପଦ ଧରେ ।....୧୫

ଗ୍ରାମ:-ଅନୁପଲା, ଜିଲ୍ଲା:- ଜଗତସିଂହପୁର,
bsmrutiranjan269@gmail.com

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ମୁଁ ତୁମର ସାଥୀ



ଟୋନିସ୍
ରୋହିଦାସ

ଗୁଲାପ ଫୁଲରେ ବହୁତ କଣ୍ଟା...
ଆଜି କାହିଁ ଏତେ ମନେ ପଡେ ସାଥି ତୁମ କଥା ଘଣ୍ଟା କୁ ଘଣ୍ଟା... ! !

ଅଜଣା ରାଇଜର ତୁମେ ମୋର ରାଜ କୁମାରୀ...
ତୁମକୁ ଭାବି ଦେଇଛି ମୋର ସବୁ କିଛି ହେ ସୁନ୍ଦରୀ... ! !

ତୁମେ ମୋର ପ୍ରତିଟି ଭାବନା ତୁମେ ମୋର କଳ୍ପନା..
ଅଳ୍ପ ଅଳ୍ପ ହୋଇଛି ଦେଖା ମୁଁ କିଛି ତୁମର ସତେ ହେବି ତୁମକୁ ଜଣା...

ଆସିଲ ଯଦି ଜୀବନରେ ମୋହର ଯିବ ନି କେବେ ମୋଠୁ ଦୂର...
ବଞ୍ଚିଥିବା ଯାଏ ମୁ କେବଳ ହୋଇ ଥିବି ସାଥି ତୁମର... ! !

ଆଇନ ଆଗରେ ଗଲେ ମୁ ଦିଶେ ତୁମ ଛବି...
କେମିତି କେଜାଣି ଭାବି ଭାବି ଲେଖିଚାଲେ କବିତା ହୋଇ ତୁମ କବି.... ! !

ଏକା ଏକା ଥିଲି ନ ଥିଲେ କେହି ମୋର ଆସିଲ ଏମିତି ଜୀବନରେ ମୋର...
ସବୁ ଆଜି ଲାଗୁଛି କାହିଁ ଫଗୁଣ ପରି ସତେ କି ତୁମେ ହୃଦୟରେ କରିଛ ଘର... ! !

ଗାଁ -ପାମରା,ଜିଲ୍ଲା-ସୁନ୍ଦରଗଡ଼

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ବସନ୍ତର ଆଗମନେ



ଶ୍ରୀମାନୀ
ପ୍ରିୟଦର୍ଶିନୀ ଦାଶ

ଶ୍ରେଷ୍ଠ ବସନ୍ତର ଆଗମନେ
ହସିଲାଣି ଧରାପୃଷ୍ଠେ ପ୍ରକୃତି
ରଙ୍ଗବେରଙ୍ଗ ପୁଷ୍ପମାନ ଏଠି ହସୁଅଛି
ବୃକ୍ଷର ପତ୍ର ଡାଳ ସେଥିରେ ପୂର୍ଣ୍ଣ ହୋଇଛି ।

ଆମ୍ବ ଗଛେ ଭର୍ତ୍ତି ଆମ୍ବ ବଉଳର
ଭୁରୁ ଭୁରୁ ମଧୁବାସ୍ନା ସାଥେ
କୋକିଳର କୁହୁ କୁହୁ ଗୁଞ୍ଜନ
ମୋହି ନେଉଥାଏ ସମସ୍ତଙ୍କ ମନ ।

କବି ତା'ର ଲେଖନୀ ଧରି ହାତେ
ବସନ୍ତର ଶୋଭାକୁ ଉତ୍ତାରି ଦେଲାଣି କାଗଜେ
ହୋଲି ଖେଳରେ ଉଲ୍ଲସିତ ଜନ
ମନ ଚୋରାଇ ନିଏ ଦକ୍ଷିଣା ପବନ ।

ଆକର୍ଷଣୀୟ ସେ ଓଡ଼ିଶାର ଦୋଳଯାତ
ଦୋଳ ବିମାନରେ ଆହା ସୁନ୍ଦର ରାଧାକୃଷ୍ଣ
ହୋଲି ପରବରେ ରଙ୍ଗୀନ ହୁଅନ୍ତି ଲୋକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ରଙ୍ଗ ବରଷି ଦେଇଥାଏ ମନେ ଖୁସିର ପୁଲକ ।

ପୁଷ୍ପ ର ସୁଗନ୍ଧ ଖୋଜି ଖୋଜି
ଭ୍ରମର ଯେ ଉଡ଼ିବୁଲେ ତା'ର ଚାରିପାଖେ
କି ମନୋହର ସେ ରଙ୍ଗୀନ ରଙ୍ଗୀନ ପ୍ରଜାପତି
ପକ୍ଷୀ ସବୁ ମିଶି ଗାଉଥାନ୍ତି ବସନ୍ତର ଗୀତି ।

ଲାଗେ ସବୁ ଚିତ୍ର ବିଚିତ୍ର ବସନ୍ତର ଆଗମନେ
ଶାନ୍ତି, ଖୁସି ମିଳିଥାଏ ମିଳେ ବି ଆନନ୍ଦ
ଏ ଋତୁ ହୋଇଥାଏ ସବୁଠାରୁ ଶ୍ରେଷ୍ଠ
ଋତୁରାଜ ବସନ୍ତ ନାମେ ସେ ପରିଗଣିତ ।

ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ
ଉଦୟନାଥ ସ୍ୱୟଂଶାସିତ ବିଜ୍ଞାନ ଏବଂ ବୈଷୟିକ ମହାବିଦ୍ୟାଳୟ ।
ଅଡଶପୁର, କଟକ - ୭୫୪୦୧୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଚାର



ଆୟୁଷ ବଢ଼ାଇ

ଧନ୍ୟ ଧନ୍ୟ ଶାସକ ବିଚାର ତୁମର
ଆଇନ କାନୁନ୍ ନୀୟମ ନୀତି,
ଦୋଷୀ ଚାଲେ ମୁଣ୍ଡ ଟେକି ଏଠି
ନିର୍ଦ୍ଦୋଷ ଭୋଗେ ନାହିଁ ନ ଥିବା ଶାସ୍ତି । ।

ନ୍ୟାୟଦେବୀ ମୁଖେ କଳାପଟି ବାନ୍ଧି
ଆଲୁଅରେ ହେଉଛି ଅନ୍ୟାୟ
ସବୁଦେଖି ଜାଣିଶୁଣି ଭଦ୍ର
ସଭ୍ୟ ସମାଜେ ସାଜିଛନ୍ତି ପିତାମହ । ।

ଆଜିକାଲି ବଜାରରେ ସବୁ କିଣାବିକା
କିଛି ନା କିଛି ମୂଲ୍ୟ ସବୁ ଜିନିଷର
ନିୟମ ନିଷ୍ଠା ସବୁ କାଗଜରେ ଥାଉ
ହାତେ ଯାହାର ପଇସା ଯାହାର । ।

ଯାର ଅବଦାନ ମନୁଷ୍ୟ ହିତରେ
ଚିତ୍ତରେ ବିଚାର ଶୂନ୍ୟ ତା ପାଇଁ
ଖେଳୁଛି ଜନତା ପଞ୍ଚଭୂତ ସଙ୍ଗେ
ଯାର ବିଘଟନେ ଜୀବନ କାହିଁ । ।

ନିଶା ନିବାରଣ ନାରୀ ନିର୍ଯାତନା
ଶିଶୁ ସୁରକ୍ଷା ଓ ଶିଶୁ ବିକାଶ
ଏହାର ସ୍ଲୋଗାନ ଦେବାରେ ଭଦ୍ର ସମାଜ
ନିଜକୁ ରଖିଛି ସବୁବେଳେ ବ୍ୟସ୍ତ । ।

ସ୍ନାତକ ୨ୟ ବର୍ଷ ( ବାଣିଜ୍ୟ)
ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର
ଅମୃତ ବିହାର
ମେଲ୍- ayushbadhai191@gmail.com

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସମ୍ପତ୍ତି ନୁହେଁ ମୁଁ ସମ୍ପର୍କ ଚାହେଁ



ବର୍ଷାରାଣୀ
ମହାମଲ୍ଲିକ

ସମ୍ପତ୍ତିକୁ ପାଇଁ କଣ କରିବି ମୁଁ
ସମ୍ପର୍କୀୟ ମୋର ନ ଥିଲେ,
ସମ୍ପତ୍ତି ତ ତୁଚ୍ଛା ସମ୍ପର୍କ ଆଗରେ
ଜାଣିଛନ୍ତି ସର୍ବେ ଭଲେ । ।

ସମ୍ପତ୍ତିର ମୂଲ୍ୟ ସମ୍ପର୍କ ସାମ୍ନାରେ
ନୁହେଁରେ ତ ବନ୍ଧୁ କିଛି,
ସମ୍ପର୍କର ଡୋର ଆମ ପାଖେ ଥିଲେ
ସବୁ ସୁଖ ଶାନ୍ତି ଅଛି । ।

ସମ୍ପତ୍ତି ତ ଅଟେ କ୍ଷଣସ୍ଥାୟୀ ସଦା
ଆଜି ଅଛି ନାହିଁ କାଲି
ସମ୍ପର୍କଟା ଥିଲେ ସବୁ ଠିକ୍ ଅଛି
ଥିଲେ ଥାଉ ହାତ ଖାଲି । ।

ସମ୍ପତ୍ତିରେ କେତେ ମାନ ଅଭିମାନ
ସର୍ବଦା ଝଗଡ଼ା କଲି
ସମ୍ପର୍କେ ସୁନ୍ଦର ଜୀବନ ର ଯାତ୍ରା
ହିଂସା ଅହଙ୍କାର ଆପେ ଆପେ ଯାଏ ଜଳି । ।

ସମ୍ପର୍କର ମାନେ ଯିଏ ତ ବୁଝିଛି
ସମ୍ପତ୍ତି ଲୋଡିବ ନାହିଁ,
ସମ୍ପର୍କକୁ ଆମେ ସମ୍ମାନ ଯେ ଦେବା
ଭାବ ବିଶ୍ୱାସରେ ତାକୁ ଯେ ନେବା
ଆଗେଇ । ।

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସମ୍ପତ୍ତି ପାଇଁ କି ସମ୍ପର୍କ କୁ ଆମେ
ଦେବାନିରେ କେବେ ବଳି,
ସମ୍ପତ୍ତି ମିଳିବ, ସମ୍ପର୍କ ତ ନୁହେଁ
ପରେ ନିଶ୍ଚେ ହେବ ଭାଳି ।।

ସମ୍ପତ୍ତି ନୁହେଁ ମୁଁ ସମ୍ପର୍କ କୁ ଚାହେଁ
ସମ୍ପତ୍ତି ମୋ ପାଇଁ ତୁଚ୍ଛ,
ପ୍ରେମ, ଶ୍ରଦ୍ଧା, ଭକ୍ତି ସମ୍ପର୍କ ରେ ଥାଏ
ସମ୍ପର୍କ ସ୍ନେହ ର ଗୁଚ୍ଛ ।।

ଜିଲ୍ଲା :ବରଗଡ଼
ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ସମ୍ବଲପୁର ବିଶ୍ୱବିଦ୍ୟାଳୟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଲାଜେଇ ପ୍ରିୟା



ମଧୁସ୍ମିତା ସାହୁ

ସ୍ମିତହାସ୍ୟ ଦେଇ  ହସୁଛି ମୋ ପ୍ରିୟା,
ଲାଜର ଓଢ଼ଣା ରଖି,
ତିରଛା ଚାହାଁଣୀରେ ମୁରୁକି ଓଠ,
ଚାହୁଁଛି ମୋତେ ନିରେଖି  । ।

ନାଲି ଟୋପା ତାର ଦିଶେ ଚକମକ,
ଦିଶୁଛି ଚନ୍ଦ୍ରମା  ପରି,
ସୁନ୍ଦରୀ  ତନୁର  ଲାବଣ୍ୟ  ରୂପ ରେ,
ମନଲୋଭା ଏ ସେପରି  । ।

ଗୋଲାପି ଓଠର ଅଧର ହସରେ,
ମନ ଚହଲେ ତରଙ୍ଗ,
ରୁପ ଶ୍ରୀ ମହକ ଭରିଦିଏ ପ୍ରାଣେ,
ଇନ୍ଦ୍ରଧନୁ ସପ୍ତରଙ୍ଗ  । ।

କଜଳପାତି ନୟନ  ଶିହରଣ,
ନୂଆ ଯୌବନ ଦର୍ଶନ,
ମନଲୋଭା ଆକର୍ଷଣ ଆଣିଦିଏ,
ମନୋମୁଗ୍ଧକର ଧ୍ୟାନ  । ।

ପ୍ରେୟସୀ ତୁମର ତିରଛା ଚାହାଣୀ ,
ସ୍ପନ୍ଦନ ନେଇଛି କିଣି,
ମହ୍ଲାର ସ୍ନେହ କାଙ୍ଗାଳିଆ ପଣକୁ,
ଲଜ୍ଜାରେ ଦେଇଛି କିଣି  । ।

ବ୍ରହ୍ମା ନଗର ପ୍ରଥମ ଗଳି, ବ୍ରହ୍ମପୁର
ଜିଲ୍ଲା-ଗଞ୍ଜାମ, ଓଡ଼ିଶା
ମୋ--୯୩୪୮୨୮୫୪୧୬

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ସ୍ୱାଗତଂ ଦୁଇହଜାର ତେଇଶି



ସରୋଜିନୀ ମିଶ୍ର

ହେ ନୂତନ ବର୍ଷ
ଦୁଇହଜାର ତେଇଶି
ସ୍ୱାଗତଂ ।

ଘେନ ଆମ ପୁଷ୍ପହାର
ବିଞ୍ଛି ଦିଅ ଶାନ୍ତି ବାରି
ଭାରତ ମାତାର
ପ୍ରାଙ୍ଗଣ ଯାଉ
ଶାନ୍ତି ସୁମନେ ଭରି ।

ବଢ଼ି ଉଠୁ ଭାଇ ଚାରା
ଦୂର ହେଉ ଗୁଣ୍ଡା ଗିରି
ଭାଇଚାରା ବୃକ୍ଷେ
ସତ୍ୟ, ଧର୍ମ, ନ୍ୟାୟ
ଫଳିଣ ବଢ଼ାନ୍ତୁ ଶିରୀ ।

ଲୋପ ହେଉ ବ୍ୟଭିଚାର
ଲମ୍ପଟତା ଯାଉ ମରି
କାମନା, ବାସନା
ବୃକ୍ଷୁ ଖସିଯାନ୍ତୁ
ଶୁଖିଲା ପତ୍ର ପରି ।

ପ୍ରାଚୁର୍ଯ୍ୟର ଅହଂ ଭାବ
ମନୁଯାଉ ଅପସରି
ଦାନ, ଧର୍ମ ଆଉ
ପରୋପକାରୀତା
ହୃଦୟରେ ଯାଉ ଭରି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସଙ୍ଗେ ଆଣିବ ସୁସ୍ଥତା

କରୋନାକୁ  ଦେବ ତଡି

ମଙ୍ଗଳ ମୟ

କରିବ  ସଂସାର

ଅଭୟର  ମନ୍ତ୍ର ପଢି  ।

ସଭିଙ୍କର  ହୃଦକନ୍ଦ

ଭଜୁ  ଶ୍ରୀରାମ  ଶ୍ରୀହରି

ଆଲୋକିତ ହେଉ

ପ୍ରଭୁ ସୂର୍ଯ୍ୟାଲୋକେ

ଅନ୍ଧକାର  ଅପସରି  ।

ଆଲୋକ ନଗର,  ଆମ୍ବପୁଆ

ଭ୍ରାମ୍ୟଭାଷ -  ୯୯୩୮୪୬୫୨୦୭

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତୁମର ନୂଆବର୍ଷ



ରାକେଶ ଷଡ଼ଙ୍ଗୀ

ତୁମର ନୂଆବର୍ଷ ଆଉ ଆମର ନୂଆବର୍ଷ
ସତରେ କେତେଯେ ଭିନ୍ନ ପଚାର ନିଜକୁ
ଯେମିତିକା ନିଆଁ ଆଉ ପାଣି
ଜଣେ ଜାଳି ପୋଡ଼ି ପାଉଁଶ କରିବାକୁ ଚାହେଁ
ଆଉ ଜଣେ ବଞ୍ଚାଇବାକୁ ।
ତୁମ ନୂଆବରଷ, ଯେଉଁଥିରେ ତୁମେ ମତୁଆଲା
କେବେ ଦେଖିଛକି ଭଲକରି ?
ଯାହାକୁ କହୁଛ ତୁମେ ମଡନ !
ଏ ଯେଉଁ ଜିକମିକ୍ ରଙ୍ଗିନ ଆଲୋକ
ତାରକା ହୋଟେଲରେ ଅନ୍ଧାରୀ କମରା
ମଦର ପୋଖରୀରେ ନାରୀ ଓ ପୁରୁଷ
ଏହିଦିନ ପୃଥିବୀଟା ସମ୍ପୂର୍ଣ ଉଲଗ୍ନ ।

ଆମ ନୂଆ ବରଷରେ ପୃଥିବୀର ପୂଜା
ନଦୀ, ସାଗର,ଲୁହ ଆଉ ରକ୍ତ ସଭିଏଁ ଏକାଠି
ଘଣ୍ଟ, ମୃଦଙ୍ଗରେ ନାଚେ ସମଗ୍ର ପ୍ରକୃତି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନାରୀ ଏଠି ପାଇଥାଏ ଦେବୀର ଦରଜା ।

ତୁମ ନୂଆ ବରଷରେ ତୁମେ ହୁଅ ନିଶାଖୋର
ଅଶ୍ଳୀଳ ସଙ୍ଗୀତ ଆଉ ଅଶ୍ଳୀଳ ନୃତ୍ୟରେ
ପ୍ରଣୟ ନାମରେ ହୁଏ କେତେ ବଳାତ୍କାର
ଯୋଜନ ଯୋଜନ ବ୍ୟାପି ମଦ ଆଉ ମାଂସ
ଅଜସ୍ର ଅଜସ୍ର ଟଙ୍କା ପାଣି ଯାଏ ଫାଟି
ପ୍ରତିବଦଳରେ ଯେତେ ରୋଗ ଆଉ ଶୋକ
ଦେହର ସବୁ କାଣ୍ଡକୁ ଦିଅନ୍ତି ସଢ଼ାଇ
ତୁମ ନୂଆ ବରଷରେ ସମସ୍ତେ ଅଲଗା
ବାପା ଠାରୁ ପୁଅ ଆଉ 'ମା' ଠାରୁ ଝିଅ
ସ୍ୱାମୀ, ସ୍ତ୍ରୀ ସଂପର୍କର ସୁଦୃଢ ପ୍ରାଚୀର
ନାଇଟ୍ କ୍ଲବ ସୁଡ଼ଙ୍ଗରେ ସବୁ ହୁଏ ଭଙ୍ଗା

ଆମ ନୂଆ ବରଷରେ ସଭିଏଁ ଏକାଠି
ସ୍ନେହ ଆଉ ଶରଧାରେ ଘର ଯାଏ ଫାଟି
ଗ୍ରାମ ଦେବତୀଙ୍କ ପୂଜା ସାତ୍ତ୍ୱିକ ଭୋଜନ
ପାଣା ପିଇ ସୁସ୍ଥ ହୁଏ ଦେହ ଆଉ ମନ
ସଧବାଣୀ ଦିଶୁଥାନ୍ତି ସାକ୍ଷାତ ଇଶ୍ୱରୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସତେ କେଡ଼େ ସୁନ୍ଦର ଏ ଉତ୍କଳ କେଶରୀ

ତୁମେ ଯଦି ପାର ବୁଝି ନିଜ ଐତିହ୍ୟକୁ

ମାୟାଜାଲ ଚିରି ଯଦି ଆପଣାଅ ନିଜ ସଂସ୍କୃତିକୁ

ଦେଖିବ ଏ ନୂଆବର୍ଷ ଆଜୀବନ ନୂଆ

ପାଇବ ଅନନ୍ତ ଶାନ୍ତି ମୁକ୍ତିର ପଥକୁ ।।

ମୁକୁନ୍ଦଦାଶପୁର, ବାଲିପାଟଣା, ଖୋର୍ଦ୍ଧା

୭୮୫୩୦୭୭୦୭୯

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ନୂଆବରଷ ୨୦୨୩



ପ୍ରହ୍ଲାଦ ସାହୁ

ସ୍ୱାଗତମ୍ ହେ ନୂଆ ବରଷ
ଭରି ଦିଅ ହୃଦୟେ ହରଷ ।  □
ଦୁଇ ହଜାର ବାଇଶି ଶେଷ
ଦୁଇ ହଜାର ତେଇଶି ଆସ ।  □
ଶୁଭ ନବ ବର୍ଷ ଶୁଭ ହେଉ
ଏତିକି ଗୁହାରୀ ମହାବାହୁ ।  □
ରୋଗ ଦୁଃଖ କଷ୍ଟ ପାପ ଭୟ
ଭୁଲି ସବୁ ହୁଅନ୍ତୁ ନିର୍ଭୟ ।  □
ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷେ
ଶାନ୍ତି ବିରାଜୁ ତୁମ୍ଭ ଆଶିଷେ ।  □
ଶୀତ ଆଣିଛି ନୂଆ ବରଷ
ନୂଆ ଉତ୍ସାହ ନୂଆ ହରସ ।  □
ନୂଆ ସକାଳ ହୋଇବ ଉଭା
ନୂଆ ଆଲୋକେ ଉଜ୍ଜ୍ୱଳ ଦିବା ।  □
ଇନ୍ଦ୍ରଧନୁ ସାତ ରଙ୍ଗ ପରି
ସାତ ରଙ୍ଗେ ଦିଅ ମନ ଭରି ।  □

ନୂଆ ବରଷ ରଙ୍ଗ ପସରା
ନୂଆ ବାରତାରେ ହସୁ ଧରା ।
ବରଷ ସାରା କରି ଯୋଜନା
ସଫଳ ହେବା ନକରି ମନା ।  □
ସଂକଳ୍ପରେ ସିଦ୍ଧି ସର୍ବ କର୍ମ
ଉଚ୍ଚ ମନା ଜିତେ ସବୁ ପ୍ରାଣ ।  □
ଦୁଷ୍ଟ ମନ ଅସଫଳ ଜାଣ
ଦେଶ ହିତେ ଯଗାଇବା ପ୍ରଣ ।  □
ପ୍ରତି ମୁହୂର୍ତ୍ତେ ବାଣ୍ଟିବା ଖୁସି
କର୍ତ୍ତବ୍ୟ କରିବା ହସି ହସି ।  □
କୁସୁମି ଯାଉ ଆଶା ଆକାଂକ୍ଷା
ପୂର୍ଣ୍ଣ ହେଉ ସବୁ ମନ ଇଚ୍ଛା ।  □
ସଭିଏଁ ଚଳିବା ମିଳିମିଶି
ଭାଇଚାରା ସୂତ୍ରେ ହସି ଖୁସି ।  □

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଗ୍ରୀଷ୍ମ ବର୍ଷା ଶରତ ହେମନ୍ତ
ସୁଖ ଦୁଃଖର ଶୀତ ବସନ୍ତ । □
ସବୁ ଋତୁ ହେଉ ଶାନ୍ତି ପ୍ରଦ
ବାର ମାସେ ଆମୋଦ ପ୍ରମୋଦ । □
ପ୍ରୀତି ବଇଭବେ ଜାଗୁ ପ୍ରାଣ
ସ୍ନେହ ଅନୁରାଗେ ଭରୁ ମନ । □
ହର୍ଷ ଆନନ୍ଦେ ମନୋରଞ୍ଜନ
ଯାଉ ବିତି ପ୍ରେମେ ରାତିଦିନ । □
ସୁଖ ସଉରଭେ ବିତୁ ଦିନ
ମୈତ୍ରୀ ଗଉରବେ ମିଳୁ ଅର୍ଣ୍ଣ । □
ସମର୍ପି ଦେଲେ ପ୍ରଭୁ ଚରଣେ
ନିର୍ଭୀକ ନିଷ୍ପତ୍ତି ଆସେ ମନେ । □
ଆତ୍ମ ବିଶ୍ୱାସ କରିଣ ଦୃଢ
ଅସମ୍ଭବ କୁ କର ସମ୍ଭବ । □
ପୂର୍ଣ୍ଣ ହେଉ ଯେତେ ସବୁ ସ୍ୱପ୍ନ
ନିରାମୟରେ କଟୁ ଜୀବନ । □

ଇତିହାସ ରଚୁ ନୂଆ ବର୍ଷ
ଦେଖାଉ ବିଶ୍ୱକୁ ଶାନ୍ତି ମାର୍ଗ । □
ନ ଆସୁ ସେ କରୋନା ବିପଦ
ଦୂରେଇ ଯାଉ ସବୁ ବିଷାଦ । □
ଶେଷ ହେଉ କାଳ ନବ ବର୍ଷେ
ରୋଗ ଶୋକ ଦୁଃଖ ଯାଉ ଶେଷେ । □
ଅନ୍ୟାୟ ଅନୀତିର ବିନାଶ
ନିଶ୍ଚିତ ହେଉ ଏହି ବରଷ । □
ସୁଖ ନିଦ୍ରାରେ କଟୁ ସମୟ
ଦୂରିଭୂତ ହେଉ ପରାଭୟ । □
ହଟିଯାଉ ଏ କାଳ କଳୁଷ
ସବୁରି ପ୍ରାଣେ ଦିଅ ଆଶିଷ । □
ଏତିକି ବିନତି ପ୍ରଭୁ ପାଦେ
ସର୍ବେ ରୁହନ୍ତୁ ପ୍ରଗତି ପଥେ । □

( ପ୍ରତ୍ୟେକ ପଦ ସଂଖ୍ୟା ୧୦ )

ନୂଆଦିଲ୍ଲୀ
ଦୂରବାର୍ତ୍ତା – ୮୧୭୮୬୪୪୨୭୬, ୯୫୪୦୫୩୧୨୭୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦେଇଛୁ ଆଲୋକ ମୋତେ



ରଶ୍ମିତା ସେଠୀ

ଦୁଃଖର ଅନ୍ଧାରେ ଦୀପ ପରି  ଜଳି
ଦେଇଛୁ ଆଲୋକ ମୋତେ
ମୋଲାଗି ମାଆଲୋ ଜୀବନଟା ସାରା
ସହିଛୁ କଷଣ କେତେ ।

ଲୁହ ପିଇ ଓଠେ ଦେଇଛୁ ତୁ ହସ
ପୁରା କରିଛୁ ମୋ ଅଳି
ଗୀତ ଗାଇ କୋଳେ ଶୁଆଇ  ଦେଇଛୁ
ରାତି ରାତି ନିଦ ଭୁଲି ।

ଝରାଇ ଦେଇଛୁ ଦେହରୁ ରକତ
ମଣିଷ କରିଛୁ ମୋତେ
ତୋଲାଗି  ମାଆଲୋ ଏଇ ଦୁନିଆରେ
ଠିଆ ମୁଁ ହୋଇଛି ସତେ ।

ମାଆଲୋତୁ ମାଟି ମାଆତୁ ଆକାଶ
କିଏ ହେବ ତୋର ତୁଲ
କେ ଦେଇ ପାରିବ ତୋ ସ୍ନେହ ଶରଧା
ତ୍ୟାଗ ମମତାର ମୂଲ ।

ହଳଦୀପଦା, କଲ୍ୟାଣପୁର, ଖୋର୍ଦ୍ଧା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ରେ କୁସୁମ



ଆଶିଷ କୁମାର ସା

ବସନ୍ତ ସମୀରେ ଝଡିଗଲୁ କିଆଁ
ଅବେଳାରେ ତୁହି ପଡ଼ିଗଲୁ କିଆଁ ?
ନବାଗତକୁ ଜାଗା ଦେବାପାଇଁ... ନା
ଦୁର୍ବଳତାର ଅଶୀଘାତରେ ଜର୍ଜରିତ ହୋଇ
ପ୍ରାଣ ବିସର୍ଜନେ ଯାଉଛୁ ଶୋଇ ? ?
ଥିଲେ ଦିନେ ଯେଉଁମାନେ
ତୋ କୋମଳତାର ସ୍ତୁତିକର୍ତ୍ତା
ହଜିଗଲେ କି ଅନ୍ୟ ଏକ କୁସୁମ ବନେ ?
ହଁ... କାହିଁକି ବା ହଜିବେନି
କ୍ଷଣ ଭଙ୍ଗୁର ସଂସାରେ
ସମୟ ସାପେକ୍ଷ ଅଛିଲେ
କାହିଁକି ବା ଖୋଜିବେନି ଆଉ ଏକ କୋମଳ
କୁସୁମ
ଯିଏ ଯୋଗାଇ ପାରିବ
ପୂର୍ଣ୍ଣନାସା ବାସ୍ନା
ଯିଏ ଲିଭେଇ ପାରିବ ଚିରସଞ୍ଚିତ ତୃଷ୍ଣା
ନିରା ହତଭାଗା ତୁ ଏଠି
ରେ କୁସୁମ ! !
ଏ ବଜାରେ ଏକା ସ୍ୱାର୍ଥର ହୁଏ ବେପାର
ଲଫାଫାରୁ ଚିଠି ବାହାରିଲା ପରେ
ସେ (ଲଫାଫା) କି ହୁଏ କାହାର ?

ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଅତାବିରା, ବରଗଡ଼
୮୮୯୫୦୩୪୦୭୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଯନ୍ତ୍ରଣାର ଅନ୍ୟନାମ : ଜୀବନ



ଡଃ ମନୋରଞ୍ଜନ ବିଷୋୟୀ

ଜାଳି ଚଟୁ ପ୍ରାୟେ
ଜୀବନ ମୋର
ତିଳ ତିଳ ହୋଇ ଜଳେ
ମୋ ଜୀବନ ପ୍ରଦୀପ
ହେଲେ କୌଣସିଟିରେ
ଅଧିକାର ନାହିଁ ମୋର ।

ସବୁ କରୁଛି ହେଲେ
ସ୍ୱାଦ ପାଇବା ଆଗରୁ
ଆଶାର ସଳିତା
ଶେଷ ହୁଏ ମୋର ।

ଦୈନ୍ୟ କଷାଘାତେ
ଚାରିଆଡ଼େ କଳା କଳା
ମେଞ୍ଚା ମେଞ୍ଚା ଧୂଆଁ
ମାଡ଼ି ଆସେ ଦୈତ୍ୟ ସମ
ଗିଳିବାକୁ ଶରୀରକୁ ମୋର ।

ତେଣୁ ତ ଖୁସି ମୋ ପାଇଁ
ଏକ ଅଭେଦ୍ୟ ଦୁର୍ଗ
ଅନେକ ଚେଷ୍ଟାର ଏକ ପ୍ରଶ୍ନବାଚୀ
ହସକାନ୍ଦର ଷ୍ଟୋର୍ ଘର ।

ମାନେ ଅନ୍ୟର ଖୁସି
ହେଲେ ମୋର ବିଷାଦ
ଏପଟେ ଆଲୁଅ ତ
ଆରପଟ ଅନ୍ଧାର ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର
ମୋ:୮୮୯୫୧୪୧୭୨୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବୃକ୍ଷରୋପଣର ନଗ୍ନ ଦୃଶ୍ୟ



ରାଧାମୋହନ
ପୂଜାହାରୀ

ଏକଦା ମୋ ଗାଆଁ ଗ୍ରାମ ପଞ୍ଚାୟତେ
ଥିଲା ଗୋଟେ କାର୍ଯ୍ୟକ୍ରମ,
ଲୋକଭିଡ଼ ଦେଖି ମନେ ସୃଷ୍ଟି ହେଲା
ଯାନିଯାତରା ର ଭ୍ରମ । (୧)

ପରେ ମୁଁ ଜାଣିଲି ସେଠି ବନୋତ୍ସବ
ମେଳା ଚାଲୁଅଛି ବୋଲି,
ଆଗ୍ରହେ ଦେଖିବା ପାଇଁ ସେ ଉତ୍ସବ
ଭିତରେ ମୁଁ ପ୍ରବେଶିଲି । (୨)

ଯାଇ ଦେଖେ ମଞ୍ଚେ ସଂଭାଷଣ ଧ୍ୱନି
ଗୁଞ୍ଜରିତ ହେଲା କାନେ,
ଅତିଥି ଆସନେ ମଞ୍ଚାସୀନ ଥିଲେ
ସରକାରୀ ବାବୁମାନେ । (୩)

ଜଣେ ପରେ ଜଣେ ମଞ୍ଚେ ବାବୁମାନେ
ଦେଉଥିଲେ ପ୍ରବଚନ,
ଶୁଣି ଆନନ୍ଦରେ ତାଳି ମାରୁଥିଲେ
ଉପସ୍ଥିତ ଶ୍ରୋତାଗଣ । (୪)

ସଭା ଶେଷେ ସରପଞ୍ଚ ଅତିଥିଙ୍କୁ
ଶ୍ରଦ୍ଧାରେ ନେଲେ ପାଛୋଟି,
ପାଚେରୀ ପାଖକୁ ନେଇ ତାଙ୍କ ହାତେ
ଚାରା ଦେଲେ କେଇ ଗୋଟି । (୫)

ସେ ପାଚେରୀ ପାଖେ ମାଟି ଖୋଳୁଥିଲା
ରଘୁଆର ପୁଅ ହରି,
ଛିଡ଼ା ହୋଇଗଲା ସଭିଙ୍କୁ ଦେଖି ସେ
କୋଦାଳ ତା' ହାତେ ଧରି । (୬)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାଟି ଖୋଳି-ଖୋଳି ଅନେକ ବେଳୁ ତା'
ଦେହ ସ୍ୱେଦେ ଭିଜୁଥିଲା,
ସୂର୍ଯ୍ୟଙ୍କ ପ୍ରକୋପେ ତା' କାନ୍ତ କୋମଳ
ଶରୀରଟା ସିଝୁଥିଲା । (୭)

ତଥାପି ଖରାକୁ ଖାତିର ନ କରି
ଅତିଥିଙ୍କ ଆଗମନେ,
ନିଷ୍ଠାର ସହିତ ଛିଡ଼ା ହେଲା ଯାଇ
ପାଚେରୀର ଗୋଟେ କୋଣେ । (୮)

ସେହି ମାଟିଖୋଳା ସ୍ଥାନେ ବାବୁମାନେ
ବଢ଼ାଇ ହାତକୁ ହାତ,
ଗୋଟେ ପରେ ଗୋଟେ ପୋତି ଦେଇଗଲେ
ଗାଡେ ନେଇ ଚାରାତକ । (୯)

ଗଛଲଗା କାର୍ଯ୍ୟକ୍ରମ ଶେଷେ ଚାଲେ
ଫଟୋଗ୍ରାଫି ପ୍ରହସନ,
ଇଚ୍ଛା ହୁଏ ସବୁ ବାବୁମାନଙ୍କର
ଫଟୋ ହେବା ପାଇଁ ମନ । (୧୦)

ଠେଲାପେଲା ହୋଇ ଅଦେଖା ଶୈଳୀରେ
ଆସନ୍ତି ଆଗକୁ ଧାଇଁ,
ବିଭିନ୍ନ ପୋଜ୍ ରେ ଛିଡ଼ା ହୋଇଯା'ନ୍ତି
ଫଟୋ ଉଠାଇବା ପାଇଁ । (୧୧)

ଆସନ୍ତି ସମସ୍ତେ କ୍ୟାମେରା ସମ୍ମୁଖେ
ଏକାସାଥେ ହୋଇ ମେଳି,
ଦେଖୁ ଦେଖୁ ସେଠୁ ହରିକୁ ସେମାନେ
ପଛକୁ ଦିଅନ୍ତି ଠେଲି । (୧୨)

ବିଚରା ହରି ଟା ପାଚେରୀ ପାଖରେ
ମୁହଁ ମାଡ଼ି ଯାଏ ପଡ଼ି,
ଛିଣ୍ଡିଯାଏ ଆଣ୍ଠୁ ବହଇ ରକତ
ବିକଳେ ଛାଡ଼େ ସେ ରଡ଼ି । (୧୩)

ନ ଥାଏ ତା' ପ୍ରତି କାହା ମନେ ଦୟା
ଆହା ପଦେ କହିବାକୁ,
ବେଗେ ଧାଇଁଯାଏଁ ତା' ଚିତ୍କାର ଶୁଣି
ଉଠାଏ ମୁଁ ତଳୁ ତା'କୁ । (୧୪)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଖେ ମୁଁ ସହସା ବାବୁମାନେ ସର୍ବେ
ଗୋଟିଏ ଚାରାକୁ ଧରି,
ଫଟୋ ହେଉଥିଲେ ସହର୍ଷ ବଦନେ
ଗଡ଼ଟେ ଜିତିଲା ପରି । (୧୫)

ସାମାଜିକ ଗଣମାଧ୍ୟମେ ପ୍ରଚାର
ଆଜିକାଲିର ଏ କଥା,
ଅମଲାତନ୍ତ୍ରରେ ଆରମ୍ଭିଛି ଆଜି
ବାବୁଙ୍କର ନୂଆ ପ୍ରଥା । (୧୬)

ବୃକ୍ଷରୋପଣ ଠୁ ସ୍ୱଚ୍ଛ ଅଭିଯାନ
ସବୁ କାର୍ଯ୍ୟକ୍ରମେ ଆଜି,
କେବେ ଝାଡୁ କେବେ ଚାରା ଧରି ଫଟୋ
ହୁଅନ୍ତି ନମୁନା ସାଜି । (୧୭)

ବାବୁମାନଙ୍କର ପାରିବାପଣିଆ
ଦେଖେ ତାଙ୍କ ମୁହଁ ଚାହିଁ,
ତାଙ୍କୁ ମୋର ଗୋଟେ ପ୍ରଶ୍ନ ଆଜି ଏତେ
ପ୍ରହସନ କାହିଁ ପାଇଁ ? (୧୮)

ମଣିଷପଣିଆ, ବିବେକ ନିଜର
ହଜାଇ ସାରିଛି ଯିଏ,
ଭଦ୍ର ମୁଖା ପିନ୍ଧି ଗରୀବଙ୍କ ଦୁଃଖ
କାହୁଁ ବା ବୁଝିବ ସିଏ ! (୧୯)

ଶୁଣ ବାବୁମାନେ ଲୋକ ଦେଖାଣିଆ
କାର୍ଯ୍ୟକୁ ତ୍ୟାଗ ହେ ଆଜି,
ଧନ୍ୟ ହେବ ଦେଶ କଲେ କର୍ମ ତୁମେ
ଲୋକଙ୍କ ସେବକ ସାଜି । (୨୦)

ଶିକ୍ଷକ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ତାଳଚେର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୃତ୍ୟୁର ସେପାରି



ବିଜୟ କୁମାର ସାହୁ

ମୃତ୍ୟୁ କେବେ ଆସିବ ଜାଣେନା
ତଥାପି ମୃତ୍ୟୁକୁ ଅତିକ୍ରମ
କରିବା ପାଇଁ ବ୍ୟାକୁଳିତ ମୋ ମନ
ଯିବି ମୃତ୍ୟୁର ସେ ପାରିକୁ ।
ଏବେ ତ କହିପାରିବିନି ମୃତ୍ୟୁର ଇଲାକା
ଦେଖିବାକୁ କିପରି
ତଥାପି ମୁଁ ଯିବି ମୃତ୍ୟୁର ସେ ପାରିକୁ ।
ଦେଖିବି ସେ ସୁନେଲି ରାଇଜକୁ
ଚଳପ୍ରଚଳ କରୁଥିବା
ପାପର ମଣିଷକୁ ଓ ତପୀ ମଣିଷକୁ ।
ଶୁଣିଛି ଶ୍ରବଣେ
ଯମର ମହଲ ସେ ଇଲାକାରେ
ସେ ଦେଶର ରାଜା ବି ସ୍ୱୟଂ ଯମ
ହୁଏତ ମୋ କର୍ମଫଳର
ବିଚାର ହୋଇଯିବ ସେଠି
ଗୁପ୍ତ ବୁଝାମଣାର ଅବକାଶ ନଥିବ
ମୋ ଜୀବନର ଇତି କଥାକୁ ନେଇ ।
ସନାତନୀ ଋଷିମାନେ କହନ୍ତି –
ମୃତ୍ୟୁର ସେ ପାରିରେ
ଅମୃତର ଆଳୟ
ଯେଉଁଠିକୁ ଗଲେ ପୁନର୍ଜନ୍ମ ନ ବିଦ୍ୟତେ
ସତେ କ'ଣ ସେ ବଳୟ ଭିତରକୁ
ମୁଁ ପ୍ରବେଶ କରିବି
ହୁଏତ ମୃତ୍ୟୁ ପରେ ନା ମୃତ୍ୟୁ ପୂର୍ବରୁ ।

ବିଜିଗୋଳ, ମୋ – ୮୭୬୩୧୪୮୬୨୩

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସମୟ



ଦଣ୍ଡାସି ପ୍ରଧାନ

ସମୟରର ଗତି ସରଳ ରୈଖିକ
ନହିଁ ତ ଶାସ୍ତ୍ରରେ ଲେଖା ,
ଘଡି ଘଡିରେ ଘୁଞ୍ଚି ଘୁଞ୍ଚାଏ
କେବେ ଦିଏ ନାହିଁ ଧୋକା ।
ଇତି ଅତିର କଥା ;
ଘୁରିଘୁରି ପୁଣି ସେଇଠି ପହଞ୍ଚେ
ତର୍କେ ବଢାଏ ବ୍ୟଥା । ୦୧

ସୁଖ ଦୁଃଖ ସମ ଆଲୁଅ ଅନ୍ଧାର
ସକାଳ ସଞ୍ଜ ନଇଁ
ଚାଲିବାକୁ ହୁଏ ନିରୂପିତ ଲକ୍ଷ୍ୟେ
ପଥେ ପାଦ ଥୋଇ ଥୋଇ ।
ସମୟ ଯାଉଛି କହି
ଅତୀତ ଯାଇଛି ବର୍ତ୍ତମାନ ଧାଏଁ
ଭବିଷ୍ୟ ତାଥେଇ ଥେଇ ।୦୨

ଜୀବ ଜଗତର ସ୍ମରଣ ଶକତି
ହ୍ରାସ ଗୁଣେ ଫିକା ଫିକା,
ମଣିଷ ମୁଁ ଛାର ମୁ'କାର ମାତ୍ର
ସୁନାର ଶୂନରେ ଯଥା ।
ଏ'ତ ଇତିହାସର ବାର୍ତ୍ତା ;
ଆରମ୍ଭ ଯେଉଁଠି ଶେଷ ବି ସେଇଠି
ଭାଳି ହେବା କିଆଁ ବୃଥା ? ୦୩

ସାହିତ୍ୟ ସମ୍ପାଦକ,
ଉପାନ୍ତ ସାହିତ୍ୟ ସଂସ୍କୃତିକ ସେବା ସଂସଦ,
ପାତ୍ରପୁର, ଗଞ୍ଜାମ ।
ଭ୍ରାମ୍ୟଭାଷ : ୮୭୬୦୧୯୪୯୬୭

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ପ୍ରକୃତି ଓ ମଣିଷ



ପ୍ରଫୁଲ୍ଲ କୁମାର ପଟ୍ଟନାୟକ

ଶୁଣ ଭାଇ ଭଉଣୀ ମୋ ମଉସା ମାଉସୀ
ପ୍ରକୃତି ଓ ମଣିଷର କଥା ମୁଁ କହୁଛି
ମନକୁ ପାଇଲେ ପଢି ଲାଇକ କରିବେ
ନହେଲେ ଡିଲିଟ ମାରି ଆଗକୁ ବଢିବେ ...
ଯାତ୍ରା କାଳେ ଦିନେ ଡେରି କରିଦେଲା ରେଳ
ପହଁଚିଲା ବେଳକୁ ଅଧ ରାତି ବେଳ ..
ମିଳିଲାନି ଗାଡି ଘୋଡା ଯାନ କି ବାହାନ
ମନସ୍ଥ କରିଲି ପାଦେ ଯିବି ମୋର ସ୍ଥାନ
ଚାରିଆଡେ ନିଛାଟିଆ ନାହିଁ ଶୋର ଶବ୍ଦ
ଭିତରେ ଭିତରେ ଛାତି ହୁଏ ଧକ ଧକ...
ଚାଲୁ ଚାଲୁ ଅଧ ବାଟେ ରହିଗଲା ଗୋଡ
ବସିଛନ୍ତି କଳା ଧଳା ପନଝାଏ କୁକୁର
ସାହସ କରିଣ ଯେବେ ବଢ଼ାଇଲି ଗୋଡ
ଦଉଡ଼ି ଆସିଲେ ଦାନ୍ତ କରି କଡମଡ ..
ନେହୁରା ହୋଇ କହିଲି ମୋ କୁକୁର ଭାଇ
କାହିଁ ଆସିଚଛ ମୋତେ କାମୁଡିବା ପାଇଁ ...

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଳା ମଚ ମଚ ପୁଣି ବିଶାଳ ଶରୀର

କୁକୁରଙ୍କ ମଧ୍ୟେ ସେହି ଶରଦାର..

କହିଲା ରାତି ଅଧେ କାହିଁ ବୁଲୁ ଅଛ

କାମୁଡ଼ା କାମୁଡି କରିବୁ ତମେ ତ ଜାଣିଛ ..

ବିକଳେ କହିଲି ଶୁଣ ଆହେ ଶ୍ୱାନ ଭାଇ

ଛାଡିଦିଅ ମୁଁ ତୁମର କିଛି କରିନାହିଁ ...

କୁକୁର କହିଲା ଶୁଣ ଏ ମଣିଷ ଭାଇ

ତୁମଠାରେ ତିଳେ ଆଉ ଭରସା ତ ନାହିଁ ..

ଦିନ ବେଳେ ଢେଲା ଆଉ ପଥର ମାରୁଛ

ଏକୁଟିଆ ଅଛ ବୋଲି ଭାଇନା ଡାକୁଚ ..

ବିଲାତି କୁକୁର ଆଣି ଖଟ ରେ ଶୋଉଛ

ଆମକୁ ଦେଖିଲେ ଠେଙ୍ଗା ବାଡ଼ିରେ ପିଟୁଛ

କି ଆଶା ରଖିଛୁ ଆମ୍ଭେ ତୁମଠାରେ କୁହ ,

ଅଇଁଠା ଖାଦ୍ୟରେ ତୁମ ରହିଅଛି ମୋହ ..

ଏବେ ରାତି ଅଧ ବୋଲି ଭାଇନା ଡାକୁଚ

ଦୁଆରେ ଦେଖିଲେ ତତଲା ପାଣି ଛାଟୁଅଛ..

କହୁଛି ଗୋଟିଏ କଥା ଶୁଣ ମନ ଦେଇ ,

ଏ ଜଗତ ଏକୁଟିଆ ତୁମ ପାଇଁ ନାହିଁ ..

ଯାଇଥିଲୁ ସବୁ ପ୍ରାଣୀ ଦିନେ ବ୍ରହ୍ମ ଲୋକେ,

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୁହାରି କରିବା ପାଇଁ ସୃଷ୍ଟି କରତା ଙ୍କ ପାଖେ ..

ସବୁ ଶୁଣି ସୃଷ୍ଟିକର୍ତା ନିରବ ରହିଲେ ,

ଆଖି ଛଳଛଳ କରି ଆମକୁ କହିଲେ ..

ଗଢିଥିଲି ମନୁଷ୍ୟକୁ ନିଜ ରୂପ ଦେଇ ,

ଦୟା କ୍ଷମା ସ୍ନେହ ପ୍ରେମ ଗୁଣ ସବୁ ଦେଇ ..

ଜ୍ଞାନ ବୁଦ୍ଧି ବେଳେ ଶ୍ରେଷ୍ଠ ପ୍ରାଣୀ ବୋଲାଇବ,

ସମସ୍ତ ପ୍ରାଣୀ ମାନଙ୍କୁ ଆଦରେ ପାଳିବ ..

ସବୁ ଶକ୍ତି ପାଇ ଶ୍ରେଷ୍ଠ ପ୍ରାଣୀ ବୋଲାଇଲା,

ଦେଇଥିବା କଥା ସବୁ ମାଟିରେ ମିଶିଲା..

ନିଜ ସ୍ୱାର୍ଥେ ପ୍ରକୃତି କୁ ଧ୍ୱଂସ କରାଇଲା ,

ସମସ୍ତ ପ୍ରାଣୀଙ୍କୁ ନାନା ଅତ୍ୟାଚାର କଲା ..

ପ୍ରାଣୀଙ୍କ ମଧ୍ୟେ ନିଜକୁ ଈଶ୍ୱର ମଣିଲା,

ପୃଥିବୀକୁ ନିଜ ପିତୃ ସମ୍ପତି ଭାବିଲା ..

ବୃକ୍ଷ ଲତା କାଟି ନିଜ ଘର ତୋଳିଦେଲା ,

ନଦନଦୀ ମାନଙ୍କୁ ତ ପ୍ରଦୂଷିତ କଲା..

ମାନୁନାହିଁ ଇନ୍ଦ୍ର ଚନ୍ଦ୍ର ବିଜ୍ଞାନ ବଳରେ ,

ପ୍ରକୃତିର ନିୟମକୁ ହତାଦର କରେ ..

ସବୁ ଜାଣି ସୃଷ୍ଟିକର୍ତା ନିରୁପାୟ ଥିଲେ ,

ସଭିଙ୍କୁ ସାଙ୍ଗରେ ନେଇ ବୈକୁଣ୍ଠେ ପଶିଲେ ..

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମହାପ୍ରଭୁ ଚାହିଁକରି ସ୍ମିତ ହାସ୍ୟ ଦେଲେ ,

ଭାବଗ୍ରାହୀ ସବୁ କଥା ମନେ ବୁଝିଗଲେ ..

କହିଲେ ହେ ପ୍ରାଣୀମାନେ ତୁମ୍ଭେ ମୋର ପୁତ୍ର,

ମନୁଷ୍ୟ ହେଉ କି ସେ ହେଉ ବା ଅଶୁର ..

ପାପ କୁମ୍ଭ ଭରିଗଲେ ଅବତାର ନେବି ,

ସମୂଳେ ମାନବ ଜାତି ବିନାଶ କରିବି ..

ଏହା ଶୁଣି ବ୍ରହ୍ମ ଦେବ ହେଲେ ଭୟଭୀତ

କହିଲେ ମାନବ ପରା ଆମ୍ଭର ରଚିତ ..

ନିଜ ପୁତ୍ରଙ୍କୁ କଣ ବିନାଶ କରିବେ ,

ପୁତ୍ର ହନ୍ତା ବୋଲି ପୁଣି ନାମ ଯେ ବହିବେ ..

ଏହା ଶୁଣି ପରଂବ୍ରହ୍ମ ସ୍ମିତ ହାସ୍ୟ ଦେଇ ,

କହିଲେ ମୁଁ ନିଜ ବଂଶ କୁ ଛାଡ଼ିନାହିଁ ..

ମୋହର କୋପରେ ଯଦୁ ବଂଶ ନାଶଗଲା ,

ଅନ୍ୟାୟ ଅନୀତି ର ଯିଏ ସଂଗତି କରିଲା..

ଶୁଣହେ ପ୍ରାଣୀ ଜଗତ କହୁଅଛି ମୁହିଁ ,

ପ୍ରାରବ୍ଧ କର୍ମରୁ କେବେ କେହି ବଂଚି ନାହିଁ ...

କେବେ ପଶୁ ରୂପ କେବେ ପକ୍ଷୀ ରୂପ ହୋଇ,

ଜନମି ଥିଲି ସଂସାରେ ଦଶ ଅବତାର ନେଇ..

ପର ବୋଲି କାହାକୁ ନ ଭାବ ସଂସାରେ ,

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସଭିଏଁ ନିଜର ପରା ପରମାତ୍ମା ଭାବରେ ..

ଏ ଜଗତେ ସବୁଆଡେ ମୁହିଁ ବିଦ୍ୟମାନ ,

ପଶୁ ପକ୍ଷୀ ବୃକ୍ଷ ଲତା ନଦନଦୀ ଜାଣ..

ଏ କଥା ଶୁଣି ଆମ୍ଭେ ଆନନ୍ଦେ କାନ୍ଦିଲୁ ,

ପ୍ରଣିପାତ କରି ପୁଣି ବିଦାୟ ମାଗିଲୁ ..

ଶୁଣ ହେ ମଣିଷ ଭାଇ ଶୁଣ ମୋର କଥା ,

ସମୟ ଥାଉ ଥାଉ ସୁଧୁରି ଯାଇଥା ..

ହେଉଛି ସଂସାରେ ଯେତେ ଦୁର୍ବିପାକ ଜାଣ,

ମଣିଷ ଜାତି ଅଟଇ ତାହାର କାରଣ ..

ଆମ୍ଭ ଘର ଥିଲା ପୂର୍ବେ ସବୁଜ ବଣ,

ନଷ୍ଟ କରି ଅଟାଳିକା କରିଲ ନିର୍ମାଣ ..

ରହିବାକୁ ଯେବେ ଆଉ ସ୍ଥାନ ନ ମିଳିଲା ,

ଖାଦ୍ୟ ନ ପାଇ କେତେ ପ୍ରାଣ ଚାଲିଗଲା ..

ଆସିଲୁ ତୁମ ସହରେ ଖାଦ୍ୟ ଅନ୍ୱେଷଣେ ,

ଅଇଁଠା ଖାଦ୍ୟ ଖାଇଣ ବଂଚେଇଲୁ ପ୍ରାଣେ ..

ସେଥିରେ ମଣିଷ ମନ ହେଲା ନାହିଁ ଶାନ୍ତି ,

ବିନା ଦୋଷେ ଆମ୍ଭକୁ ପିଟି ତ ଘଉଡ଼ାନ୍ତି..

ସବୁ ଶୁଣି ମନ ମୋର ହୋଇଲା ବିକଳ ,

କେତେ ଦୁଃଖ ଅଛି ଅନ୍ୟ ଜୀବ ଜଗତ ର ..

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହାତ ଯୋଡି କହିଲି ମୁଁ ଶୁଣ ଶ୍ୱାନ ଭାଇ ,

ଯାହା ଦଣ୍ଡ ଦବଦିଅ ମାନିବି ମୁହିଁ ...

ଆଜିଠାରୁ ତମ ଆଗେ କରୁଛି ପ୍ରମାଣ ,

ଭାଇ ହେଲ ତୁମେ ମୋର ଆଜିଠାରୁ ଜାଣ..

ନିଜ ଭୋଜନରୁ ଆଜି ଠାରୁ ଏକ ଭାଗ ,

ପ୍ରଦାନ କରିବି ପଶୁ ପକ୍ଷୀଙ୍କୁ ଆଗ ..

ଏହା ଶୁଣି ଶ୍ୱାନ ରାଜା ଆନନ୍ଦେ ଚାହିଁଲେ ,

ସଭିଏଁ ମିଶିଣ ଏକସଙ୍ଗେ ରଡି ଦେଲେ ..

ମୋର ଏଇ ଲେଖା ଭାଇ ଯିଏ ପଢୁଥିବ,

ହୃଦୟରୁ କଥାଟିକୁ ଚିନ୍ତା ଯେ କରିବ..

Listen to Odia Podcast on https://anchor.fm/aahwaan

ଆହ୍ବାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲୋକଭାଷା

# ବିଭାଗ

https://www.youtube.com/DrJyotiPrasadPattnaik

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଲକ୍ଷ୍ମୀ ପୁରାନ୍



ସତ୍ୟ ନାରାୟଣ ମିଶ୍ର

କୋଶଲି/ସମଲପୁରୀ – ଲକ୍ଷ୍ମୀ ପୁରାନ୍

ବିଶ୍ୱରୂପସ୍ୟ ଭାର୍ଯ୍ୟାସିପଦ୍ମେପଦ୍ମଲୟେ ଶୁଭେ

ସର୍ବତଃ ତ୍ରାହିମାଂ ଦେବୀ ମହାଲକ୍ଷ୍ମୀ ନମୋସ୍ତୁତେ

( ଜଏ ମା ମହାଲଁଖୀ)

ଜୁହାର୍  ଗୋ ମା କମଲିନି ସାଗର ଦୁହିତା

ବୈକୁଁଠ ବାସିନୀ ଦେବୀ ଜଗତ ର୍ ମାତା  ।

ଦୟାବତୀ ମହାମାଇ ଅରନ୍ ଦାତ୍ରୀ ରମା

ସଂକଷ୍ଟ ହରିନି  ମା ତୋର୍ ଅଶେଷ ମହିମା ।

ତତେ ଯାହାର୍ ଦୟା ନାଇଁ ମରୁଥିସି ଭୁକେ

ତୁଇ ଯାକେ ପ୍ରସନ୍ ହେସୁ ଚଲୁଥିସି  ସୁଖେ  ।

ତୋର୍ ମହିମା ମୁଇ ଟିକେ ମାତର୍କ ଲେଖିମି

ସୁଦୟା କର୍ବୁ ଗୋ ମା ବାଇ ଠାକୁରାନି  ।

ଦିନେ ନାରଦ ପରାସର ଦୁହିଁ ମୁନିମାନେ

ବୁଲି ବୁଲି ପହଁଚିଲେ ଗୁଟେ ଗାଁ ଠାନେ ।

ଦେଖୁଥିଲେ ସମକର୍ ଘରେ ଖର୍ସି ଲିପି ପୁଛି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆଲୁଆ ଚଉଲ୍ ବାଟି କରି ଲେଖିଅଛନ୍ ଝୁଁଟି ।

ବାମହନ୍ ଠାନୁ ଚଣ୍ଡାଲ୍ ଯାକେସବୁନାରୀମାନେ

ଲଖ୍ ମି ପୂଜା କରୁ ଅଛନ୍ ଭାବ ଭକ୍ତି ର୍ ମନେ ।

ନାରଦ୍ ମୁନି ପଚାରଲେ ହଏ ହୋ ପରାସର

କାଁଏ ପୂଜା ଚାଲିଛେ ଇଟା ଗାଁର୍ ସବୁ ଘର ।

ସବୁ ଜାତିର୍ ନାରୀ ମାନେ କରୁଛନ୍ ଇ ବରତ୍

କାହାର୍ ଲାଗି ପୂଜା ଇଟା କହେବ ମତେ ସତ ।

ହସି କହେଲେପରାସର କଲିହା ମୁନି ସୁନ

ମାନ୍ ବସା ଗୁରୁବାର ଲକ୍ଷ୍ମୀ ପୂଜା ଜାନ ।

ମଗସିର ର୍ ସବୁ ଗୁରୁବାର ହେସି ଲଖି ପୂଜା

ମା ର୍ ବଡା ସଉକି ଇଟା ବରତ୍ ଭିତରେ ରାଜା,

କହେଲେ ନାରଦ୍ ହେ ପରାସର କହ ମତେ ତମେ

କିଏ କେଭେଁ ଲଖ୍ ମି ଛଡା ହେଇଛେ କାଁ କେନେ ?

ପରାସର କହେଲେ ହୋ ନାରଦ ମୁନି ସୁନ

କହେମି ମୁଇ ତମର୍ ଠାନେ ଶ୍ରୀ ଲକ୍ଷ୍ମୀ ପୁରାନ ।

ଜଗନାଥକେ ଆଜ୍ଞା ମାଗି ମହାଲଖୀ ଦିନେ

ନଗର୍ ବୁଲି ବାହାରିଲେ ଗହ ଗହ ମନେ

ଯିବାର୍ ବେଲେ କହେଲେ କାହ୍ନୁ ସୁନ ଗୋ ସୁନ୍ଦରୀ

ରନ୍ଧା ବଢ଼ା କର୍ବ ତମେ ଜଲଦି ଆସବ ଫିରି ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହଁ ବୋଲି ପଦ୍ମାଳୟା  ସଜ ବାଜ ହେଲେ

ବୁଢ଼ୀ ବାମନି ର୍ ରୂପ ଧରି ଘର ବୁଲି ଗଲେ  ।

ସାଧବ ଘରେ ଦେଖଲେ ମା ହେଇଛେ ଅପନ୍ତରା

ସାଧବାନି କେ କହେଲେ ଇଟା କାଏଁ ବଏସରା  ।

ଆଜି ମଗସିର ଗୁରୁବାର କର୍ବୁ ଲଖି ବରତ୍

ସଖାଲୁ ଉଠି ଗା ଧି  ପକା ହେଇ ମନେ ଉସତ୍  ।

ଖର୍ସି ଚୁଡେ ଆନି କରି ଦୁଆର୍ ଘର୍ ଲିପି

ଲେଖି ଦେବୁ ଲକ୍ଷ୍ମୀ ପାହା ପିଠଉ କରି ଝୁଟି  ।

କ୍ରମଶଃ...

ସିଂଧେକେଲା, ବଲାଙ୍ଗୀର

Listen to Odia Podcast on https://anchor.fm/aahwaan

ଆହ୍ବାନ ଇ-ପତ୍ରିକା

Magazine Downloaded from www.aahwaan.com

# ସହେମା ଆଉ କେତେଦିନ୍



ବୃନ୍ଦାବନ ପ୍ରଧାନ

ସୁନ ସୁନ ମାଁ ବହନେ
ମନକେ ଆଉ ନେ କର ହିନ୍
ଛାତିକେ ପଥର କରି
ସହେମା ଆଉ କେତେ ଦିନ୍ ।

ମରଦ କେନଟା ମାଏଝି କେନଟା
ତାକଁର ନୁଁ ନୁହେଁ ଆମେ ହିନ୍
ଡରି ମରି ମରି କରି
ଆଉ ସହେମା କେତେ ଦିନ୍ ।

ସମିଆ ଆଇଛେ ବାହାରି ଆସ
ଆସିଗଲାନଁ ସେ ଦିନ୍
ଦିରିବଛାଡି ପଲାବା ନାରୀ ନିର୍ଯାତନା
ସହେମା ଆଉ କେତେ ଦିନ୍ ।

ବାଉଲସିଂହା ଭଟଲି ବରଗଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

# ଆଁଖିର୍ ପାଏନ୍



ସୁନୀଲ କୁମାର
ଅଗସ୍ତି

ନଦୀର୍ ବହେଲା ଧାରେ
ତମର୍ ହେଉ କି' ମୋର୍
'ସପନ୍' ଆର୍
ଉଧଲୁଛେ ଭାଏଲ୍ ?
ଧଙ୍ଗରା ଧାଙ୍ଗ୍ରୀ ମନ୍ ଘିନା କଥା
ବେଲ୍ ବୁଡିଆ ଜନ୍ ଉକିଆ ଥି
ଭରଦର୍ କଥା ପଦେ ହେମି ବଏଲେ
ସବୁ ପିତା ଲାଗି ଯାଉଛେ,
'ପେରେମ୍' ପଁହରୁଛେ କାଏଁ
ସେ ମହରା ରସେ ?
'ଭାବ୍' କେ ଡର୍ ଲାଗୁଛେ
ବନ୍ଧନର୍ ଡୋର୍ ଛିଡି ପଟ୍ କଲା
ଛୁଆ ମାଁ" ମାଁ" କିରଲଉଛେ
ମୁରଦାର୍ ନେ' ଲେଟେଇ ହି',
କାଏଁ କରସିଁ କାହିଁ ଯିମି
ତମେ ଦରବାର୍ ବାଲେ

ଆର୍ କେତେଦିନ୍ ଅଢିଆ ନାପୁଥିବ
ଆର୍ ପେଟ୍ ହୁରସୁଲୁ ଥିବ ?
ସତ୍ ଆଏ ତମର୍ ହାତେ ହେଲେ
କାଏଁଟା ଅଛେ ଯେ ?
ଆ'ଦେ ତ ତମର୍ ଟେକା ଜୁଡା ହାତ୍
ଆଗକେ ଦିଶୁଛେ ଝଲ୍ ଝଲ୍
ତେହେଁରୁ ଯାହାର୍ କପାଲ୍ ତା'ର୍,
ମୋର୍ କି' ତମର୍ କପାଲ୍
କେତେବେଲେ କେନ୍ ଘଡି
ସେରପେଟି ଦେବା କାଲର୍ ହାବଡେ,,

ଟିଟିଲାଗଡ, ବଲାଙ୍ଗୀର
ମୋ/୭୭୩୫୮୭୬୬୪୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଛେର୍ ଛେରା...



ସାଇପ୍ରସାଦ ସାହୁ

ଦଶରଥବାବୁଙ୍କର୍ ଗୁଟେ ବୋଲି ପୁଓ ଲଛମନ୍ । ଚାଷ୍ କାମ୍ ଆର୍ ଦୁଃଖ୍ ଭୂତି କରି ଯେନ୍ ଦୁଇ ପଏସା ପାଏସନ୍ ସେଥିନେ ଲଛମନ୍ କେ ପାଠ୍ ପଢେଇଛନ୍ । ଲଛମନ୍ ଭାରତୀୟ ବୈଷୟିକ ଶିକ୍ଷାନୁଷ୍ଠାନ୍ ଥି ପାଠ୍ ପଢ଼ି କରି ଯେତେବେଲ୍ କେ ପୁରସ୍କୃତ ହେଇଛେ; ଦଶରଥବାବୁଙ୍କର୍ ଖୁସି କହେଲେ ନାଇ ସରେ । ଖୁବ୍ କମ୍ ଦିନେ ଲଛମନ୍ କେ ଗୁଟେ ସରକାରୀ ସଂସ୍ଥାନେ ବଡ୍ ପଦବୀଥି ନଉକରି ମିଳିଗଲା । ବିହା ବର୍ ପନ୍ ହେଇ କରି ଦିଲ୍ଲୀ ସହରେ ମିଲିଥିବାର୍ ସରକାରୀ ବଙ୍ଗଲାନେ ରହୁଛେ ଲଛମନ୍ । କୁଟୁମ୍ ବଏଲେ ତାର୍ ସିଆନୀ ଫୁଲ୍ ମତୀ ଆର୍ ପିଲା ଟୁକେଲ୍ ଦୁଇଟା ସୁଭ୍ରଜିତ୍ ଆର୍ ଅସ୍ମିତା । ଦୁଇ ପିଲା ଟୁକେଲ୍ କେ ଆଠ୍ ଦଶ୍ ବଛର୍ ଲେଖେନ୍ ହଉଛେ । ପିଲା ଟୁକେଲ୍ ଦୁହେଁ ଇଙ୍ଗଲିସ୍ ମିଡିଅମ୍ ଇସ୍କୁଲ୍ ଥି ପାଠ୍ ପଢୁଛନ୍ । ସୁଭ୍ରଜିତ୍ ଦିଲ୍ଲୀ ପବ୍ଲିକ୍ ସ୍କୁଲ୍ ନେ ପଢୁଥିବାର୍ ବେଲ୍ କେ ଅସ୍ମିତା ସେଣ୍ଟ୍ରାଲ୍ ଇସ୍କୁଲ୍ ଥି ପାଠ୍ ପଢୁଛେ । ପିଲାଛୁଆ ମାନ୍ କର୍ ପାଠ୍ ପଢାର୍ ଲାଗି ଲଛମନ୍ ନିଜର୍ ଜନମ୍ ଗାଁ କେ ଜହ ନାଇ ଆସେ । କାଁ ଭାଁ ତିହାର୍ ବାହାର୍ ଲାଗିର୍ କୁଟୁମ୍ ବସିଆ ନୂଆଁଖାଇ ହଉକି ପୁଷ୍ ପୁନି ନେହେତ କେନ୍ ଯାନି ଯାତ୍ରାକେ ଆଏସନ୍ । ଦୁଇ ଚାଏର୍ ଦିନ୍ ଗାଁ ନେ ରହି କରି ଫେର୍ ନିଜର୍ ସିଆନୀ ଫୁଲ୍ ମତୀ ଆର୍ ପିଲା ଛୁଆକେ ଧରି କରି ଲଛମନ୍ ସହର୍ କେ ପଲାସନ୍ । ଇ ବଛର୍ ପୁଷ୍ ପୁନି ନୂଆଁ ବଛର୍ ଦୁଇ ଦିନ୍ ଗଲେ ଅଛେ ବୋଲି ଚାଏର୍ ଦିନ୍ ଅଏତ୍ କା ଛୁଟି ନେଇ କରି ଲଛମନ୍ କୁଟୁମ୍ ବସିଆ ଧରି କରି ଆଇଛେ ନିଜର୍ ଜନମ୍ ମାଏଟ୍ ଗାଁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କେ । ଖୋବ୍ ଦିନ୍ ଗଲା ଉତାରୁ ଲଛମନ୍ ଗାଁ କେ ଯେତେବେଲେ ଆଇଛେ ଦେଖ୍ ଲା ଯେ ; ଉରୁମ୍ ରାସ୍ତା ପିଚୁ କେ ଆର୍ ସାଇକେଲ୍ ଗାଡ଼ି କେ ବଦ୍ ଲି ଗଲାନ । ଗଲା ଦୁଇ ବଛର୍ ହେଲା କରୋନା ଲାଗି ପୁଷ୍ ପୁନି ନେ ଲଛମନ୍ ତାର୍ ଗାଁ କେ ନାଇଁ ଆସି ଯେ ଇ ବଛର୍ ପୁଷ୍ ପୁନି ନେ ଗାଁଆ ଜାକର୍ ଲୋକ୍ ବାଗ୍ , ଛୁଆପୁତା ସଭେ ଯାକର୍ ଗହଗହ ମହମହ । ସୁଆଲି , ଆର୍ସା , କାକ୍ ରା , ମଡ଼ା ପିଠା , ଖିରି ପୁରୀ ଥି ଗାଁ ମହକି ଯାଉଛେ । ବୁଢ଼ାବୁଢ଼ୀ ମାନେ ଘର୍ ଘର୍ ଘୁମ୍ ରା , ମାନ୍ଦଲ୍ , ଗିନି କୁବ୍ ଜା ଧରି ବଜା ଗଜା ବଜାତେଲ୍ ଛେର୍ ଛେରା ମାଗୁଛନ୍ । ଗାଁର୍ ଆର୍ ମୁଦ୍ ସାନେ ଗାନା ବାଜ୍ ନା ନଚା ଡେଗା ଘୁମ୍ ରା କୀର୍ତ୍ତନ୍ , ରସରକେଲି , ହୁମବଉଲି ,ଡାଲଖାଇ ଆର୍ କେତେନି କେତେ ମଜା ମଜ୍ ଲିସ୍ ହେଉଛେ । ସଥେ ପୁଷ୍ ପୁନି ଥି ଗାଁଆ ଟା ଉଷତ୍ ଆନନ୍ଦ୍ ଥି ଉଛ୍ ଲି ପଡୁଛେ । ବନେ ଗହ ଗହ ଆର୍ ଉଷ୍ ନାକି ଲାଗୁଛେ । ଲଛମନ୍ ର୍ ପିଲାଟୁକେଲ୍ ଉଷତ୍ କେତେନି କେତେ ଗାଁର୍ ନାଚ୍ ଗାନା କୀର୍ତ୍ତନ ଦେଖି କରି । ସଥେ ଗାଁ ର୍ ଯେନ୍ତା ଇ ଭାବ୍ ସେନେହ ଶର୍ ଧା ସହରେ କାହୁଁ ମିଲ୍ ବା । ସୁଭ୍ରଜିତ୍ ଆର୍ ଅସ୍ମିତା ଘର୍ କେ ଫିରି କରି ତାର୍ ବୁଆକେ ପଚ୍ ରାସନ୍ ଇ ପୁଷ୍ ପୁନି ଆର୍ ଛେର୍ ଛେରା ବଏଲେ କାଣାଁ ଆଏ । ଲଛମନ୍ ତାକର୍ ଘର୍ ପିଣ୍ ଡ଼ା ନେ ବସି କରି ଗୁଟା ଗୁଟା ବୁଝେଇ ଦେସି । ଆମର୍ ମାଟିର୍ ବଡଖା ତିହାର୍ ଆଏ ଇଟା । ଛେର୍ ଛେରା କେ ବନେ କରି ଜାନ୍ ବାର୍ କେ ହେଲେ ଆମ୍ କୁ ଇତୋର୍ ମୁଲ୍ ତିହାର୍ ପୁଷ୍ ପୁନି କେ ଆଘୋ ଜାନ୍ ବାର୍ କେ ପଡ୍ ବା । କାରନ୍ ପୁଷ୍ ପୁନି କେ ନେଇ କରି ହିଁ ଛେର୍ ଛେରା । ଆର୍ ଛେର୍ ଛେରା ଆଧାର୍ ନେ ହେଉଛେ ପୁଷ୍ ପୁନି । ନୂଆଁଖାଇ ପରେ ପଶ୍ଚିମ୍ ଓଡ଼ିଶାର୍ ସବୁନୁ ବଡ୍ ଖା ଆର୍ କୃଷିଭିତ୍ତିକ ପରବ୍ ହେଲା ପୁଷ୍ ପୁନି । ଚାଷ୍ ବାସ୍ ସରଲା ଉତାରୁ ପୁଷ୍ ମାସେ ଧାନ୍ ଫସଲ୍ କେ ଚାଷୀ ଭାଇ ଖେତ୍ ଖଲାଥି ବୁନା କଟା କରି ଥିସି ସକଲି ବେଟ୍

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଲି ଆନି ଘରେ ଭରସି ଆର୍ ଉଶାସ୍ ହେସି । ଘର୍ ଧନ୍ ଧାନ୍ ଥି ପୁରି କରି ଥିଲା ବେଲ୍ କେ ଖାନ୍ ପାନ୍ ଆର୍ ମୌଜ୍ ମଜଲିସ୍ ର ଉଛବ୍ ଆକାରେ ପୁଷ୍ ପୁନି ମନାସୀ ଚାଷୀ । ଚାଷୀର୍ ସାଙ୍ଗେ ଯେତ୍ କି ଲୋକ୍ ଜଡିତ୍ ସଭେ ବଡା ଉଷନାକୀଥି ମନାସନ୍ ପୁଷ୍ ପୁନି । ହଲିଆ କୁଠିଆ ମାନ୍ କର୍ ପୁଷ୍ ପୁନି କେ ବଛର୍ ତାକର୍ ପୁରା ହେସି । ଘରେ ଘରେ ପିଠାପନା , ମାଛ୍ ଶିକାର୍ ଆର୍ କେତେନି କେତେ ତୁନ୍ ତର୍ କାରୀ ବନ୍ ସି । ଅର୍ ସା , ସୁଆଁଲି , କାକ୍ ରା , ମଡ଼ା ପିଠାର୍ ବାସ୍ନା ଥି ମଗ୍ ମଗେଇ ଯାଇଥିସି । ତ ହେତିର୍ ଲାଗିର୍ ଆମର୍ ପଶ୍ଚିମ ଓଡ଼ିଶାର୍ ଗରିବ୍ ଦୁଃଖି ପୁଓ ପର୍ ଜା ମିଶି ଗୁଲି କରି ଭାବର୍ ଡୁରେ ବାନ୍ଧି ହେଇ କରି ପୁଷ୍ ପୁନି ମାନ୍ ସନ୍ । ଘର୍ ଘର୍ ବୁଲି କରି ଛେର୍ ଛେରା ମାଗ୍ ସନ୍ । ସମ୍ କିରର୍ ଘରେ ମନ୍ ମନ୍ ସା ପିଠା ପନା , ଖିରି ପୁରୀ ଥି ମହକି ଯାଉଥିସି । ଇ କଥା ସବୁ ଶୁଭ୍ରଜିତ୍ ଆର୍ ଅସ୍ମିତା କାନ୍ ପାରି କରି ଶୁଣୁଥିସନ୍ । ଇ ସମିଆନେ ଲଛମନ୍ ଘର୍ କେ ବଜା ଗଜା ଧରି ଗାଁର୍ ଲୋକ୍ ଛେର୍ ଛେରା ମାଗିଆଏସନ୍ । କେଡେ ମଜା ସେ ଗାନା ବାଜ୍ ନା ଗାଏ ତେଲ୍ । ଦିଅ ହୋ ଲଛମନ୍ ଛେର୍ ଛେରା ଦିଅ .... ।

" ଛେ......ର୍ ଛେରା ,ଛେ......ର୍ ଛେରା

ଛେର୍ ଛେରା ,ଛେର୍ ଛେରା

ଇ ଘରର୍ ବୁଢି କାହିଁ ଗଲା , କାହିଁ ଗଲା , କାହିଁ ଗଲା

ମଡ଼ା ପିଠା ଦେମି କହିଥିଲା , କହିଥିଲା , କହିଥିଲା । "

କାଏଁ କାଏଁ ମଡ଼ାପିଠା ଖିରିପୁରି କରିଛ ଯେ ଦିଅ ବୋଏଲେ ଆର୍ ବଜେଇ ଦେଲେ ବଜା । ଲଛମନ୍ ଘରୁ ବାହାରି ଦୁଇଶହ ଟଂଗା ଟେ ପର୍ସ ନୁ ବାହାର୍ କରି ଧରେଇ ଦେଲା । ଆର୍ କହେଲା , ଇ ଦୁଇଶହ ଟଂଗି ଟେ ନିଅ । ଆମେ ଖିରିପୁରି ମଡ଼ାପିଠା କିଛି ନାଇଁ ବନେଇ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଛେର୍ ଛେରା ମାଗୁଥିବାର୍ ଲୋକ୍ ମାନକର୍ ଭିତରୁ ବଜନିଆଟେ କହେଲା ; ତମେ ଯେତେ ଶିଖିତ୍ ହେଉଛ ସେତେ ଆମର୍ ସଂସ୍କୃତି ଆର୍ ପରମ୍ପରା କେ ପାଶ୍ ରି ଦେଉଛ ଲଛମନ୍ । ଆଏଜ୍ ପରେ ଆମର୍ ବଡ୍ ଖା ତିହାର୍ ପୁଷ୍ ପୁନି । ଇ ଦିନେ ଆମର୍ ପଶ୍ଚିମ୍ ଓଡ଼ିଶାର୍ ଘରେ ଘରେ ପୁରେ ପୁରେ ମଡ଼ାପିଠା , ଖିରିପୁରି , ସୁଆଲି , ଆର୍ ସା , ରାଏସ୍ ଲଡୁ , କେତେ ରକମ୍ ରକମ୍ ର ଖାନା ଥି ଘର୍ କେ ଘର୍ ମହକି ଯାଉଥିସି । ସଭେ ମିଶିଗୁଲି କରି ଗୁଟେ ଠାନେ ମଜା ମଜ୍ ଲିସ୍ କରସନ୍ । ତୁମର୍ ଘରୁ କିଛୁ ନାଇଁ ଟଂଗା ଦୁଇଶହ ଧରେଇ ଦେଲ । ଇଟା ବନେ ନାଇଁ ସେ ହୋ । ଆମେ ତୁମର୍ ଘରୁ ଧାନ୍ ତିନ୍ ଚାଏର୍ ମାନ୍ କି ମଡ଼ାପିଠା , ଖିରିପୁରି , ଆଶ୍ କରି ଥିଲୁ ବଏଲେ । ସତ୍ କେ ସତ୍ ଲଛମନ୍ ର ମୁହୁଁ ତଲ୍ ହେଇଗଲା ଆର୍ କହେଲା ମୁଇଁ ନାଇଁ ଭୁଲି ଆମର୍ ସଂସ୍କୃତି ଆର୍ ପରମ୍ପରା କେ , ସବୁବେଲେ ସୁର୍ ତା ରଖିଛେଁ । ସୋର୍ ଅଛେ ବୋଲିତ ସହରୁ ଗାଁକେ ଆଇଛେଁ ବୋଲି କହେଲା ।

ସିନ୍ଧେକେଲା , ବଲାଙ୍ଗୀର

ମୋ. - ୯୯୩୭୦୩୪୭୪୨

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

DRJYOTIPRASAD

https://www.youtube.com/DrJyotiPrasadPattnaik

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ହେତୁବାଦୀ ବନାମ ସନାତନୀ ହିନ୍ଦୁ



ବିଜୟ କୁମାର ସାହୁ

ଚଳିତ ବର୍ଷର ଅନ୍ତିମ ସୂର୍ଯ୍ୟ ପରାଗ ଦିବସରେ କେତେକ ହିନ୍ଦୁ ବିରୋଧୀ ବିଧର୍ମୀ ରାକ୍ଷସବାଦୀ ଅମଣିଷ ଜନ୍ତୁ କେତୋଟି ନିଜକୁ ହେତୁବାଦୀ ବୋଲି ସାବ୍ୟସ୍ତ କରିବାର ଯେଉଁପ୍ରକାର ବିଫଳ ପ୍ରୟାସ କରି ଶାନ୍ତିପ୍ରିୟ ଓଡିଶାମାଟିରେ ଏକ ପ୍ରକାର ମଣିଷ ମଣିଷ ଭିତରେ ଅସୁୟା, ଘୃଣା ଓ ଧର୍ମ ବିରୋଧୀ ହାଵା ପ୍ରବାହିତ କଲେ ତାହା ସେମାନଙ୍କର କି ପ୍ରକାର ହିତ ସାଧନ କଲା ଅବଶ୍ୟ ସେମାନେ ଜାଣିଥିବେ, କିନ୍ତୁ ଏକଥା ସ୍ପଷ୍ଟ ବାରିହୋଇଗଲା ଯେ; ତଥାକଥିତ ହେତୁବାଦୀ କୌଣସି ନା କୌଣସି ବାହ୍ୟ ଶକ୍ତିର ପ୍ରରୋଚନାରେ ପ୍ରଲୋଭନରେ ବଶୀଭୂତ ହୋଇ ରାଜ୍ୟରେ ଅଶାନ୍ତିର ବାତାବରଣ ସୃଷ୍ଟି କରିପାରିଲେ ।

ତଥାକଥିତ ହେତୁବାଦୀମାନେ ମଣିଷ ପଣିଆର ସରହଦ ଡେଇଁ ସମଗ୍ର ମାନବ ଜାତିର ମାନବୀୟ ଦେବତା ଶ୍ରୀ ଶ୍ରୀ ଜଗନ୍ନାଥଙ୍କୁ କଟାକ୍ଷ ଓ ସମାଲୋଚନ କଲେ, ଏପରିକି ସେହି ଭଣ୍ଡ ପାଖଣ୍ଡ ବ୍ୟକ୍ତିମାନେ ମର୍ଯ୍ୟାଦାପୁରୁଷ ଶ୍ରୀରାମଚନ୍ଦ୍ରଙ୍କର ଅନୁଜ ଲକ୍ଷଣ ମହାପ୍ରଭୁ (ଶାସ୍ତ୍ର ଯାହାଙ୍କୁ ଶେଷନାଗ ନାମରେ ବିଦିତ କରିଅଛନ୍ତି)ଙ୍କୁ ଇଡିୟଟ ବୋଲି କହିବାକୁ ପଶ୍ଚାତପଦ ହୋଇନାହାଁନ୍ତି । ହିନ୍ଦୁ ଦେବାଦେବୀମାନଙ୍କୁ ସମାଲୋଚନା କଲେ । ଏହା ତାଙ୍କର ପାଗଳାମୀ ବ୍ୟତୀତ ଆଉ କ'ଣ ହୋଇପାରେ ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆରେ ! ରାକ୍ଷସବାଦୀ, ମାଂସଭୋଜୀ ପ୍ରାଣୀ ତୁମେମାନେ ତ କେବଳ ଖାଇବାକୁ ବଞ୍ଚିଛ ଅଥଚ ବଞ୍ଚିବା ନିମନ୍ତେ ଖାଦ୍ୟ ଗ୍ରହଣ କରୁନା । ତୁମଭଳି ଧର୍ମବିରୋଧୀ ହେତୁବାଦୀମାନେ ଯେ ପିତାମାତାଙ୍କ ଔରସରୁ ଜନ୍ମ ହୋଇଥିବ ନା ସନ୍ଦେହ । ବିଜ୍ଞାନ କ'ଣ ଏପରି ତୁମର ସୁବିଧା କରିଦେଇଅଛି ଯେ ତୁମେ ବିଜ୍ଞାନକୁ ଧର୍ମ ସହିତ ଯୋଡୁଅଛ ? ଲକ୍ଷ ଲକ୍ଷ ବର୍ଷର ପୁରୁଣା ହିନ୍ଦୁ ସନାତନ ଧର୍ମ । ଧର୍ମକୁ ସ୍ୱୀକାର କରେ ଯେତିକି ବିଜ୍ଞାନକୁ ମଧ୍ୟ ସ୍ୱୀକାର କରେ ସେତିକି । ହଁ ଭଗବାନଙ୍କର ଅସ୍ତିତ୍ୱକୁ ତୁମପରି ମୂର୍ଖ ହେତୁବାଦୀମାନେ କୌଣସି ବିଜ୍ଞାନାଗାରରେ ପାଇବ ନାହିଁ । ତୁମମାନଙ୍କର ଛଳନାପୂର୍ଣ୍ଣ ମନମାନୀ ଅତ୍ୟନ୍ତ ଲଜ୍ଜାଜନକ । ତୁମର ଅନୈତିକ ବିଚାର ଓ ଆଚରଣ କେବେ ବି ଗ୍ରହଣୀୟ ନୁହେଁ । ହିନ୍ଦୁ ଧର୍ମାବଲମ୍ବୀମାନଙ୍କ ହୃଦୟରେ ଯେଉଁ ପ୍ରକାର ଆଘାତ କରିଛ ତାଙ୍କର ଧର୍ମୀୟ ଧାରଣାକୁ ଯେପରି କ୍ଷତାକ୍ତ କରିଛ ସେଥିପାଇଁ ତୁମକୁ କେହି କେବେ କ୍ଷମା ଦେବେନାହିଁ । ଜଣେ ଦୁଇଜଣ ପରିଣତ ବୟସ୍କ ବୃଦ୍ଧ ବିଜ୍ଞାନ ନାମରେ ଯାହାତାହା କହିଦେବ ତା ବୋଲି ଆମେ କ'ଣ ତାହା ମାନିନେବୁ । କେବେ ନୁହେଁ ।

ତୁମେମାନେ ରାମଙ୍କୁ ବିଶ୍ୱାସ କରନାହିଁ କି କୃଷ୍ଣଙ୍କୁ ବିଶ୍ୱାସ କରନାହିଁ ତାହା ତୁମର ବ୍ୟକ୍ତିଗତ ଚିନ୍ତାଧାରା କିନ୍ତୁ ତୁମକୁ କିଏ ଅଧିକାର ଦେଲା ଯେ ତୁମେ କେବଳ ବାଛିବାଛି ହିନ୍ଦୁ ଧର୍ମ ଭିତରେ ଘୃଣାର ପାଚେରୀ ତିଆରି କରିବ ? ଯଦି ସାହାସ ଅଛି ମୁସଲିମ ଦେଶରେ ଯାଇ କର । ସେମାନେ ରମଜାନ ମାସରେ ଚନ୍ଦ୍ରକୁ ଦେଖିଲା ପରେ ଖାଦ୍ୟ ଗ୍ରହଣ କରନ୍ତି । ଏହା ତାଙ୍କର ଧର୍ମୀୟ ଭାବନା ନା ବିଜ୍ଞାନ ସମ୍ମତ ଯାଇ ତାଙ୍କୁ ପଚାରୁନ । ଆରେ ହେତୁବାଦୀ ! ଆଜି ମଧ୍ୟ ଏହି ଆଧୁନିକ ଯୁଗରେ ପାଶ୍ଚାତ୍ୟ ଦେଶରେ ଗୀତା ଉପରେ ଗବେଷଣା କରାଯାଉଅଛି । ଭାରତୀୟ ସନାତନ ସଂସ୍କୃତି ଆଦି ସଂସ୍କୃତି ଏଥିରେ ତିଳେମାତ୍ର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସନ୍ଦେହ ନାହିଁ । ଆରେ ! ତୁମେ ଯଦି ରାମଙ୍କୁ ବିଶ୍ୱାସ କରୁନାହଁ ତେବେ ମୁଁ କହିବି ତୁମେମାନେ ତୁମର ବୋପାକୁ ମଧ୍ୟ ବିଶ୍ୱାସ କରୁନଥିବ । ଆଚ୍ଛା କହିଲ ତୁମର ପିତା ଅଛନ୍ତି କି ନାହିଁ ଯଦି ଥିବେ ତାଙ୍କର ବି ପିତା ଥିବେ ନିଶ୍ଚିତ । ଏପରି ଦେଖିବାକୁ ଗଲେ ତୁମ ଚକ୍ଷୁର ଅନ୍ତରଳାରେ ପିତାଙ୍କର ପିତା ପିତାମହ ନିଶ୍ଚିତ ଥିଲେ ଯଦ୍ୱାରା ତୁମେ ଏହି ସୁନ୍ଦର ପୃଥିବୀକୁ ଦେଖିପାରୁଛ । ଏଣୁ ଆମେ ମଧ୍ୟ କହୁଅଛୁ ଭଗବାନ ରାମ, ଭଗବାନ କୃଷ୍ଣ, ପ୍ରଭୁ ଜଗନ୍ନାଥ ଜୀବନ୍ତ ଦେବତା ତାଙ୍କର ମୃତ୍ୟୁ ନାହିଁ । ଆରେ ମୂର୍ଖ ହେତୁବାଦୀ ! ତୁମେ କେତେଟା ବର୍ଷ ଭିତରେ ବିଜ୍ଞାନର ପାଠ ଅଧ୍ୟୟନ କରିଅଛ ଅବା କେତେଟା ବିଜ୍ଞାନ ଅଧ୍ୟୟନ କରିଅଛ ? ଏମିତି ତ ଦେଖିବାକୁ ଗଲେ ସାମାଜିକ ବିଜ୍ଞାନ, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବ ବିଜ୍ଞାନ, ସୂଚନା ଓ ପ୍ରଯୁକ୍ତି ବିଜ୍ଞାନ ଇତ୍ୟାଦି ଇତ୍ୟାଦି ବିଜ୍ଞାନ ରହିଅଛି । କ'ଣ କରଣୀୟ କ'ଣ ଅକରଣୀୟ ବିଜ୍ଞାନ କହେ ନାହିଁ । ବିଖ୍ୟାତ ବୈଜ୍ଞାନିକ ଆଲବର୍ଟ ଆଇନ ଷ୍ଟାଇନ ଏକଦା କହିଥିଲେ – "ବୈଜ୍ଞାନିକ ପଦ୍ଧତିରେ ପ୍ରମାଣିତ ନ ହେବାଯାଏ କୌଣସି କଥାକୁ ବିଶ୍ୱାସ ନ କରିବାକୁ ଯଦି କିଏ କହେ ତେବେ ସେ ଅବୈଜ୍ଞାନିକ କଥା ହିଁ କହିଥାଏ କାରଣ ବୈଜ୍ଞାନିକ ପଦ୍ଧତି କହୁଅଛି ଯେ ବିଜ୍ଞାନ ପ୍ରଥମେ କିଛି କାଳ୍ପନିକ ସତ୍ୟକୁ ବିଶ୍ୱାସକୁ ନେଇ ତା ଉପରେ ଗବେଷଣା କରି ହୁଏତ ପରେ ତାହା ସତ୍ୟ ବା ମିଥ୍ୟା ବୋଲି ବୈଜ୍ଞାନିକ ପଦ୍ଧତିରେ ପ୍ରମାଣିତ ହୋଇଥାଏ । ଏମିତିକି ଆଜି ମିଛ ବୋଲି ପ୍ରମାଣିତ ହେଉଥିବା କଥା ଅଧିକ ଗବେଷଣା ପରେ କାଲି ସତ୍ୟ ବୋଲି ପ୍ରମାଣିତ ମଧ୍ୟ ହୋଇପାରେ ।"

-୨-

ଆୟୁର୍ବେଦ ଓ ଯୋଗକୁ ଆଧୁନିକ ବିଜ୍ଞାନ ବର୍ତ୍ତମାନ ବିଶ୍ୱାସ କଲାଣି । ଉପବାସ କଥା ବି ବିଜ୍ଞାନ କହୁଅଛି । ସାମାଜିକ ବିଜ୍ଞାନ କହେ ଉପବାସ ଏକ ସାମାଜିକ ପରମ୍ପରା । ଏହା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏକ ବ୍ୟକ୍ତିଗତ କ୍ରିୟା । ଯେଉଁଠି ବିଜ୍ଞାନ ତୁମର ପରାସ୍ତ ହୁଏ, ହାତଗୋଡ ବାନ୍ଧି ବସି ରହେ ସେଠି ଧର୍ମୀୟ ବିଶ୍ୱାସ ହିଁ ବିଜୟର ବାନା ଉଡାଏ । ଅନ୍ୟର ଭାବନା ଭଲ ପାଇବାକୁ ଅନ୍ୟର ଉପାସନାକୁ ତୁମେ ବିଜ୍ଞାନର କଷଟି ପଥରରେ ପରୀକ୍ଷା ନିରୀକ୍ଷା କରିବା ନିର୍ବୋଧତା ଏବଂ ବିଜ୍ଞାନର ପରାଜୟ । ଆରେ ହେତୁବାଦୀ ! ତୁମର ଯଦି ଶକ୍ତି ଅଛି ତୁମେ ଯଦି ବିଜ୍ଞାନକୁ ନେଇ ଗର୍ବିତ ତେବେ ନିଜକୁ ଅମର କରିବାର କୌଶଳ ଜଣାଥିବ ନିଶ୍ଚୟ କିନ୍ତୁ ଏହି ପବିତ୍ର ଭାରତ ଭୂଖଣ୍ଡରେ ମାର୍କଣ୍ଡେୟ ଋଷି ମୃତ୍ୟୁଞ୍ଜୟ ହୋଇ ଏବେବି ରହିଅଛନ୍ତି । ଯା ଦେଖିବୁ ହିମାଳୟର ବରଫ ଭିତରେ ଯୋଗୀଋଷିମାନେ ତପସ୍ୟାରତ । ସେମାନେ ଜ୍ଞାନ ଏବଂ ବିଜ୍ଞାନର କ୍ରିୟା ଓ କୌଶଳ ଜାଣିଥିବାରୁ ଏପରି କଠୋର ସାଧନା କରୁଅଛନ୍ତି କେବଳ ବିଶ୍ୱର ମଙ୍ଗଳ ନିମିତ୍ତ । ଛଳନାର ସୀମା ଅଛି କିନ୍ତୁ ସତ୍ୟର ସୀମା ନାହିଁ । ଏଇ ଷାଠିଏ ବର୍ଷ ନା ସତୁରୀ ବର୍ଷ ଭିତରେ ତୁମେ ଭଗବାନଙ୍କୁ ଚାଲେଞ୍ଜ କରୁଅଛ । ମୁହଁରେ ଲଜ୍ଜା ଲାଗିବା କଥା । ତୁମେ ତୁମର ପଣିବାପା ପର୍ଯ୍ୟନ୍ତ ପହଞ୍ଚିବାର ଶକ୍ତି ନାହିଁ କିନ୍ତୁ ଆମର ସନାତନୀ ଋଷିମାନେ ଲକ୍ଷ ଲକ୍ଷ ବର୍ଷ ତଳୁ ରିସର୍ଚ୍ଚ କରି ବିଜ୍ଞାନ ଆବିଷ୍କାର କରିଅଛନ୍ତି । ଆମେ ଜାଣୁ ଆମର ଧର୍ମୀୟ ଭାବନା କେତେ ଗଭୀର ଏବଂ ସୁଦୂରପ୍ରସାରୀ । ଆରେ ହେତୁବାଦୀ ଗଣ ! ଭଗବାନ ତୁମ ବାପାର ବାପା ତୁମ ଅଜାର ଅଜା ସେ ହେଉଅଛନ୍ତି – 'ପିତାସି ଲୋକସ୍ୟ ଚରାଚରସ୍ୟ .................'

'ଅହଂ ସର୍ବସ୍ୟ ପ୍ରଭବୋ ମତଃ ସର୍ବଂ ପ୍ରବର୍ତ୍ତତେ'

ହେ ବିଧର୍ମୀ ଗଣ ! ତୁମେ ଅନ୍ୟ ଧର୍ମାବଲମ୍ବୀମାନଙ୍କ ଭିତରେ ତୁମର 'ହେତୁବାଦୀ ଚିନ୍ତାଧାରା'କୁ ଲଦି ଦେଇପାରିବ ନାହିଁ । କେବଳ ଉଦାରବାଦୀ ହିନ୍ଦୁ ଧର୍ମାବଲମ୍ବୀ ମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରିବାର ଅପଚେଷ୍ଟା ଆରମ୍ଭ କରିଛ । ଆରେ ପାଖଣ୍ଡି ! ହଜାର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହଜାର ବର୍ଷ ଏ ଭାରତ ବର୍ଷ ଆତତାୟୀ ନିଷ୍ଠୁର ଶାସକ ମାନଙ୍କ ଦ୍ୱାରା ଶାସିତ, ନିଷ୍ପେଷିତ, ପୀଡିତ ହୋଇଥିଲେ ବି ମୂଳ ସନାତନ ସଂସ୍କୃତିକୁ ସେମାନେ ନିଃଶେଷ କରିପାରିନାହାନ୍ତି । ଏବେ ତୁମେ କେତେଟା ବିଧର୍ମୀ ରାକ୍ଷସ ବଳ ଯୁଟଉଛ । ତୁମର କାଳ ପୁରିଆସିଲାଣି । 'ପ୍ରଭବଃ ପ୍ରଳୟଃ ସ୍ଥାନଂ ନିଧାନଂ ବୀଜମବ୍ୟୟମ୍' । ଭଗବାନ ପ୍ରଳୟ କରିପାରନ୍ତି ସେ ବି ସୃଷ୍ଟି କରିପାରନ୍ତି ପୁଣି ସେ ସମସ୍ତଙ୍କୁ ପୋଷଣ ବି କରିପାରନ୍ତି । ତୁମ ବିଜ୍ଞାନ କେତେ ଜଣଙ୍କୁ ପୋଷଣ କରିବ କେବଳ ତୁମ ପରି କେତେଟା ଅମଣିଷ ବିଜ୍ଞାନର ପାଠ ପଡି ଦୁନିଆକୁ ମିଛର ଆଲୋକ ଦେଖାଉଛ ।

ଏ ପର୍ଯ୍ୟନ୍ତ ହିନ୍ଦୁ ସନତନୀମାନେ କୌଣସି ଅନ୍ୟ ଧର୍ମ (ଧର୍ମ ବୋଲି ତ କୁହାଯିବ ନାହିଁ ବରଂ ସମ୍ପ୍ରଦାୟ ବୋଲି କୁହାଯିବା ଯଥାର୍ଥ ହେବ) ଉପରେ ଦଖଲ କରିନାହାନ୍ତି ଅଥଚ ଅନ୍ୟ ସମ୍ପ୍ରଦାୟର ମଣିଷ ମାନେ ହିନ୍ଦୁ ଧର୍ମକୁ ବିଭାଜନ କରିବାରେ ଲାଗିଅଛନ୍ତି । ବ୍ୟକ୍ତି ବିଶେଷ ଉଭା ହୋଇ କିଏ ତ ନିଜକୁ ଈଶ୍ୱରଙ୍କର ଦୂତ ବୋଲି ପ୍ରତିପାଦିତ କରିଛନ୍ତି କିଏ ଈଶ୍ୱରଙ୍କର ପ୍ରତିନିଧି ବୋଲି ସାବ୍ୟସ୍ତ କରିଅଛନ୍ତି କିନ୍ତୁ ଆମ ଭାରତ ଦେଶରେ ଭଗବାନ ଜନ୍ମ ଗ୍ରହଣ କରିଅଛନ୍ତି । ବେଦ, ଗୀତା, ଭାଗବତ, ମହାଭାରତ ହେଉଛି ଆମର ଆର୍ଷଗ୍ରନ୍ଥ । ଏଠି ଯାହା କୁହାଯାଇଅଛି ତାହା ଜ୍ଞାନ ଓ ବିଜ୍ଞାନ ସମ୍ମତ । ଆରେ ଆମର ଏହି ପୂଣ୍ୟ ଭୂମିରେ ଭଗବାନ କହନ୍ତି ଅର୍ଜୁନ ଶ୍ରବଣ କରନ୍ତି । ଏଠି ଆମର ବଡ ଠାକୁର ଦାସିଆ ବାଉରୀର ନଡିଆ ଗ୍ରହଣ କରନ୍ତି । ଏଠି ଜଗନ୍ନାଥ ସାଲବେଗର ଭଜନ ଶ୍ରବଣ କରନ୍ତି । ଆରେ ! ତୋ ବୋପାର ବୋପାକୁ ପଚାର ସେ ହେତୁବାଦୀ ଥିଲେ ନା ଈଶ୍ୱର ବିଶ୍ୱାସୀ ଥିଲେ ? ଆମେ ହିନ୍ଦୁମାନେ ଉଦାର ଏବଂ ସ୍ଥିରବୁଦ୍ଧି ସମ୍ପନ୍ନ ହୋଇଥିବାରୁ ଭାରତ ଦେଶରେ ଅନ୍ୟ ଧର୍ମାବଲମ୍ବୀ ମାନଙ୍କ ସହିତ ସହାବସ୍ଥାନ କରୁଅଛୁ କିନ୍ତୁ ତୁମେ ଅମଣିଷ ଗୁଡାକ କରୁଛ କ'ଣ ? ତୁମର ଧର୍ମ ବୋଲି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିଛି ନାହିଁ ତୁମେ କେବଳ ଖାଇବା ପାଇଁ ଜୀବନ ଧାରଣ କରିଅଛ । ଏପରି ବି ହୋଇପାରେ ତୁମେମାନେ ନିଜର ଔରସ ଜାତ କନ୍ୟା ଏବଂ ରକ୍ତ ସମ୍ପର୍କୀୟ ପୁଅ ଝିଅ ଭିତରେ କୌଣସି ପ୍ରଭେଦ ଦେଖୁନଥିବ, ନିଜର କାମ ବାସନାକୁ ବି ଚରିତାର୍ଥ କରିବା ପାଇଁ ବିଜ୍ଞାନର ସାହାରା ନେଉଥିବ କିନ୍ତୁ ସନାତନୀ ହିନ୍ଦୁମାନେ ଏହା କେବେ ବି କରନ୍ତି ନାହିଁ କାରଣ ସେ ଜ୍ଞାନ କ'ଣ ଅଜ୍ଞାନ କ'ଣ ଜାଣିଅଛନ୍ତି ।

-୩-

ଆମେ ବୃକ୍ଷକୁ ବି ପୂଜା କରୁ କାରଣ ବୃକ୍ଷ ହିଁ ପରିବେଶକୁ ନିର୍ମଳ କରେ । ଆରେ ତୋ ଦେହରୁ ପରା ବୃକ୍ଷହିଁ ଅଙ୍ଗାରକାମ୍ଳ ନେଇ ଅମ୍ଳଜାନ ଦିଏ । ଆମର ଜଗନ୍ନାଥ ଦାରୁରେ ନିର୍ମିତ ଯା ଦେଖିବୁ ସେହି ଦାରୁବ୍ରହ୍ମ ତୋ ପରି ନିଃଶ୍ୱାସ ପ୍ରଶ୍ୱାସ ନେଉଅଛନ୍ତି । ଆୟୁର୍ବେଦ ଶାସ୍ତ୍ରରେ ବୃକ୍ଷକୁ ଦେବତାର ସ୍ଥାନ ଦିଆଯାଇଛି । ବଞ୍ଚିବା ପାଇଁ ସନ୍ତୁଳିତ ଖାଦ୍ୟର ଆବଶ୍ୟକତା ରହିଛି । ବିପରୀତ ଖାଦ୍ୟ ଗ୍ରହଣ କଲେ ନାନାଦି ରୋଗ ସୃଷ୍ଟି ହୁଏ, ଏକଥା ଆଧୁନିକ ବିଜ୍ଞାନ ବି କହୁଛି । ଆୟୁ ସତ୍ତ୍ୱ ବଳାରୋଗ୍ୟ ସୁଖ ପ୍ରୀତି ବିବର୍ଧାନାଃ । ରସ୍ୟା ସ୍ନିଗ୍ଧାଃ ସ୍ଥିରା ହୃଦ୍ୟା ଆହାରାଃ ସାତ୍ତ୍ୱିକପ୍ରିୟାଃ ॥ ପରିଶେଷରେ କହିବି ଆରେ ହେତୁବାଦୀଗଣ ସୁଧିରିଯାଅ । ଜଗନ୍ନାଥଙ୍କ ପାଦପଦ୍ମରେ ନିଜକୁ ସମର୍ପିତ କର ଦେଖିବ ସେ ତୁମର ସବୁ ପାପ ଧୌତ କରିଦେବେ ନଚେତ କଂସ ରାବଣ ପରି ଦିନେ ନା ଦିନେ ମରିବ ସେତେବେଳେ ବିଜ୍ଞାନ ତୁମକୁ ରକ୍ଷା କରିବ ନାହିଁ ।

ଉପସ୍ଥାପନା : ବିଜୟ କୁମାର ସାହୁ , ବିଜିଗୋଳ

ମୋ – ୮୭୬୩୦୪୮୬୨୩

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଭାଗବତ କଥା



ବିମଳ କୁମାର ଦାଶ

ଭାଗବତ କଥା - ଶ୍ରୀ କୃଷ୍ଣଙ୍କର ଅର୍ଥ – ଆଶ୍ରିରତ (ଆଶ୍ରିତ) ଭକ୍ତର ଦୁଃଖକୁ ଯିଏ ଶୁଣି ଭଗବାନଙ୍କୁ ଶୁଣାଏ ସେ ଶ୍ରୀ ଲକ୍ଷ୍ମୀ, ଶ୍ରୀ ସରସ୍ୱତୀ । ଭକ୍ତର ଚିତ୍ତକୁ, ବିତ୍ତକୁ, ନେତ୍ରକୁ ଯିଏ ନିଜଆଡ଼କୁ ଟାଣେ ସିଏ କୃଷ୍ଣ । ଭଗବାନ ଭକ୍ତକୁ ଦର୍ଶନ ଦେବା ପାଇଁ ଯେଉଁ ମାୟା ରଚନ୍ତି, ଜଡତାରେ ଚୈତନ୍ୟର ସଞ୍ଚାର ଦ୍ୱାରା ମାନବ ଭକ୍ତି, ଜ୍ଞାନ ଓ ବୈରାଗ୍ୟ ସହ ମିଶି, ଯେଉଁ ମାର୍ଗଦେଇ ଈଶ୍ୱରଙ୍କର ଦର୍ଶନ କରେ, ସେହି ସାଧନା ହେଉଛି ଶ୍ରୀମଦ୍ଭାଗବତମହାପୁରାଣ ।

ଯାହା ବ୍ୟାସଦେବ ନାରଦଙ୍କଠାରୁ ଉପଦେଶ ପାଇ ନିଜ ଅନ୍ତଃକରଣରେ ଶ୍ରୀକୃଷ୍ଣଙ୍କର ଅନେକ ଅନେକ ଲୀଳାକୁ ଦର୍ଶନ କଲେ, ସେହି ଅନ୍ତରର ଅନୁଭୂତିକୁ ଶବ୍ଦର ରୂପ ଦେଲେ, ଏଥିରୁ ଯେଉଁ ଗ୍ରନ୍ଥ ସାଗର ସୃଷ୍ଟି ହେଲା ତାହା ହେଉଛି ଶ୍ରୀମଦ୍ଭାଗବତମହାପୁରାଣ ।

ଭାଗବତ କଥା

ଭାଗବତର ୪ ଅକ୍ଷରକୁ ବିସ୍ତାରିତ କଲେ ଜଣାଯାଏ 'ଭ'ଅର୍ଥ - ପ୍ରକାଶ, ପୁରାଣ ସୂର୍ଯ୍ୟ, ଆଧ୍ୟାତ୍ମ ଦୀପ । 'ଗ'ଅର୍ଥ - ଜ୍ଞାନ - ଅଜ୍ଞାନରେ ଅନ୍ଧକାରରେ ଚାଲିବାବେଳେ ପ୍ରରମବ୍ରହ୍ମ ରୂପ ରସିରେ ଆମକୁ ସଂସାର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ରୁପି ସର୍ପ ଦେଖାଯାଏ । ଯେମିତି ଅନ୍ଧାରରେ ଚାଲିଲାବେଳେ ଦଉଡ଼ି ଦେଖିଲେ ସର୍ପ ଭାବନ୍ତି, ଏହା ହେଉଛି ଅଜ୍ଞାନ । ଯେତେବେଳେ ଭୟ ଦୁର ହୁଏ, ତାପରେ ଭ୍ରମ ଦୁରହୁଏ, ତାପରେ ପ୍ରକାଶ ଆସେ, ଏହାପରେ ଜ୍ଞାନ, ଜ୍ଞାନ ଆସିଲେ ଆମେ ଜାଣୁ ନିତ୍ୟ କଣ ଅନିତ୍ୟ କଣ, ସତ୍ୟ କଣ, ସେଥିପାଇଁ କୁହାଯାଇଛି ବ୍ରହ୍ମ ସତ୍ୟ ଜଗତମିଥ୍ୟା, ରସି ସତ୍ୟ ସର୍ପ ମିଥ୍ୟା । 'ବ' ଅର୍ଥ - ବୈରାଗ୍ୟ ଆସେ । 'ତ' ଅର୍ଥ-ତ୍ୟାଗ ଆସେ, ତ୍ୟାଗରୁ ଶାନ୍ତି, ଶାନ୍ତିରୁ ସୁଖୀ ହେବାର ଚାବିକାଠି ମିଳେ । ଏଠାରେ ପରିସ୍ତିତି କିମ୍ବା ବିଷୟ ରୂପକ ସୁଖ ନୁହେଁ ସତ୍ୟ ସୁଖ, ସଚା ସୁଖ ବିଷୟରେ କୁହାଯାଇଛି, ଯାହା ପୁରାତନ କିନ୍ତୁ ବର୍ତ୍ତମାନ ସମସ୍ୟାର ସମାଧାନ କରେ ତାହା ଶ୍ରୀମଦ୍ଭାଗବତମହାପୁରାଣ ।

ଭାଗବତ ହେଉଛି ଏ ସଂସାରର 'ମା', ତାର କଥା ହେଉଛି କ୍ଷୀର, ଏ ସଂସାରର ଜୀବ ତାର ସନ୍ତାନ, ଏହି ଭାଗବତ କଥା ରୂପି କ୍ଷୀରକୁ ପାନ କଲେ ଆମେ ସୁସ୍ଥ ହୁଅନ୍ତି, ଆମର ବୌଦ୍ଧିକ ବିକାଶ ହୁଏ ।

ହେ ଭଗବତ ପ୍ରେମୀ ଯେମିତି ଧରିତ୍ରୀମାତାଙ୍କ ଶୋଷ ନିବାରଣ ପାଇଁ ଆକାଶରୁ ବାଦଲ ବର୍ଷେ, ରାତ୍ରିର ଅନ୍ଧକାରକୁ ଦୁର କରିବା ପାଇଁ ଚନ୍ଦ୍ରମା ସହିତ ତାରାମାନେ ମିଶି ଆଲୋକ ପ୍ରଦାନ କରୁଛନ୍ତି, ଠିକ୍ ସେହିପରି, ଅତୃପ୍ତ ବ୍ୟକ୍ତିକୁ ତୃପ୍ତି ପ୍ରଦାନ କରିବା ପାଇଁ ଶ୍ରୀମଦ୍ଭାଗବତମହାପୁରାଣ ବର୍ଣ୍ଣନା କରାଯାଇଛି । ବ୍ୟାସ କହନ୍ତି - ଯେକୌଣସି ବ୍ୟକ୍ତି ଏହି କଥାକୁ ତା କାନର ଧ୍ୱନି ବନାଇ, ସେହି ଶବ୍ଦକୁ ତା ମନ ପର୍ଯ୍ୟନ୍ତ ନେଇଯାଏ, ଏବଂ ଇନ୍ଦ୍ରିୟଙ୍କ ମୋହ ଦ୍ୱାରା ଦୂଷିତ ମନକୁ ସଫା କରି ଶ୍ରୀହରିଙ୍କ ଚରଣରେ ସମର୍ପଣ କରେ, ତା ଦ୍ୱାରା ଆତ୍ମା ପବିତ୍ର ହୋଇଯାଏ । ଯାହା ଦ୍ୱାରା ମାନବକୁ ସ୍ୱାର୍ଥ କଲ୍ୟାଣ ପ୍ରାପ୍ତ ନ ହୋଇ ଜନକଲ୍ୟାଣ କିମ୍ବା ଆତ୍ମ କଲ୍ୟାଣ ପ୍ରାପ୍ତ ହୋଇଥାଏ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେପରି ଅଗ୍ନି କଞ୍ଚା, ଶୁଖିଲା, ଛୋଟ ବଡ ସବୁପ୍ରକାର କାଠକୁ ଜାଳିଦିଏ, ସେହିପରି ଭାଗବତସପ୍ତାହ ଶ୍ରବଣ କଲେ ମନ, ବଚନ ଓ କର୍ମଦ୍ୱାରା ହୋଇଥିବା ସକଳପାପ ଭସ୍ମ ହୋଇଯାଏ । ଯେମିତି ବର୍ଷା ଦିନରେ ନଦୀର ପାଣି ଗୋଳିଆ ହୋଇଯାଏ, ଶରତ ଋତୁ ଆସିଲେ ମଳିକୁ ଦୂର କରି ନିର୍ମଳ ହୋଇଯାଏ, ସେହିପରି ଭଗବତ କଥା ମନର ମଳିନତାକୁ ସଫା କରିଦିଏ ।

ଏହିଭଳି କଥା ଓ କାହାଣୀ ଆପଣ ପଢ଼ିପାରିବେ ନିମ୍ନରେ ଦିଆଯାଇଥିବା ଲିଙ୍କ୍ ମାଧ୍ୟମରେ । ବିମଳ କୁମାର ଦାଶଙ୍କ ପ୍ରଚେଷ୍ଟାରେ ପ୍ରକାଶିତ ଭକ୍ତି ଭାରତ କି ୱେବ୍‌ସାଇଟ ଭକ୍ତି ନୈବେଦ୍ୟର ଅନନ୍ୟ ଉପହାର ।

https://bhaktibharatki.com/

୯୪୩୮୦୯୮୧୮୯

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ରାକ୍ଷୀ ପୂର୍ଣ୍ଣିମା



ପ୍ରହ୍ଲାଦ ସାହୁ

ଶ୍ରାବଣ ମାସ ଶୁକ୍ଳ ପକ୍ଷ ପୂର୍ଣ୍ଣିମା ତିଥିରେ ରାକ୍ଷୀ ବନ୍ଧନ ଅଥବା ରାକ୍ଷୀ ପୂର୍ଣିମା ପଡେ । ସ୍ନେହ ମମତାର ଏକ ପ୍ରତୀକାତ୍ମକ ପର୍ବ ଏହି ରକ୍ଷା ବନ୍ଧନ । ଶ୍ରାବଣର ମୂଷଳ ଧାରା ବାରିପାତରେ ମାଟି ମାଆ ସ୍ୱଚ୍ଛ ଓ ନିର୍ମଳ ଦିଶୁଥାଏ ଏବଂ ନବ ପଲ୍ଲବିତ ବୃକ୍ଷମାନ ପତ୍ର ପୁଷ୍ପ ସମ୍ଭାରରେ ହସିଉଠିଥାନ୍ତି । ମାଟିର ମହକରେ ଚଉଦିଗ ମହ ମହ ବାସ୍ନାରେ ବାସ୍ନାୟିତ । ବେଙ୍ଗ ବେଙ୍ଗୁଲିର ଭାବ ପ୍ରବଣତାର ଏକ ସ୍ୱତନ୍ତ୍ର ଋତୁ ଏହି ବର୍ଷା ଋତୁ । ଏମିତି ଏକ ସତେଜତା ଭରା ଆବେଗମୟ, ଭାବପ୍ରବଣତାର ସମୟରେ ଆସେ ରକ୍ଷାର ପବିତ୍ର ପର୍ବ - ରକ୍ଷା ବନ୍ଧନ, ରାକ୍ଷୀ ପୂର୍ଣ୍ଣିମା ।

ଜନ୍ମ ଜନ୍ମର ବନ୍ଧନ, ସାସ୍ୱତ ଭାବର- ରାକ୍ଷୀ ବନ୍ଧନ । ସ୍ନେହ, ପ୍ରେମ, ମମତା ଓ ପ୍ରୀତିର ବନ୍ଧନ ରକ୍ଷା ବନ୍ଧନ । ଅନୁରାଗ, ଅନୁରଞ୍ଜନ ତଥା ଅନାବିଳ ଭଲପାଇବାର ବନ୍ଧନ ଏହି ରାକ୍ଷୀ ବନ୍ଧନ । ଭାଇ ଓ ଭଉଣୀର ଅଦମ୍ୟ ପ୍ରେମର ବନ୍ଧନ ରାକ୍ଷୀ ବନ୍ଧନ । ଭାଇ ଓ ଭଉଣୀମାନଙ୍କ ନିରନ୍ତର ଭଲପାଇବା ଏବଂ ଏକ ସୂତ୍ରରେ ମମତାର ବନ୍ଧନରେ ଜନ୍ମ ଜନ୍ମାନ୍ତରକୁ ବାନ୍ଧି ହୋଇ ରହିବାର ପବିତ୍ର ବନ୍ଧନ-ରାକ୍ଷୀ ବନ୍ଧନ ।

ଏହି ଦିନଟି ଭାଇ ଓ ଭଉଣୀର ଦିନ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏ ପର୍ବ ଏମିତି ଏକ ମଧୁର ପର୍ବ ଯାହାକୁ ଭଉଣୀ ଭାଇ ପାଇଁ ଆବେଗରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

ସହିତ ଅପେକ୍ଷା କରିଥାଏ ।

ଭାଇ ତାର ଭଉଣୀର ରକ୍ଷା କବଚ ସଦୃଶ ସଦା ସର୍ବଦା ତା ଅନ୍ତର ଆତ୍ମାର ରହିବାର ସ୍ୱୀକୃତି ତଥା ବିପଦ ଆପଦ ସମୟରେ ଭଉଣୀକୁ ରକ୍ଷା କରିବା ନିମନ୍ତେ ଏହି ଦିନ ଭଉଣୀ ଭାଇ ହାତରେ ରକ୍ଷା ସୂତ୍ର ବାନ୍ଧିଥାଏ ।

ଏହି ଉତ୍ସବ ଭାଇଭଉଣୀଙ୍କ ପାଇଁ ଏକ ଅନନ୍ତ ପ୍ରେମର ଉତ୍ସବ । ସ୍ନେହ, ପ୍ରେମ, ମମତାର ଏକ ଅତୁଟ ଡୋରି ଭାଇ ହାତରେ ବାନ୍ଧିଦିଏ ଭଉଣୀ । ଏହି ଡୋରି ଭଉଣୀର ରକ୍ଷା କବଚ । ଏହାର ପ୍ରତିବଦଳରେ ଭଉଣୀ ମାଗିନିଏ ଭାଇ ପାଖରୁ ପ୍ରତିରକ୍ଷାର ପ୍ରତିଶୃତି । ଏବଂ ଭାଇ ପାଇଁ ଭଉଣୀ ମନାସୀଥାଏ ନିରାମୟ, ସୁଖ, ପ୍ରେମମୟ, ଜଞ୍ଜାଳରହିତ ଜୀବନ ।

ପ୍ରତିଶୃତିବଦ୍ଧ ଭାଇ ପ୍ରତିବଦ୍ଧତାର ଅନୁପୂରକ । ଭଉଣୀର ସୁଖ, ଶାନ୍ତିପୂର୍ଣ୍ଣ ଜୀବନ ପାଇଁ ଭାଇ ମାନିନିଏ ଭଉଣୀର ସବୁ ପ୍ରତିଶୃତି ଏବଂ ପ୍ରତିଜ୍ଞାବଦ୍ଧ ଭାବେ ସ୍ୱୀକାର କରେ ଭଉଣୀ ସୁରକ୍ଷାର ସ୍ପଷ୍ଟ ସଂକଳ୍ପ ।

ଭଉଣୀମାନେ ବଡି ଭୋରୁ ଉଠି ସ୍ନାନାଦି ନିତ୍ୟକର୍ମ ସାରି ହାତରେ ମେହେନ୍ଦି, ମଥାରେ କୁଙ୍କୁମ, ପାଦରେ ଅଳତା ଲଗେଇ ନୂଆ ଲୁଗା ପିନ୍ଧି ନିଜକୁ ସଜେଇ ଥାଆନ୍ତି । ଆଜି ରାକ୍ଷୀ ପୂର୍ଣ୍ଣିମା, ଭାଇ ହାତରେ ସେ ରାକ୍ଷୀ ବାନ୍ଧିବେ । ଧୂପ, ଦୀପ, କୁଙ୍କୁମ, ଚନ୍ଦନ, କର୍ପୂର, ଅରୁଆ ଚାଉଳ, ନାନା ରଙ୍ଗର ପୁଷ୍ପ ସଂଗ୍ରହ କରି ପୂଜାଥାଳି ସଜାଡି ରଖନ୍ତି ।

ରେଶମ ଡୋରିର ମନଲୋଭା ରାକ୍ଷୀଟିଏ ଭାଇ ପାଇଁ ସଂଗ୍ରହ କରିଥାନ୍ତି ଭଉଣୀମାନେ । ସେହି ସ୍ନେହ ମିଶା ରେଶମ ଡୋରି ଭାଇ ହାତରେ ବାନ୍ଧି ସେମାନେ ଭାଇର ସୁରକ୍ଷିତ ଜୀବନ କାମନା କରିବା ସହିତ ନିଜ ସୁରକ୍ଷାର ଦାୟିତ୍ୱ ଭାଇ ଠାରୁ ମାଗିନିଅନ୍ତି ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମନରେ ଅନେକ କିଛି ଅବ୍ୟକ୍ତ ଚିନ୍ତାଧାରା, ଭାଇ ପାଇଁ ସେ ଆଜି ସବୁକିଛି କରିବାକୁ ପ୍ରସ୍ତୁତ ନଚେତ ଯେଉଁ ଝିଅ ୯ଟା ନହେଲେ ଗାଧୋଇବାକୁ ଯାଏ ନାହିଁ ସେ ଆଜି ଏତେ ଜଲ୍‌ଦି ଏସବୁ କେମିତି କରିପାରେ !

ଉତ୍ସବ ମୁଖରିତ ଘର ଦ୍ୱାର । କୋଳାହଳମୟ ଗାଁ ଠୁ ସହର ଯାଏ । ମନରେ ଅଫୁରନ୍ତ ଆନନ୍ଦ । ମନ୍ଦିର ଘଣ୍ଟ ଘଣ୍ଟା, ଶଙ୍ଖ, ହୁଳହୁଳି ଶବ୍ଦରେ ପ୍ରକମ୍ପିତ । ଏହି ଶୁଭ ଅବସରରେ ଭଉଣୀ ସୁଭଦ୍ରା ଭାଇ ବଳରାମଙ୍କ ହାତରେ ରାକ୍ଷୀ ବି ବାନ୍ଧି ଦିଅନ୍ତି ।  ଭଜନ କୀର୍ତ୍ତନ ସହିତ ଗ୍ରାମବାସୀ ଗଣ  ଗାଆଁ ପରିକ୍ରମା କରନ୍ତି । ସମସ୍ତଙ୍କ ମନରେ ଭକ୍ତିଭାବ ଏବଂ ଖୁସିର ଲହର ।

ଓଡିଶାର ଘରେ ଘରେ ଆଜି ଭଳି ଦିନରେ ପିଠାପଣାର ସୁମଧୁର ବାସ୍ନା ସାରା ପରିବେଶକୁ ବାସ୍ନାୟିତକରିଦିଏ । କିସମ କିସମର ସ୍ୱାଦିଷ୍ଟ ମିଠା ଓ ପିଠାର ପ୍ରସ୍ତୁତି । ପୁରି, ଲୁଚି, ଆରିସା, କାକରାରେ ବାସ ଚହଟୁଥାଏ । ନାନା ରକମର ସାକାଅନ୍ନରେ ମନ ଭରିଯାଏ । ଖାଇବା ଏବଂ ଖୋଏଇବା ଓଡ଼ିଶାବାସୀଙ୍କ ଠାରୁ ଅଧିକ କିଏ ବା ଜାଣିଛି !

ଏ ପର୍ବ ଅନାବିଳ ପ୍ରେମର ପର୍ବ । ଏ ପର୍ବ ଶାନ୍ତି ଓ ପ୍ରୀତିର ପର୍ବ । ଏ ପର୍ବ ସ୍ନେହ ଓ ଶ୍ରଦ୍ଧାର ପର୍ବ । ଏ ପର୍ବ ଅପ୍ରତୀମ ମମତାର ପର୍ବ । ଏ ପର୍ବ ସମ୍ପର୍କର ପର୍ବ । ଏ ପର୍ବ ଭାଇ ଭଉଣୀର ଅତୁଟ ବିଶ୍ୱାସ ଏବଂ ବନ୍ଧନର ପର୍ବ । ଏ ପର୍ବ ଭଉଣୀର ସ୍ୱାଭିମାନ ଏବଂ ଭାଇର ଅଭିମାନର ପର୍ବ ।

ଚିଫ୍-ଏଡିଟର, ଆକାଶ ଇନଷ୍ଟିଟ୍ୟୁଟ୍, ନୂଆଦିଲ୍ଲୀ

ଦୂରବାର୍ତ୍ତା – ୮୧୭୮୬୪୨୭୬

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ବୈଜ୍ଞାନିକ ସି ଭି ରମଣ



ଅସିତ ମହାନ୍ତି

ଯେତେବେଳେ ବି ଭାରତର ମହାନ ବ୍ୟକ୍ତିତ୍ୱଙ୍କ କଥା ଆସେ, ସିଭି ରମଣଙ୍କ (୭ ନଭେମ୍ବର ୧୮୮୮ - ୨୧ ନଭେମ୍ବର ୧୯୭୦ ) ନାମ ସର୍ବଦା ତାଲିକାର ଶୀର୍ଷରେ ଆସେ । ବିଂଶ ଶତାବ୍ଦୀର ଅନ୍ୟତମ ପ୍ରଭାବଶାଳୀ ବୈଜ୍ଞାନିକ ଥିଲେ ସିଭି ରମଣ । ତାଙ୍କର କୌତୁହଳ ଏବଂ ଶିଖିବା ପାଇଁ ତାଙ୍କୁ ସର୍ବଦା ବୈପ୍ଳବିକ ଆବିଷ୍କାର ଆଡକୁ ଉତ୍ସାହିତ କରିଥିଲା ଯାହା ଆଧୁନିକ ବିଜ୍ଞାନର ଶୀର୍ଷରେ ଅଛି । ବିଜ୍ଞାନ କ୍ଷେତ୍ରରେ ତାଙ୍କର ଅବଦାନ ଉଲ୍ଲେଖନୀୟ । ଏହା ବ୍ୟତୀତ ସେ ଦେଶର ଅଧିକାଂଶ ଗବେଷଣା ପ୍ରତିଷ୍ଠାନ ପ୍ରତିଷ୍ଠାର ଏକ ଅଂଶ ମଧ୍ୟ ଥିଲେ । ସି ଭି ରମଣଙ୍କର ବହୁତ ଭଲ କ୍ୟାରିଅର୍ ଥିଲା । ସେ ତାଙ୍କ ଜୀବନରେ ଏହି ପଦବୀ ହାସଲ କରିଥିଲେ ଯାହାର ସେ ଯୋଗ୍ୟ ଥିଲେ । ସେ ତାଙ୍କ କ୍ୟାରିୟରରେ ଅନେକ ସଫଳତା ହାସଲ କରିଥିଲେ, ଯେଉଁଥିପାଇଁ ତାଙ୍କୁ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା । କ୍ୟାରିୟର ଆରମ୍ଭରେ, ରମଣଙ୍କ ଶିକ୍ଷକମାନେ ତାଙ୍କ ପିତାଙ୍କୁ ତାଙ୍କୁ ଉଚ୍ଚଶିକ୍ଷା ପାଇଁ ଇଂଲଣ୍ଡ ପଠାଇବାକୁ ପରାମର୍ଶ ଦେଇଥିଲେ, କିନ୍ତୁ ଅସୁସ୍ଥତା ହେତୁ ସେ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାଇପାରିନଥିଲେ । ରମଣ କୋଲକାତାର ଆସିଷ୍ଟାଣ୍ଟ ଆକାଉଣ୍ଟାଣ୍ଟ ଜେନେରାଲ ଭାବରେ ନିଯୁକ୍ତ ହୋଇ ନିଜ ଘରେ ଏକ ଛୋଟ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଲାବୋରେଟୋରୀ ସ୍ଥାପନ କରିଥିଲେ । କୋଲକାତାରେ ସେ ଇଣ୍ଡିଆନ୍ ଆସୋସିଏସନ୍ ଫର୍ କଲଭେସନ୍ ଅଫ୍ ସାଇନ୍ସ IACSର ଲ୍ୟାବରେ ତାଙ୍କର ଅନୁସନ୍ଧାନ ଜାରି ରଖିଥିଲେ । ପ୍ରତିଦିନ ସକାଳେ ସେ ଅଫିସ ଯିବା ପୂର୍ବରୁ ପରିଷଦର ଲ୍ୟାବରେ ପହଞ୍ଚୁଥିଲେ । ସେ ଦିନସାରା ଲ୍ୟାବରେ ଅତିବାହିତ କରୁଥିଲେ ଏବଂ ରବିବାର ଦିନ ମଧ୍ୟ ତାଙ୍କର ପରୀକ୍ଷଣରେ ବ୍ୟସ୍ତ ରହୁଥିଲେ । ଏହା ବହୁ ବର୍ଷ ଧରି ଜାରି ରହିଲା, କିନ୍ତୁ ଯେତେବେଳେ ସେ ଅନୁଭବ କଲେ ଯେ ସେ ନିଜ ଲ୍ୟାବକୁ ଚାକିରି ଦେଇ ସମୟ ଦେଇପାରୁ ନାହାଁନ୍ତି, ରମଣ ୧୯୧୭ ମସିହାରେ ସରକାରୀ ଚାକିରି ଛାଡି IACS ଅଧୀନରେ ପଦାର୍ଥ ବିଜ୍ଞାନରେ ଚେୟାର ଗ୍ରହଣ କରିଥିଲେ । ୧୯୧୭ ମସିହାରେ, ସେ କଲିକତା ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନର ପ୍ରଫେସର ଭାବରେ ନିଯୁକ୍ତ ହୋଇଥିଲେ । ଚନ୍ଦ୍ରଶେଖର ଭେଙ୍କଟରମନ୍ ଜଣେ ଭାରତୀୟ ପଦାର୍ଥ ବିଜ୍ଞାନୀ ଥିଲେ । ଆଲୋକ ବିଛାଇବାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ତାଙ୍କୁ ୧୯୩୦ ମସିହାରେ ପଦାର୍ଥ ବିଜ୍ଞାନରେ ସମ୍ମାନଜନକ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା । ତାଙ୍କର ଉଦ୍ଭାବନ ନିଜ ନାମ ପରେ ରମଣ ପ୍ରଭାବ ଭାବରେ ଜଣାଶୁଣା । ରମଣ ସଂଗୀତ, ସଂସ୍କୃତ ଏବଂ ବିଜ୍ଞାନର ପରିବେଶରେ ବାଢ଼ିଥିଲେ । ସେ ପ୍ରତ୍ୟେକ ଶ୍ରେଣୀରେ ପ୍ରଥମେ ଆସୁଥିଲେ । 'ପ୍ରେସିଡେନ୍ସି କଲେଜ'ରେ ରମଣ ତାଙ୍କର ବି.ଏ ରେ ପ୍ରବେଶ ନେଇଥିଲେ । ୧୯୦୫ ମସିହାରେ ସେ ଏକମାତ୍ର ଛାତ୍ର ଥିଲେ ଏବଂ ସେହି ବର୍ଷର 'ସ୍ୱର୍ଣ୍ଣ ପଦକ' ମଧ୍ୟ ପାଇଥିଲେ । ସେ 'ପ୍ରେସିଡେନ୍ସି କଲେଜ ରେ ଏମ ଏ ରେ ପ୍ରବେଶ କଲେ ଏବଂ ପଦାର୍ଥ ବିଜ୍ଞାନକୁ ଏକ ମୁଖ୍ୟ ବିଷୟ ଭାବରେ ଗ୍ରହଣ କଲେ । ଏମ ଏ ପଢିବା ବେଳେବେଳେ ରମଣ କକ୍ଷକୁ ଯାଉଥିଲେ । ପ୍ରଫେସର ଆର.ଏଲ୍ ଜନ୍ସ ଜାଣିଥିଲେ ଏହି ବାଳକଟି ନିଜର ଯତ୍ନ ନେଇପାରେ । ତେଣୁ ସେ ତାଙ୍କୁ ମୁକ୍ତ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଭାବରେ ଅଧ୍ୟୟନ କରିବାକୁ ଦେଉଥିଲେ । ସାଧାରଣତଃ ରମଣ କଲେଜର ଲାବୋରେଟୋରୀରେ କିଛି ପରୀକ୍ଷଣ ଏବଂ ଆବିଷ୍କାର ଜାରି ରଖିଥିଲେ । ସେ ପ୍ରଫେସରଙ୍କ 'ଫାବ୍ରି-ପାଇରେଟ୍ ଇଣ୍ଟରଫେରୋମିଟର' ବ୍ୟବହାର କରି ଆଲୋକର କିରଣ ମାପିବାକୁ ଚେଷ୍ଟା କରୁଥିଲେ । ଭେଙ୍କଟାରାମନ୍ ବ୍ରିଟେନର ପ୍ରତିଷ୍ଠିତ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟର ଜଣେ ଏମ୍.ଆର.ସି. ଲାବୋରେଟୋରୀଜ ଅଫ ମଲିକୁଲାର ବାୟୋଲୋଜିର ଗଠନମୂଳକ ଅଧ୍ୟୟନ ବିଭାଗର ମୁଖ୍ୟ ବୈଜ୍ଞାନିକ, ଥିଲେ । ୧୯୨୧ ମସିହାରେ, ଇଂଲଣ୍ଡର ଅକ୍ସଫୋର୍ଡରେ ଆୟୋଜିତ ବିଶ୍ୱବିଦ୍ୟାଳୟ କଂଗ୍ରେସ ପାଇଁ ରମଣଙ୍କୁ ନିମନ୍ତ୍ରଣ ମିଳିଥିଲା । ଏହା ତାଙ୍କ ଜୀବନରେ ଏକ ନୂଆ ମୋଡ଼ ଆଣିଦେଇଥିଲା । ସାଧାରଣତଃ ସମୁଦ୍ର ଭ୍ରମଣ ବିରକ୍ତିକର କାରଣ ନିମ୍ନ ସମୁଦ୍ର ଏବଂ ଉପର ଆକାଶ ବ୍ୟତୀତ ଆଉ କିଛି ଦୃଶ୍ୟମାନ ହୁଏ ନାହିଁ । କିନ୍ତୁ ଆକାଶ ଏବଂ ମହାସାଗର ରମଣଙ୍କ ପାଇଁ ବୈଜ୍ଞାନିକ ଆଗ୍ରହର ଜିନିଷ ଥିଲା । ଭୂମଧ୍ୟସାଗରର ନୀଳତା ରମଣଙ୍କୁ ବହୁତ ଆକର୍ଷିତ କରିଥିଲା । ସେ ଆଶ୍ଚର୍ଯ୍ୟ ହେବାକୁ ଲାଗିଲେ କାହିଁକି ସମୁଦ୍ର ଏବଂ ଆକାଶର ରଙ୍ଗ ଏତେ ନୀଳ ? ନୀଳ ରଙ୍ଗର କାରଣ କ'ଣ ? ରମଣ ଜାଣିଥିଲେ ଯେ ଲର୍ଡ ରେଲେ ଆକାଶର ନୀଳତାକୁ ସୂର୍ଯ୍ୟ କିରଣର ବାୟୁରେ ମିଳୁଥିବା ନାଇଟ୍ରୋଜେନ ଏବଂ ଅମ୍ଳଜାନ ଅଣୁର ବିଚ୍ଛୁରଣ ଦର୍ଶାଇଥିଲେ । ଲର୍ଡ ରେଲେ କହିଥିଲେ ଯେ ସମୁଦ୍ରର ନୀଳତା କେବଳ ଆକାଶର ପ୍ରତିଫଳନ । କିନ୍ତୁ ଭୂମଧ୍ୟସାଗରର ନୀଳତା ଦେଖି ସେ ଲର୍ଡ ରେଲେଙ୍କ ବ୍ୟାଖ୍ୟାରେ ସନ୍ତୁଷ୍ଟ ନଥିଲେ । ଜାହାଜର ଡେକ୍ ଉପରେ ଠିଆ ହୋଇ ସେ ଏହି ନୀଳ ରଙ୍ଗର କାରଣ ଖୋଜିବାକୁ ସ୍ଥିର କଲେ । ସେ ତଳ ମହଲାକୁ ଓହ୍ଲାଇଲେ ଏବଂ ଏକ ଯନ୍ତ୍ର ସହିତ ଡେକ୍ ନିକଟକୁ ଆସିଲେ ଯାହା ଦ୍ୱାରା ସେ ସମୁଦ୍ରର ନୀଳତା ଆଲୋକର ପ୍ରତିଫଳନ କି ଅନ୍ୟ କିଛି ପରୀକ୍ଷା କରିପାରିବେ । ସେ ଦେଖିଲେ ଯେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସମୁଦ୍ରର ନୀଳତା ଭିତରୁ ଆସିଛି । ଏଥିରେ ଖୁସି ହୋଇ ସେ କଲିକତାର ଲାବୋରେଟୋରୀରେ ଏହାର ଅନୁସନ୍ଧାନ କରିବାକୁ ନିଷ୍ପତ୍ତି ନେଇଥିଲେ । ଯେତେବେଳେ ରମଣ କିଛି ପ୍ରାକୃତିକ ଘଟଣା ଦେଖିଲେ, ସେ ସର୍ବଦା ପଚାରିଥା'ନ୍ତି ଯେ ଏହା କାହିଁକି ? ଏହା ହେଉଛି ପ୍ରକୃତ ବୈଜ୍ଞାନିକ ହେବାର ଚରିତ୍ର ଏବଂ ପ୍ରମାଣ । ଲଣ୍ଡନରେ ସ୍ଥାନ ଏବଂ ବସ୍ତୁ ଦେଖି ରମଣ ହ୍ୱିସପିଙ୍ଗ ଗ୍ୟାଲେରୀରେ ଛୋଟ ପରୀକ୍ଷଣ କରିଥିଲେ । କଲିକତା ଫେରିବା ପରେ ସେ ସମୁଦ୍ର ଜଳର ଅଣୁ ଦ୍ୱାରା ଆଲୋକ ବିସ୍ତାର କରିବାର କାରଣ ଅଧ୍ୟୟନ କରିଥିଲେ ଏବଂ ପରେ ବିଭିନ୍ନ ପ୍ରକାରର ଲେନ୍ସ, ତରଳ ଏବଂ ଗ୍ୟାସ୍ ଅଧ୍ୟୟନ କରିଥିଲେ । ପରୀକ୍ଷଣ ସମୟରେ, ସେମାନେ ଜାଣିବାକୁ ପାଇଲେ ଯେ ସୂର୍ଯ୍ୟ କିରଣରେ ସମୁଦ୍ର ଜଳର ଅଣୁଗୁଡ଼ିକ ଦ୍ୱାରା ନୀଳ ଆଲୋକର ବିସ୍ତାର ହେତୁ ସମୁଦ୍ରର ନୀଳ ଦେଖାଯାଉଛି । ଥରେ ଯେତେବେଳେ ରମଣ ତାଙ୍କ ଛାତ୍ରମାନଙ୍କ ସହିତ ତରଳ ଅଣୁ ଦ୍ୱାରା ଆଲୋକର ବିଛାଇବା ବିଷୟରେ ଅଧ୍ୟୟନ କରୁଥିଲେ, ସେତେବେଳେ ସେ 'ରମଣ ପ୍ରଭାବ'ର ଏକ ସୂତ୍ର ପାଇଲେ । ଏକ ଛୋଟ ଗର୍ତ୍ତ ଦେଇ ସୂର୍ଯ୍ୟ କିରଣର ଏକ ବିମ୍ ନିର୍ଗତ ହୁଏ ଏବଂ ତା'ପରେ ବେଞ୍ଜିନ ପରି ଏକ ତରଳ ଦେଇ ଯିବାକୁ ଅନୁମତି ଦିଆଗଲା । ସିଧାସଳଖ ଆଲୋକ ଭିଜନ ସ୍ପେକ୍ଟ୍ରସ୍କୋପ୍ ଦ୍ୱାରା ଅନ୍ୟ ପ୍ରାନ୍ତରୁ ବିଚ୍ଛିନ୍ନ ଆଲୋକ ସ୍ପେକ୍ଟ୍ରମ୍ ଦେଖାଗଲା । ସୂର୍ଯ୍ୟକିରଣ ଏକ ଛୋଟ ଗର୍ତ୍ତ ଦେଇ ଆସୁଥିଲା ଯାହା ଏକ ବିସ୍ତୃତ କିରଣ କିମ୍ବା ରେଖା ପରି ଦେଖାଗଲା । ଏହି ରେଖା ବ୍ୟତୀତ, ରମଣ ଏବଂ ତାଙ୍କ ଛାତ୍ରମାନେ ସ୍ପେକ୍ଟ୍ରମରେ କିଛି ଅସାଧାରଣ ରେଖା ମଧ୍ୟ ଦେଖିଲେ । ସେ ଭାବିଲେ ଯେ ଏହି ରେଖାଗୁଡ଼ିକ ତରଳର ଅପରିଷ୍କାରତା ହେତୁ ହୋଇଛି । ତେଣୁ ସେ ତରଳ ପଦାର୍ଥକୁ ଶୁଦ୍ଧ କରି ପୁନର୍ବାର ଦେଖିଲେ, କିନ୍ତୁ ଏହାପର ମଧ୍ୟ ରେଖାଗୁଡ଼ିକ ରହିଲା । ଏପରିକି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଯେତେବେଳେ ସେ ଅନ୍ୟ ତରଳ ପଦାର୍ଥ ସହିତ ଏହି ପରୀକ୍ଷଣ କରିଥିଲେ, ରେଖାଗୁଡ଼ିକ ଦୃଶ୍ୟମାନ ରହିଲା । ଏହି ରେଖାଗୁଡ଼ିକର ଅନୁସନ୍ଧାନ କିଛି ବର୍ଷ ଧରି ଚାଲିଥିଲା, କିନ୍ତୁ ଏହା କୌଣସି ଗୁରୁତ୍ୱପୂର୍ଣ୍ଣ ଫଳାଫଳ ଦେଇ ନଥିଲା । ଏହି ରେଖାଗୁଡ଼ିକ କ'ଣ ବୋଲି ରମଣ ଭାବୁଥିଲେ । ସେ ଥରେ ଭାବିଥିଲେ ଯେ ଏହି ରେଖାଗୁଡ଼ିକର କାରଣ ହେଉଛି ଆଲୋକର କଣିକା ପ୍ରକୃତି । ଆଧୁନିକ ପଦାର୍ଥ ବିଜ୍ଞାନର ଏହା ପ୍ରଥମ ଦିନ ଥିଲା । ତା'ପରେ ଏହା ଏକ ନୂତନ ସିଦ୍ଧାନ୍ତ ଥିଲା ଯେ ଆଲୋକ ତରଙ୍ଗ ଭଳି ଏବଂ ଏକ କଣିକା ପରି ଆଚରଣ କରେ । ବିଦେଶ ଯାତ୍ରା କରିବା ସମୟରେ ତାଙ୍କ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଘଟିଥିଲା । ସରଳ ଶବ୍ଦରେ, ଏକ ଜାହାଜରୁ ସେ ଭୂମଧ୍ୟସାଗରର ଗଭୀର ନୀଳ ଜଳ ଦେଖିଲେ । ଏହି ନୀଳ ଜଳକୁ ଦେଖି ଶ୍ରୀ ରମଣଙ୍କ ମନରେ ଚିନ୍ତା ଆସିଲା କି ଏହି ନୀଳ ରଙ୍ଗ ଜଳର ନା କେବଳ ନୀଳ ଆକାଶର ପ୍ରତିଫଳନ । ପରେ ରମଣ ତାଙ୍କ ଆବିଷ୍କାର ଦ୍ୱାରା ଏହି ଘଟଣାକୁ ବ୍ୟାଖ୍ୟା କଲେ ଯେ ଏହି ନୀଳ ରଙ୍ଗ ଜଳ କିମ୍ବା ଆକାଶର ନୁହେଁ । ଏହି ନୀଳ ରଙ୍ଗ ଜଳ ଏବଂ ବାୟୁର କଣିକା ଦ୍ୱାରା ଆଲୋକର ବିଛାଇବା ଦ୍ୱାରା ଉତ୍ପନ୍ନ ହୁଏ କାରଣ ସୂର୍ଯ୍ୟ କିରଣର ସମସ୍ତ ରଙ୍ଗ ବିଛାଇବା ଘଟଣାରେ ଶୋଷିତ ହୋଇ ଶକ୍ତିରେ ପରିଣତ ହୁଏ, କିନ୍ତୁ ନୀଳ ଆଲୋକ ପୁନର୍ବାର ପ୍ରତିଫଳିତ ହୁଏ । ସାତ ବର୍ଷର ପରିଶ୍ରମ ପରେ ରମଣ ଏହି ରହସ୍ୟ ପଛର କାରଣ ଆବିଷ୍କାର କଲେ । ତାଙ୍କର ଆବିଷ୍କାର 'ରମଣ ଇଫେକ୍ଟ' ଭାବରେ ଜଣାଶୁଣା ।

ସୁଜନପୁର , ଯାଜପୁର
୯୩୪୮୭୬୮୮୧୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଉତ୍କଳକେଶରୀ : ହରେକୃଷ୍ଣ



ଅକ୍ଷୟ କୁମାର ରାଉତ

ବହୁ ଉନ୍ନତ ଜାତି ଇତିହାସର ଚକ ତଳେ ଚାପି ହୋଇ ଲୋପ ପାଇଯାଇଛନ୍ତି । ସେମାନଙ୍କର ସଭ୍ୟତା ତଥା ସଂସ୍କୃତିର ଚିହ୍ନବର୍ଣ୍ଣ ଖୋଜିବା ଆଜି ପ୍ରତ୍ନତତ୍ତ୍ୱ ବିଦ୍ୱାନଙ୍କର କାର୍ଯ୍ୟ ପାଲଟିଛି । ପ୍ରାୟ ୧୫୦୦ ବର୍ଷ ଧରି ଉନ୍ନତିର ଶିଖରରେ ପହଁଚିଥିବା ଓଡିଆ ଜାତି ସମୟକ୍ରମେ ବିଦେଶୀ ଦ୍ୱାରା ଲୁଣ୍ଠିତ ହୋଇଛି । ଭୌଗୋଳିକ ଭାବରେ ଛିନ୍ନ ବିଛିନ୍ନ ହୋଇ ଗଙ୍ଗାଠାରୁ ଗୋଦାବରୀ ବ୍ୟାପିଥିବା ଓଡିଶା କ୍ରମେ ତିନୋଟି ଜିଲ୍ଲା ମଧ୍ୟରେ ସୀମିତ ହୋଇଥିଲା । ଏହି ଭଳି ଏକ ଅନ୍ଧକାରାଚ୍ଛନ୍ନ କାଳରେ ଆବିର୍ଭାବ ଘଟେ ନବଉତ୍କଳର ନିର୍ମାତା ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କର । ୧୩୦୭ ସାଲ ମାର୍ଗଶିର କୃଷ୍ଣ ଚତୁର୍ଥୀ ବିଛା ୭ ଦିନ ମଙ୍ଗଳବାର ବୃହସ୍ପତି ମହାଦଶାରେ ୧୮୯୯ ମସିହା ନଭେମ୍ବର ୨୧ ତାରିଖରେ ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ଅଗରପଡାଠାରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ପିତାଙ୍କ ନାମ କୃଷ୍ଣଚନ୍ଦ୍ର ଦାସ ଓ ମାତାଙ୍କ ନାମ ତୋହଫା ବିବି । ପ୍ରଥମରୁ ସେ ମହତାବ ନଥିଲେ । ପରେ ଅଜା ଜଗନ୍ନାଥ ମହତାବଙ୍କ ଘରକୁ ପୁଅ ହୋଇଯିବାରୁ 'ମହତାବ' ସାଙ୍ଗିଆ ହେଲା ।

ହରେକୃଷ୍ଣ ମହତାବ ପ୍ରଥମେ ଗାଁ ଚାଟଶାଳୀରେ ଅବଧାନ ସଦେଇ ଦାସଙ୍କ ନିକଟରେ ପାଠପଢ଼ା ଆରମ୍ଭ କରିଥିଲେ । ଗାଁ ସ୍କୁଲରେ ପାଠପଢ଼ା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାରି ସେ ଭଦ୍ରକ ହାଇସ୍କୁଲରେ ପାଠ ପଢ଼ିଲେ । ହାଇସ୍କୁଲରେ ପଢ଼ିବା ସମୟରେ ତାଙ୍କ ମା ଆରପାରିକୁ ଚାଲିଗଲେ । ତାଙ୍କ ବାପା ହରେକୃଷ୍ଣଙ୍କର ହାତକୁ ଦି'ହାତ କରିବାକୁ ଚିନ୍ତା କଲେ । ଅସୁରେଶ୍ୱର ଗ୍ରାମର ଆନନ୍ଦରାମ ସିଂହଙ୍କ ଝିଅ ସୁଭଦ୍ରାଙ୍କ ସହିତ ହରେକୃଷ୍ଣଙ୍କର ବାହାଘର କରାଇଦେଲେ । ବାହାଘର କେତେ ଦିନପରେ ସେ ମାଟ୍ରିକ୍ ପ୍ରଥମ ଶ୍ରେଣୀରେ ପାସ୍ କରି କଟକ ରେଭେନ୍ସା କଲେଜରେ ନାଁ ଲେଖାଇଲେ । ସେଠାରେ ସେ ନବକୃଷ୍ଣ ଚୌଧୁରୀଙ୍କ ସହିତ ପରିଚିତ ହେଲେ । ବନ୍ଧୁମାନଙ୍କ ସାହାଯ୍ୟରେ ମେସ୍ରୁ 'ମଳୟ' ନାମକ ଓଡିଆ ପତ୍ରିକା ଓ 'ଡଷ୍ଟବିନ୍' ନାଁରେ ଏକ ଇଂରାଜୀ ପତ୍ରିକା ପ୍ରକାଶ କରିଥିଲେ । ମହତାବ ଦ୍ୱିତୀୟ ଶ୍ରେଣୀରେ ଆଇ.ଏସ୍.ସି. ପାସ୍ କରି ସେହିଠାରେ ବି.ଏସ୍.ସି. ନପଢ଼ି ବି.ଏ. ଶ୍ରେଣୀରେ ନାମ ଲେଖାଇଲେ ।

କଟକର ବାଖରାବାଦର 'ଭାରତୀ ମନ୍ଦିର' ପାଠାଗାର ଦେଶଭକ୍ତ ଓ ଦେଶ ପ୍ରେମୀମାନଙ୍କର ଏକ କେନ୍ଦ୍ର । ଏଥିରେ ନିତ୍ୟାନନ୍ଦ କାନୁନଗୋ, ନବକୃଷ୍ଣ ଚୌଧୁରୀ, ଭାଗିରଥୀ ମହାପାତ୍ର ଆଦି ସକ୍ରୟ ଅଂଶ ଗ୍ରହଣ କରୁଥିଲେ । ହରେକୃଷ୍ଣ ମହତାବ ସେମାନଙ୍କୁ ସହଯୋଗ ଦେଲେ । ଥରେ ମହତାବ ଉତ୍କଳ ସମ୍ମିଳନୀରେ ଯୋଗଦେଇ ମଧୁବାବୁଙ୍କ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇଥିଲେ । ପ୍ରଥମ ରାଉଲଟ୍ ଆଇନ୍ ଓ ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ ମହତାବଙ୍କୁ ବିଚଳିତ କରିଥିଲା । କଲିକତା ଓ ନାଗପୁର କଂଗ୍ରେସର ଅଧିବେଶନରେ ଯୋଗଦେଇ ବହୁ ଜାତୀୟ ସ୍ତରର କଂଗ୍ରେସ ନେତାଙ୍କ ସଂସ୍ପର୍ଶରେ ଆସିଲେ ଓ ଗୋପବନ୍ଧୁ ଦାସଙ୍କ ସହିତ ସାକ୍ଷାତ କରିଥିଲେ । ଫଳରେ ସେ କଲେଜ ପାଠପଢ଼ା ଛାଡି କଂଗ୍ରେସରେ ଯୋଗଦେଲେ । ବାଲେଶ୍ୱରଠାରେ 'ସ୍ୱରାଜ୍ୟ ମନ୍ଦିର' ଅନ୍ୟମାନଙ୍କ ସହଯୋଗରେ ଗଠନ କରିଥିଲେ । ବାଲେଶ୍ୱର କଂଗ୍ରେସ କମିଟିର ମହତାବ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଲେ ସମ୍ପାଦକ । କଂଗ୍ରେସର ବିଦେଶୀ ବସନ ବର୍ଜନ ଆନ୍ଦୋଳନରେ ଜଣେ ବିଲାତି ଲୁଗା ବୋପରି ଗାଡିକୁ ଅଟକାଇ ମହତାବ ୧୫ ଦିନ ଜେଲଦଣ୍ଡ ଭୋଗ କଲେ ୨୫ ଟଙ୍କା ଜୋରିମାନା ଦେଇନପାରି । ଏହାଥିଲା ତାଙ୍କର ପ୍ରଥମ ଜେଲଦଣ୍ଡ । ସ୍ୱାଧୀନତା ଆନ୍ଦୋଳନରେ ସେ ସାତ ଥର ଗିରଫ ହୋଇ ଦୀର୍ଘ ଆଠବର୍ଷ କାଳ ଜେଲ୍ ଦଣ୍ଡ ଭୋଗ କରିଛନ୍ତି । ମହତାବ ଭାଗଲପୁର ଜେଲରେ ରହିବା ସମୟରେ ପଚସ୍ତରୀ ସେର ଧାନ କୁଟିବା ବା କୋଡିଏ ସେର ଗହମ ଚୂରିବା ତାଙ୍କ ପାଇଁ କଷ୍ଟକର ବ୍ୟାପାର ଥିଲା । ସେ ଜେଲ ସୁପରିଟେଣ୍ଡେଣ୍ଟଙ୍କୁ କୁହାବୋଲା କରି ଲେଖାପଢ଼ା କାମ ପାଇଲେ । ଏହି ସୁଯୋଗରେ ମହତାବ 'ଅଜବ ଦୁନିଆ' ନାଁରେ ଏକ ଓଡିଆ ଉପନ୍ୟାସ ଓ 'ଫ୍ରି ଥିଙ୍କିଙ୍ଗ' ନାମରେ ଖଣ୍ଡେ ଇଂରାଜୀ ବହି ଲେଖିଥିଲେ । ପରେ ପୋଲିସ୍ 'ଅଜବ ଦୁନିଆ'ର ମୂଳ ଲେଖାଟି ପୋଡି ଦେଇଥିଲା ।

କନିକା ପ୍ରଜା ଆନ୍ଦୋଳନର ନେତୃତ୍ୱ ଯୋଗୁ ଭୋଗୁଥିବା ଜେଲ୍ ଦଣ୍ଡରୁ ମୁକ୍ତି ପାଇବା ପରେ ୧୯୨୩ ମସିହାରେ କଟକ ମୁକୁର ପ୍ରେସରୁ ସାପ୍ତାହିକ 'ପ୍ରଜାତନ୍ତ୍ର' ପ୍ରକାଶ କରିଥିଲେ ମହତାବ । ୧୯୨୭ ମସିହାରେ ସାପ୍ତାହିକ ଆଡଭେଞ୍ଚର ପତ୍ରିକା ପ୍ରକାଶ କରିଥିଲେ । ୧୯୩୦ ମସିହାରେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭାବେ ନିର୍ବାଚିତ ହୋଇଥିଲେ । ଇଞ୍ଚୁଡି ଲବଣ ସତ୍ୟାଗ୍ରହରେ ଗିରଫ ହୋଇ ୧୮ ମାସ ଜେଲ ବରଣ କରିଥିଲେ ।

୧୯୩୬ ମସିହା ଅପ୍ରେଲ ପହିଲାରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠିତ ହୋଇଥିଲା । ପ୍ରଜାମାନଙ୍କ ଉପରେ ନାନାପ୍ରକାର ଅତ୍ୟାଚାରର ପ୍ରତିବାଦରେ ୧୯୩୭ ମସିହାରେ ପଟ୍ଟାଭି ସୀତାରାମେୟାଙ୍କ ସଭାପତିତ୍ୱରେ ପ୍ରଜାମାନଙ୍କର ଏକ ସମ୍ମିଳନୀ କଟକ ଠାରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଥିଲା । ଗଡଜାତ ପ୍ରଜାମାନଙ୍କ ଉପରେ ହେଉଥିବା ଅତ୍ୟାଚାରର ତଦନ୍ତ ପାଇଁ ହରେକୃଷ୍ଣ ମହତାବଙ୍କ ଅଧ୍ୟକ୍ଷତାରେ ଏକ ତିନିଜଣିଆ କମିଟି ଗଠନ କରାଯାଇଥିଲା ।

୧୯୪୨ ମସିହା ଅଗଷ୍ଟ ୮ ତାରିଖରେ ନିଖିଳ ଭାରତ କଂଗ୍ରେସ କମିଟି ସତ୍ୟାଗ୍ରହ ପାଇଁ ସ୍ଥିରକଲା । ଆନ୍ଦୋଳନକୁ ଚପାଇଦେବା ପାଇଁ ବ୍ରିଟିଶ ସରକାର ଦେଶର ସବୁ ବଡ ନେତାମାନଙ୍କୁ ଗିରଫ କରାଇ ନେଲେ । ଚାନ୍ଦବିବି କିଲ୍ଲା ବା ଅହମଦ ନଗର ଫୋର୍ଟ ଜେଲରେ ଦେଶର ବଡ ବଡ ନେତାଙ୍କ ସହିତ ମହତାବ ବନ୍ଦୀରେ ରହିଥିଲେ । ସେଠାରେ ସେ 'ଓଡିଶା ଇତିହାସ' ତିନୋଟି କାବ୍ୟ, ତିନୋଟି ଉପନ୍ୟାସ ଓ କେତୋଟି କବିତା ରଚନା କରିଥିଲେ । ଏହାଥିଲା ଓଡିଆ ସାହିତ୍ୟ ଭଣ୍ଡାରର ଅମୂଲ୍ୟ ରତ୍ନ ।

୧୯୪୬ ମସିହାରେ ହୋଇଥିବା ନିର୍ବାଚନରେ ୫୬ଟି ଆସନରୁ ୩୭ଟିରେ କଂଗ୍ରେସ ପ୍ରାର୍ଥୀମାନେ ବିନା ଲଢ଼େଇରେ ଜିତିଥିଲେ । ଅନ୍ୟ ୧୯ଟି ଆସନରେ ଲଢ଼େଇ ହୋଇଥିଲା । ସେଥିରୁ କଂଗ୍ରେସ ୧୦ଟି ପାଇଥିଲା । ମହତାବଙ୍କ ନେତୃତ୍ୱରେ ଓଡିଶାରେ ଏକ କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଠିତ ହେଲା । ସେ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କଲେ । ୧୯୪୬ ମସିହା ଅପ୍ରେଲ ମାସରୁ ୧୯୫୦ ମସିହା ମେ ମାସ ପର୍ଯ୍ୟନ୍ତ ଓଡିଶାର ପ୍ରଧାନମନ୍ତ୍ରୀ ଥିଲେ । ଓଡିଶାର ଲାଟସାହେବ ସାର୍ ହାଥର୍ଣ୍ଣ ଲୁଇସ୍ ୧୯୪୫ ମସିହା ମାର୍ଚ୍ଚ ୧୫ ତାରିଖରେ ହୀରାକୁଦ ବନ୍ଧର ଶୁଭ ଦେଇଥିଲେ । ମହତାବ ବହୁତ ଅସୁବିଧା ସତ୍ତ୍ୱେ ଟଙ୍କା ଯୋଗାଡ କରି ହୀରାକୁଦ ବନ୍ଧ ତିଆରି କରିଥିଲେ । ତାଙ୍କର କାର୍ଯ୍ୟକାଳ ଭିତରେ ସେ ଭୁବନେଶ୍ୱରରେ ରାଜଧାନୀ ନିର୍ମାଣ, ମାଛକୁଣ୍ଡରେ ଡୁଡୁମା ଜଳବିଦ୍ୟୁତ୍ କେନ୍ଦ୍ର, ଓଡିଶା ଅଲମ୍ପିକ୍ ଆସୋସିଏସନ୍ ଗଠନ, ବିଦ୍ୟାଧରପୁରରେ ଧନ ଗବେଷଣା କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ, କଟକରେ ଆକାଶବାଣୀ କେନ୍ଦ୍ର ପ୍ରତିଷ୍ଠା, ଓଡିଶା ହାଇକୋର୍ଟ ପ୍ରତିଷ୍ଠା କରିଥିଲେ । ୧୯୪୭ ନଭେମ୍ବର ୧୪ ତାରିଖରେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନୀଳଗିରି ରାଜ୍ୟର ଶାସନ ଦାୟିତ୍ୱ ଗ୍ରହଣ ଏବଂ ଡିସେମ୍ବର ୧୪ ତାରିଖରେ ଗଡଜାତ ମିଶ୍ରଣର ଚୁକ୍ତିପତ୍ର ସର୍ଦ୍ଦାର ପଟେଲଙ୍କ ଉପସ୍ଥିତିରେ କରିଥିଲେ । ୧୯୪୮ ମସିହା ଜାନୁୟାରୀ ପହିଲା ଦିନ ୨୫ଟି ଗଡଜାତ ଓଡିଶାରେ ମିଶିଲା । ଏହାର ବର୍ଷକ ପରେ ମୟୁରଭଞ୍ଜ ରାଜ୍ୟ ଓଡିଶାରେ ମିଶିଲା । ସବୁ କାର୍ଯ୍ୟ ମହତାବଙ୍କ ପରି ବ୍ୟକ୍ତିଙ୍କ ଯୋଗୁ ସମ୍ଭବ ହୋଇଥିଲା । ତାଙ୍କ ଏହି ସବୁ କାର୍ଯ୍ୟରେ ଖୁସିହୋଇ ନେହେରୁ ତାଙ୍କୁ ଅନୁରୋଧ କରିଥିଲେ ସେ ଓଡିଶାର ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇ କେନ୍ଦ୍ରରେ ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀଭାବେ ଯୋଗ ଦେବାକୁ । ବାସ୍ତବରେ ତାହାହିଁ ହୋଇଥିଲା । ୧୯୫୧ ମସିହାରେ ମହତାବ କଂଗ୍ରେସ ପ୍ରାର୍ଥୀ ଭାବରେ କଟକ ଲୋକସଭା ଆସନରୁ ନିର୍ବାଚିତ ହୋଇଥିଲେ । ସେ କେନ୍ଦ୍ରରେ ମନ୍ତ୍ରୀ ନହୋଇ କଂଗ୍ରେସ ସଂସଦୀୟ ଦଳର ସେକ୍ରେଟେରୀ ଜେନେରାଲ ହୋଇଥିଲେ ।

୧୯୫୫ ମାର୍ଚ୍ଚ ୨ ରୁ ୧୯୫୬ ଅକ୍ଟୋବର ୧ ତାରିଖ ପର୍ଯ୍ୟନ୍ତ ବମ୍ବେର ରାଜ୍ୟପାଳଭାବେ ନିଯୁକ୍ତ ହୋଇଥିଲେ । ୧୯୫୬ ଅକ୍ଟୋବର ୧୯ ରୁ ୧୯୬୧ ଫେବୃୟାରୀ ୨୪ ତାରିଖ ପର୍ଯ୍ୟନ୍ତ ଓଡିଶାର ମୁଖ୍ୟମନ୍ତ୍ରୀ ଥିଲେ । ଏହି ସମୟରେ ଭୁବନେଶ୍ୱରରେ ରାଜ୍ୟ ସଂଗ୍ରହାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟର ଗୃହ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ତାଙ୍କ ସମୟରେ ବିଧାନସଭାରେ ଭୂସଂସ୍କାର ବିଲ୍ ଗୃହୀତ ହୋଇଥିଲା । ରାଉରକେଲା ଇସ୍ପାତ୍ କାରଖାନା କାର୍ଯ୍ୟ ସେ ପୂର୍ଣ୍ଣାଙ୍ଗ କରିଥିଲେ । ଅନୁଗୋଳ ଲୋକସଭାରୁ ନିର୍ବାଚିତ ହୋଇ ଦୁଇ ବର୍ଷ ପାଇଁ ସେ କଂଗ୍ରେସ ସଂସଦୀୟ ଦଳର ଉପନେତା ହୋଇଥିଲେ ।

୧୯୬୬ରେ କଂଗ୍ରେସ ଦଳରୁ ଇସ୍ତଫା ଦେଇ ଓଡିଶାରେ ଜନକଂଗ୍ରେସ ଦଳ ଗଠନ କଲେ । ୧୯୬୭ ମସିହା ବିଧାନସଭା ନିର୍ବାଚନରେ ଜନକଂଗ୍ରେସ ଓ ସ୍ୱତନ୍ତ୍ର ଦଳ ମିଶି ମିଳିତ ମନ୍ତ୍ରୀମଣ୍ଡଳ ଗଢ଼ିଥିଲେ । ମହତାବ ଭୁବନେଶ୍ୱର ଓ ଭଦ୍ରକ ଆସନରୁ ଜିତିଥିଲେ । ପରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭୁବନେଶ୍ୱର ବିଧାନସଭା ଆସନରୁ ଇସ୍ତଫାଦେଇ ପତ୍ନୀ ଶ୍ରୀମତୀ ସୁଭଦ୍ରା ମହତାବଙ୍କ ଜିତାଇ ବିଧାନସଭାକୁ ପଠାଇଥିଲେ । ୧୯୭୧ ମସିହାରେ ଶ୍ରୀମତୀ ଇନ୍ଦିରା ଗାନ୍ଧିଙ୍କ ଡାକରାରେ କଂଗେସ ଦଳକୁ ଫେରିଆସି ବିଧାନସଭା ନିର୍ବାଚନରେ ଅଂଶଗ୍ରହଣ କରି ଭୁବନେଶ୍ୱର ଓ ଭଦ୍ରକ ଆସନରୁ ଜୟଲାଭ କରିଥିଲେ । ପରେ ସେ ଭଦ୍ରକ ଆସନରୁ ଇସ୍ତଫା ଦେଇଥିଲେ । ୧୯୭୪ ମସିହାରେ ଭୁବନେଶ୍ୱର ଆସନରୁ ବିଧାନସଭାରୁ ନିର୍ବାଚିତ ହୋଇଥିଲେ । ୧୯୬୬ ମସିହାରେ ପ୍ରଧାନମନ୍ତ୍ରୀ ଲାଲା ବାହାଦୂର ଶାସ୍ତ୍ରୀଙ୍କ ଅକାଳ ବିୟୋଗ ଘଟିଥିଲା । ଇନ୍ଦିରାଗାନ୍ଧିଙ୍କୁ ପ୍ରଧାନମନ୍ତ୍ରୀ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ମହତାବ । ଏହାର ଏଗାର ବର୍ଷ ପରେ ୧୯୭୫ ମସିହା ଜୁନ୍ ମାସ ୨୫ ତାରିଖରେ ଇନ୍ଦିରାଗାନ୍ଧି ଦେଶରେ ଜରୁରୀ ପରିସ୍ଥିତି ଜାରି କରି ମହତାବଙ୍କ ସହିତ ବହୁ ଜାତୀୟ ନେତାଙ୍କୁ ଗିରଫ କରିଥିଲେ । ଏହି ଜରୁରୀ ପରିସ୍ଥିତିରେ ଜେଲ ଜୀବନରେ 'ତୃତୀୟ ପର୍ବ' ନାମରେ ଏକ ଉପନ୍ୟାସ ବହି ଲେଖିଥିଲେ ।

ହରେକୃଷ୍ଣ ମହତାବ ୧୯୪୭ ଅଗଷ୍ଟ ୮ରେ କଟକରୁ ଦୈନିକ 'ପ୍ରଜାତନ୍ତ୍ର'ର ପୁନଃ ପ୍ରକାଶ କରିଥିଲେ । ପ୍ରଜାତନ୍ତ୍ରରେ 'ଗାଁ ମଜଲିସ' ଶୀର୍ଷକ ସ୍ତମ୍ଭ ମାଧ୍ୟମରେ ଗ୍ରାମାଞ୍ଚଳର ଅସୁବିଧା ସଂପର୍କରେ ପ୍ରକାଶ କରୁଥିଲେ । ସେ 'ଝଙ୍କାର', 'ମୀନାବଜାର', 'ହୀରାଖଣ୍ଡ' ଓ 'ଇଷ୍ଟର୍ଣ୍ଣ ଟାଇମସ୍' ପ୍ରକାଶ କରିଥିଲେ । ସେ 'ବିଷ୍ଣୁବ ମିଳନ'ର ଶୁଭାରମ୍ଭ କରିଥିଲେ । ଗାଁ ମଜଲିସ୍ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ । ସେ ଓଡିଶା ସାହିତ୍ୟ ଏକାଡେମୀ, ସଂଗୀତ ନାଟକ ଏକାଡେମୀ ଓ ଲଳିତ କଳା ଏକାଡେମୀର ମଧ୍ୟ ସଭାପତି ଥିଲେ । ତାଙ୍କ ରଚିତ 'ପୂଣ୍ୟାତ୍ମା ଗୋପବନ୍ଧୁ', 'ଚଷାଭାଇ', 'ପଲାସୀ ଅବସାନେ', 'ସ୍ୱରାଜ୍ୟ ସାଧନ', 'ସାଧନା ପଥେ' ଓ 'ପ୍ରତିଭା', 'ଟାଉଟର', 'ଦୁର୍ଭିକ୍ଷ', 'ଗାଁ ମାଟି', 'ଗାଁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଟାଉଟର', 'ଅବ୍ୟାପାର', 'ଫ୍ରିଡମ୍ ମୁଭ୍ମେଣ୍ଟ ଅଫ୍ ଓଡିଶା ଓ ହ୍ୱାଇଲ୍ ସର୍ଭିଂ ମାଇଁ କନ୍‌ଟ୍ରି ।

ମହତାବ ମନ୍ଦିରରେ ହରିଜନମାନଙ୍କୁ ପ୍ରବେଶ କରାଇବା ଓ ବଳି ପ୍ରଥା ଉଠେଇବାର ଉଦ୍ୟମ ଯୋଗୁ ପ୍ରଶଂସାର ପାତ୍ର । ତାଙ୍କର ପଣ୍ଡିତ ପଣିଆ, ବୁଦ୍ଧ ବିଚାର ଯୋଗୁ ଆନ୍ଧ୍ର, ସୌଗର ଓ ଉତ୍କଳ ବିଶ୍ୱବିଦ୍ୟାଳୟ ତାଙ୍କୁ ଡକ୍ଟରେଟ୍ ଉପାଧି ପ୍ରଦାନ କରିଥିଲେ ।

୧୯୮୭ ମସିହା ଜାନୁଆରୀ ୨ ତାରିଖରେ ୮୮ ବର୍ଷ ବୟସରେ ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ କର୍ମମୟ ଜୀବନର ଅବସାନ ଘଟିଲା । ସବୁଆଡେ ଦୁଃଖର ଛାୟା "ଉତ୍କଳ କେଶରୀ" ଆଉ ନାହାନ୍ତି । ସେ କେବଳ ସ୍ୱାଧୀନତା ସଂଗ୍ରାମର ସାରଥି ଭାବରେ ନୁହେଁ ଓଡିଶା ନବଯୁଗର ପ୍ରବର୍ତ୍ତକ କି ଓଡିଶାର ଭୀଷ୍ମ ଭାବରେ ନୁହେଁ, ବରଂ ଲୋକ ଶାସନର ସୂତ୍ରଧର ରୂପେ ଅପରାଜୟ ନେତା ଭାବରେ ଯୁଗ ଯୁଗ ଧରି ଜନମାନସରେ ବଞ୍ଚି ରହିବେ ।

ପାରାଦ୍ୱୀପଗଡ, କୁଜଙ୍ଗ
ଜଗତ୍‌ସିଂହପୁର
ମୋ.ନଂ.-୯୯୩୭୬୨୯୧୪୭୫

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଅପରାଜିତା



ସୁଷମା ପରିଜା

ଭାରତ ଇତିହାସର ପୃଷ୍ଠାରେ ଅନେକ ବୀରାଙ୍ଗନାଙ୍କର ନାମ ରହିଛି, ଯେଉଁମାନେ ପ୍ରତିପକ୍ଷ ପୁରୁଷ ଯୋଦ୍ଧାମାନଙ୍କ ସହିତ ରଣକ୍ଷେତ୍ରରେ ସମ୍ମୁଖ ରଣରେ ଅବତୀର୍ଣ୍ଣ ହୋଇ ନିଜର ଶେଷ ନିଶ୍ୱାସ ଥିବାଯାଏଁ ନିଜର ଆଉ ନିଜ ଦେଶର ଅସ୍ମିତାକୁ ଅକ୍ଷୁର୍ଣ୍ଣ ରଖି ଯାଇଛନ୍ତି । ସେମାନଙ୍କର ସେଇ ଶୌର୍ଯ୍ୟ ଆଉ ବଳିଦାନରେ କାହାଣୀ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି ଇତିହାସର ଅନେକ ପୃଷ୍ଠାରେ, ସେମାନଙ୍କୁ ନେଇ ଆଜି ମଧ୍ୟ ଏଇ ଦେଶ, ଏ ଜାତି ନିଜକୁ ଗୌରବାନ୍ୱିତ ମନେକରେ । ସେଇ ବୀରା ରମଣୀମାନଙ୍କର ମଧ୍ୟରେ ମେବାରର ରାଣୀ ପଦ୍ମାବତୀ, ଝାନସୀର ରାଣୀ ଲକ୍ଷ୍ମୀବାଇ, ପେଶାୱର ରାଣୀ ଅହଲ୍ୟାବାଇ ହୋଲକାର୍ ସବୁଠାରୁ ବେଶୀ ଚର୍ଚ୍ଚିତ ନାମ ବୋଲି ଆମେ ସମସ୍ତେ ଜାଣନ୍ତି କିନ୍ତୁ ଆମ ଓଡିଶାର ଗୋଟିଏ ଛୋଟ ରାଜ୍ୟ ବାଙ୍କୀଗଡର ରାଣୀ ଶୁକଦେଇଙ୍କର ବୀରତ୍ୱର ଗାଥା ଆଜି ମଧ୍ୟ ଲୋକଲୋଚନର ଆଢୁଆଳରେ ରହି ଯାଇଛି । ଉପଯୁକ୍ତ ପ୍ରଚାର ଓ ପ୍ରସାର ଅଭାବରୁ ହେଉ କିମ୍ବା ଅନ୍ୟ କୌଣସି କାରଣରୁ ହେଉ ଓଡିଶାର ଏଇ ମହିମାମୟୀ ବୀରାଙ୍ଗନାଙ୍କୁ ଏଯାବତ୍ ଯଥାଯୋଗ୍ୟ ସମ୍ମାନ ମିଳି ପାରିନାହିଁ ଯଦିଓ ତତ୍କାଳୀନ ଓଡିଶାର ଇତିହାସରେ ତାଙ୍କର ନାମ ଏକ ସଶ୍ରଦ୍ଧ ଉଚ୍ଚାରଣ । ମାତ୍ର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଚାଳିଶି ବର୍ଷର ଜୀବନ କାଳ (୧୬୮୬ AD - ୧୭୨୬ AD) ମଧ୍ୟରେ ସେ ଯେଉଁ ଅଭୂତପୂର୍ବ ପରାକାଷ୍ଠା ଦେଖାଇ ଯାଇଛନ୍ତି ତାହା ସମଗ୍ର ଭାରତ ଇତିହାସରେ ବିରଳ, କାରଣ ଭାରତୀୟ ଚର୍ଚ୍ଚିତ ଯୋଦ୍ଧାନାରୀ ମାନେ ସମସ୍ତେ ଯୁଦ୍ଧକ୍ଷେତ୍ରରେ ପରାଜିତ ହୋଇ ଯୁଦ୍ଧରେ ପ୍ରାଣ ହରାଇଛନ୍ତି କିମ୍ବା ସସମ୍ମାନେ ଆତ୍ମବଳିଦାନ କରିଛନ୍ତି ହେଲେ ବାଙ୍କୀର ରାଣୀ ଶୁକଦେଇ ତାଙ୍କ ପ୍ରତିପକ୍ଷ ଯୋଦ୍ଧାଙ୍କୁ ସମ୍ମୁଖ ରଣରେ ପରାସ୍ତ କରିବା ପରେ ମଧ୍ୟ ନିଜର ମହନୀୟତାରେ ତାଙ୍କ ଶତ୍ରୁକୁ ହତ୍ୟା ନକରି କ୍ଷମାଦାନ କରି ସାରା ସଂସାରରେ ନାରୀ ଜାତିର ମହନୀୟତାର ନିଦର୍ଶନ ରଖିଛନ୍ତି । ସେଥିପାଇଁ ସେ ଓଡିଶା ଆଉ ଓଡିଆର ଧର୍ମ ଏବଂ ଗର୍ବର ପ୍ରତୀକ ।

୧୬୮୬ ମସିହା, ଓଡିଶାରେ ରାଜତନ୍ତ୍ରର ସମୟ । ସେଇ ସମୟରେ ଓଡିଶାର ବଡମ୍ବା ରାଜ୍ୟର ମହାରାଜା ଶ୍ରୀ ଶ୍ରୀ ବଳଭଦ୍ର ବୀରବର ମଙ୍ଗରାଜ ଏବଂ ମହାରାଣୀ ଜୟନ୍ତା ଦେବୀଙ୍କର କୋଳମଣ୍ଡନ କରି ଜନ୍ମ ନେଇଥିଲେ କନ୍ୟାରତ୍ନଟିଏ । ଅପୂର୍ବ ତେଜୋମୟୀ ଅପରୂପା ଲାବଣ୍ୟବତୀ କନ୍ୟାଟିର ପିତାମାତା ଶ୍ରଦ୍ଧାରେ ନାମ କରଣ କରିଥିଲେ "ଶୁକ" । ପିଲାଟି ଦିନରୁ ଜ୍ୟେଷ୍ଠ ଭ୍ରାତା ରାଜକୁମାର ଫକୀରଚନ୍ଦ୍ରଙ୍କୁ ତରବାରୀ ଚାଳନା ଶିକ୍ଷା କରୁଥିବାର ଦେଖି ଅଲିଅଳୀ ଜେମା ଶୁକଦେଇଙ୍କର ମଧ୍ୟ ଆଗ୍ରହ ହେଲା ତରବାରୀ ଚାଳନା ଶିକ୍ଷା କରିବା ପାଇଁ । କନ୍ୟାର ଆଗ୍ରହ ଦେଖି ମହା ଆନନ୍ଦରେ ମହାରାଜା ବଳଭଦ୍ର ବୀରବର ମଙ୍ଗରାଜ ତତ୍କ୍ଷଣାତ୍ ଜଣେ ବିଚକ୍ଷଣ ଅସ୍ତ୍ରଶସ୍ତ୍ର ବିଶାରଦଙ୍କୁ ଗୁରୁ ରୂପେ ନିଯୁକ୍ତ କରିଦେଲେ ଶୁକଦେଇଙ୍କୁ ଶିକ୍ଷା ଦେବା ଲାଗି । ଖୁବ୍ କମ୍ ସମୟ ମଧ୍ୟରେ ତରବାରୀ ଚାଳନା ସହ ଅନ୍ୟାନ୍ୟ ଅସ୍ତ୍ର ଶସ୍ତ୍ର ଚାଳନା ଏବଂ ଯୁଦ୍ଧ କୌଶଳ ସବୁ ଶିଖିଗଲେ ଶୁକ ଦେଈ । ବୟସ ବଢିବା ସହିତ ତାଙ୍କର ରୂପ ଲାବଣ୍ୟର ଚର୍ଚ୍ଚା ଏବଂ ରଣକୌଶଳ ନିପୁଣତାର ଯଶ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଖ୍ୟାତି ଚତୁର୍ଦ୍ଦିଗରେ ବ୍ୟାପ୍ତ ହେଉଥିଲା । ବୟୋଃପ୍ରାପ୍ତି ପରେ ବଡମ୍ବା ରାଜଜେମା ଶୁକଦେଇଙ୍କର ବିବାହ ହେଲା ନଦୀ ସେପାରି ବାଙ୍କୀଗଡର ରାଜା ଶ୍ରୀ ଶ୍ରୀ ଧନଞ୍ଜୟ ତ୍ରୈଲୋକ୍ୟନାଥ ଶ୍ରୀଚନ୍ଦନ ଦେବଙ୍କ ସହିତ । ଦୁଇଟି ଛୋଟ ଛୋଟ ରାଜ୍ୟ ବନ୍ଧୁତା ସୂତ୍ରରେ ଆବଦ୍ଧ ହୋଇ ନିଜ ନିଜର ଶକ୍ତି ବୃଦ୍ଧି କଲେ । ଅପରୂପା ସୁନ୍ଦରୀ, ବିଚକ୍ଷଣ ବୁଦ୍ଧିମତୀ, ରଣକୌଶଳ ନିପୁଣା ପତ୍ନୀଙ୍କ ରାଜକାର୍ଯ୍ୟରେ ଆଗ୍ରହ ଦେଖି ରାଜା ଧନଞ୍ଜୟ ତ୍ରୈଲୋକ୍ୟନାଥ ଶ୍ରୀଚନ୍ଦନ ଦେବ ମଧ୍ୟ  ରାଜ୍ୟ ଶାସନର  ସବୁ କ୍ଷେତ୍ରରେ ରାଣୀ ଶୁକଦେଇଙ୍କର ପରାମର୍ଶ ନେଉଥିଲେ । ବଡମ୍ବା ଏବଂ ବାଙ୍କୀର ମିଳିତ ସେନାମାନଙ୍କର ଶକ୍ତି ସୁରକ୍ଷିତ କରି ରଖିଥିଲେ ଦୁଇ ସାମ୍ରାଜ୍ୟକୁ ।

ବାଙ୍କୀ ଗଡର ରାଜା ପ୍ରାଣରୁ ବଳି ଭଲ ପାଉଥିଲେ ନିଜର ପ୍ରିୟତମା ପତ୍ନୀଙ୍କୁ । ଥରେ ରାଣୀ ଶୁକଦେଇଙ୍କର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ଲାଗି ଆଗ୍ରହ ହେଲା । ରାଜା ଧନଞ୍ଜୟ ତ୍ରୈଲୋକ୍ୟନାଥ ଶ୍ରୀଚନ୍ଦନ ଦେବ ସହର୍ଷେ ପତ୍ନୀଙ୍କ ଅନୁରୋଧ ରକ୍ଷାକରି ପତ୍ର ଲେଖିଲେ ତତ୍କାଳୀନ ମହାରାଜା ଖୋରଧା ଗଡର ଶ୍ରୀ ଗୋପୀନାଥ ଗଜପତିଦେବଙ୍କୁ । ଅଳ୍ପଦିନ ମଧ୍ୟରେ ମହାରାଜା ଶ୍ରୀ ଗୋପୀନାଥ ଗଜପତିଦେବଙ୍କର ଆନୁଷ୍ଠାନିକ ନିମନ୍ତ୍ରଣ ଆସିଲା ବାଙ୍କୀ ରାଜନବରକୁ । ରାଜାରାଣୀ ପୁରୀ ଯାଇ ମହାରାଜାଙ୍କର ପୁରୀସ୍ଥିତ ଉଆସରେ ଆତିଥେୟତା ଗ୍ରହଣ କରି ନୀଳାଚଳ ଧାମରେ ମହାଆନନ୍ଦରେ ଚତୁର୍ଦ୍ଧା ମୂର୍ତ୍ତି ଶ୍ରୀ ଜୀଉମାନଙ୍କୁ ଦର୍ଶନ କଲେ । ସେଠାରେ ଥିବା ସମୟରେ ଖୋରଧାରୁ ମହାରାଜା ଗୋପୀନାଥ ଗଜପତି ଦେବଙ୍କ ତରଫରୁ ସେମାନଙ୍କୁ ନିମନ୍ତ୍ରଣ ଆସିଲା ଫେରିବା ବେଳକୁ ବାଟରେ ଖୋରଧା ରାଜ୍ୟର ଅତିଥି ହେବା ଲାଗି । ଖୋରଧା ଥିଲା ବାଙ୍କୀ ଠାରୁ ଢେର୍ ବଡ ଏବଂ ଶକ୍ତିଶାଳୀ ରାଜ୍ୟ । ସେ ରାଜ୍ୟର ନିମନ୍ତ୍ରଣକୁ ନିଜର ଅହୋଭାଗ୍ୟ ମନେ କରିଥିଲେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବାଙ୍କୀର ରାଜ ଦମ୍ପତି ।

ଖୋର୍ଦ୍ଧାଗଡ଼ର ନିମନ୍ତ୍ରଣକୁ ସହର୍ଷେ ସ୍ୱୀକାର କରି ବାଙ୍କୀର ରାଜା ଧନଞ୍ଜୟ ତ୍ରୈଲୋକ୍ୟନାଥ ଶ୍ରୀଚନ୍ଦନ ଦେବ ପୁରୀରୁ ଫେରିବା ବାଟରେ ସପତ୍ନୀକ ପହଞ୍ଚିଲେ ଖୋର୍ଦ୍ଧା ରାଜ ଉଆସରେ ଅତିଥି ହୋଇ । ଅପରୂପ ଲାବଣ୍ୟମୟୀ ରାଣୀ ଶୁକଦେଇଙ୍କର ସୌନ୍ଦର୍ଯ୍ୟ, ତାଙ୍କର ରୂପଦର୍ଶନ କରି ଖୋରଧା ରାଜା ଗୋପୀନାଥ ଗଜପତି ଏଭଳି ମୋହିତ ହୋଇଥିଲେ ଯେ ସେ ଦିନରାତି ତାଙ୍କରି କଥା ଭାବି ହେଉଥିଲେ । ରାଣୀ ଶୁକଦେଇଙ୍କର ଅସାମାନ୍ୟ ସୌନ୍ଦର୍ଯ୍ୟ ପାଗଳ କରିଥିଲା ଖୋରଧା ରାଜା ଗୋପୀନାଥ ଗଜପତି ଦେବଙ୍କୁ । ରାଣୀ ଶୁକଦେଇଙ୍କ ପ୍ରେମରେ ଏମିତି ଘାରିହେଲେ ଯେ କଳେ ବଳେ କୌଶଳେ ଯେକୌଣସି ଉପାୟରେ ତାଙ୍କୁ ପାଇବା ପାଇଁ ବ୍ୟାକୁଳ ହେଲେ । ଖୋରଧା ରାଜ୍ୟର ଆତିଥେୟତାରେ ମୁଗ୍ଧ ହୋଇ ବାଙ୍କୀର ରାଜଦମ୍ପତି ସସମ୍ମାନେ ଫେରି ଯାଇ ନିଜ ରାଜ୍ୟରେ ପହଞ୍ଚିଲା ପରେ ପରେ ହିଁ ମିଳିଥିଲା ଖୋରଧା ରାଜା ଗୋପୀନାଥ ଗଜପତି ଦେବଙ୍କର ଧମକପୂର୍ଣ୍ଣ ସନ୍ଦେଶ । "ନିଜର ଆଉ ନିଜ ରାଜ୍ୟର ମଙ୍ଗଳ ଚାହଁ ତ ତୁରନ୍ତ ରାଣୀ ଶୁକଦେଇଙ୍କୁ ଖୋରଧା ରାଜାଙ୍କୁ ଉପହାର ଦେଇ ତାଙ୍କର ଶରଣାଗତ ହୁଅ, ନଚେତ୍ ଯୁଦ୍ଧ ଅବଶ୍ୟମ୍ଭାବୀ ।" ଖୋରଧା ରାଜାଙ୍କ ଦୁଃସାହସ ଯେତିକି ଲଜ୍ୟାଜନକ ଥିଲା ସେତିକି ଅପମାନଜନକ । କ୍ରୋଧିତ, ବ୍ୟଥିତ ହୋଇ ବାଙ୍କୀର ରାଜା ଉତ୍ତର ଦେଲେ............ "ଆପଣଙ୍କ ଭଳି ଜଣେ ବୃହତ୍ ରାଜ୍ୟର ଶକ୍ତିଶାଳୀ ରାଜାଙ୍କ ନିକଟରୁ ଏମିତି ହୀନମନ୍ୟତା ଆଶା କରିନଥିଲୁ । ଆମେ ଛୋଟ ରାଜ୍ୟ ହେଲେ ମଧ୍ୟ ନିଜର ଅସ୍ମିତା ରକ୍ଷାକରିବା ପାଇଁ ନିଜର ମୁଣ୍ଡ ଦେଇପାରୁ, ଅନ୍ୟର ମୁଣ୍ଡ ମଧ୍ୟ ନେଇପାରୁ । ଆପଣଙ୍କର ଯୁଦ୍ଧର ଆହ୍ୱାନ ସ୍ୱୀକାର କରୁଛୁ, ଏ ଶରୀରରେ ଶେଷ ରକ୍ତ ବିନ୍ଦୁ ଥିବାଯାଏଁ ରାଣୀ ଶୁକଦେଇଙ୍କୁ କେହି ସ୍ପର୍ଶ କରିପାରିବେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନାହିଁ ।"

ଖୋରଧା ରାଜା ଶ୍ରୀ ଗୋପୀନାଥ ଗଜପତିଦେବ ଅପମାନ ଜର୍ଜରିତ ହୋଇ ବାଙ୍କୀ ଗଡକୁ ତୁରନ୍ତ ଆକ୍ରମଣ କରିବା ପାଇଁ ସୈନ୍ୟ ସାମନ୍ତ ଘେନି ଆଗେଇ ଆସିଲେ ।

ସେତେବେଳକୁ ଗୋପୀନାଥ ଗଜପତିଦେବଙ୍କର ହୀନ ଚକ୍ରାନ୍ତର କଥା ଶୁଣି ବଡମ୍ବା ରାଜା ମଧ୍ୟ ତାଙ୍କର ସୈନ୍ୟବାହିନୀ ସହ ବାଙ୍କୀ ରାଜାଙ୍କ ସହିତ ମିଶି ଖୋରଧା ରାଜ୍ୟ ବିରୁଦ୍ଧରେ ଲଢେଇ କରିବା ନିମନ୍ତେ ଆଗେଇ ଆସିଥାଆନ୍ତି । ମହାନଦୀ କୂଳରେ ରଗଡିଗ୍ରାମ ଠାରେ ଦୁଇ ରାଜ୍ୟଙ୍କର ମଧ୍ୟରେ ଘମାଘୋଟ ଲଢେଇ ହେଲା । ଖୋର୍ଦ୍ଧାଗଡ଼ର ବିପୁଳ ସୈନ୍ୟବାହିନୀ ଆଉ ଅସ୍ତ୍ରଶସ୍ତ୍ର  ସମ୍ମୁଖରେ ବାଙ୍କୀ ଏବଂ ବଡମ୍ବାର ସଂଯୁକ୍ତ ସୈନ୍ୟବାହିନୀ ବେଶୀ ସମୟ ତିଷ୍ଠି ପାରିଲେନି । ପ୍ରବଳ ପରାକ୍ରମରେ ଲଢେଇ କରିବା ସତ୍ତ୍ୱେ ମଧ୍ୟ ଯୁଦ୍ଧରେ ନିହତ ହେଲେ ବାଙ୍କୀର ରାଜା ଧନଞ୍ଜୟ ତ୍ରୈଲୋକ୍ୟନାଥ ଶ୍ରୀଚନ୍ଦନ ଦେବ । ତଥାପି ବାଙ୍କୀର ସେନା ଯୁଦ୍ଧ ଜାରି ରଖିଥିଲେ । ରାଜାଙ୍କର ନିହତ ହେବା ସମ୍ବାଦ ପହଞ୍ଚିଲା ରାଜଉଆସରେ । ମନେ ମନେ ଶୋକାକୁଳ ହେଲେ ମଧ୍ୟ ଭାଙ୍ଗି ପଡିଲେ ନାହିଁ ବୀରା ରାଣୀ ଶୁକଦେଇ । ନିଜର ନିଜ ରାଜ୍ୟର ରକ୍ଷା କରିବା ପାଇଁ ଆଗେଇ ଆସିଲେ । ପ୍ରଜାମାନଙ୍କୁ ଏକତ୍ରିତ କରି ସାହସ ଦେଲେ ଏବଂ ନିଜେ ବୀର ବେଶ ହୋଇ ବାହାରି ଆସିଲେ ସେନାର ନେତୃତ୍ୱ ନେବା ଲାଗି । ଶ୍ୱେତ ଅଶ୍ୱାରୋହୀ ସେଇ ବୀରାଙ୍ଗନାଙ୍କର ଅପୂର୍ବ ସାହସିକତା ଦେଖି ଦୁଇଗୁଣ ଶକ୍ତି ନେଇ ଲଢିଲେ ବାଙ୍କୀ ସେନା । ରାଣୀ ଶୁକଦେଇଙ୍କର ସେ ଧୁରନ୍ଧର ଭୟଙ୍କର ଅସୀଚାଳନାରେ ସହସ୍ରାଧିକ ସୈନିକ ମୃତାହତ ହେଲେ, ମହାନଦୀର ବାଲୁକା ଶଯ୍ୟା ରକ୍ତରେ ଭିଜିଲା, କୁହାଯାଏ ଯେ ଲକ୍ଷାଧିକ ସୈନିକ ମାନଙ୍କର ରକ୍ତରେ ଲାଲ୍ ହୋଇ ଯାଇଥିଲା ମହାନଦୀର ଜଳଧାର । ଯୁଦ୍ଧରେ ପରାଜିତ ହୋଇ ବନ୍ଦୀ ହୋଇଥିଲେ ଖୋରଧା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରାଜା ଶ୍ରୀ ଗୋପୀନାଥ ଗଜପତିଦେବ । ରାଣୀ ଶୁକଦେଇଙ୍କର ଶରଣ ପଶି ପ୍ରାର୍ଥନା କରିଥିଲେ ପ୍ରାଣରକ୍ଷା ପାଇଁ ।

ଯୁଦ୍ଧର ନିୟମ ଅନୁଯାୟୀ ପରାଜିତ ରାଜାଙ୍କୁ ହତ୍ୟା କରି ବିଜୟ ଘୋଷଣା କରାଯିବା କଥା । ହେଲେ ସେମିତି କିଛି କରିନଥିଲେ ରାଣୀ ଶୁକଦେଇ । ଖୋରଧା ରାଜା ଗୋପୀନାଥ ଗଜପତିଙ୍କର ହୀନଚକ୍ରାନ୍ତ ଏବଂ ଦୁଷ୍ଟ ବୁଦ୍ଧି ପାଇଁ ତାଙ୍କୁ ହତ୍ୟା କରାଯାଉ ବୋଲି ବିଜୟୋଲ୍ଲାସରେ ଉନ୍ମତ୍ତ ପ୍ରଜାମାନଙ୍କ ପ୍ରବଳ ଦାବୀ ସତ୍ତ୍ୱେ ମଧ୍ୟ ରାଣୀ ଶୁକଦେଇ ତାଙ୍କୁ ନିଜର ମହତ୍ ଗୁଣ ହେତୁ କ୍ଷମା ଦେଇଥିଲେ । ସେ କହିଥିଲେ ....

"ତାଙ୍କୁ ମୃତ୍ୟୁ ଦଣ୍ଡ ଦେଲେ ତାଙ୍କ ସ୍ତ୍ରୀ ବିଧବା ହେବେ, ଜଣେ ବିଧବାର ଜୀବନ କେତେ କଷ୍ଟକର, କେତେ  ଦୁର୍ବିସହ ତାହା ମୁଁ ନିଜେ ଅନୁଭବ କରୁଛି, ତେଣୁ ମୁଁ ଚାହୁଁନାହିଁ ଆଉ ଜଣେ କେହି ମୋ' ଭଳି ଏଇ ଦୁଃଖ ସହୁ । ଆଉ ଶ୍ରୀଗୋପୀନାଥ ଗଜପତିଦେବଙ୍କର ଦୋଷ ପାଇଁ ଦଣ୍ଡର କଥା । ମୁଁ ତାଙ୍କୁ ଏଇଥିପାଇଁ ଜୀବନଦାନ ଦେଲି ଯେ ସେ ସାରା ଜୀବନ ଜଣେ ନାରୀ ହାତରେ ପରାଜିତ ହେବାର ଅପମାନ ମନେ ରଖନ୍ତୁ । ସାରା ଜଗତ ଜାଣୁ ଯେ ସିଏ ଜଣେ ନୀଚମନା, ପରସ୍ତ୍ରୀ ଲୋଭୀ କାପୁରୁଷ । ନାରୀର ସୌନ୍ଦର୍ଯ୍ୟ ପିପାସୁ ଏଇ ରାଜା ବୁଝନ୍ତୁ ଯେ ନାରୀ ଅବଳା କି ଦୁର୍ବଳା ନୁହେଁ, ସେ ଦେବୀ ଦୁର୍ଗା, ମହାକାଳୀଙ୍କ ଭଳି ସଂହାରକାରିଣୀ,  ଦୁଷ୍ଟ ନିବାରିଣୀ ମଧ୍ୟ । ସେ ଏଇ ଯୁଦ୍ଧରୁ ଶିକ୍ଷା ଲାଭ କରନ୍ତୁ, ନିଜର ଶକ୍ତିକୁ ପ୍ରଜା ପାଳନରେ, ନିଜର ରାଜ୍ୟକୁ ସୁରକ୍ଷା ଦେବାରେ ବିନିଯୋଗ କରନ୍ତୁ ।"

ବନ୍ଦୀ ଅବସ୍ଥାରେ ମୁଣ୍ଡ ତଳକୁ ଝୁଙ୍କାଇ ଠିଆ ହୋଇଥିଲେ ଗୋପୀନାଥ ଗଜପତି ଦେବ । ରାଣୀ ଶୁକଦେଇଙ୍କର ଓଜସ୍ୱିନୀ କଥା ଗୁଡିକ ତାଙ୍କର ମର୍ମକୁ ଭେଦି ଯାଉଥିଲା । ପଶ୍ଚାତାପର ଅଶ୍ରୁ ଝରିପଡୁଥିଲା ତାଙ୍କର ଆଖିରୁ । ରାଣୀ ଶୁକଦେଇ ତାଙ୍କୁ ମୁକ୍ତ କରି ନିଜ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରାଜ୍ୟକୁ ଫେରାଇ ଦେଇଥିଲେ । ପ୍ରଥାନୁଯାୟୀ ଗୋପୀନାଥ ଗଜପତିଦେବଙ୍କର ଗୋଟିଏ ପୁତ୍ତଳିକା ତିଆରି କରି ତାହାର ଶିରଚ୍ଛେଦ କରାଯାଇ ଗଡରେ ବିଜୟୋତ୍ସବ ପାଳନ କରାଯାଇଥିଲା । ରାଣୀ ଶୁକଦେଇଙ୍କର ଜୟଜୟକାରରେ କମ୍ପିତ ହୋଇଥିଲା ଗଗନପବନ ।

ଇତିହାସ ସାକ୍ଷୀ ଅଛି ଖୋରଧାର ଅନ୍ୟ କୌଣସି ରାଜା ଶ୍ରୀ ଗୋପୀନାଥ ଗଜପତିଦେବଙ୍କ ଭଳି ଏମିତି ହୀନମନ୍ୟ ନଥିଲେ । ସମସ୍ତେ ନିଜର ମାତୃଭୂମିକୁ ସୁରକ୍ଷା ଦେଇ ନିଜକୁ ଗୌରବାନ୍ୱିତ କରିଥିଲେ । ଓଡିଶାରେ ସ୍ୱାଧୀନତା ସଂଗ୍ରାମର ମୂଳଦୁଆ ଖୋରଧାରୁ ହିଁ ପଡିଥିଲା ଏବଂ ପାଇକମାନଙ୍କ ବିଦ୍ରୋହ ବିକଶିତ ହୋଇ ଦ୍ରୁମ ଆକାର ଧାରଣ କରିଥିଲା । ଏଥିପାଇଁ ଖୋରଧା ମାଟି ଚିରକାଳ ବୀରର ମାଟି, ସେ ସବୁବେଳେ ପ୍ରଣମ୍ୟ ।

ବାଙ୍କୀର ରାଣୀ ଶୁକଦେଇଙ୍କର ଏଇ ମହାନ୍ ବ୍ୟକ୍ତିତ୍ୱର ଗାଥା କାଳକାଳକୁ ଲିପିବଦ୍ଧ ହୋଇ ରହିଗଲା ଓଡିଶାର ଇତିହାସରେ । ଆଜି ମଧ୍ୟ ବାଙ୍କୀରେ ମହାନଦୀର ସେହି ସ୍ଥାନଟି ରଣନଦୀ ନାମରେ ନାମିତ ହୋଇଅଛି ଏବଂ ଅପରାଜିତା ରାଣୀ ଶୁକଦେଇଙ୍କର ବିଜୟ ଗାଥା ଗାଉଛି, ଗାଉଥିବ କାଳେ କାଳେ ।

ଶାରଳା ଭବନ, ପୋତାପୋଖରୀ, ନୂଆବଜାର, କଟକ
୯୩୩୭୨୭୨୭୬୪୭

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାନବିକତା



ଅମୃତ ନାରାୟଣ ଶତପଥୀ

ଆଜିକାଲି ମନୁଷ୍ୟର ମାନବିକତା ସମ୍ମୁଖରେ ବଡ଼ ଆହ୍ୱାନ ହୋଇ ଛିଡ଼ା ହୋଇଛି ଚତୁର ଭିକ୍ଷାବୃତ୍ତିର କୌଶଳ । ଦିବ୍ୟାଙ୍ଗ ଅବା ଦୁଃଖୀ ରଙ୍କିର ଚମତ୍କାର ଅଭିନୟ କରି ଆଳସ୍ୟବସତଃ ବିନା ପରିଶ୍ରମରେ ଭିକ୍ଷା ଗ୍ରହଣ କରି ମନୁଷ୍ୟର ଅବଚେତନ ମନରେ ଏପରି ପ୍ରଭାବ ପକାଉଛନ୍ତି ଯେ ପ୍ରକୃତ ଭିକ୍ଷୁଟିଏ ମଧ୍ୟ ମନୁଷ୍ୟ ମନରେ ସନ୍ଦେହ ଜାତ କରୁଛି "କ'ଣ ଏହାର ବାସ୍ତବିକତା ?" ଏହାକୁ ଭିକ୍ଷାଦେବା ବା କିଛି ବସ୍ତୁ ଦାନ ଦେବା ଅପାତ୍ରରେ ଦାନ ଦେବା ହେଉନି ତ ? ଏଥିରେ ପ୍ରଭାବିତ ଅନେକ ଆବଶ୍ୟକୀୟ ବ୍ୟକ୍ତିଙ୍କ ଜୀବନ ଦୁର୍ବିସହ ହୋଇ ଯାଉଥିବା ବେଳେ ଠକ, ଖଳ ପ୍ରକୃତିର ଲୋକେ ମଦ୍ୟପାନ ପରି କୁକାର୍ଯ୍ୟରେ ଲିପ୍ତ ରହୁଛନ୍ତି ।

ଭିକ୍ଷାଦେବା ସମ୍ପୂର୍ଣ୍ଣ ସ୍ୱେଚ୍ଛାକୃତ ହୋଇଥିବା ବେଳେ ଆଜିକାଲି ଅଧିକ ଭିକ୍ଷାର ଦାବି ତଥା ସମୟ ସମୟରେ ଦାଦାଗିରି ଚିନ୍ତାଶୀଳ ମନୁଷ୍ୟର ମନ ଉପରେ ପ୍ରଭାବ ପକାଉଛି । ବର୍ତ୍ତମାନର କିଛି କିଛି ସଂସ୍ଥାଙ୍କର ଠକାମି ଓ କୁଚକ୍ରୀ ଚକ୍ରାନ୍ତ ପ୍ରଭାବରେ ସମଗ୍ର ସମାଜ ତଥା ସାମାଜିକ ବ୍ୟବସ୍ଥା ଯେ ହନ୍ତସନ୍ତ ତାହା କହିଲେ ଅତ୍ୟୁକ୍ତି ହେବନାହିଁ । ଏଥିରୁ ମୁକ୍ତି ପାଇବାର ଏକମାତ୍ର ସର୍ବଶ୍ରେଷ୍ଠ ଉପାୟ ଏହା ଯେ କୌଣସି ଦାନ ଆଦି ଦେବା ଆଗରୁ ପରିବେଶ ପରିସ୍ଥିତି ଓ ଅନ୍ୟାନ୍ୟ କାରକ ସମ୍ବନ୍ଧରେ ବିଚାର ରୂପୀ କଷଟି ପଥରରେ ପରଖି ସେହି ଅନୁଯାୟୀ କ୍ରିୟାନ୍ୱୟନ କରିବା ହିଁ ଉପଯୁକ୍ତ ପନ୍ଥା ।

ନୟାପଲ୍ଲୀ ଜୟଦେବ ବିହାର ଭୁବନେଶ୍ୱର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଯଦି କିଛି ଲେଖୁଛନ୍ତି...



ପଙ୍କଜ କୁମାର
ପାଣିଗ୍ରାହୀ

ମୂଲ୍ୟହୀନ ଭାବଧାରା, ଅସଂଯତ ଆତ୍ମପ୍ରକାଶ, ଅବାନ୍ତର ଯୁକ୍ତି, ସର୍ବଜ୍ଞାତ ବିଷୟ, ବେତାଳିଆ ଭାଷା, ନିର୍ବୋଧ ପ୍ରଳାପ, ଚାଟୁକାରି ମନ୍ତବ୍ୟ, ସାମ୍ପ୍ରଦାୟିକ ମତ, ବାଚାଳ ପ୍ରକାଶ, ଅଲୌକିକ ଦର୍ଶନ ସହିତ ପୂର୍ବରୁ ଘଟିଯାଇଥିବା ଐତିହାସିକ ଘଟଣାବଳୀ ଗୁଡିକର ବ୍ୟାପକ ପ୍ରଚାର ଜନିତ ଆଲେଖ୍ୟ ଗୁଡିଏ ମନକୁ ଅନାକୃଷ୍ଟ କରୁଥିବା ତଥା ଜ୍ଞାନର ନୂତନତାର ଅଭାବ କାରଣରୁ ଆଜି ସମୟରେ ପାଠକଙ୍କୁ ନିରୁତ୍ସାହିତ କରୁଥିବା ଦେଖିବାକୁ ମିଳୁଛି । ସମ୍ଭବତଃ ଉତ୍ତମ ଚରିତ୍ର ତଥା ଗୁଣାତ୍ମକ ଜ୍ଞାନର ଅଭାବ ହେତୁ ନିଜସ୍ୱ ଦେଖାଣିଆ ମନୋଭାବର କେତେକ ଆଲେଖ୍ୟ, କବିତା, ପ୍ରବନ୍ଧ ପ୍ରକାଶ ସାଧାରଣ ଜନମାନସକୁ ବିଚଳିତ କରି ପଢ଼ା ପ୍ରତି ଏକ ରକମ ଘୃଣା, ଅନାଗ୍ରହ ଭାବଧାରା ସୃଷ୍ଟି ହେଉଥିବା କାରଣରୁ ସାମାଜିକ କୁସଂସ୍କାର ଦିନକୁ ଦିନ ବଢ଼ିବାରେ ଲାଗିଛି । ଲେଖକ ନିଜକୁ ସନ୍ତୁଳିତ ଅବସ୍ଥାରେ ରଖି ପ୍ରକୃତ ଜ୍ଞାନ ବର୍ଦ୍ଧିଷ୍ଣୁ ଉପାଦେୟ ତଥ୍ୟ ଉପରେ ଆଧାରିତ ତତ୍ୱ, ତଥ୍ୟ ଗୁଡିକ ଉପରେ ବିଶେଷ ଜ୍ଞାନ ପ୍ରାପ୍ତି କରିବା ପରେ ସାମାଜିକ ମଙ୍ଗଳ ଉଦ୍ଦେଶ୍ୟ ରଖି ଲେଖିବା ପ୍ରୟାସ କଲେ ହୁଏତ ପାଠକ ମନକୁ ଆକର୍ଷିତ କରିବା ସଂଗେ ସଂଗେ ସମାଜରେ ଜ୍ଞାନ ବିତରଣ କରାଯାଇ ପାରିବ । ଅନ୍ୟଥା ନିଜର ନାମକୁ କେବଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗଣମାଧ୍ୟମରେ ପ୍ରଚାର ମୁଖରିତ କରିବା ଉଦ୍ଦେଶ୍ୟ ରଖି ଲେଖା ଯାଉଥିବା ଆଲେଖ୍ୟ ଦ୍ୱାରା ପାଠକଙ୍କ ମନରେ ପଢ଼ା ପ୍ରତି ଅନାକର୍ଷ ଭାବ ଜାଗ୍ରତ ହେବା ନିଶ୍ଚିତ ।

ଅନେକ ସମୟରେ ଦେଖିବାକୁ ମିଳୁଛି ଯେ ଲେଖକ କେବଳ ନିଜକୁ ଯାହା ଭଲ ଲାଗେ ତାହାରି ଉପରେ ଯଥେଷ୍ଟ ଗୁରୁତ୍ୱ / ମନ୍ତବ୍ୟ ଦେଇ କେତେକ ଲେଖା ପ୍ରକାଶିତ କରିଥା'ନ୍ତି । ତାହାଦ୍ୱାରା ସର୍ବଜନ ଆଦୃତତା ଭାବ ସୃଷ୍ଟି ନହୋଇ କେହି କେହି ସେଗୁଡିକୁ ଅନିଚ୍ଛା ସତ୍ୱେ ପାଠ କଲାପରେ ନିରୁତ୍ସାହିତ ହେଉଥିବା ବେଳେ ଅନ୍ୟାନ୍ୟ ଲେଖା ଗୁଡିକ ନପଢି ସମଭାବ ପ୍ରଦର୍ଶନ କରିଥା'ନ୍ତି । ଅତଏବ ସାମାଜିକ ସଂସ୍କାର ତଥା ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଲିଖିତ ଗୁରୁତ୍ୱପୂର୍ଣ୍ଣ ଲେଖା ଗୁଡିକ କେବଳ ପୋଥିଗତ ବିଦ୍ୟା ହୋଇ ରହିଯାଇଥାଏ ଯାହା ସମାଜର ମଙ୍ଗଳ ଦିଗରେ ଲାଗି ପାରେ ନାହିଁ । ମୁଖ୍ୟତଃ ସାମାଜିକ ରୀତିନୀତି, ପର୍ବପର୍ବାଣି, ରାଜନୈତିକ, ଖେଳ ଖବର, ଜୀବନ କାହାଣୀ, ଐତିହାସିକ କାହାଣୀ, ଅଲୌକିକ ବିଚାର, ସାମ୍ପ୍ରଦାୟିକ ବିଚାରଭାବ, ବିଭିନ୍ନ ବାବା, ଗୁରୁ ତଥା ସାମ୍ପ୍ରଦାୟିକ, ଧାର୍ମିକ ସଂସ୍ଥାନ ଇତ୍ୟାଦି ଉପରେ ଆଧାରିତ ଆଲେଖ୍ୟ ଗୁଡିକ ପ୍ରତି କାହାରି ଆଗ୍ରହ ନରହିବା ସ୍ୱାଭାବିକ, କାରଣ ସେହି ସବୁ ବିଷୟ ଗୁଡିକ ବିଭିନ୍ନ ଗଣ ମାଧ୍ୟମ, ପୁସ୍ତକ ମାଧ୍ୟମ ଗୁଡିକରେ ବାରମ୍ବାର ପ୍ରଚାର ପ୍ରସାର ହୋଇ ସମସ୍ତ ଜନ ମାନସର ଜ୍ଞାତସାରରେ ରହିଥାଏ । କି'ନ୍ତୁ ନୂତନ ସାମାଜିକ ବ୍ୟବସ୍ଥା, ମାନବିକ ଆଚରଣ, ଭୌଗଳିକ ଉପାଦେୟ ତଥ୍ୟ, ଶରୀର ବିଜ୍ଞାନ, ସାମାଜିକ ଆଇନ କାନୁନ, କୃଷି, ଶିକ୍ଷା, ମାନସିକ, ଦାର୍ଶନିକ, ମନସ୍ତାତ୍ୱିକ ତତ୍ୱ, ଭାଷା ସାହିତ୍ୟ, ବୈଜ୍ଞାନିକ ତତ୍ୱ, ତଥ୍ୟ ତଥା ନୂତନ ଆବିଷ୍କାର, ଉଦ୍ଭାବନ ଓ ସାଧାରଣ ମଣିଷଙ୍କ ସାର୍ବଜନୀନ ହିତ ଉଦ୍ଦେଶ୍ୟରେ ଅଙ୍କ ବିଷୟ ଉପରେ ଆଧାରିତ ଆଲେଖ୍ୟ ଗୁଡିକୁ କୌଣସି ପାଠକ ପ୍ରତ୍ୟାଖ୍ୟାନ କରିପାରିବେ ନାହିଁ, କାରଣ ସେଗୁଡିକ ସମସ୍ତଙ୍କୁ ଜୀବନରେ କୌଣସି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମୟରେ ଆବଶ୍ୟକ ପଡିପାରେ । ତେଣୁ ଲେଖକ କୌଣସି ବିଷୟ ଉପରେ ଲେଖିବା ପୂର୍ବରୁ ନିଜ ଭାବଧାରାକୁ ଆକର୍ଷିତ କରୁଥିବା ବିଷୟ ଉପରେ କମ ଏବଂ ସମାଜର ହିତ ସାଧନ ହେଉଥିବା ଭଳି ଲକ୍ଷ୍ୟ ଉପରେ ଅଧିକ ପ୍ରାଧାନ୍ୟତା ଦେଇ ଲେଖିଲେ ହୁଏତ ଆମର ଛପା ମାଧ୍ୟମ ଗୁଡିକ ଅଧିକ ଆକର୍ଷିତ ହୋଇପାରିବ ଏବଂ ପାଠକ କିଛି ଜ୍ଞାନ ପାଇପାରିବେ ବୋଲି ଆମ ବିଚାର ।

ଆଜି ସମୟରେ ଅନେକ ମଣିଷ କେବଳ ନିଜର ମିଥ୍ୟା ପ୍ରତିଭାକୁ ପ୍ରକାଶ କରିବା ଲକ୍ଷ୍ୟ ରଖି ଯାହା ତାହା କିଛି ଲେଖି କବିତା, ଗଳ୍ପ, ପ୍ରବନ୍ଧ ଇତ୍ୟାଦି ସମାଜରେ ବିତରଣ କରୁଥିବା ଦେଖିବାକୁ ମିଳୁଛି ଯାହା ସବୁ ସମ୍ପୂର୍ଣ୍ଣ ରୂପେ ମୂଲ୍ୟହୀନ ହୋଇଥାଏ । ଅନେକ ସମୟରେ ସାର୍ବଜନୀନ ହୋଇ ହାଟରେ ପଡି ଦାଣ୍ଡରେ ଗଡୁଥିବା ବିଷୟ ଗୁଡିକ ଉପରେ ବ୍ୟାପକ ଆଲେଖ୍ୟ ଗୁଡିକ ଦେଖିଲେ ହୁଏତ ପାଠକଙ୍କ ମୁଣ୍ଡ ବିନ୍ଧା ହେଉଥିବ ବୋଲି ଅନୁମାନ ହୁଏ ଆମର । କୌଣସି ବିଷୟ ଉପରେ ଲେଖି ସାର୍ବଜନୀନ କରିବା ଲକ୍ଷ୍ୟ ରଖିଥିବା ମଣିଷଟି ଦଶଦିଗ ଚିନ୍ତା କରି ଲେଖିବା ଆବଶ୍ୟକ । ଲେଖା ଗୁଡିକର ଭାଷାତତ୍ତ୍ୱ ଏବଂ ଦର୍ଶନତତ୍ତ୍ୱ ଉଭୟ ଚିତାକର୍ଷକ ହୋଇଥିଲେ ହିଁ ତାକୁ ଗୋଟିଏ ଉପାଦେୟ ଆଲେଖ୍ୟ ବୋଲି କୁହାଯାଇ ପାରିବ । ଲେଖାଟିଏ ଲେଖିବା ପୂର୍ବରୁ ଚିନ୍ତା କରିବାକୁ ହେବ ଯେ ସମ୍ପୃକ୍ତ ଲେଖାଟିର ଉପଯୁକ୍ତତା, ଯୌକ୍ତିକତା କେତେ ? ଲେଖାଟି ପଢିବା ଦ୍ୱାରା ପାଠକର କୌଣସି ଚେତନା ଜ୍ଞାନ ଆହରଣ ହେବ କି ନାହିଁ? ସାମାଜିକ ମଙ୍ଗଳ ଦିଗରେ ତାହା ନିୟୋଜିତ ହୋଇ ପାରିବ କି ନାହିଁ? ପାଠକଙ୍କୁ ଆକର୍ଷିତ କରିବ କି ନାହିଁ? ଲେଖା ଯାଉଥିବା ବିଷୟଟିର କୌଣସି ସତ୍ୟତା ଅଛି କି ନାହିଁ? କିଏ ପଚାରିଲେ ଉପଯୁକ୍ତ ଉତ୍ତର ଦେଇ ପାରିବା କି ନାହିଁ? ଲେଖାଟି କୌଣସି ସତ୍ୟ, ତଥ୍ୟ ଉପରେ ଆଧାରିତ ନା କାହାର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଲୌକିକ ବିଚାରକୁ ନେଇ ଆମେ ସନ୍ତୁଷ୍ଟ ହେଉଥିବା ହେତୁ ସମସ୍ତଙ୍କୁ ଜଣାଇବା ଉଦ୍ଦେଶ୍ୟ ରଖି ସେଗୁଡିକୁ ଲେଖା ଯାଉଅଛି ? ଏମିତି ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିବା ପରେହିଁ କୌଣସି ଆଲେଖ୍ୟ ସାର୍ବଜନୀନ କରାଯିବା ବିଧେୟ । ନତୁବା ଲେଖକଙ୍କ ପ୍ରତି ପାଠକଙ୍କ ଅନାଗ୍ରହ ସୃଷ୍ଟି ହେଉଥିବା ନିଶ୍ଚିତ ଧାର୍ଯ୍ୟ । ଏମିତି କରାଗଲେ ହୁଏତ ସେଗୁଡିକ କିଛି ସାମାଜିକ ସଂସ୍କାର ତଥା ଜନମଙ୍ଗଳ କାର୍ଯ୍ୟରେ ଲାଗିପାରିବ ଏବଂ ପାଠକ ଆକୃଷ୍ଟତା ଭାବ ବଢିବ ବୋଲି ଆମ ବିଚାର । ମୋତେ କିଛି ଲେଖିବାର ଆସୁଛି ଏବଂ ଯାହା ତାହା ଲେଖି କେବଳ ଗଣମାଧ୍ୟମରେ ମୋର ଫୋଟୋ, ନାମକୁ ପ୍ରଚାର ପ୍ରସାର କରିବା ଉଦ୍ଦେଶ୍ୟରେ ଲେଖୁଥିବା ଲେଖକଙ୍କ ଉଦ୍ଦେଶ୍ୟ ଭିନ୍ନ ଏବଂ ପାଠକ ସେଗୁଡିକୁ କିଭଳି ମନକୁ ନିଅନ୍ତି ସେମାନଙ୍କୁ ବୁଝୁଥିବ !

କୌଣସି ଲେଖା ଲେଖିବା ପୂର୍ବରୁ ଅଯୌକ୍ତିକ ଆତ୍ମପ୍ରକାଶ ତଥା ଅତିରଂଜିତ ନକରି ସମସ୍ତଙ୍କୁ ଆକୃଷ୍ଟ କଲାଭଳି ଲେଖା ପ୍ରତି ଧ୍ୟାନ ଦେବା ଜଣେ ପ୍ରକୃତ ଲେଖକଙ୍କ ସର୍ବାଦୌ କର୍ତ୍ତବ୍ୟ ହେବା ବିଧେୟ । ଆଜିକାର ଲେଖକଙ୍କ ଲେଖା ଗୁଡିକ ଉପରେ ପାଠକଙ୍କ ଆସ୍ଥା ନରହିବା କାରଣ ହେଉଛି ସେମାନେ ନିଜକୁ ଯାହା ଆସୁଛି / ବୁଝୁଛି କିମ୍ବା ଭଲ ଲାଗୁଛି ତାହା ହିଁ ଲେଖୁଛନ୍ତି ! ସର୍ବସାଧାରଣ ଉଦ୍ଦେଶ୍ୟରେ ଲେଖା ଆଉ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ ! ପ୍ରାୟତଃ ଗୋଷ୍ଠୀଗତ ତଥା ସାମ୍ପ୍ରଦାୟିକ ଆଲେଖ୍ୟ ଯଥେଷ୍ଟ ମାତ୍ରାରେ ପ୍ରଚାର କରାଯାଉଥିବା ହେତୁ ପାଠକଙ୍କ ମନରେ ଅନାକୃଷ୍ଟ ଭାବ ସୃଷ୍ଟି ହେଉଥିବା ବେଳେ ଛପା ମାଧ୍ୟମ ଗୁଡିକ ପ୍ରତି ସେମାନଙ୍କ ଆଗ୍ରହ ରହୁନଥିବା ଅତ୍ୟନ୍ତ ଦୁଃଖର ବିଷୟ । ଯେତେ ଗଣମାଧ୍ୟମ ଥିଲେ ମଧ୍ୟ ଛପା ମାଧ୍ୟମ ଗୁଡିକ ଦ୍ୱାରା ହିଁ ସାମାଜିକ ସଂସ୍କାର ସମ୍ଭବ ଯାହା ଅନ୍ୟ କୌଣସି ମାଧ୍ୟମରେ ନୁହେଁ । ଏମିତି କେତେକ ଅହଙ୍କାରୀ / ଚାଟୁକାରି ଛପା ମାଧ୍ୟମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଛନ୍ତି ଯେଉଁମାନେ ନିଜକୁ ସର୍ବୋଚ୍ଚ ବୋଲି ଭାବିବା ସହିତ କେବଳ ଲେଖକଙ୍କ ଶିକ୍ଷାଗତ ଯୋଗ୍ୟତା କିମ୍ବା ସାମାଜିକ ସ୍ଥାନ ଉପରେ ପ୍ରାଧାନ୍ୟତା ଦେଇ ସେମାନେ ଯାହା ଲେଖିଦେଲେ ମଧ୍ୟ ମୁଦ୍ରିତ କରୁଛନ୍ତି । କିନ୍ତୁ ଜଣେ ସାଧାରଣ ମଣିଷର ଜ୍ଞାନଭରା ନୂତନତ୍ୱ ରହିଥିବା ଗୁରୁତ୍ୱପୂର୍ଣ୍ଣ ଆଲେଖ୍ୟ ଗୁଡିକୁ ଆଡ ନୟନରେ ଦେଖୁନାହାନ୍ତି । ସେମାନେ ହୁଏତ ଜାଣିନଥିବେ ଯେ ଶିକ୍ଷା, ସାମାଜିକ ସ୍ଥାନ ଏବଂ ଜ୍ଞାନ ମଧ୍ୟରେ ପାର୍ଥକ୍ୟର ଦୂରତା କେତେ ? ଏହା ସେମାନଙ୍କ ଚାଟୁକାରିତା କାରଣରୁ କରିଥା'ନ୍ତି କି ଅଜ୍ଞାନ ନିର୍ବୋଧତା ସେମାନେ ହିଁ ଜାଣନ୍ତି । ତେଣୁ ଲେଖକ ନିଜକୁ ସଂଯତ କରି ସାର୍ବଜନୀନ ଉଦ୍ଦେଶ୍ୟରେ ଲେଖିବା ସହିତ ସମ୍ପାଦକ ମଧ୍ୟ ସେଗୁଡିକର ଉପଯୁକ୍ତତା ଉପରେ ବିଶେଷ ଦୃଷ୍ଟି ଦେଇ ଆକର୍ଷଣୀୟ / ନୂତନତ୍ୱ ରହିଥିବା ଆଲେଖ୍ୟ ଗୁଡିକୁ ପ୍ରାଧାନ୍ୟତା ଦେଇ ମୁଦ୍ରଣ କରିବାକୁ ଚେଷ୍ଟା କଲେ ହୁଏତ ପୁଣି ଥରେ କ୍ଷୁଦ୍ର / ମଧ୍ୟମ ଛପା ମାଧ୍ୟମ ଗୁଡିକର ଜନାଦୃତତା ବଢିବ ଏବଂ ସାମାଜିକ କ୍ଷେତ୍ରରେ ତାହା ବିଶେଷ ଉପଯୋଗୀ ହୋଇ ପାରିବ ବୋଲି ଆମ ବିଚାରରେ ଆପଣଙ୍କ ମତ ପୋଷଣ କରିବେ ବୋଲି ଆଶା... ।

ପଙ୍କଜ କୁମାର ପାଣିଗ୍ରାହୀ
ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଂଜାମ-୭୬୧୦୨୦
ଦୂରଭାଷ.: ୯୪୩୭୩୭୨୪୯୧୭.

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ରାଜନୀତି ଗାଁର ସମ୍ପର୍କ ଭାଙ୍ଗୁଛି



ଅନନ୍ତ କୁମାର

ରାଜନୀତି ବର୍ତ୍ତମାନ ଧୀରେ ଧୀରେ ଏମିତି ଗାଁ ଗହଳିରେ ଘରେ ଘରେ ପ୍ରବେଶ କଲାଣି ଯାହା କଳ୍ପନା କରି ହେଉ ନାହିଁ । କିଛି ବର୍ଷ ପୂର୍ବରୁ ନିର୍ବାଚନ ଆସେ ଯାଏ ନେତାଙ୍କ ପ୍ରଚାର ପ୍ରସାର ଏତେ ନ ଥିଲା ଆଉ ଗାଁ ଗହଳିରେ ଏତେ ପ୍ରଭାବ ପଡୁ ନ ଥିଲା କିନ୍ତୁ ବର୍ତ୍ତମାନ ଏମିତି ରାଜନୈତିକ ମୋଡ ନେଉଛି ଧୀରେ ଧୀରେ ତାହା ଭାରି ଭୟାନକ, ନେତାମାନେ ଏମିତି କଳି ମଞ୍ଜି ବୁଣି ଯାଉଛନ୍ତି ଗାଁ ଗାଉଁଲି ମଣିଷଙ୍କ ପାଖେ ତାହା ହତ୍ୟା ଆତ୍ମହତ୍ୟା ପର୍ଯ୍ୟନ୍ତ ଚାଲି ଯାଉଛି, କାହିଁ ଆଗରୁ ନିର୍ବାଚନ ଆସୁଥିଲା ନେତା ନିର୍ବାଚନ ଲଢୁଥିଲେ ଶାନ୍ତି ଶୃଙ୍ଖଳାରେ ଲୋକ ମାନେ ମଧ୍ୟ ଭୋଟ ଖଣ୍ଡିଏ ଦେଇ ନିରବ ରହୁଥିଲେ କେବଳ ଗୋଟିଏ କଥା କହୁଥିଲେ ଗାଉଁଲି ଶବ୍ଦରେ ରଜା ହେବା ଲୋକ ହେବ, ଯିଏ ଲଙ୍କାକୁ ଯିବ ସିଏ ରାବଣ ହବ ଆମେ ଦେ ଖଣ୍ଡିଏ ଭୋଟ ଦେବା, କିନ୍ତୁ ବର୍ତ୍ତମାନ ଚିତ୍ର ପୁରା ଓଲଟା ହେଇ ଗଲାଣି ନିର୍ବାଚନ ଆସିଲେ ସବୁ ଦଳର ନେତା ମାନେ ଆମରି ଟିକସର ଲକ୍ଷ ଲକ୍ଷ କୋଟି ଟଙ୍କା ଧରି ଆସିବେ ଆଉ ବିଭିନ୍ନ ନିଶା ଦ୍ରବ୍ୟ ଯଥା ମଦ ସିଗାରେଟ ଦେଇ ଗାଁର ଲୋକଙ୍କୁ ପ୍ରଲୋଭିତ କରି ନିଜ ଭାଇ ସାହି ପଡିଶା ଲୋକମାନଙ୍କ ସହ କଳି ଲଗାଇବା ଆରମ୍ଭ କରିବେ, ଲୋକମାନେ କେଇଟା ଟଙ୍କାରେ ପ୍ରଲୋଭିତ ହେଇ ଆଉ ନିଶା ସେବନ କରି ଏଇ ନେତାମାନଙ୍କ କଥାରେ ନିଜ ସାହି ପଡିଶା ଗାଁ ଭାଇ ଭିତରେ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରୁଛନ୍ତି ଆଉ ଭୁଲି ଯାଉଛନ୍ତି ରାତି ପାହିଲେ ଗାଁରେ ମୁହଁକୁ ମୁହଁ ଦେଖା ଦେଖି ହେବେ । ଏମିତି ପରିସ୍ଥିତି ବେଳେ ବେଳେ ଉପୁଜୁଛି ହତ୍ୟାକାଣ୍ଡ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପର୍ଯ୍ୟନ୍ତ କଥାବାର୍ତ୍ତା ଯାଉଛି ଗାଁ ଗହଳିରେ ଲୋକମାନଙ୍କ ଭିତରେ, ନେତାମାନେ କେବଳ ମଜା ଦେଖନ୍ତି ଆଉ ନିର୍ବାଚନ ବୈତରଣୀ ପାରି ହେଇଗଲେ ମାଡ ଖାଇଥିବା ଲୋକକୁ ପଚାରିବା ତ ଦୂରର କଥା ଆସନ୍ତି ନାହିଁ, ନେତାମାନେ ନିଜର ସ୍ୱାର୍ଥ ପାଇଁ କୋଟି କୋଟି ଟଙ୍କା ମାତ୍ର ୧୫ ଦିନ ନିର୍ବାଚନ ସମୟରେ ଖର୍ଚ୍ଚ କରନ୍ତି ଏହି ଗାଁରେ ବୁଲି ବୁଲି ଆଉ ନିର୍ବାଚନ ସରିଲେ ଗାଁକୁ ଭୁଲି ଯାଆନ୍ତି, କିନ୍ତୁ ଲୋକମାନେ ଏହି କଥାକୁ କେବେ ନିଜ ବୁଦ୍ଧି ବିବେକ ଲଗାଇ ନ ବୁଝି ପରସ୍ପର ଭିତରେ ଝଗଡା କରି ଗଣ୍ଡଗୋଳ କରନ୍ତି । ଗାଁର ଲୋକ ବୁଝିବା ଦରକାର ଯଦି ରାତି ଅଧରେ କାହାର କିଛି ଅସୁବିଧା ହୁଏ ଆଗ ନେତା ଆସିବନି ପାଖ ସାହି ପଡିଶା ଲୋକ ପାଖରେ ପହଞ୍ଚିବ ଆଉ ଯଦି କେହି ରାତି ଅଧରେ ମରିଯାଏ ତାହା ହେଲେ ଏଇ ଗାଁର ଲୋକ କାନ୍ଧେଇ ମଶାଣିକୁ ନେବେ କୌଣସି ନେତା ଆସି କାନ୍ଧ ଦେବେ ନାହିଁ । କିନ୍ତୁ ଏହାକୁ ନ ବୁଝି ସାମାନ୍ୟ ୫୦୦, ୧୦୦୦ ଟଙ୍କା ଆଉ କିଛି ମଦ ପାଇଁ ୩୬୫ ଦିନର ଭୁଲ ନିଷ୍ପତ୍ତି ନିଅନ୍ତି, ଆଉ ନିଜ ଗାଁର ସାହି ପଡିଶାକୁ ଭୁଲି ଯାଆନ୍ତି । ବର୍ତ୍ତମାନ ସମସ୍ତ ଗାଁରେ ଏମିତି କଳି ଲାଗି ରହିଛି ବର୍ଷ ବର୍ଷ ପର୍ଯ୍ୟନ୍ତ ଲୋକମାନେ ପରସ୍ପର କଥାବାର୍ତ୍ତା ହେଉନାହାନ୍ତି କି କେହି କାହା ଘରକୁ ଯାଉନାହାନ୍ତି ଏମିତି କି ମୁହଁକୁ ମୁହଁକୁ ଚାହିଁଲେ ଲାଗୁଛି ପରସ୍ପର କେହି ପରିଚିତ ନୁହଁ । ଏହି ରାଜନୀତି ଏବଂ ନେତାମାନଙ୍କ ପାଇଁ ଗାଁ ଦୁଇ ତିନି ଭାଗ ହେଇଯାଉଛି ଶେଷରେ ଭାଗ ହେବା ଦ୍ୱାରା ରାଗ, ହିଂସା ଅଭିମାନରେ ନିଜ ଗାଁ ପରମ୍ପରା ଦେବା ଦେବୀ ମଧ୍ୟ ଅଲଗା ଅଲଗା ପୂଜା ପାଉଛନ୍ତି କେଉଁଠି କେଉଁଠି ମଧ୍ୟ ଦେବା ଦେବୀ ଅପୂଜା ରହୁଛନ୍ତି କେବଳ ଏଇ ରାଜନୀତି ପାଇଁ । ବର୍ତ୍ତମାନ ରାଜନୀତି ଗାଁ ଗହଳିରେ ସମ୍ପର୍କ ଖରାପ କରିବା ସହ ନିଜର ପରିବେଶ ଖରାପ କରୁଛି । ଯଦି ଏମିତି ଆଗାମୀ ଦିନରେ ବଢି ଚାଲେ କିମ୍ବା ଗାଁ ର ଲୋକମାନେ ସଚେତନ ନ ହୁଅନ୍ତି ଗାଁ ପରିବେଶ ସହ ଆଗାମୀ ପିଢି ପାଇଁ ମଙ୍ଗଳ ଦାୟକ ନୁହଁ ।

ଅନନ୍ତ କୁମାର
ତିହିଡି, ଭଦ୍ରକ, ଯୋଗାଯୋଗ-୮୩୩୯୯୩୯୯୨୯

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଶିଶୁ, ଶ୍ରମ ନୁହେଁ ଶିକ୍ଷା



ଶଙ୍କର ବିଶ୍ୱାଳ

ଶିଶୁ ଶ୍ରମ କୌଣସି କାର୍ଯ୍ୟରେ ପିଲାମାନଙ୍କର ରୋଜଗାରକୁ ବୁଝାଏ ଯାହା ସେମାନଙ୍କୁ ପିଲାଦିନରୁ ବଞ୍ଚିତ କରେ, ନିୟମିତ ବିଦ୍ୟାଳୟରେ ପଢ଼ିବାରେ ବାଧା ସୃଷ୍ଟି କରେ ଏବଂ ଏହା ମାନସିକ, ଶାରୀରିକ, ସାମାଜିକ କିମ୍ବା ନୈତିକ ବିପଦପୂର୍ଣ୍ଣ ଏବଂ କ୍ଷତିକାରକ ଅଟେ । ଗ୍ରାମଗୁଡିକରେ, ଗରିବ ପରିବାରର ପିଲାମାନେ କ୍ଷେତରେ କିମ୍ବା ଅନ୍ୟାନ୍ୟ ସ୍ଥାନରେ ପରିବାରର ରୋଜଗାରରେ ଯୋଗଦାନ କରିବା ଏକ ସାଧାରଣ ଦୃଶ୍ୟ । ଏହିପରି ପିଲାମାନେ ଶିକ୍ଷାର ସୁଯୋଗରୁ ବଞ୍ଚିତ ହୁଅନ୍ତି ଏବଂ ସ୍ୱାସ୍ଥ୍ୟ ପ୍ରତି ବିପଦ ମଧ୍ୟ ରହିଥା'ନ୍ତି ।

ଏକ ଅର୍ଥରେ, ଶିଶୁ ଶ୍ରମ ଖୋଲା ଶୋଷଣ ଅଟେ କାରଣ ଏହା ପିଲାମାନଙ୍କୁ ଶିକ୍ଷାରୁ ବଞ୍ଚିତ କରିଥାଏ ଏବଂ ସେମାନଙ୍କୁ ଶୋଷଣକାରୀ ଅବସ୍ଥାରେ ଠେଲି ଦେଇଥାଏ । ଅଳ୍ପ ବୟସରେ କାମ କରିବାର ପାର୍ଶ୍ୱ ପ୍ରତିକ୍ରିୟାଗୁଡ଼ିକ ହେଉଛି: ଚର୍ମ ରୋଗ, ଫୁସଫୁସ ରୋଗ, ଦୁର୍ବଳ ଦୃଷ୍ଟି ଶକ୍ତି, ଯକ୍ଷ୍ମା ଇତ୍ୟାଦି ବୃତ୍ତିଗତ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା; କର୍ମକ୍ଷେତ୍ରରେ ଯୌନ ଶୋଷଣର ଦୁର୍ବଳତା; ଶିକ୍ଷାରୁ ବଞ୍ଚିତ ସେମାନେ ବିକାଶର ସୁଯୋଗ ପାଇବାରେ ଅସମର୍ଥ ହୁଅନ୍ତି ଏବଂ ସେମାନଙ୍କ ଜୀବନସାରା ଅଜ୍ଞ ଶ୍ରମିକ ଭାବରେ ଶେଷ ହୁଅନ୍ତି । ଶବ୍ଦ "ଶିଶୁ ଶ୍ରମ" ପ୍ରାୟତଃ କାମ କାର୍ଯ୍ୟ ଭାବରେ ବ୍ୟାଖ୍ୟା କରାଯାଇଥାଏ ଯାହା ପିଲାମାନଙ୍କୁ ସେମାନଙ୍କର ପିଲାଦିନ, ସେମାନଙ୍କର ସାମର୍ଥ୍ୟ ଏବଂ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମ୍ମାନରୁ ବଞ୍ଚିତ କରିଥାଏ ଏବଂ ଏହା ଶାରୀରିକ ଏବଂ ମାନସିକ ବିକାଶ ପାଇଁ କ୍ଷତିକାରକ । ଏହା କାର୍ଯ୍ୟକୁ ବୁଝାଏ ଯାହା: ମାନସିକ, ଶାରୀରିକ, ସାମାଜିକ କିମ୍ବା ନୈତିକ ଭାବରେ ବିପଜ୍ଜନକ ଏବଂ ପିଲାମାନଙ୍କ ପାଇଁ କ୍ଷତିକାରକ; ପିତାମାତାଙ୍କୁ ସେମାନଙ୍କର ଆୟ ଏବଂ ଖାଦ୍ୟ ନିରାପତ୍ତାରେ ଉନ୍ନତି ଆଣିବା ପାଇଁ ସହାୟତା ଯୋଗାଇବା ଯାହା ଦ୍ୱାରା ପିଲାମାନେ କାମ କରିବା ଆବଶ୍ୟକ କରନ୍ତି ନାହିଁ । ଜାତୀୟ ଶିଶୁ ଶ୍ରମ ଆଇନ ଏବଂ ସେଗୁଡିକର କାର୍ଯ୍ୟକାରିତା ପାଇଁ ଓକିଲାତି । ସମ୍ପ୍ରଦାୟ, ସରକାର, ଏବଂ ବ୍ୟବସାୟ ପାଇଁ ସାମାଜିକ ଉତ୍ତରଦାୟିତ୍ୱକୁ ପ୍ରୋତ୍ସାହିତ କରିବା । ଶିକ୍ଷା ଏବଂ ସଚେତନତା । ଲୋକଙ୍କୁ, ବିଶେଷକରି ବ୍ୟବସାୟୀ ଏବଂ ନିଯୁକ୍ତିଦାତାଙ୍କୁ ଖରାପ ପ୍ରଭାବ ବିଷୟରେ ଶିକ୍ଷା ଦେବା ଶିଶୁ ଶ୍ରମକୁ ରୋକିବାରେ ସାହାଯ୍ୟ କରିଥାଏ । ପିଲାମାନଙ୍କର ମାନସିକ ଏବଂ ଶାରୀରିକ ସ୍ୱାସ୍ଥ୍ୟ ଉପରେ ଶିଶୁ ଶ୍ରମର ପ୍ରଭାବ ଏବଂ ଏହା ସେମାନଙ୍କ ଭବିଷ୍ୟତ ଉପରେ କିପରି ପ୍ରଭାବ ପକାଇବ ସେ ବିଷୟରେ ସେମାନଙ୍କ ସହିତ କଥାବାର୍ତ୍ତା କରନ୍ତୁ । ଏଥିସହ, ସେମାନଙ୍କୁ ଆଇନ ଏବଂ ସେମାନଙ୍କ ଦଣ୍ଡ ବିଷୟରେ ସୂଚନା ଦିଅ । ଶିଶୁ ଶ୍ରମର ଅବସାନ ଘଟିଲେ ମଧ୍ୟ ଏହାକୁ ଦୂର କରିବା ପାଇଁ ନିୟମ ଏବଂ ମାନଦଣ୍ଡ ଅଛି । ବିଶ୍ୱର ଶିଶୁ ଶ୍ରମର ସାମ୍ପ୍ରତିକ କାରଣଗୁଡିକ ଆମେରିକାର ୧୦୦ ବର୍ଷ ପୂର୍ବେ ଏହାର କାରଣ ସହିତ ସମାନ, ଦାରିଦ୍ର୍ୟ, ଶିକ୍ଷା ପାଇଁ ସୀମିତ ପ୍ରବେଶ, ଶ୍ରମିକଙ୍କ ଅଧିକାରର ଦମନ ଏବଂ ଶିଶୁ ଶ୍ରମ ଉପରେ ସୀମିତ ପ୍ରତିବନ୍ଧକ । ଶିଶୁ ଶ୍ରମ ଏବଂ ଶୋଷଣ ହେଉଛି ଅନେକ କାରଣର ଫଳାଫଳ, ଦାରିଦ୍ର୍ୟ, ସାମାଜିକ ନିୟମ ସେମାନଙ୍କୁ ସମାଲୋଚନା କରିବା, ବୟସ୍କ ଏବଂ କିଶୋରମାନଙ୍କ ପାଇଁ ଉପଯୁକ୍ତ କାର୍ଯ୍ୟ ସୁଯୋଗର ଅଭାବ, ସ୍ଥାନାନ୍ତରଣ ଏବଂ ଜରୁରୀକାଳୀନ ପରିସ୍ଥିତି । ଏହି କାରଣଗୁଡିକ କେବଳ କାରଣ ନୁହେଁ ବରଂ ସାମାଜିକ ଅସମାନତାର ଏକ ଫଳାଫଳ ମଧ୍ୟ ଭେଦଭାବ ଦ୍ୱାରା ଦୃଢ ହୋଇଛି । ଶିଶୁ ଶ୍ରମକୁ କାର୍ଯ୍ୟ ଭାବରେ ବ୍ୟାଖ୍ୟା କରାଯାଇପାରେ ଯାହା ପିଲାମାନଙ୍କୁ ସେମାନଙ୍କର ପିଲାଦିନ,

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେମାନଙ୍କର ସାମର୍ଥ୍ୟ ଏବଂ ସମ୍ମାନରୁ ବଞ୍ଚିତ କରିଥାଏ । ଏହା ବିପଜ୍ଜନକ କାର୍ଯ୍ୟ ଯାହା ଯୁକ୍ତିଯୁକ୍ତ ଘଣ୍ଟା ଅତିକ୍ରମ କରେ ଏବଂ ପିଲାଙ୍କ ଶିକ୍ଷାରେ ବାଧା ସୃଷ୍ଟି କରେ । ଶିଶୁ ଶ୍ରମିକମାନେ ଦୁର୍ବ୍ୟବହାରର ଶିକାର ହୁଅନ୍ତି, ଏବଂ ସେମାନଙ୍କ ପରିବାର ପ୍ରାୟତଃ ଦାରିଦ୍ର୍ୟର ଚକ୍ରରେ ଫସି ରହିଥାନ୍ତି । ଅଧିକାଂଶ ଶିଶୁ ଶ୍ରମ କେଉଁଠାରେ ଘଟେ ? ପୃଥିବୀର ପ୍ରାୟ ୨୧୫ ଶିଶୁ ଶ୍ରମିକଙ୍କ ମଧ୍ୟରୁ: ପ୍ରାୟ ୧୧୪ ନିୟୁତ ଏସିଆ ଏବଂ ପ୍ରଶାନ୍ତ ମହାସାଗର କ୍ଷେତ୍ରରେ ଅଛନ୍ତି; ୧୪ ନିୟୁତ ଲାଟିନ୍ ଆମେରିକାରେ ବାସ କରନ୍ତି; ଏବଂ ୬୫ ନିୟୁତ ସାହାରା ସାହାରା ଆଫ୍ରିକାରେ ବାସ କରନ୍ତି । ଶିଶୁ ଶ୍ରମ ଏକ ଶିଶୁର ସାମାଜିକ ତଥା ମାନସିକ ବିକାଶକୁ କ୍ଷତି ପହଞ୍ଚାଏ, ପିଲାଦିନ ଉପଭୋଗ କରିବାର କ୍ଷମତା ହ୍ରାସ କରେ ଏବଂ ଶିକ୍ଷାଗତ ସୁଯୋଗକୁ ସୀମିତ କରେ । ବିନା ଶିକ୍ଷା ବିନା, ପିଲାମାନେ ଚାକିରୀକୁ ସୁରକ୍ଷିତ ରଖିବା ପାଇଁ ଆବଶ୍ୟକ କୌଶଳ ବିନା ନାହାନ୍ତି, ଯାହାକି ସେମାନେ ନିଜ ପିଲାମାନଙ୍କୁ ଦିନେ କାମ କରିବାକୁ ପଠାଇବାର ସମ୍ଭାବନା ଅଧିକ ।

ଶିଶୁ ଶ୍ରମର ପୀଡିତଙ୍କ ମଧ୍ୟରୁ ୪୮ ପ୍ରତିଶତ ୫-୧୧ ବର୍ଷ ବୟସରେ ଅଛନ୍ତି । ଶିଶୁ ଶ୍ରମିକ ପୀଡିତଙ୍କ ପ୍ରାୟ ଅଧା ବିପଜ୍ଜନକ ଶିଶୁ ଶ୍ରମରେ କାମ କରନ୍ତି; ସମସ୍ତ ବିପଜ୍ଜନକ ଶିଶୁ ଶ୍ରମର ଏକ ଚତୁର୍ଥାଂଶରୁ ଅଧିକ ୧୨ ବର୍ଷରୁ କମ୍ ପିଲାମାନଙ୍କ ଦ୍ୱାରା କରାଯାଇଥାଏ । ଶିଶୁ ଶ୍ରମକୁ ନିୟନ୍ତ୍ରଣ କରିବା ପାଇଁ ଆନ୍ଦୋଳନ ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ ଗ୍ରେଟ ବ୍ରିଟେନରେ ଆରମ୍ଭ ହୋଇଥିଲା, ଯେତେବେଳେ ବୃହତ ଆକାରର ଦ୍ରୁତ ବିକାଶ ହୋଇଥିଲା । ଉତ୍ପାଦନ ଖଣି ଏବଂ ଶିଳ୍ପ କାର୍ଯ୍ୟରେ ଛୋଟ ପିଲାମାନଙ୍କର ଶୋଷଣ ସମ୍ଭବ କଲା । ଶିଶୁ ଶ୍ରମିକ ହେଉଛି ଏକ ଜନସ୍ୱାସ୍ଥ୍ୟ ସମସ୍ୟା ଯାହା ନକାରାତ୍ମକ ଫଳାଫଳ ସହିତ ବିଶେଷ ଧ୍ୟାନ ଆବଶ୍ୟକ କରେ ।

ଗୁଡିଆଳୀ , କବିସୂର୍ଯ୍ୟ ନଗର , ଗଞ୍ଜାମ
+୨ କଳା ନାରାୟଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ , ଆଠଗଡ଼ ପାଟଣା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମଧୁମୟ ଶୈଶବ



ଶ୍ରୀବତ୍ସ ନାୟକ

ସାମ୍ପ୍ରତିକ ପରିସ୍ଥିତିରେ ମୋତେ ଯଦି କିଏ ପ୍ରଶ୍ନ କରେ ତାହେଲେ ମୁଁ ସ୍ଥିର ମନ ଚିତ୍ତରେ ତଥା ସୁସ୍ଥ ମସ୍ତିଷ୍କରେ କହିବି ଯେ ଶୈଶବ ସମୟ ଥିଲା ମଧୁମୟ । ନବେ ଦଶକର ଶେଷ ଭାଗରେ ମୋର ଶୈଶବ ଅବସ୍ଥା ଥିଲା । ଏବେ ଯୁବାବସ୍ଥାର ଶେଷ ପାହାଚରେ ଦଣ୍ଡାୟମାନ । ବର୍ତ୍ତମାନ ଏବଂ ଅତୀତର ସମୟକୁ ମୁଁ ଅନେକ ଥର ସମୀକ୍ଷା କରିଛି । ପ୍ରତ୍ୟେକ ଥର ସେଇ ଏକ ଉତ୍ତର ପାଇଛି ତାହା ହେଲା ଶୈଶବ ମଧୁମୟ । ଅତୀତର ସ୍ମୃତି ଏବେ ବି ସତେଜ ଅଛି । ଅତୀତ ସବୁବେଳେ ଅତୀତ କିନ୍ତୁ ଅତୀତର ସ୍ମୃତି, ଅନୁଭୁତିକୁ ସାଇତି ରଖି ସାରା ଜୀବନ ବଞ୍ଚିବାକୁ ହୁଏ । ଏବେ ମଧ୍ୟ ବଞ୍ଚିଛି କିନ୍ତୁ ଆଜିକାଲି ବଞ୍ଚିବା ପାଇଁ ସଂଘର୍ଷ କରିବାକୁ ପଡୁଛି । ମନେ ହୁଏ ଫେରି ଆସନ୍ତା କି ସେ ଶୈଶବ ?

ପିଲାଦିନେ ଗାଁ ପଡ଼ିଆ ର କ୍ରିକେଟ, ଦାଣ୍ଡପିଣ୍ଡାର ତାସ ଖେଳ, କ୍ଲବ ଘରର କ୍ୟାରମ୍ ସନ୍ଧ୍ୟାବେଳର ଲୁଚକାଳି, କିତିକିତି, ଡାହୁ ପୁଆ, କବାଡି, ବାଡି ଡିଆଁର ମଜା ଥିଲା ସ୍ୱତନ୍ତ୍ର । ଖେଳ ବେଳେ ଜିତିବା ପାଇଁ ସଙ୍ଘର୍ଷ ଥିଲା କିନ୍ତୁ ଖେଳୁଆଡ ମନୋଭାବ ନେଇ ଖେଳୁଥିଲେ । ବିଜୟ ପରାଜୟ ଖେଳର ଦୁଇଟା ପାର୍ଶ୍ୱ କିନ୍ତୁ ଖେଳ ସମାପ୍ତ ପରେ ସମସ୍ତେ ରୁଣ୍ଡ ହୋଇ ଭୋଜି କରି ଖାଇବାର ମଜା ଥିଲା ନିଆରା । ଭେଦଭାବ ନଥିଲା, ଥିଲା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେବଳ ଏକତା । ସର୍ବ ଶେଷରେ ଆମେ ସମସ୍ତେ ଥିଲେ ସାଙ୍ଗ । ଗାଁ ଆମ୍ବ ତୋଟା ମେଳି, ଦୋଳି ପାଖେ ଗହଳି, ବୁଲାବିକାଳିର ଝିଲିମିଲି ମାଳି ଏବଂ ଖରାଦିନେ ବୁଢ଼ୀ ବିକାଳିର ଜାମୁକୋଳି, ପିଲାଦିନ ଧୂଳି ଖେଳ, ସାଙ୍ଗସାଥି ମେଳର ଅନୁଭୁତି କେବେ ବି ଭୁଲବାର ନୁହେଁ । ଶୈଶବରେ ସମୟ ଥିଲା, ଖୁବ୍ ଉପଭୋଗ କରିଥିଲେ । ଅର୍ଥ ନଥିଲା କିନ୍ତୁ ମନ ଥିଲା । ବୋଉର ସେ ଆରିସା, ଚକୁଳି, ଗଇଁଠା, ପୋଡ଼ା ପିଠା, ବଡି ଚୁନା, ମାଛ ଭଜା, ଶାଗ ଭଜା, କଞ୍ଚା ଆମ୍ବ, ଲଙ୍କା ଗୁଣ୍ଡୋ ସହ ପଖାଳ କଂସା, କଇଁଆ ପତ୍ରର ଘୋଟ ପାଣି, ତାଳ ଗଜା ଖିଆ, ଆପଟ କଇଁଆ, କଣ୍ଡିଆର ବିରି ଛୁଇଁ, ଆଦି ସ୍ୱପ୍ନ ହୋଇଯାଇଛି । ସହରୀ ଜୀବନ ସାଙ୍ଗକୁ ଆଧୁନିକତାର ସ୍ପର୍ଶରେ ହଜିଯାଇଛି ସବୁକିଛି । ବୋଉର ହାତତିଆରି ଚକୁଳି ଆଜି ଦୋଷା ଏବଂ ମଣ୍ଡା ପିଠା ଆଜି ମୋମୋରେ ରୂପାନ୍ତରିତ ହୋଇଛି । ଆଧୁନିକତାର ଦ୍ୱାହି ଦେଇ ପଶ୍ଚାତ୍ କୁ ଆମେ ଆଜି ଭୁଲି ଗଲେଣି । ପିଲାବେଳେ ମୁଁ ନିଜ ଅଙ୍ଗେ ନିଭେଇଛି ବାପାଙ୍କ ସାଙ୍ଗେ ପଖାଳ ଖାଇବାର ମଜା । ପ୍ରତିଦିନ ପଖାଳ କଂସାର ମଜା ନେଉଥିଲି । ପଖାଳ ଥିଲା ଶୈଶବର ଆତ୍ମା । କିନ୍ତୁ ଏବେ ଏ ପଖାଳ ଯାଇ ପଖାଳ ଦିବସ ପାଳନ ହେଲାଣି । ଶୈଶବରେ ପ୍ରତ୍ୟେକ ଦିନ ମୁଁ ପାଳନ କରୁଥିଲି ପଖାଳ ଦିବସ । ଏଠି କିନ୍ତୁ ପଖାଳ ଦିବସକୁ ମନେ ରଖିବାକୁ ପଡେ କେବେ ପଖାଳ ଦିବସ । ସମୟ ବଦଳିଛି । ସଭ୍ୟତା ବଦଳିଛି କିନ୍ତୁ ବଦଳି ଯାଇନି ଏ ସ୍ମୃତି । ହୁଏତ ପଖାଳ ସହ ଆଜିକାଲି କେତେ କଣ ଆମେ ଖାଉଛେ କିନ୍ତୁ ଶୈଶବ ପଖାଳ ସଦାସ୍ମରଣୀୟ । ପଖାଳ ଭାତ ଏଠି ୱାଟର ରାଇସରେ ପରିଣତ । ବାହାଘର, ଶୁଦ୍ଧ ଘର ଭୋଜି ଖାଇବା ପାଇଁ ଅପେକ୍ଷା କରିବା ଏବଂ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଗାଁ ଦାଣ୍ଡରେ ଏକାଠି ବସି ଖାଉଥିଲେ । ଜଣା ନଥିଲା ଡ଼ାଇନିଂ କଣ ।

ପାଠ ପଢିବା ଥିଲା ଆମର ନିତି ଦିନିଆ କାମ ସକାଳେ ଓ ସନ୍ଧ୍ୟାରେ ଅତି କମରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୁଇ ଦୁଇ ଘଣ୍ଟା ଚାରି ଘଣ୍ଟା । ଟିଉସନ କଣ ଜଣା ନଥିଲା । ଟିଉସନ ହେଉଛି କହିଲେ ଲାଜ ଲାଗୁଥିଲା । ଟିଉସନ ହେଲେ ପିଲା ମାନେ ଗଧ ବୋଲି କହୁଥିଲେ । ଶୀତ ସକାଳର ସୁନେଲି କିରଣରେ ମୁକ୍ତ ଆକାଶରେ ଚାଲିଥିଲା ପଢା । ପରୀକ୍ଷା ବେଳର ନାଟ, ପ୍ରଧାନ ଶିକ୍ଷକଙ୍କ ଛାଟ, ଶ୍ରେଣୀ ଶିକ୍ଷକଙ୍କ କାନ ମୋଡା, ଆଣ୍ଠୁଆ ବସିବା ଦଣ୍ଡ ବୋଧେ ଠିକ ଦୈନନ୍ଦିନ କାର୍ଯ୍ୟ । ଦଣ୍ଡ ପାଇବା ଏବଂ ଦଣ୍ଡ ଦେବା ଲୋକ ଉଭୟ ଖୁସି ହେଉଥିଲେ । ଦଣ୍ଡ ପାଇବା ଲୋକ ଭାବୁଥିଲା ଯାହା ହଉ ଆଜି କମ୍ ମାଡ଼ ଖାଇଛି ଆଉ ଦଣ୍ଡ ଦେବା ଲୋକ ଭାବୁଥିଲା କି ମୁଁ ଆଜିବି ବହୁ ପିଟିଛି । ଆଜିକାଲି ସେ ବ୍ୟବସ୍ଥା ନାହିଁ । ଆକଟ ନାହିଁ । ବିଦ୍ୟାଳୟ ଆଜି ଦଣ୍ଡମୁକ୍ତ ଅଞ୍ଚଳରେ ରୂପାନ୍ତରିତ ହେଲାଣି । ଆଇନ କାନୁନ ଏମିତି ଅନେକ କିଛି । ଗାଁ ଚାଟଶାଳୀ ଆଜି ଇଂଲିଶ ମିଡିଅମ୍ ସ୍କୁଲ, ମାଟିର ସିଲଟ ଆଜି ମାର୍କର ହ୍ୱାଇଟ ବୋର୍ଡରେ ରୂପାନ୍ତରିତ ହୋଇସାରିଛି । ବହୁ ଶିକ୍ଷିତ ଅଛନ୍ତି କିନ୍ତୁ  ଜ୍ଞାନୀଙ୍କ ସଂଖ୍ୟା କମ୍ । ଶୈଶବରେ ସ୍କୁଲ ଯିବାର ମଜା ବି ଥିଲା ଅଲଗା । ବସରେ ଛାଡ଼ିବା ପରମ୍ପରା ନଥିଲା । ଆଉ ବିଶେଷକରି ପୂର୍ବବର୍ଷ ପିଲାଙ୍କ ଠାରୁ ପୁରୁଣା ବହି କିଣି ସେଥିରେ ନୂଆ ମଲାଟ ପକେଇବା ବୋଧେ ବର୍ଷ କର ସବୁଠୁ ବଡ଼ କାମ ଥିଲା । ପାଠ ପଢିବା ବଡ଼ ମଣିଷ ହେବା ପାଇଁ ବାପା, ମା'ଙ୍କ ବୋଧେ ସବୁଠୁ ଅଧିକ ବ୍ୟବହୃତ ହେଉଥିବା ପରାମର୍ଶ । ଜନ୍ମ ହେବା ଠାରୁ ଶେଷ ନିଦ୍ରା ପର୍ଯ୍ୟନ୍ତ ମନୁଷ୍ୟ ଯାହା ସହିତ ଏକାନ୍ତ ଅନ୍ତରଙ୍ଗ ତାହା ହେଉଛି ନିଦ । ଦୁଃଖ, ବିଷାଦ, ଚିନ୍ତା, ଅଶାନ୍ତି, ବିଫଳତା ସବୁକିଛିର ସରଳ ସମାଧାନ ନିଦ । ନିଦ ନ ଆସିଲେ କିମ୍ବା ଖାଦ୍ୟ ନଖାଇଲେ ବୋଉର ସେ  ଗୀତ ଆ ଜହ୍ନ ମାମୁଁ ...., ବାଇ ଚଢ଼େଇ ...., ନିଦ ମାଉସି ଦେ ଆଉଁସି ... ଝୁଲ୍ ରେ ହାତୀ ଝୁଲ.... ଶୋଇଯା ବାବୁରେ ହୋଇନି ବେଳ...., ଇଟିକିଲି ମିଟିକିଲି... ଚକା ଚକା ଭଉଁରୀ ସତରେ କେତେ ସୁମଧୁର ! ସମସ୍ତ ସବୁକିଛି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଛଡେଇ ନେଇଛି । ଏସି ଅଛି, ଗଦି ଅଛି କିନ୍ତୁ ନିଦ ପାଇଁ ନେବାକୁ ପଡୁଛି ଅନେକ ଔଷଧ । ମାଉ ଉଷୁମ କୋଳ ଏବେ ବି ଝୁରେ । ଚାଲୁ ଚାଲୁ ଝୁଣ୍ଟି ପଡ଼ିଲେ ହଠାତ ପାଟିରୁ ବାହାରି ଆସେ ବୋଉ ବୋଲି ଏହା ହିଁ ଭଲ ପାଇବା । ଯୌଥ ଓ ଏକାନ୍ନବର୍ତ୍ତୀ ପରିବାରର ଥିଲା ସ୍ୱତନ୍ତ୍ରତା । ସଭିଏଁ ରହୁଥିଲେ ଏକାଠି । କିଛି ନଥିଲା କିନ୍ତୁ ଅଭାବ କଣ ଜଣା ନଥିଲା ।

ଆଜି ସେ ସମୟ ନାହିଁ । ସମୟ ସ୍ରୋତରେ ଶୈଶବ ହଜିଯାଇଛି । ଖାଲି ଛାଡ଼ି ଦେଇଯାଇଛି ସ୍ମୃତି । ସବୁ ଥାଇ ବି ଅଭାବ ଘୋଟି ଯାଇଛି । କେତେ ସରଳ ଓ ମଧୁମୟ ଥିଲା ସେ ଶୈଶବ । ରାଜଧାନୀର ରଙ୍ଗା ରଙ୍ଗ ପରିବେଶ ମଧ୍ୟରେ ଏ ସବୁ ଆଜି ଦେଖିବାକୁ ମିଳୁ ନାହିଁ । ସେ ଶୈଶବ କୁହୁକ ଥିଲା ଅନେକ ରଙ୍ଗରେ ରଙ୍ଗାୟିତ । ମଧୁମୟ ଶୈଶବର ମଧୁଛନ୍ଦାରେ ମଧୁମୟ ହେବାକୁ ଚାହେଁ । ହେ ସମୟ ମତେ ଫେରେଇ ଦିଏ ମୋ ପିଲାବେଳ । ଫେରି ଆସନ୍ତା କି ମୋର ଶୈଶବ । ମୋର ମନ ପ୍ରାଣ ଆଜି ବ୍ୟାକୁଳ । ହୃଦୟର ନିବୁଜ କୋଠରୀରେ ଏ ମନ ଖାଲି ସେହି ଚିର ଇପସିତ ପିଲା ଦିନକୁ ଖୋଜେ । ମଧୁମୟ ସେ ଶୈଶବ । ମଧୁମୟ ଥିଲା ସେ ମୁହୂର୍ତ୍ତ । ମଧୁମୟ ସେ ସ୍ମୃତି ।

ଅଧ୍ୟାପକ, ବାଣିଜ୍ୟ ବିଭାଗ

ମୋ: ୯୪୩୮୦୭୦୮୪୯

Listen to Odia Podcast on https://anchor.fm/aahwaan

ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

# କମ୍ୟୁନିକ୍ ୨୨ : XIMB



ରାଧିକା ଅଗ୍ରୱାଲ

ଏହି ବର୍ଷ XIBMର ଭୁବନେଶ୍ୱରର ମିଡିଆ ଏବଂ ପିଆର ସେଲ୍, ଇଲୁମିନିଟିଏକ୍ସ, ବାର୍ଷିକ ମିଡିଆ କନକ୍ଲେଭ: କମ୍ୟୁନିକେ '୨୨ ଆୟୋଜିତ ହୋଇଥିଲା । ଏହି ବର୍ଷର ବିଷୟବସ୍ତୁ ଥିଲା "ବ୍ରାଣ୍ଡ ୱାର୍ଫେୟାର୍- ଆପଣଙ୍କୁ କଣ ଅଲଗା କରେ ?"

ଏହି କାର୍ଯ୍ୟକ୍ରମ ୨୦ ନଭେମ୍ବର ୨୦୨୨ରେ ଆୟୋଜିତ ହୋଇଥିଲା ଓ ଶ୍ରୀଯୁକ୍ତ ରଥନାମ ପାଟ୍ରିକ ଯୋଶେଫ ସାଣ୍ଟିଆଗୋ, ବିଷୟବସ୍ତୁ ଉତ୍ପାଦନ ଏବଂ ପ୍ରୋଗ୍ରାମିଂ ମୁଖ୍ୟ, ନାପ୍ଟୋଲ ଅନ୍ଲାଇନ୍ ସପିଂ ପ୍ରି । ଲିମିଟେଡ୍; ଶ୍ରୀମତୀ ପୂଜା ବେଦୀ- ବର୍ଗ ମୁଖ୍ୟ, WOW ଚର୍ମ ବିଜ୍ଞାନ; ଶ୍ରୀମତୀ ନିଶିତା ବାଲିରିସିଂହ, ସହ-ପ୍ରତିଷ୍ଠାତା ତଥା ସିଇଓ, ନେକ୍ସଓସ




Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପାୱାର; ଶ୍ରୀମତୀ ଭର୍ସା ବିଶ୍ୱାଳ, ସିଇଓ, ତୃପ୍ତି ଡ଼ାଇରି ଏବଂ ଶ୍ରୀ ସୋରାବ ଖଣ୍ଡେଲୱାଲ, ସିଇଓ ତଥା ପ୍ରତିଷ୍ଠାତା, ଟ୍ରାଗ୍ ସେଲ୍ସ ୪ୟୁ ; ସହ-ପ୍ରତିଷ୍ଠାତା ଶ୍ରୀ ଅନୀରବାନ୍ ମହାନ୍ତି ଡ୍ରାଇ-ଇଭ ଦର୍ଶକଙ୍କ ସହ ସେମାନଙ୍କର ମୂଲ୍ୟବାନ ଜ୍ଞାନ ବାଣ୍ଟିଥିଲେ ।

ବକ୍ତାମାନେ ଦୀପ ଜାଳିବା ସହିତ ଅଧିବେଶନ ଆରମ୍ଭ ହୋଇଥିଲା, ଏବଂ ପରେ ସ୍ପିକର ଏବଂ ମୋଡରେଟରଙ୍କ ସମାରୋହ ସହିତ ଏହା ଆଗକୁ ବଢିଥିଲା ।

ସେଦିନର ପ୍ରଥମ ବକ୍ତା, ନକ୍ସସ୍ ପାୱାରର ସହ-ପ୍ରତିଷ୍ଠାତା ତଥା ସିଇଓ ଶ୍ରୀମତୀ ନିଶିତା ବାଲିରିସିଂହ ବିଭିନ୍ନ କାରଣ ବିଷୟରେ କହିଥିଲେ ଯାହା ତାଙ୍କ ବ୍ରାଣ୍ଡକୁ ଅନ୍ୟମାନଙ୍କଠାରୁ ଭିନ୍ନ କରିଥାଏ । ସେ ଉଲ୍ଲେଖ କରିଛନ୍ତି, ଯଦି ତୁମେ ଜଣେ ପ୍ରତିଯୋଗୀ ତେବେ ତୁମେ କ୍ରମାଗତ ଭାବରେ ଅନ୍ୟ ବ୍ରାଣ୍ଡକୁ ଖରାପ କହିବାକୁ ପଡିବ ନାହିଁ, କିନ୍ତୁ ତୁମର ବ୍ରାଣ୍ଡକୁ ରଣନୀତିଗତ ଭାବରେ ଉଲ୍ଲେଖ କରିବାବେଳେ ତୁମେ ସେମାନଙ୍କୁ ସେମାନଙ୍କ ସଫଳତା ପାଇଁ ଅଭିନନ୍ଦନ ଜଣାଇବା ଉଚିତ୍ ।




Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସେହି ଦିନର ଦ୍ୱିତୀୟ ବକ୍ତା ଥିଲେ, ବିଷୟବସ୍ତୁ ଉତ୍ପାଦନ ଏବଂ ପ୍ରୋଗ୍ରାମିଂ ମୁଖ୍ୟ, ନାପ୍ଟୋଲ ଅନ୍ଲାଇନ୍ ସପିଂ ପ୍ରିର ଶ୍ରୀଯୁକ୍ତ ରଥନାମ ପାଟ୍ରିକ ଯୋଶେଫ ସାଣ୍ଟିଆଗୋ । ସଠିକ୍ ଲକ୍ଷ୍ୟ ଦର୍ଶକ ବାଛିବା ଏବଂ ସେମାନଙ୍କୁ ବିତରଣ କରିବା ଉପରେ ଜ୍ଞାନ ବାଣ୍ଟିଥିଲା । ଶ୍ରୀ ରଥନାମ୍ ପାଟ୍ରିକ୍ ଜୋସେଫ୍ ସାଣ୍ଟିଆଗୋ ଏହା ମଧ୍ୟ କହିଛନ୍ତି ଯେ ଭବିଷ୍ୟତର ଶିଳ୍ପନେତା ଭାବରେ, ତୁମେ ନିଶ୍ଚିତ ଭାବରେ କୌଶଳ ପ୍ରତି କୌଣସି ପକ୍ଷପାତ ନକରି ଗ୍ରାହକଙ୍କୁ ସେମାନଙ୍କ ସର୍ତ୍ତ ଅନୁଯାୟୀ ବିକ୍ରୟ କରିବାକୁ ପଡିବ ।

ଏହି ଅଧିବେଶନର ତୃତୀୟ ବକ୍ତା ଶ୍ରୀ ସୋରାବ ଖଣ୍ଡେଲୱାଲ, ସିଇଓ ତଥା ପ୍ରତିଷ୍ଠାତା, ଟ୍ରାକସେଲ୍ସ ୪ ଇୟୁ, ଯିଏ ମାର୍କେଟିଂ ଏବଂ ବ୍ରାଣ୍ଡିଂର କାର୍ଯ୍ୟ ବିଷୟରେ ଆମକୁ ଆଲୋକିତ କରିଥିଲେ ଏବଂ ଏହି ଯୁଗରେ କିପରି ପରିବର୍ତ୍ତନ ହେଉଛି ସେ ବିଷୟରେ କହିଥିଲେ । ସେ ଏହି କଥାକୁ ଆଗକୁ ବଢାଇ କହିଲେ, “ଲୋକମାନେ ଉତ୍ପାଦ କିଣନ୍ତି ନାହିଁ; ସେମାନେ ଏହା ପଛରେ ଥିବା କାହାଣୀ କିଣନ୍ତି । ଆପଣଙ୍କୁ କିଛି ପ୍ରାମାଣିକ ସୃଷ୍ଟି କରିବାକୁ ଏବଂ କାହାଣୀକୁ ସରଳ କରିବାକୁ ପଡିବ ।”

କନକ୍ଲେଭର ଚତୁର୍ଥ ବକ୍ତା ଶ୍ରୀମତୀ ଭର୍ସା ବିଶ୍ୱାଳ, ସିଇଓ ତୃପ୍ତି ଡ଼ାଇରି, ତାଙ୍କ ବ୍ୟବସାୟ ମଡେଲ ମାଧ୍ୟମରେ ଦର୍ଶକଙ୍କୁ ନେଇ ଇଲେକ୍ଟ୍ରୋନିକ୍ ମିଡିଆ ମାଧ୍ୟମରେ ବିପ୍ଳବ ଆଣିବା ବିଷୟରେ କହିଥିଲେ । ସେ ଆହୁରି ମଧ୍ୟ କହିଛନ୍ତି ଯେ ଇଲେଟ୍କ୍ଟ୍ରୋନିକ୍ ମିଡିଆ, ସେମିନାର ଏବଂ ରେଫରାଲ୍ ଗୋଷ୍ଠୀ ମାଧ୍ୟମରେ ବିପ୍ଳବ ଆଣିବାକୁ ଚେଷ୍ଟା କରୁଛି ଯାହା ଦ୍ୱାରା ଉତ୍ପାଦର ଏକ ଦୃଢ ଭାବମୂର୍ତ୍ତି ସୃଷ୍ଟି ହେବ ।

କନକ୍ଲେଭ୍ର ଅନ୍ତିମ ବକ୍ତା, ଶ୍ରୀମତୀ ପୂଜା ବେଦୀ ବର୍ଗ ହେଡ୍, WOW ସ୍କିନ୍ ସାଇନ୍ସ, ଏହା ଉପରେ ଆଲୋକପାତ କଲେ ଯେ ବ୍ରାଣ୍ଡଗୁଡିକ କିପରି କିଛି ନୂଆ ଅଫର୍ ଦେଇଥାଏ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତାହା ପ୍ରଶଂସନୀୟ । ନୂତନ ଯୁଗର କମ୍ପାନୀଗୁଡିକ କିପରି ଅଭିନବ ତାହା ସେ ଗୁରୁତ୍ୱାରୋପ କରିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି, "ସୋସିଆଲ ମିଡିଆର ବ୍ୟବହାର ବର୍ତ୍ତମାନ ଏକ ଅପୂରଣୀୟ ମାର୍କେଟିଂ ଉପକରଣ ଅଟେ । ଅନେକ କମ୍ପାନୀ ସମାନ ଭାବରେ ସେମାନଙ୍କର D୨ଇ ମାର୍କେଟିଂ କୌଶଳ ଜାଣିବାକୁ ଚେଷ୍ଟା କରୁଛନ୍ତି ।"

ଏହା ପରେ ଏକ ପ୍ୟାନେଲ ଆଲୋଚନା ହୋଇଥିଲା ଯାହା ସହ-ପ୍ରତିଷ୍ଠାତା, ଡ୍ରାଇ-ଇଭ, ଶ୍ରୀ ଅନୀରବାନ୍ ମହାନ୍ତିଙ୍କ ଦ୍ୱାରା ପରିଚାଳିତ ହୋଇଥିଲା ଢ ମୋଡରେଟର୍ କହିଛନ୍ତି, “ଏକ ବ୍ରାଣ୍ଡର କାର୍ଯ୍ୟ ପାଇଁ ଆହ୍ୱାନ ଏବଂ ଏହାକୁ ପ୍ରସଙ୍ଗରେ ରଖିବାର ଆବଶ୍ୟକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।”

ବିଶିଷ୍ଟ ବକ୍ତାମାନଙ୍କ ଦ୍ୱାରା କଥାବାର୍ତ୍ତା ପରେ ବହୁ ପ୍ରତୀକ୍ଷିତ ପ୍ରଶ୍ନ ଏବଂ ଉତ୍ତର ଅଧିବେଶନ ଥିଲା ଯେଉଁଠାରେ XIMBର ଉଜ୍ଜ୍ୱଳ ମନ, ବିଶ୍ୱବିଦ୍ୟାଳୟ ଦିନର ବିଷୟବସ୍ତୁ - ବ୍ରାଣ୍ଡ ଯୁଦ୍ଧ ସମ୍ବନ୍ଧୀୟ ପ୍ରଶ୍ନ ପଚାରିଥିଲା ।

ଏହି ସମ୍ମିଳନୀ ଏକ ସମାପ୍ତ ନୋଟ ଏବଂ ଧନ୍ୟବାଦ ଅର୍ପଣ ସହିତ ଇଲୁମିନିଟିଏକ୍ସର ହେମନ୍ତ ରୋହନ ନାର୍ଲଙ୍କା, XIMB ଭୁବନେଶ୍ୱରର ମିଡିଆ ଏବଂ PR ସେଲ୍ ର ସଂଯୋଜକ ଏହି କାର୍ଯ୍ୟକ୍ରମ ପାଇଁ ବିଶେଷ କରି ମିଡିଆ ପାର୍ଟନରଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ଫେବୃଆରୀ ୨୦୨୩

ଲେଖା ପଠାଇବାର ଶେଷ ତାରିଖ : ୩ ଫେବୃଆରୀ ୨୦୨୩

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଆପଣଙ୍କ ଲେଖା ଗୁଡ଼ିକ ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ । ହାତଲେଖା ଗ୍ରହଣୀୟ ହେବନାହିଁ । ଜାଣିଛି ଟାଇପ୍ କରିବା ଭାରି କଷ୍ଟସାଧ୍ୟ, କିନ୍ତୁ ସେତିକି ପରିମାଣର କଷ୍ଟ ମୋତେ ବି କରିବାକୁ ହୁଏ । ଆପଣ ଗୋଟିଏ ଆଲେଖ୍ୟ ଟାଇପ୍ କରିବାକୁ କଷ୍ଟ ଅନୁଭବ କରୁଛନ୍ତି, ଏଠି ଶତାଧିକ ଆଲେଖ୍ୟ ପହଞ୍ଚୁଛି, ସବୁ ଗୁଡ଼ିକ ଟାଇପ୍ କରିବା ଅସମ୍ଭବ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଅନେକ ବନ୍ଧୁ ଲେଖା ପଠାଇବା ବେଳେ ଲେଖାକୁ ଇମେଲ୍‌ର ସବଜେକ୍ଟ ଲାଇନ୍‌ରେ ଲେଖି ଦେଉଛନ୍ତି, ଏଥିପ୍ରତି ସତର୍କ ରହିବେ । ଲେଖା ମେସେଜ୍ ବକ୍ସରେ ହିଁ ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । ଯେକୌଣସି ବିଭାଗରେ କେବଳ ଗୋଟିଏ ଲେଖା ହିଁ ପ୍ରକାଶିତ ହେବ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ଅନେକଥର ଅନୁରୋଧ କରିବା ସତ୍ତ୍ୱେ ଯେଉଁ ଲେଖକ ଲେଖିକାମାନେ ନିଜର ଏକାଧିକ ଲେଖା ଆମ ଇମେଲ୍ ଠିକଣାରେ ପ୍ରେରଣ କରୁଛନ୍ତି ସେମାନଙ୍କ ଅବଗତି ନିମନ୍ତେ ଜଣାଇ ଦେବାକୁ ଉଚିତ୍ ମନେ କରୁଛି ଯେ ଯଦି କୌଣସି ଇମେଲ୍ ଠିକଣାରୁ ବାରମ୍ବାର ଅନେକ ଲେଖା ଆମ ଇମେଲକୁ ଆସେ, ତା ହେଲେ ଗୁଗୁଲ୍ ମେଲ୍ ବକ୍ସ ସେଇ ସବୁ ଲେଖାକୁ ସ୍ପାମ୍ ବା ଅନାବଶ୍ୟକ ଲେଖା ଭାବି ଆମର ମୁଖ୍ୟ ଇନବକ୍ସରୁ ହଟେଇ ଦେଇପାରେ ଯାହା ଫଳରେ ଆପଣଙ୍କ ଲେଖା ଆଦୌ ପ୍ରକାଶିତ ହୋଇ ପାରିବ ନାହିଁ । ତେଣୁ କେବଳ ଗୋଟିଏ କିମ୍ବା ସର୍ବାଧିକ ଦୁଇଟି ଲେଖା ହିଁ ପ୍ରତ୍ୟେକ ମାସରେ ପ୍ରେରଣ କରନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

**aahwaan@gmail.com**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଲେଖା ପଠାଉଥିବା ସମସ୍ତ ସାହିତ୍ୟିକ ବନ୍ଧୁଙ୍କୁ ବିନମ୍ର ଅନୁରୋଧ କରୁଛି, ଦୟାକରି ନିଜର ଲେଖାକୁ ଓଡ଼ିଆରେ ଟାଇପ୍ କରି ପଠାନ୍ତୁ । ଆପଣ ଚାହିଁଲେ ଆକୃତି / ଶ୍ରୀଲିପି / ଅପ୍ରାନ୍ତ / ଗୁଗୁଲ୍ ଓଡ଼ିଆ କିବୋର୍ଡ଼ ଦ୍ୱାରା ଟାଇପ୍ କରି ପଠାଇ ପାରିବେ ।










ସ୍କାନ୍ ହୋଇଥିବା ଛବି ଏବଂ ଟାଇପ୍ ହୋଇଥିବା ପିଡ଼ିଏଫ୍ ଫାଇଲ୍ ଗୁଡ଼ିକୁ ପୁଣିଥରେ ଟାଇପ୍ କରିବାକୁ ପଡୁଛି ଯାହା ଫଳରେ ପତ୍ରିକା ପ୍ରକାଶନରେ ଅହେତୁକ ବିଳମ୍ବ ହେଉଛି । ତେଣୁ ଆପଣଙ୍କ ଲେଖାକୁ ଓଡ଼ିଆରେ ଟାଇପ୍ କରି ଇମେଲ୍ କିମ୍ବା Microsoft Word File ରେ ହିଁ ପଠାନ୍ତୁ ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ୍‌କାଷ୍ଟ ସେବା ଏବେ ଉପଲବ୍ଧ । ଏଥିରେ ଆପଣ ଆହ୍ୱାନରେ ପ୍ରକାଶିତ କଥାବସ୍ତୁ ସମେତ ଅନେକ ଉପାଦେୟ କଥା ଶୁଣିପାରିବେ ।

**https://anchor.fm/aahwaan**

Listen to Odia Podcast on https://anchor.fm/aahwaan